DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୮/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, October 28/2025 | Page 14 | ₹ 7.00

୫୧ଶ ଭାଗ ୩୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 331 | ମୂଲ୍ୟ ₹୭/-







# ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ

ନୂଆଦିଲ୍ଲୀ,୨୭।୧୦(ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଦେଶର ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନାମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ବିଦାୟୀ ସିଜେଆଇ ଜଷ୍ଟିସ୍ ଗବଇଙ୍କ ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ହେଉଛନ୍ତି ଦ୍ୱିତୀୟ ସବୁଠୁ ବରିଷ୍ଠ ବିଚାରପତି। କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ସେ ଭାରତର ୫୩ତମ ପ୍ରଧାନ ବିଚାରପତି ଭାବେ ନଭେମ୍ବର ୨୪ରୁ କାର୍ଯ୍ୟଭାର ଗ୍ରହଣ କରିବେ। ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ଗବଇ ନଭେମ୍ବର ୨୩ରେ ଅବସର ନେବାକୁ ଯାଉଛନ୍ତି।

୨୦୧୯ ମେ' ୨୪ରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ସିଜେଆଇ ଭାବେ ସେ ପାଖାପାଖି ୧୫ ମାସ ପଦବୀରେ ରହି ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ଅବସର ଗ୍ରହଣ ବୟସ ୬୫ ବର୍ଷ। ୧୯୬୨ ଫେବୃଆରୀ ୧୦ରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଜନ୍ମ ହରିୟାଣାର ହିସାର ଜିଲାରେ ଏକ ମଧ୍ୟବିତ୍ତ ପରିବାରରେ ହୋଇଥିଲା।



ମୁମ୍ବାଇଠାରେ ସୋମବାର ଆରମ୍ଭ ହୋଇଥିବା ଇଣ୍ଡିଆନ୍ ମାରିଟାଇମ ୱିକ୍‌ରେ ଓଡିଶାର ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ପ୍ରଦର୍ଶନୀ ଓ ଷ୍ଟଲ୍‌କୁ ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅଧିକାରୀମାନେ ବୁଲି ଦେଖୁଛନ୍ତି।

# ବନ୍ଦର ଆଧାରିତ ଦୃଢ଼ ଅର୍ଥନୀତି ଗଢ଼ିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)

## ଓଡ଼ିଶାରେ ୫୦ହଜାର କୋଟିରୁ ଅଧିକ ନିବେଶ ନେଇ ଚୁକ୍ତି

ଓଡ଼ିଶା ବନ୍ଦର ଆଧାରିତ ଓ ବନ୍ଦର ପରିଚାଳିତ ଦୃଢ଼ ଅର୍ଥନୀତି ଗଢ଼ିବାକୁ ପ୍ରସ୍ତୁତ। ଏହା ରାଜ୍ୟର ବାଣିଜ୍ୟ, ଶିଳ୍ପ ଓ ନିଯୁକ୍ତି କ୍ଷେତ୍ରରେ ଇଞ୍ଜିନ ଭାବେ କାର୍ଯ୍ୟ କରିବ, ଯାହା ଭାରତର ବିକାଶଯାତ୍ରା ଓ ଅର୍ଥନୀତିକୁ ଆଗାମୀ ୨୫ବର୍ଷ ପାଇଁ ଶକ୍ତି ଯୋଗାଇବ। ମୁମ୍ବାଇ ପ୍ରଦର୍ଶନୀ କେନ୍ଦ୍ରଠାରେ ସୋମବାର ଆରମ୍ଭ ହୋଇଥିବା ଇଣ୍ଡିଆନ ମାରିଟାଇମ୍ ୱିକ୍-୨୦୨୫ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସମ୍ମିଳନୀର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦେଇଥିଲେ। ଏହି ଅବସରରେ ସେ ଓଡ଼ିଶାରେ ବନ୍ଦର ଓ ବନ୍ଦରଭିତ୍ତିକ ପ୍ରକଳ୍ପ ପାଇଁ ୫୦ହଜାର କୋଟିରୁ ଅଧିକ ଟଙ୍କାର ଚୁକ୍ତି (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଏଥିମଧ୍ୟରେ ପୁରୀରେ କ୍ରୁଜ ଟର୍ମିନାଲ, ବାହୁଦା ବନ୍ଦର, ଜାହାଜ ନିର୍ମାଣ କ୍ଲଷ୍ଟର, ମାରିଟାଇମ ମ୍ୟୁଜିୟମ, ସଡକ ଓ ସାମଗ୍ରୀ ପରିବହନ ପ୍ରକଳ୍ପ ରହିଛି। ତେବେ ବନ୍ଦର ଓ ନୀଳ ଅର୍ଥନୀତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିଳ୍ପ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରି ଓଡ଼ିଶାରେ ନିବେଶ ସୁଯୋଗ ବିଷୟରେ କହିଛନ୍ତି। ଏହାସହ ସେଠାରେ ଆୟୋଜିତ ଓଡ଼ିଶା ସଭାରେ ସେ ରାଜ୍ୟକୁ ପୂର୍ବ ଭାରତର ମାରିଟାଇମ୍ ହବ୍ ଭାବେ ଗଢ଼ିବାର ଯୋଜନା ଉପସ୍ଥାପନ କରିଥିଲେ। ସେ କହିଲେ, ଓଡ଼ିଶାର ପାରାଦୀପ, ଧାମରା, ଗୋପାଳପୁର ଏବଂ ପ୍ରସ୍ତାବିତ ଅସ୍ତରଙ୍ଗ, ଜଟଧାରି, ସୁବର୍ଣ୍ଣରେଖା ଓ ବାହୁଦା ଆଦି ବନ୍ଦରରେ ବାର୍ଷିକ ୫୦୦ ମିଲିୟନ ଟନ୍ କାରବାର କ୍ଷମତା ବଢ଼ାଇବ। ବାହୁଦା ବନ୍ଦରରେ ୨୧,୫୦୦ ☞ପୃଷ୍ଠା-୧୧


ଆଜିର ସମ୍ପାଦକୀୟ

ଏଆଇରୁ ମରିବାନି


# ଆଜି ସ୍ଥଳଭାଗ ଅତିକ୍ରମ କରିବ 'ମୋନ୍ଥା'

ଭୁବନେଶ୍ୱର,୨୭।୧୦(ବନ୍ଦନା ସେଠୀ)

ସମୁଦ୍ରରୁ ବଳ ଗୋଟାଇ ସ୍ଥଳଭାଗ ଆଡ଼କୁ ମାଡ଼ି ଆସୁଛି ବାତ୍ୟା 'ମୋନ୍ଥା'। ମଙ୍ଗଳବାର ସକାଳ ସୁଦ୍ଧା ଏହା ଭୟଙ୍କର ବାତ୍ୟା କିମ୍ବା ସିଭିୟର ସାଇକ୍ଲୋନିକ ଷ୍ଟର୍ମରେ ପରିଣତ ହେବ। ସେହିପରି ସନ୍ଧ୍ୟା କିମ୍ବା ରାତି ସୁଦ୍ଧା ଏହା ଆନ୍ଧ୍ରପ୍ରଦେଶର କାକିନାଡା ନିକଟବର୍ତ୍ତୀ ମଛଲିପଟନମ୍ ଏବଂ କଳିଙ୍ଗାପଟନମ୍ ମଝିରେ ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କି.ମି. ରହିବ ଏବଂ ଝଟକା ପବନର ବେଗ ୧୧୦ କି.ମି. ଛୁଇଁବ। ଏହାର ପ୍ରଭାବ ସାରା ରାଜ୍ୟର ଜଳବାୟୁ ଉପରେ ପଡ଼ିବ। ବାତ୍ୟା କାକିନାଡ଼ାରୁ ମାଲକାନଗିରି ଦେଇ ଛତିଶଗଡ଼ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

ଦକ୍ଷିଣ-ପଶ୍ଚିମ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ସକ୍ରିୟ ରହିଛି। ସୋମବାର ଏହା ୬ଘଣ୍ଟାରେ ଘଣ୍ଟାପ୍ରତି ୧୭ କି.ମି. ବେଗରେ ଗତିକରି ସନ୍ଧ୍ୟାସୁଦ୍ଧା ☞ପୃଷ୍ଠା-୪



ସୋମବାର ଗଜପତି ଜିଲା ପାରଳାଖେମୁଣ୍ଡିରେ ବାତ୍ୟା ମୋନ୍ଥା ପ୍ରଭାବରେ ହୋଇଥିବା ବର୍ଷା।

## ସ୍କୁଲ, ଅଙ୍ଗନୱାଡି ଛୁଟି

### ୮ ଜିଲାରେ ୩ଦିନ, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ରେ ୨ଦିନ ଛୁଟି

ଭୁବନେଶ୍ୱର,୨୭।୧୦(ସୁଚିସ୍ମିତା ସାହୁ)

ବାତ୍ୟା 'ମୋନ୍ଥା' ପ୍ରଭାବରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମଙ୍ଗଳବାରଠାରୁ ରାଜ୍ୟର ୧୧ ଜିଲାରେ ସ୍କୁଲ ଓ ଅଙ୍ଗନୱାଡ଼ି ଛୁଟି ଘୋଷଣା କରାଯାଇଛି। ପୂର୍ବରୁ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ସମସ୍ତ ବିଦ୍ୟାଳୟକୁ ପାଠପଢ଼ା ପାଇଁ ବନ୍ଦ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏବେ ଏଥିରେ ଆଉ ୩ ଜିଲାକୁ ସାମିଲ କରାଯାଇଛି। ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲାରେ ସ୍କୁଲ ସହ ଅଙ୍ଗନୱାଡି କେନ୍ଦ୍ର ୨୮ ଓ ୨୯ ତାରିଖ ଦୁଇଦିନ ଛୁଟି ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ତିରୁମାଳା ନାୟକ ସୋମବାର ଘୋଷଣା କରିଛନ୍ତି। ଆସନ୍ତାକାଲିଠୁ ୩୦ ଯାଏ ୮ ଜିଲାରେ ସ୍କୁଲ ☞ପୃଷ୍ଠା-୪

# ଝିଅକୁ ଗଣବଳାତ୍କାର ଧମକ ଦେଇ କୋଟିଏରୁ ଊର୍ଦ୍ଧ୍ୱ ସମ୍ପତ୍ତି ଲୁଟ୍

ସୁନ୍ଦରଗଡ଼ ଜିଲା ବଣାଇଁ ସହରରେ ରବିବାର ରାତିରେ ଏକ ଚାଞ୍ଚଲ୍ୟକର ଅପରାଧ ଘଟିଛି। ଜଣେ ବ୍ୟବସାୟୀଙ୍କ ଘରେ ୪ଜଣ ମୁଖାପିନ୍ଧା ସଶସ୍ତ୍ର ଦୁର୍ବୃତ୍ତ କୌଶଳକ୍ରମେ ପଶିବା ସହ ଅସହାୟ ମା'-ଝିଅଙ୍କ ହାତ, ଗୋଡ଼, ମୁହଁ ବାନ୍ଧି ଦେଇଥିଲେ। ଟଙ୍କା, ସୁନା ଅଳଙ୍କାର ଥିବା ଆଲମିରାର ଚାବି ମାଗିଥିଲେ। ଚାବି ନ ଦେଲେ ଝିଅକୁ ଗଣବଳାତ୍କାର କରିବାକୁ ତାଙ୍କ ମା'ଙ୍କୁ ସେମାନେ ଧମକ ଦେଇଥିଲେ। ଏଭଳି ଉପାୟରେ ଦୁର୍ବୃତ୍ତମାନେ ଚାବି ହାତେଇବା ପରେ ପ୍ରାୟ ତିନିଘଣ୍ଟା ଧରି ଲୁଟପାଟ୍ କରିବା ସହ ଘରେ ଲାଗିଥିବା ସିସି କ୍ୟାମେରା ଭାଙ୍ଗି ହାର୍ଡଡିସ୍କକୁ ନେଇଯାଇଛନ୍ତି। ସେମାନେ ୨୫ ଲକ୍ଷ ଟଙ୍କା ଏବଂ ସବୁ ସୁନା ଅଳଙ୍କାର ନେଇ ପଳାଇଯାଇଛନ୍ତି, ଯାହାର ମୋଟ ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଦୁର୍ବୃତ୍ତମାନେ ବ୍ୟବସାୟୀଙ୍କ ଘରର ସ୍ଥିତିକୁ ଅନୁଧ୍ୟାନ କରି ଏହି କାଣ୍ଡ ଘଟାଇଥିବା ସ୍ପଷ୍ଟ ହେଉଛି। ବଣାଇଁ ପୋଲିସ ରାଉରକେଲା ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରୁଛି। ଏ ସଂକ୍ରାନ୍ତରେ ବଣାଇଁ ଥାନାରେ ନଂ.୨୩୪/୨୦୨୫ରେ ଏକ ମାମଲା ରୁଜୁ ହୋଇଥିବାବେଳେ ସୋମବାର ରାତି ୮ଟା ସୁଦ୍ଧା ପୋଲିସ ଅଭିଯୁକ୍ତମାନଙ୍କୁ ଧରିପାରି ନ ଥିଲା।

ବଣାଇଁ,୨୭।୧୦(ପ୍ରଦୀପ ତ୍ରିପାଠୀ)

## ବଣାଇଁ ବ୍ୟବସାୟୀଙ୍କ ଘରେ ଦୁର୍ବୃତ୍ତଙ୍କ ତାଣ୍ଡବକାଣ୍ଡ

ବଣାଇଁ ସହରର ହାଟପଦାଠାରେ ରହିଛି ରଶ୍ମି ଇଲେକ୍ଟ୍ରିକାଲ ଦୋକାନ। ଏହାର ମାଲିକ ରଶ୍ମିରଞ୍ଜନ ସାହୁଙ୍କ ୪ ବର୍ଷ ତଳେ ମୃତ୍ୟୁ ଘଟିଥିଲା। ରବିବାର ରାତିରେ ଦୋକାନ ସଂଲଗ୍ନ ଆବାସିକ ଘରେ ରଶ୍ମିରଞ୍ଜନଙ୍କ ସ୍ତ୍ରୀ, ଝିଅ ଏବଂ ଦୋକାନରେ କାମ କରୁଥିବା କର୍ମଚାରୀ ସନତ କୁମାର ବେହେରା ଶୋଇଥିଲେ। ରାତି ପ୍ରାୟ ୧୨ଟାରେ ୪ ଜଣ ଦୁର୍ବୃତ୍ତ ପହଞ୍ଚି ସନତଙ୍କୁ ମାଡ଼ ମାରିବା ସହ ତାଙ୍କୁ ବାନ୍ଧି ଦେଇଥିଲେ। ପରେ ତାଙ୍କୁ ବନ୍ଧୁକ ଦେଖାଇ ମାଲିକାଣୀଙ୍କୁ ଘର କବାଟ ଖୋଲା କରିବା ପାଇଁ କହିବାକୁ ଧମକ ଦେଇଥିଲେ। ନଚେତ୍ ଜୀବନରୁ ମାରିଦେବାକୁ ତାଙ୍କୁ ସେମାନେ କହିଥିଲେ। ଦୁର୍ବୃତ୍ତମାନଙ୍କ ପାଖରେ ବନ୍ଧୁକ, ମାଂସକଟା ଚାପଡ଼ ଓ ଶାବଳ ଥିଲା। ଫଳରେ ସନତ ଭୟରେ ପେଟ ବ୍ୟଥା ହେଉଛି, ଔଷଧ ଦିଅ ବୋଲି ମାଲିକାଣୀଙ୍କୁ ଫୋନ୍ ଯୋଗେ କହିଥିଲେ। ମା' ଝିଅ ଔଷଧ ଆଣି କବାଟ ଖୋଲିଥିଲେ। ଏହି ସମୟରେ ଛକି ରହିଥିବା ଦୁର୍ବୃତ୍ତମାନେ ସନତଙ୍କୁ ଧକ୍କା ମାରି ଘର ଭିତରକୁ ପଶି ଯାଇଥିଲେ। ମା' ଝିଅଙ୍କ ମୁହଁ, ଗୋଡ଼ ହାତ ସବୁ ବାନ୍ଧିବା ସହ ଚାବି ମାଗିଥିଲେ। ଚାବି ନ ଦେଲେ ଝିଅଙ୍କୁ ବଳାତ୍କାର କରି ଭିଡିଓ ଭାଇରାଲ କରିଦେବୁ ବୋଲି ଧମକ ଦେଇଥିଲେ। ଫଳରେ ଭୟରେ ମହିଳା ଜଣକ ଚାବି ଦେଇଥିଲେ। ଏହାପରେ ଘରେ ଥିବା ୫୦ ଲକ୍ଷର ସୁନା ଅଳଙ୍କାର, ମହାଜନଙ୍କୁ ଦେବା ପାଇଁ ରହିଥିବା ପ୍ରାୟ ୨୫ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀକୁ ମିଶାଇ ପ୍ରାୟ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟି ନେଇ ଫେରାର ହୋଇଯାଇଥିଲେ। ସକାଳୁ ରଶ୍ମିରଞ୍ଜନଙ୍କ ଝିଅ ନିକିତା ସାହୁ ବଣାଇଁ ପୋଲିସକୁ ଖବର ଦେଇଥିଲେ। ଦୁର୍ବୃତ୍ତମାନେ ହିନ୍ଦୀରେ କଥା ହେବା ସହ ମାରଣାସ୍ତ୍ର ବେକରେ ☞ପୃଷ୍ଠା-୪

# ଜିଏମ୍‌ଡିସି: ଗୁଜରାଟରୁ ଆସି ଖାଇଗଲେ

ଅନୁଗୋଳ,୨୭।୧୦(ଦିବ୍ୟଶାନ୍ତନୁ ନାଥ)/ଛେଣ୍ଡିପଦା (ଅଜିତ ଧଳ)

ଖଣି ଖନନ ହେଲେ ରୋଜଗାର ବଢ଼ିବ। ଲୋକଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆସିବ। ଏପରି ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ୭ଟି ରାଜସ୍ୱ ଗ୍ରାମ ଅଞ୍ଚଳର ଜମି ହାତେଇଚାଲିଛି ଗୁଜରାଟରୁ ଆସିଥିବା ଗୁଜରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଜିଏମ୍‌ଡିସି)। ସ୍ଥାନୀୟ ଅଞ୍ଚଳର କେତେଜଣ ରାଜନେତା ଓ ପ୍ରଶାସନିକ କଳକୁ ହାତ କରି ଏହି କମ୍ପାନୀ ସ୍ଥାନୀୟ ଲୋକଙ୍କ ଶତାଧିକ ହେକ୍ଟର ଜମିକୁ ଖାଇଯାଉଥିବା ଆଞ୍ଚଳିକ ସୁରକ୍ଷା ମଞ୍ଚ, ତାଳଚେର-ଅନୁଗୋଳ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା, ପ୍ରଭାବିତ କେତୋଟି ଗ୍ରାମର ସଭାପତି ଓ ବିସ୍ଥାପିତ ପ୍ରଜାଙ୍କ ପକ୍ଷରୁ ଅଭିଯୋଗ କରାଯାଉଛି। ତେଣୁ ନିଜର ଭିଟାମାଟିକୁ ବଞ୍ଚାଇବା ପାଇଁ ଅଞ୍ଚଳବାସୀ ବିକ୍ଷୋଭ, ଆନ୍ଦୋଳନ ମାଧ୍ୟମରେ ଆପ୍ରାଣ ଉଦ୍ୟମ କରୁଛନ୍ତି।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ବୈତରଣୀ -ପଶ୍ଚିମ କୋଇଲା ଖଣି ରହିଛି। ଏହି ଖଣିକୁ ପୂର୍ବରୁ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ହାତେଇଥିଲା। ହେଲେ ଲୋକଙ୍କ ବିରୋଧ ଯୋଗୁ ଓଏମ୍‌ସି ଖଣି ଖନନରୁ ଓହରି ଯାଇଥିଲା। ଏବେ ଏହି କୋଇଲା ଖଣିକୁ ଗୁଜରାଟୀ କମ୍ପାନୀ ଜିଏମ୍‌ଡିସିକୁ ସଅଁପି ଦିଆଯାଇଛି। ଏଥିସହ ଖୋଲା କୋଇଲା ଖଣି କରିବାକୁ ୧,୧୯୬ ହେକ୍ଟର ଜାଗା କମ୍ପାନୀକୁ ପ୍ରଦାନ କରାଯାଇଛି। ଏହି କୋଇଲା ଖଣି ଯୋଗୁ ଛେଣ୍ଡିପଦା ଜଙ୍ଗଲ, ତେଣ୍ଟଲୋଇ କୋଡ଼ାସାହି, ପୋଡ଼ାପଡ଼ା ଜଙ୍ଗଲ, ମାଛକୁଟା ଓ ପୋଡ଼ାପଡ଼ା ଆଦି ୭ଟି ରାଜସ୍ୱ ଗ୍ରାମ ପ୍ରଭାବିତ ହେବ। ଲୋକଙ୍କ ଜୀବନ ଜୀବିକା ଉଜୁଡ଼ିଯିବ। ଜଳଠାରୁ ବାୟୁ ଯାଏ ସବୁକିଛି ପ୍ରଦୂଷଣର ବିଷ ବଳୟ ମଧ୍ୟକୁ ଚାଲିଯିବ। ଲୋକେ ରୋଗରେ ପଡ଼ି ଛଟପଟ ହେବେ। ତେଣୁ ଏଠାରେ ଖଣି କରାଇ ନ ଦେବା ପାଇଁ ପ୍ରଭାବିତ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି। ଇତିମଧ୍ୟରେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଶେଷ ହୋଇଥିବା ବେଳେ ଖଣି ପାଇଁ ସର୍ଭେ କାର୍ଯ୍ୟ କମ୍ପାନୀ ଆରମ୍ଭ କରିଛି। ଏହାକୁ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଜୋର୍‌ଦାର ବିରୋଧ କରାଯାଇଛି। ଏପରି କି କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ବିନା ଅନୁମତିରେ ଗ୍ରାମକୁ ଆସି ସର୍ଭେ ନ କରିବା ପାଇଁ କଡ଼ା ଚେତାବନୀ ଦିଆଯିବା ସହିତ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ତଥାପି କମ୍ପାନୀ କର୍ତ୍ତୃପକ୍ଷ ସର୍ଭେ ପାଇଁ ବାରମ୍ବାର ଗାଁକୁ ପଶୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି କମ୍ପାନୀ ଛେଣ୍ଡିପଦା ଆସିବା ଦିନଠାରୁ ଗାଁ ଗାଁ ମଧ୍ୟରେ ଅପ୍ରୀତିକର ସ୍ଥିତି ଉପୁଜାଉଛି। ଗାଁକୁ କିପରି ବିଭାଜନ କରିବ ସେ ନେଇ ଉଦ୍ୟମ ଚଳାଇଛି।

ହାଣ୍ଡିଗୋଡ଼ା ଗ୍ରାମ ସଭାପତି ଭାରତ ନାୟକ କହିଛନ୍ତି, ଗ୍ରାମବାସୀଙ୍କ ସହିତ ଆଲୋଚନା ନ କରି ଜିଏମ୍‌ଡିସି କେତେଜଣ ମୁଷ୍ଟିମେୟ ଲୋକଙ୍କୁ ହାତକରି ଗାଁରେ ପଶି ସର୍ଭେ କରୁଛି। ନିରୀହ ଲୋକଙ୍କ ଜମି ଛଡ଼ାଇ ନେବାକୁ ଚକ୍ରାନ୍ତ ଚଳାଇଛି। ଆଞ୍ଚଳିକ ସୁରକ୍ଷା ମଞ୍ଚର ଉପଦେଷ୍ଟା ସସ୍ମିତା ବେହେରା କହିଛନ୍ତି, ପୈତୃକ ଜମିର ସୁରକ୍ଷା ସହିତ ଜୀବନ ଜୀବିକା ☞ପୃଷ୍ଠା-୧୧

# ସନ୍ଦେହରେ ନେତା ଓ ଭୂମିକା



ଅବନୀ ଯୋଶୀ



ମନୋଜ ମିଶ୍ର



ବସନ୍ତ ପଣ୍ଡା



ଯଦୁମଣି ପାଣିଗ୍ରାହୀ



ପ୍ରସନ୍ନ କୁମାର ପାଢ଼ୀ

ନୂଆପଡ଼ା,୨୭।୧୦(ସୁନିତ ମିଶ୍ର)

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ସ୍ଥାନୀୟ ରାଜନୈତିକ ସ୍ଥିତି ସେତିକି ରୋଚକ ହେବାରେ ଲାଗିଛି। କଡ଼ା ମୁକାବିଲା ଲାଗି ପ୍ରସ୍ତୁତି ଚଳାଇଥିବା ଭାଜପା ଏବଂ ବିଜେଡିର ସ୍ଥାନୀୟ ନେତା ଓ ସେମାନଙ୍କ ଭୂମିକାକୁ ନେଇ ଅନେକେ ଏବେ ସନ୍ଦେହ ଭିତରେ ରହିଲେଣି। ଉଭୟ ଦଳର ସ୍ଥାନୀୟ ଆଗଧାଡ଼ି ନେତାଙ୍କ ଭୂମିକା କ'ଣ ହେବ ତାକୁ ଜଗୁ ଜଗୁ ୨ଦଳର ମଙ୍ଗୁଆଳମାନଙ୍କ ଅବସ୍ଥା କୁଆଡ଼େ ଖରାପ ହେଲାଣି ବୋଲି ଚର୍ଚ୍ଚା ଜୋର୍ ଧରିଛି। ତୃଣମୂଳ ସ୍ତରରେ ମଧ୍ୟ ବିଜେଡି ଓ ଭାଜପାର କେତେଜଣ ଆଗଧାଡ଼ିର ନେତାଙ୍କ ଭୂମିକାକୁ ନେଇ ଗାଁ ଗହଳିରେ ଲୋକ ଆଲୋଚନା କରୁଛନ୍ତି।

ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ଯୋଗଦେବା ପରେ ନୂଆ ପ୍ରାର୍ଥୀ ଚୟନକୁ ନେଇ ବିଜେଡିରେ ସମସ୍ୟା ସୃଷ୍ଟି ହୋଇଥିବା କଥା ପ୍ରାୟ ସମସ୍ତଙ୍କୁ ଜଣାଅଛି। ଏହା ପରେ ବିଜେଡି କେତେଜଣ ସ୍ଥାନୀୟ ନେତାଙ୍କ ମଧ୍ୟରୁ ପ୍ରାର୍ଥୀ ଦେବ ବୋଲି ସେତେବେଳେ କସରତ ଆରମ୍ଭ ☞ପୃଷ୍ଠା-୧୧

**ବ୍ରିଟେନ୍‌ରେ ଭାରତୀୟ ବଂଶୋଦ୍ଭବ ମହିଳାଙ୍କୁ ବଳାତ୍କାର**

ଇଂଲଣ୍ଡର ୱେଷ୍ଟ ମିଡ୍‌ଲ୍ୟାଣ୍ଡସ୍ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଜଣେ ଭାରତୀୟ ବଂଶୋଦ୍ଭବ ୨୦ ବର୍ଷୀୟା ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ବର୍ଣ୍ଣବୈଷମ୍ୟ ଉତ୍ତେଜନାରୁ ମହିଳାଙ୍କୁ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ପୋଲିସ ଜଣେ ୩୨ ବର୍ଷୀୟ ଯୁବକଙ୍କୁ ବଳାତ୍କାରୀ ସନ୍ଦେହରେ ଗିରଫ କରିଛି।



**ଦିଲ୍ଲୀରେ ଆଜି**




ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଭୋଟର ତାଲିକା ଏସ୍‌ଆଇଆର୍ ସମ୍ପର୍କରେ ଘୋଷଣା କରୁଛନ୍ତି। ପାଖରେ ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀ ଉପସ୍ଥିତ ଅଛନ୍ତି। (ଫଟୋ- ଚମନ ଗୌତମ)

# ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏଫ୍‌ଡିଆଇ ସୀମା ୪୯%କୁ ବଢ଼ାଇବା ପାଇଁ କେନ୍ଦ୍ରର ଯୋଜନା

**ନୂଆଦିଲ୍ଲୀ,୨୭।୧୦**

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମା ୪୯ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଭାରତ ଯୋଜନା କରୁଛି। ଏହା ବର୍ତ୍ତମାନର ଏଫ୍‌ଡିଆଇ ସୀମାର ୨ ଗୁଣ ଅଧିକ ବୋଲି ନୀତିଗତ ଆଲୋଚନା ସହ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ବ୍ୟକ୍ତିଙ୍କ ସୂତ୍ରରୁ ଜଣାପଡ଼ିଛି। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ସୀମା ୨୦ ପ୍ରତିଶତ ରହିଛି। ଏହାକୁ ୪୯%କୁ ବଢ଼ାଇବା ନେଇ ଅର୍ଥ ମନ୍ତ୍ରଣାଳୟ ୨ ମାସ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ଆଲୋଚନା ଚଳାଇଥିଲେ ମଧ୍ୟ ପ୍ରସ୍ତାବ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।

ପ୍ରସ୍ତାବ ଅନୁଯାୟୀ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ସରକାରଙ୍କ ବୃହତ୍ ମାଲିକାନା ଅର୍ଥାତ୍ ଅନ୍ୟୂନ ୫୧ ପ୍ରତିଶତ ଅଂଶଧନ ରହିବ। ବ୍ୟାଙ୍କଗୁଡ଼ିକୁ ଅଧିକ ବିଦେଶୀ ପୁଞ୍ଜି ଆକର୍ଷିତ କରିବା ଏହାର ଲକ୍ଷ୍ୟ। ବୃହତ୍ତର ଆର୍ଥିକ କ୍ଷେତ୍ର ସଂସ୍କାରର ଏହା ଅଂଶବିଶେଷ, ଯାହା ଶାସନର ସାମର୍ଥ୍ୟ ବଢ଼ାଇବା ସହ ଦେଶର ଋଣ ଆବଶ୍ୟକତା ବଢ଼ାଇବାରେ ସହାୟକ ହେବ। ସଂଶୋଧିତ ସୀମା ଉଭୟ ପ୍ରତ୍ୟକ୍ଷ ଏବଂ ପୋର୍ଟଫୋଲିଓ ନିବେଶ ପାଇଁ ଲାଗୁ ହେବ। ବ୍ୟକ୍ତିଗତ ଅଂଶୀଦାରମାନଙ୍କ ଭୋଟିଂ ଅଧିକାରର ସୁରକ୍ଷା ଏବଂ ସରକାରଙ୍କ ନିୟନ୍ତ୍ରଣ କ୍ଷମତା ଯେପରି ହ୍ରାସ ନ ପାଏ, ତାହା ଉପରେ ଗୁରୁତ୍ୱ ଦିଆଯିବ। ଆର୍‌ବିଆଇ ସହ ବିଚାରବିମର୍ଶ ଶେଷ ହେବା ପରେ ସରକାର ସବିଶେଷ ଗାଇଡ୍‌ଲାଇନ୍ ଜାରି କରିବେ ବୋଲି ଆଶା କରାଯାଉଛି।

# ନଭେମ୍ବର ୪ରୁ ୧୨ ରାଜ୍ୟରେ ଏସ୍‌ଆଇଆର୍

## ଫେବୃଆରୀ ୭ରେ ଚୂଡ଼ାନ୍ତ ଭୋଟର ତାଲିକା

**ନୂଆଦିଲ୍ଲୀ,୨୭।୧୦(ପି.ଟି.)**

ବିହାରରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସଫଳତାର ସହ ସମ୍ପନ୍ନ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସୋମବାର ଘୋଷଣା କରିଛନ୍ତି। ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ, ରାଜସ୍ଥାନ, ମଧ୍ୟପ୍ରଦେଶ, କେରଳ, ଗୁଜରାଟ, ଛତିଶଗଡ଼, ଗୋଆ, ପଣ୍ଡିଚେରୀ, ଆଣ୍ଡାମାନ ଓ ନିକୋବର ଏବଂ ଲାକ୍ଷା ଦ୍ୱୀପପୁଞ୍ଜରେ ଏସ୍‌ଆଇଆର୍ ଅନୁଷ୍ଠିତ ହେବ। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁ, ପଣ୍ଡିଚେରୀ, କେରଳ ଏବଂ ପଶ୍ଚିମବଙ୍ଗରେ ୨୦୨୬ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଆସାମରେ ମଧ୍ୟ ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିବାବେଳେ ସେଠାରେ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପାଇଁ ଅଲଗା ଘୋଷଣା କରାଯିବ ବୋଲି ସିଇସି କହିଛନ୍ତି।

ଦେଶ ସ୍ୱାଧୀନ ହେବା ପରେ ଏହା ୯ମ ଏସ୍‌ଆଇଆର୍। ଏହା ପୂର୍ବରୁ ୨୦୦୨-୨୦୦୪ ମଧ୍ୟରେ ଶେଷ ଥର ପାଇଁ ଏସ୍‌ଆଇଆର୍ ହୋଇଥିଲା। ଖବରଦାତା ସମ୍ମିଳନୀରେ ସିଇସି କହିଛନ୍ତି, ବିହାରରେ ବିନା କୌଣସି ଅଭିଯୋଗରେ ଏସ୍‌ଆଇଆର୍‌ର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ମତଦାତା ଯେପରି ଭୋଟର ତାଲିକାରେ ନ ରହନ୍ତି, ତାହା ସୁନିଶ୍ଚିତ କରିବା ଏସ୍‌ଆଇଆର୍‌ର ଲକ୍ଷ୍ୟ। ଦ୍ୱିତୀୟ ପର୍ଯ୍ୟାୟରେ ୫୧ କୋଟି ଭୋଟରଙ୍କ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ହେବ। ଏଥିପାଇଁ ଗଣତି ପ୍ରକ୍ରିୟା ନଭେମ୍ବର ୪ରୁ ଆରମ୍ଭ ହେବାକୁ ଥିବାବେଳେ ଡିସେମ୍ବର ୯ରେ ଚିଠା ଭୋଟର ତାଲିକା ଏବଂ ଫେବୃଆରୀ ୭ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ।

ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ନିମନ୍ତେ ପ୍ରସ୍ତୁତି ପାଇଁ ନିର୍ବାଚନ କମିଶନ ଇତିମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସହ ୨ଟି ସମ୍ମିଳନୀର ଆୟୋଜନ କରିଥିଲେ। ଅନେକ ସିଇଓ ସେମାନଙ୍କ ରାଜ୍ୟରେ ଶେଷ ଏସ୍‌ଆଇଆର୍ ପରର ଭୋଟର ତାଲିକା ୱେବ୍‌ସାଇଟ୍‌ରେ ପୋଷ୍ଟ କରିଛନ୍ତି। ଦିଲ୍ଲୀ ସିଇଓ ୨୦୦୮ରେ ହୋଇଥିବା ଶେଷ ଏସ୍‌ଆଇଆର୍ ପରବର୍ତ୍ତୀ ଭୋଟର ତାଲିକା ୱେବ୍‌ସାଇଟ୍‌ରେ ଛାଡ଼ିଛନ୍ତି। ବିଭିନ୍ନ ରାଜ୍ୟର ଶେଷ ଏସ୍‌ଆଇଆର୍ ବର୍ଷକୁ କଟ୍-ଅଫ୍ ତାରିଖ ଭାବେ ଧରାଯିବ, ଯେପରି ବିହାର ପାଇଁ ୨୦୦୩ ଭୋଟର ତାଲିକାକୁ ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବ୍ୟବହାର କରାଯାଇଥିଲା। ଅଧିକାଂଶ ରାଜ୍ୟରେ ଶେଷ ଏସ୍‌ଆଇଆର୍ ୨୦୦୨ରୁ ୨୦୦୪ ମଧ୍ୟରେ ହୋଇଥିଲା। ଏସ୍‌ଆଇଆର୍‌ର ପ୍ରଥମ ଲକ୍ଷ୍ୟ ହେଲା ଲୋକଙ୍କ ଜନ୍ମସ୍ଥାନ ଯାଞ୍ଚ କରି ବିଦେଶୀ ବେଆଇନ ଆପ୍ରବାସୀମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା। ବାଂଲାଦେଶ ଏବଂ ମ୍ୟାନ୍‌ମାର ଆଦି ଦେଶରୁ ବେଆଇନ ଭାବେ ଆସି ବିଭିନ୍ନ ରାଜ୍ୟରେ ରହିଯାଇଥିବାରୁ ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଚଢ଼ାଉ ଜାରି ରହିଛି।

# ବାଂଲାଦେଶ ମାନଚିତ୍ରରେ ଭାରତର ଉତ୍ତରପୂର୍ବାଞ୍ଚଳକୁ ନେଇ ବିବାଦ




ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍ ପାକିସ୍ତାନର ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ କମିଟି ମୁଖ୍ୟ ଜେନେରାଲ ସାହିର ଶମଶାଦ ମିର୍ଜାଙ୍କୁ ବିବାଦୀୟ ମାନଚିତ୍ର ଥିବା ଏକ ପୁସ୍ତକ ଉପହାର ଦେଉଛନ୍ତି।

**ନୂଆଦିଲ୍ଲୀ,୨୭।୧୦**

ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍ ପାକିସ୍ତାନୀ ଜେନେରାଲଙ୍କୁ ଏକ ବିବାଦୀୟ ମାନଚିତ୍ର ପ୍ରଦାନ କରିଛନ୍ତି। ଏଥିରେ ଆସାମ ଏବଂ ଅନ୍ୟ ଉତ୍ତର ପୂର୍ବାଞ୍ଚଳ ରାଜ୍ୟକୁ ବାଂଲାଦେଶର ଅଂଶବିଶେଷ ଭାବେ ଦର୍ଶାଯାଇଥିବାରୁ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ୧୯୭୧ ମୁକ୍ତିଯୁଦ୍ଧ ପରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ତିକ୍ତତାପୂର୍ଣ୍ଣ ସମ୍ପର୍କ ରହିଆସିଥିବାବେଳେ ୟୁନୁସ୍ କ୍ଷମତାକୁ ଆସିବା ପରେ ଏଥିରେ ପରିବର୍ତ୍ତନ ହୋଇଛି। ସମ୍ପର୍କ ଆହୁରି ବଢ଼ାଇବା ପାଇଁ ପାକିସ୍ତାନର ଜଏଣ୍ଟ ଚିଫ୍ସ ଅଫ ଷ୍ଟାଫ୍ କମିଟି ମୁଖ୍ୟ ଜେନେରାଲ ସାହିର ଶାମଶାଦ ମିର୍ଜା ରବିବାର ଢାକା ଗସ୍ତରେ ଯାଇ ୟୁନୁସ୍‌ଙ୍କୁ ଭେଟିଥିଲେ। ଏହି ଅବସରରେ ୟୁନୁସ୍ ତାଙ୍କୁ 'ଆର୍ଟ ଅଫ୍ ଟ୍ରିଉମ୍ଫ' ନାମକ ଏକ ପୁସ୍ତକ ଉପହାର ଦେଉଥିବାର ଫଟୋ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଉକ୍ତ ପୁସ୍ତକର ମଲାଟରେ ବାଂଲାଦେଶର ବିକୃତ ମାନଚିତ୍ର ଥିବାରୁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଭାରତର ୭ଟି ଉତ୍ତର ପୂର୍ବାଞ୍ଚଳ ରାଜ୍ୟକୁ ବାଂଲାଦେଶର ଅଞ୍ଚଳ ଭାବେ ଦର୍ଶାଯାଇଛି, ଯାହାକୁ କଟ୍ଟରପନ୍ଥୀ ଇସ୍‌ଲାମୀୟ ସଂଗଠନ 'ବୃହତ୍ ବାଂଲାଦେଶ' କହୁଛି।

# ଦିଲ୍ଲୀ ପୋଲିସକୁ ୨ ସପ୍ତାହ ସମୟ ଦେବାକୁ ମନାକଲେ ସୁପ୍ରିମକୋର୍ଟ

## ୨୦୨୦ ଦଙ୍ଗା ମାମଲାରେ ଖଲିଦ, ଇମାମ୍‌ଙ୍କ ଜାମିନ ଆବେଦନ

**ନୂଆଦିଲ୍ଲୀ,୨୭।୧୦(ପି.ଟି.)**

୨୦୨୦ ଫେବୃଆରୀ ଦିଲ୍ଲୀ ଦଙ୍ଗା ମାମଲାରେ ଜେଲରେ ଥିବା ଆକ୍ଟିଭିଷ୍ଟ ଉମର ଖଲିଦ, ଶର୍ଜିଲ ଇମାମ, ଗୁଲ୍‌ଫିଶା ଫତିମା ଏବଂ ମୀରନ ହାଇଦରଙ୍କ ଜାମିନ ଆବେଦନ ଉପରେ ଦିଲ୍ଲୀ ପୋଲିସ ଜବାବ ରଖିବା ପାଇଁ ୨ ସପ୍ତାହ ସମୟ ମାଗିଥିଲେ। ସୁପ୍ରିମକୋର୍ଟ ପୋଲିସର ଏହି ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।

ଦିଲ୍ଲୀ ପୋଲିସ ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଉପସ୍ଥିତ ରହି ଜବାବୀ ସତ୍ୟପାଠ ଦାଖଲ ପାଇଁ ସମୟ ମାଗିଥିଲେ। ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍.ଭି. ଅଞ୍ଜରିଆଙ୍କ ଖଣ୍ଡପୀଠ ୨ ସପ୍ତାହ ସମୟ ଦେବାକୁ ମନା କରିଦେବା ସହ ଅକ୍ଟୋବର ୩୧ରେ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଆମେ ଆପଣଙ୍କୁ ଯଥେଷ୍ଟ ସମୟ ଦେଇସାରିଛୁ। ଖଲିଦଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ, ଆବେଦନକାରୀ ୫ ବର୍ଷରୁ ଊର୍ଦ୍ଧ୍ୱ ଜେଲରେ ରହିଲେଣି। ଶୁଣାଣିକୁ ଅଧିକ ବିଳମ୍ବ କରାଯିବା ଉଚିତ ନୁହେଁ ବୋଲି ବରିଷ୍ଠ ଆଇନଜୀବୀ ଅଭିଷେକ ସିଙ୍ଘଭି କହିଥିଲେ। ସେପ୍ଟେମ୍ବର ୨୨ରେ ଦିଲ୍ଲୀ ପୋଲିସକୁ ଜବାବ ମଗାଯାଇଥିଲା। ସେପ୍ଟେମ୍ବର ୨ରେ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଆକ୍ଟିଭିଷ୍ଟମାନେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ନାଗରିକଙ୍କ ଦ୍ୱାରା ବିକ୍ଷୋଭ ବାହାନାରେ ଷଡ଼ଯନ୍ତ୍ରପୂର୍ଣ୍ଣ ହିଂସାକାଣ୍ଡ ଘଟିଥିଲା। ତେଣୁ ଖଲିଦ, ଇମାମଙ୍କ ସମେତ ୯ ଅଭିଯୁକ୍ତଙ୍କୁ ଜାମିନ ଦେବାକୁ ହାଇକୋର୍ଟ ମନା କରିଦେଇଥିଲେ।

# ସତ୍ୟପାଠ ଦାଖଲ କରି ନ ଥିବା ରାଜ୍ୟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୨୭।୧୦(ପି.ଟି.)**

## ବୁଲା କୁକୁର ମାମଲା

### ୩ରେ ହାଜର ପାଇଁ ମୁଖ୍ୟ ସଚିବମାନଙ୍କୁ ନିର୍ଦ୍ଦେଶ



ବୁଲା କୁକୁର ମାମଲାରେ ନିୟମାବଳୀ ଅନୁପାଳନ ସମ୍ପର୍କିତ ସତ୍ୟପାଠ ଦାଖଲ କରି ନ ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ବୁଲାକୁକୁରମାନଙ୍କୁ ନେଇ ସବୁବେଳେ ବିଭିନ୍ନ ଘଟଣା ଘଟି ଚାଲିଥିବାବେଳେ ବିଦେଶରେ ଭାରତର ଛବି ମଳିନ ହେଉଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନା ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ ନଭେମ୍ବର ୩ରେ ହାଜର ହୋଇ କୋର୍ଟଙ୍କ ଅଗଷ୍ଟ ୨୨ ନିର୍ଦ୍ଦେଶ ସତ୍ତ୍ୱେ କ'ଣ ପାଇଁ ଅନୁପାଳନ ସତ୍ୟପାଠ ଦାଖଲ କରିନାହାନ୍ତି, ତାହାର ସ୍ପଷ୍ଟୀକରଣ ଦେବାକୁ ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହଟ୍ଟା ଏବଂ ଏନ୍.ଭି. କଞ୍ଜରିଆଙ୍କ ଖଣ୍ଡପୀଠ କହିଛନ୍ତି। କେବଳ ପଶ୍ଚିମବଙ୍ଗ, ତେଲଙ୍ଗାନା ଏବଂ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନକୁ ବାଦ୍ ଦେଲେ ଅନ୍ୟ କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସତ୍ୟପାଠ ଦାଖଲ କରିନାହାନ୍ତି।

ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନୋଟିସ ଜାରି କରାଯାଇଥିଲା। ସେମାନେ ଜବାବ ଦେଇ ନ ଥିବାରୁ ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନେ ଆସନ୍ତା ସୋମବାର ପୂର୍ବାହ୍ନ ୧୦ଟା ୩୦ରେ ସ୍ପଷ୍ଟୀକରଣ ସହ ହାଜର ହେବାକୁ ଖଣ୍ଡପୀଠ କହିଛନ୍ତି। ବୁଲା କୁକୁର ସମ୍ପର୍କିତ ଘଟଣାକୁ ସୁପ୍ରିମକୋର୍ଟ ନିଜ ଆଡୁ ବିଚାରପାଇଁ ଗ୍ରହଣ କରିଥିଲେ। ଦିଲ୍ଲୀ-ଏନ୍‌ସିଆର୍ ସମେତ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଥିଲା। ପ୍ରାଣୀ ଜନ୍ମନିୟନ୍ତ୍ରଣ ନିୟମାବଳୀ ଅନୁଯାୟୀ କୁକୁର ଆଶ୍ରୟସ୍ଥଳ, ପ୍ରାଣୀ ଚିକିତ୍ସକ, କୁକୁର ଧରିବା କର୍ମଚାରୀ, ସ୍ୱତନ୍ତ୍ର ଗାଡ଼ି ଓ ଯନ୍ତା ଆଦି ସମେତ ଉପଲବ୍ଧ ସମସ୍ତ ସମ୍ବଳର ସମ୍ପୂର୍ଣ୍ଣ ପରିସଂଖ୍ୟାନ ସତ୍ୟପାଠ ଜରିଆରେ ଦାଖଲ କରିବାକୁ କୁହାଯାଇଥିଲା।

# ଆମେରିକା ଯୁଦ୍ଧବିମାନ, ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

**ୱାଶିଂଟନ,୨୭।୧୦**

ଦକ୍ଷିଣ ଚାଇନା ସାଗରରେ ରବିବାର ଆମେରିକା ନୌସେନାର ଏମ୍‌ଏଚ୍-୬-ଆର୍ ସିହକ୍ ହେଲିକପ୍ଟର ଏବଂ ଏଫ୍/ଏ-୧୮ଏଫ୍ ସୁପର ହର୍ନେଟ ଯୁଦ୍ଧବିମାନ ୩୦ ମିନିଟ୍ ବ୍ୟବଧାନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ସମ୍ପର୍କରେ ନୌସେନା ସୂଚନା ଦେଇଥିବାବେଳେ ଭୂରାଜନୈତିକ ସମ୍ବେଦନଶୀଳ ସମୁଦ୍ର ମଧ୍ୟରେ ସେତେବେଳେ ବିମାନ ଦୁଇଟି କ'ଣ କରୁଥିଲେ ତାହା କହିନାହିଁ। ସମରାଭ୍ୟାସ ବେଳେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ସୋମବାର କହିଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ ଆମେରିକା ନୌସେନା ତଦନ୍ତ ଆରମ୍ଭ କରିଛି।

# ଦିଲ୍ଲୀରେ ମହିଳା ଡାକ୍ତରଙ୍କୁ ବଳାତ୍କାର

**ନୂଆଦିଲ୍ଲୀ,୨୭।୧୦**

ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ଜଣେ ବ୍ୟକ୍ତି ସେନା ଅଫିସର ପରିଚୟ ଦେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଆରବ ନାମକ ଯୁବକଙ୍କ ଘର ଦିଲ୍ଲୀର ଛତରପୁରରେ ଓ ସେ ଡେଲିଭରି ବୟ ଭାବେ କାର୍ଯ୍ୟ କରନ୍ତି। ସେ ନିଜକୁ ସେନାର ଜଣେ ଲ୍ୟୁଟ୍‌ନାଣ୍ଟ ପରିଚୟ ଦେଇ ଡାକ୍ତରଙ୍କ ସହ ଇନ୍‌ଷ୍ଟାଗ୍ରାମ୍‌ରେ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଉଭୟ ହ୍ୱାଟ୍ସଆପ୍‌ରେ ଚାଟିଂ ଆରମ୍ଭ କରିଥିଲେ ବୋଲି ପୋଲିସ କହିଛି। ଆରବ ଜମ୍ମୁ-କଶ୍ମୀରରେ ପୋଷ୍ଟିଂ ହୋଇଥିବା କହିବା ସହ ସେନା ପୋଷାକରେ ଥିବା ଫଟୋ ପଠାଇଥିଲେ। ଚଳିତ ମାସ ଆରମ୍ଭରେ ସେ ଦିଲ୍ଲୀ ଆସି ଡାକ୍ତରଙ୍କ ମସ୍‌ଜିଦ ମୋଥ୍ ଅଞ୍ଚଳରେ ଥିବା ଘରକୁ ଯାଇଥିଲେ। ସେଠାରେ ସେ ଡାକ୍ତରଙ୍କୁ ଖାଦ୍ୟରେ ନିଶା ଦେଇ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଛି। ୧୬ ତାରିଖରେ ଡାକ୍ତରଙ୍କ ଅଭିଯୋଗକ୍ରମେ ପୋଲିସ ଛତରପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ଏକ ସେନା ପୋଷାକ ଦୋକାନରୁ ଏହାକୁ କିଣିଥିଲେ ବୋଲି ଜେରା ବେଳେ ପୋଲିସକୁ କହିଛନ୍ତି।

# ଅରୁଣାଚଳ ନିକଟରେ ଚାଇନାର ୩୬ ଯୁଦ୍ଧବିମାନ ସେଲ୍ଟର

## ଭାରତ ପାଇଁ ମୁଣ୍ଡବ୍ୟଥା

**ନୂଆଦିଲ୍ଲୀ,୨୭।୧୦**




ଚାଇନା ନିର୍ମାଣ କରିଥିବା ଏୟାରକ୍ରାଫ୍ଟ ସେଲ୍ଟରର ସାଟେଲାଇଟ ଚିତ୍ର।

ଅରୁଣାଚଳରେ ଥିବା ଭାରତ-ଚାଇନା ସୀମା ମାକ୍‌ମୋହନ ଲାଇନଠାରୁ ଉତ୍ତରରେ ପ୍ରାୟ ୪୦ କିଲୋମିଟର ଦୂରରେ ଚାଇନା ଯୁଦ୍ଧବିମାନ ରଖିବା ପାଇଁ ୩୬ଟି ଶକ୍ତିଶାଳୀ ଏୟାରକ୍ରାଫ୍ଟ ସେଲ୍ଟର ନିର୍ମାଣ ସମ୍ପୂର୍ଣ୍ଣ କରିଛି। ଏହି ଘଟଣା ଜଣାପଡ଼ିବା ପରେ ଭାରତର ଚିନ୍ତା ବଢ଼ିଯାଇଛି। ତିବ୍ବତର ଲୁଞ୍ଜେଠାରେ ଏହି ନୂଆ ସେଲ୍ଟର ନିର୍ମାଣ ହେଉଛି, ଯାହାକି ଅରୁଣାଚଳ ପ୍ରଦେଶର ତାୱାଙ୍ଗ ସହରଠାରୁ ପ୍ରାୟ ୧୦୭ କିଲୋମିଟର ଦୂରରେ ଅବସ୍ଥିତ। ଚାଇନା ସେଠାରେ ଲଢ଼ୁଆ ବିମାନ ଏବଂ ଡ୍ରୋନ୍ ସିଷ୍ଟମ ରଖିବା ସହ ଆବଶ୍ୟକ ସ୍ଥଳେ ତୁରନ୍ତ ଏହାକୁ ସୀମାରେ ନିୟୋଜିତ କରିପାରିବ। ଭାରତୀୟ ଆସାମ କିମ୍ବା ଅରୁଣାଚଳପ୍ରଦେଶରେ ଥିବା ଭାରତୀୟ ବାୟୁସେନାର ନିଜସ୍ୱ ଏୟାରବେସ୍‌ରୁ ଯୁଦ୍ଧବିମାନ କୌଣସି ଆକ୍ରମଣର ମୁକାବିଲା କରିବା ପାଇଁ ଯେତିକି ସମୟ ଆବଶ୍ୟକ କରିବ, ତା'ଠାରୁ ଯଥେଷ୍ଟ କମ୍ ସମୟ ମଧ୍ୟରେ ଚାଇନା ସେନା ଜବାବ ଦେଇପାରିବ। ଗତ ୧୭ ତାରିଖରେ ଲୁଞ୍ଜେ ଏୟାରବେସ୍‌ରୁ ନିଆଯାଇଥିବା ସାଟେଲାଇଟ୍ ଚିତ୍ରରୁ ୩୬ଟି ଏୟାରକ୍ରାଫ୍ଟ ସେଲ୍ଟର ସମ୍ପୂର୍ଣ୍ଣ ହୋଇଥିବା ସ୍ପଷ୍ଟ ଦେଖିବାକୁ ମିଳିଛି। ଗତ ଏପ୍ରିଲରେ ସେଠାରେ ନିର୍ମାଣ ପାଇଁ ମାଟିକାମ ଚାଲିଥିବା ଦେଖିବାକୁ ମିଳଥିଲା।

ସୀମାର ଖୁବ୍ ନିକଟରେ ବେଜିଂ ଯୁଦ୍ଧବିମାନ ଆଶ୍ରୟସ୍ଥଳ ନିର୍ମାଣ କରିଥିବାରୁ ପରବର୍ତ୍ତୀ ସାମରିକ ଘଟଣାରେ ସେମାନଙ୍କ ଲଢ଼ୁଆ ବିମାନ ଓ ଆକ୍ରମଣକାରୀ ହେଲିକପ୍ଟର ଲୁଞ୍ଜେ ଏୟାରବେସ୍‌ରୁ ସେମାନଙ୍କ ସେନାକୁ ସହାୟତା କରିବ ବୋଲି ଅବସରପ୍ରାପ୍ତ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ବି.ଏସ୍. ଧନୋଆ କହିଛନ୍ତି। ଉକ୍ତ ଅଞ୍ଚଳରେ ଥିବା ଭୂତଳ ସୁଡ଼ଙ୍ଗଗୁଡ଼ିକରେ ଗୁଳିଗୋଳା ଏବଂ ଇନ୍ଧନ ଗଚ୍ଛିତ ରହିଥିବା ସେ କହିଛନ୍ତି। ୨୦୧୭ ଡୋକଲାମ ଘଟଣା ବେଳେ ଧନୋଆ ତାଙ୍କ କର୍ମଚାରୀମାନଙ୍କୁ କହିଥିଲେ, ତିବ୍ବତରେ ଚାଇନା ବାୟୁସେନା (ପିପୁଲ୍ସ ଲିବରେଶନ ଆର୍ମି ଏୟାରଫୋର୍ସ) ପାଇଁ ଯୁଦ୍ଧବିମାନ ସମସ୍ୟା ନୁହେଁ, ବରଂ ଏହାକୁ ମୁତୟନ କରିବା ସମସ୍ୟା। ସେମାନେ ତିବ୍ବତ ଏୟାରଫିଲ୍ଡରେ ଯେତେବେଳେ ସଶକ୍ତ ଏୟାରକ୍ରାଫ୍ଟ ସେଲ୍ଟର ନିର୍ମାଣ ଆରମ୍ଭ କରିବେ, ସେମାନେ ଆମ ସହ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେବେ। ତିବ୍ବତରେ ସେମାନଙ୍କର ମୁଖ୍ୟ ଦୁର୍ବଳତା ଦୂର ହୋଇଯିବ ବୋଲି ସେତେବେଳେ ଧନୋଆ କହିଥିଲେ। ଭାରତୀୟ ବାୟୁସେନାର ପୂର୍ବତନ ଉପମୁଖ୍ୟ ଏୟାର ମାର୍ଶାଲ ଅନିଲ ଖୋସ୍‌ଲା କହିଛନ୍ତି, ଉପରୋକ୍ତ ଏୟାରଫିଲ୍ଡଗୁଡ଼ିକର ନିର୍ମାଣ ଓ ଉନ୍ନତୀକରଣ ଚାଇନାର ଭବିଷ୍ୟତ ଯୁଦ୍ଧ ଯୋଜନା ପାଇଁ ସହାୟକ ହେବ। ଏହା ଭାରତ ପାଇଁ ଗମ୍ଭୀର ରଣନୈତିକ ବିପଦ। ୨୦୨୦ର ଗଲୱାନ ସଂଘର୍ଷଠାରୁ ଚାଇନା ସେନା ଏହାର ସାମର୍ଥ୍ୟ ଓ ଭିତ୍ତିଭୂମି ଢାଞ୍ଚା ବଢ଼ାଇ ଚାଲିଛି। ଲୁଞ୍ଜେ ଏୟାରବେସ୍‌ର ଉନ୍ନତୀକରଣ ଆଞ୍ଚଳିକ ସୁରକ୍ଷା ବିଶେଷ କରି ୨୦୨୦ରୁ ଲାଗିରହିଥିବା ଭାରତ-ଚାଇନା ସୀମାର ମୁହାଁମୁହିଁ ଅବସ୍ଥା ପରିପ୍ରେକ୍ଷୀରେ ଆଞ୍ଚଳିକ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିବ ବୋଲି ଖୋସ୍‌ଲା କହିଛନ୍ତି।

# ୩ ଭଉଣୀଙ୍କ ଏଆଇ ଫଟୋରେ ବ୍ଲାକ୍‌ମେଲ୍: ଭାଇଙ୍କ ଆତ୍ମହତ୍ୟା

**ଫରିଦାବାଦ,୨୭।୧୦**

ହରିୟାଣାର ଫରିଦାବାଦରେ ଜଣେ ୧୯ ବର୍ଷୀୟ ଯୁବକ ଆତ୍ମହତ୍ୟା କରିଛନ୍ତି। ଡିଏଭି କଲେଜ ଛାତ୍ର ରାହୁଲ ଭାରତୀଙ୍କ ୩ ଭଉଣୀଙ୍କ ଏଆଇ ପ୍ରସ୍ତୁତ ଅଶ୍ଳୀଳ ଫଟୋ ଓ ଭିଡିଓ ଦ୍ୱାରା ତାଙ୍କୁ ବ୍ଲାକ୍‌ମେଲ୍ କରାଯାଇ ଟଙ୍କା ଦାବି କରାଯାଉଥିଲା। କେହି ଜଣେ ରାହୁଲଙ୍କ ଫୋନ୍‌କୁ ହ୍ୟାକ୍ କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର କରି ତାଙ୍କ ସମେତ ୩ ଭଉଣୀଙ୍କ ଅଶ୍ଳୀଳ ଫଟୋ ପ୍ରସ୍ତୁତ କରୁଥିଲେ ବୋଲି ରାହୁଲଙ୍କ ବାପା ମନୋଜ ଭାରତୀ କହିଛନ୍ତି। ତଦନ୍ତରୁ ରାହୁଲଙ୍କର ସାହିଲ ନାମକ ଯୁବକଙ୍କ ସହ ଚାଟିଂ ହୋଇଥିବା ଜଣାପଡ଼ିଛି। ସେ ଅଶ୍ଳୀଳ ଫଟୋ ପଠାଇ ପ୍ରଥମେ ୨୦ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ସମସ୍ତ ଫଟୋ ଓ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏଥିସହିତ ରାହୁଲଙ୍କୁ ଆତ୍ମହତ୍ୟା ପାଇଁ ସେ ପ୍ରୋତ୍ସାହିତ କରିଥିଲେ। ବିଚଳିତ ରାହୁଲ ଶନିବାର ରାତିରେ କେତେକ ନିଶା ଔଷଧ ଖାଇଦେଇଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ମୃତ୍ୟୁ ଘଟିଥିଲା।




# ବାବୁଙ୍କୁ ସମ୍ପତ୍ତି ତାଲିକା ଅଡୁଆ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)

୨୦୨୫ ଶେଷ ହେବାକୁ ୨ମାସ ବାକି ରହିଛି। ହେଲେ ଏପର୍ଯ୍ୟନ୍ତ ବାବୁମାନେ ୨୦୨୪ ଲାଗି ସେମାନଙ୍କ ବାର୍ଷିକ ସମ୍ପତ୍ତି ବିବରଣୀ ସରକାରଙ୍କୁ ଦେଉନାହାନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏସଂକ୍ରାନ୍ତରେ ବାରମ୍ବାର ଅବଗତ କରାଗଲେ ମଧ୍ୟ କର୍ମଚାରୀଙ୍କୁ ଚେତନା ଆସୁନାହିଁ। ଏପରି କି ସଂଖ୍ୟାଧିକ କର୍ମଚାରୀ ସେମାନଙ୍କ ପଦୋନ୍ନତି ସହ ଅନ୍ୟାନ୍ୟ ସରକାରୀ ପ୍ରାପ୍ତିକୁ ମଧ୍ୟ ଖାତିର କରୁନାହାନ୍ତି। ନଭେମ୍ବରରୁ କର୍ମଚାରୀଙ୍କ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ ହେବ। ହେଲେ ସଂଖ୍ୟାଧିକ କର୍ମଚାରୀ ସମ୍ପତ୍ତି ତାଲିକା ଦେଇ ନ ଥିବାରୁ ଏକ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି। ସରକାରଙ୍କ ନିର୍ଦ୍ଦେଶନାମାକୁ ବିଭିନ୍ନ ସମୟରେ ବିଭାଗୀୟ ମୁଖ୍ୟମାନେ ଠିକଣା ଭାବେ କାର୍ଯ୍ୟକାରୀ କରୁ ନ ଥିବା ନଜର ରହିଥିବାବେଳେ ସମ୍ପ୍ରତି ବାର୍ଷିକ ସମ୍ପତ୍ତି ତାଲିକାକୁ କର୍ମଚାରୀମାନଙ୍କ ଅବମାନନାକୁ ନେଇ ଲୋକସେବା ଭବନରେ ଚର୍ଚ୍ଚା ଜୋର୍‌ଧରିଛି।

## ପଦୋନ୍ନତିକୁ ସଂଖ୍ୟାଧିକ କର୍ମଚାରୀଙ୍କ ପଦାଘାତ

ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେନ୍ଦ୍ର କୁମାର ଚଳିତମାସ ୨୩ରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କର୍ମଚାରୀମାନେ ଯେପରି ସମୟ ଭିତରେ ସମ୍ପତ୍ତି ତାଲିକା ପ୍ରଦାନ କରିବେ ସେନେଇ ବିଭାଗୀୟ ମୁଖ୍ୟମାନେ ଗୁରୁତ୍ୱ ଦେବାକୁ ସେ ଅନୁରୋଧ କରିଛନ୍ତି। ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ମାନବସମ୍ବଳ ପରିଚାଳନା ପଦ୍ଧତି (ଏଚ୍‌ଆରଏମ୍‌ଏସ୍‌) ପୋର୍ଟାଲରେ ପ୍ରତିବର୍ଷ ସରକାରୀ କର୍ମଚାରୀମାନେ ତାଙ୍କର ବାର୍ଷିକ ସମ୍ପତ୍ତି ତାଲିକା ଅପ୍‌ଲୋଡ୍ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ଏହାକୁ ବହୁ କର୍ମଚାରୀ ମାନୁନାହାନ୍ତି। ଫଳରେ କର୍ମଚାରୀଙ୍କ ପଦୋନ୍ନତି ଓ ଅନ୍ୟାନ୍ୟ ସରକାରୀ ପଦକ୍ଷେପ ବେଳେ ସମସ୍ୟା ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ୨୦୨୪ ବର୍ଷ ପାଇଁ ଆଉ ଅବଧି ବୃଦ୍ଧି କରାଯିବ ନାହିଁ କି ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲ ଖୋଲାଯିବ ନାହିଁ। ସେ କହିଛନ୍ତି, ବାର୍ଷିକ ସମ୍ପତ୍ତି ବିବରଣୀ ଦେବା କର୍ମଚାରୀମାନଙ୍କ ପାଇଁ ବାଧ୍ୟତାମୂଳକ। ଏହାକୁ ଜାଣି ମଧ୍ୟ ଯେଉଁ କର୍ମଚାରୀମାନେ ସମ୍ପତ୍ତି ବିବରଣୀ ପ୍ରଦାନ କରିନାହାନ୍ତି, ସେମାନଙ୍କୁ ପଦୋନ୍ନତି ଦିଆଯିବ ନାହିଁ। ବିଭାଗୀୟ ମୁଖ୍ୟମାନେ ଡିପାର୍ଟମେଣ୍ଟାଲ ପ୍ରମୋଶନ କମିଟି(ଡିପିସି) ବୈଠକ କଲାବେଳେ ସମ୍ପୃକ୍ତ କର୍ମଚାରୀଙ୍କୁ ପଦୋନ୍ନତି ଲାଗି ବିବେଚନା କରିବେନାହିଁ ବୋଲି ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି।

ସୁରେନ୍ଦ୍ର କୁମାର ପୁନର୍ବାର ଅବଗତ କରାଇଛନ୍ତି, ୨୦୨୫ ବର୍ଷ ପାଇଁ ୩୧ ଜାନୁଆରୀ-୨୦୨୬ ସୁଦ୍ଧା ସମସ୍ତ କର୍ମଚାରୀ ଯେପରି ସମ୍ପତ୍ତି ତାଲିକା ପ୍ରଦାନ କରିବେ ସେଦିଗରେ ପଦକ୍ଷେପ ନେବାକୁ ହେବ। ଏହି ଅବଧିକୁ ସରକାର ଏଥର କଡାକଡ଼ି ଭାବେ ପାଳନ କରିବାକୁ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ମୁଖ୍ୟମାନେ କର୍ମଚାରୀଙ୍କ ବାର୍ଷିକ ସମ୍ପତ୍ତି ବିବରଣୀ ଯେପରି ୧୦୦% ମିଳିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ଦର୍ଶାଇଛନ୍ତି।

# ଛେଳି ପାଇଁ ଡାଳ ଆଣିବାରୁ ମହିଳାଙ୍କୁ ମାଡ଼

## ଫରେଷ୍ଟ.ଗାର୍ଡଙ୍କ ବିରୋଧରେ ତାତିଲେ ଗ୍ରାମବାସୀ

ନୀଳଗିରି, ୨୭।୧୦ (ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବନ ବିଭାଗ ଗୋପାଳପୁର ବିଟ୍ ହାଉସ ଅଧୀନ ଜଙ୍ଗଲରୁ ଜଣେ ମହିଳା ଛେଳି ପାଇଁ ଗଛ ଡାଳ ଆଣୁଥିବା ବେଳେ ଫରେଷ୍ଟଗାର୍ଡ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଗ୍ରାମବାସୀ ଫରେଷ୍ଟଗାର୍ଡଙ୍କ ବିରୋଧରେ ତାତିବା ସହ ସୋମବାର ସକାଳେ ବିଟ୍ ହାଉସ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ଫରେଷ୍ଟଗାର୍ଡଙ୍କ ଅନ୍ୟତ୍ର ବଦଳି ଦାବି ନେଇ ଗ୍ରାମବାସୀ ଅଡ଼ି ବସିଥିଲେ। ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ ଓ ନୀଳଗିରି ରେଞ୍ଜର ମନୱାର ଖାଁ ପହଞ୍ଚି ବୁଝାଶୁଝା କରିବା ପରେ ଗ୍ରାମବାସୀ ଫରେଷ୍ଟଗାର୍ଡଙ୍କ ଅନ୍ୟତ୍ର ବଦଳି ନେଇ ବାଲେଶ୍ୱର ଡିଏଫ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ସ୍ଥିତି ଶାନ୍ତ ପଡ଼ିଥିଲା।

ବୟାରସାହି ଗ୍ରାମର କଟିମଣି ସିଂ ନାମ୍ନୀ ବୃଦ୍ଧା ମହିଳା ରବିବାର ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇ ଦୁଇଟି ଛୋଟ ଡାଳ ଭାଙ୍ଗି ଘରକୁ ଆଣୁଥିଲେ। ଗୋପାଳପୁର ବିଟ୍ ହାଉସ୍‌ର ଫରେଷ୍ଟଗାର୍ଡ କବିତା ମହାକୁଡ ଏହାଦେଖି କାହିଁକି ଡାଳ ଭାଙ୍ଗିଲ କହି ଦୁର୍ବ୍ୟବହାର କରିବା ସହ ତାଙ୍କୁ ମାଡ଼ ମାରିଥିଲେ। ଫରେଷ୍ଟଗାର୍ଡଙ୍କ ଦୁର୍ବ୍ୟବହାର ଓ ମାଡ଼ ମାରିଥିବା ଘଟଣା ବିଷୟରେ କଟିମଣି ପରିବାର, ପଡ଼ୋଶୀ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାର ପ୍ରତିବାଦରେ ଶତାଧିକ ଗ୍ରାମବାସୀ ବିଟ୍ ହାଉସ୍ ଘେରାଉ କରିଥିଲେ। ଫଳରେ ଫରେଷ୍ଟଗାର୍ଡ କବାଟ କିଳି ଘର ଭିତରେ ଲୁଚି ରହିଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିବା ବେଳେ ଅଯୋଧ୍ୟା ଫାଣ୍ଡି ପୋଲିସ ଜଗି ରହିଥିଲା।

# ରୁଙ୍ଗ୍‌ଟାକୁ ବିରୋଧ, ଜାଗା ନ ଦେବାକୁ ନିଷ୍ପତ୍ତି

## ଧରମପୁର ପଞ୍ଚାୟତରେ ୩ ଗ୍ରାମବାସୀଙ୍କ ବୈଠକ

ତାଳଚେର,୨୭।୧୦(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ ଧରମପୁର ଏବଂ କର୍ଣ୍ଣିଳି ପଞ୍ଚାୟତରେ କୋଇଲା ଖନନ ପାଇଁ ରୁଙ୍ଗଟା ସନ୍ସ ପ୍ରାଇଭେଟ କମ୍ପାନୀ ଟେଣ୍ଡର ପାଇଥିବା ବେଳେ ଏହାକୁ ଧରମପୁର ପଞ୍ଚାୟତରେ ବିରୋଧ କରାଯାଇଛି। ଏପରି କି ଏହି ଘରୋଇ କମ୍ପାନୀକୁ ଜମି ଦେବେ ନାହିଁ ବୋଲି ଖାଇରାପାଳ, ଧରମପୁର ଏବଂ ସାରେଇଲୋ ଗ୍ରାମର ଲୋକଙ୍କୁ ନେଇ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି।



ବୈଠକରେ ଖାଇରାପାଳ, ଧରମପୁର ଏବଂ ସାରେଇଲୋ ଗ୍ରାମର ଲୋକ ବିରୋଧ ପ୍ରଦର୍ଶନ କରୁଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଘରୋଇ କମ୍ପାନୀକୁ ଜମି ନ ଦେବା ପାଇଁ ପୂର୍ବରୁ ୩ ପଞ୍ଚାୟତର ଲୋକେ ନିଷ୍ପତ୍ତି ନେବା ସହ ଅନେକ ଥର ବୈଠକ କରିଥିଲେ। ଏହାପରେ ମଧ୍ୟ ରୁଙ୍ଗଟା କମ୍ପାନୀ ବୋରୱେଲ ସର୍ଭେ ଓ ଡ୍ରିଲିଂ ନିମନ୍ତେ ଏକ ଠିକା କମ୍ପାନୀକୁ ଦାୟିତ୍ୱ ଦେଇ ଧରମପୁର ଗ୍ରାମର କିଛି ଲୋକଙ୍କୁ ନେଇ ଏକ ବୈଠକ କରି ବୋରିଂ କାମ କରିବାକୁ ଚାହୁଁଛି। ଏହାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏକ ବୈଠକ କରି ଅଞ୍ଚଳବାସୀ ଡ୍ରିଲିଂ କାର୍ଯ୍ୟ କରାଇ ନ ଦେବା ସହ ଘରୋଇ କମ୍ପାନୀକୁ ଜମି ଅଧିଗ୍ରହଣ କରିବାକୁ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ବୈଠକ ବେଳେ ଅଞ୍ଚଳବାସୀ ଏହି ବିରୋଧ କଥା ଉଠାଇଥିଲେ। ଧରମପୁର ଓ କର୍ଣ୍ଣିଳିର ଲୋକଙ୍କ ଉପସ୍ଥିତିରେ ଠିକା କମ୍ପାନୀ ସହ କଥା ହେବା ପରେ ଯଦି ସମସ୍ତେ ରାଜି ତେବେ ଡ୍ରିଲିଂ ହେବ ନଚେତ ହେବ ନାହିଁ ବୋଲି ଉପଜିଲାପାଳ କହିଥିଲେ। ହେଲେ ଅଞ୍ଚଳର କେତେଜଣ ବ୍ୟକ୍ତି କମ୍ପାନୀ ସହ ହାତ ମିଳାଇବା ପରେ ଧରମପୁର ଅଞ୍ଚଳରେ ଉକ୍ତ ଠିକା କମ୍ପାନୀ ଡ୍ରିଲିଂ କାର୍ଯ୍ୟ କରିବାକୁ ପ୍ରୟାସ କରୁଛି ବୋଲି ବୈଠକରେ ଉପସ୍ଥିତ ଶ୍ରୀପତି ପ୍ରଧାନ, ଝାରମଲ ନାଏକ, ଦିନେଶ ଭୂତିଆ, କୁଶ ମହାପାତ୍ର, ଜଗନ୍ନାଥ ପାଣି, ଗୌରଚନ୍ଦ୍ର ସାହୁ, କୁନ୍ତଳା ମହାପାତ୍ର, ଅଶାନ୍ତି ମହାପାତ୍ର, ଝରଣା ନାଏକ, ମନୋଜ ବେହେରା, ସିପୁନ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି।

# ମାସ ଶେଷ ରବିବାର 'ଶଟ୍ ଡାଉନ୍' ବନ୍ଦ କର: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୧୦ (ରବିନାରାୟଣ ଜେନା)

ପ୍ରତ୍ୟେକ ମାସର ଶେଷ ରବିବାର ବିଦ୍ୟୁତ୍ କାଟ୍ ନ କରିବା ତଥା ଯୋଜନାବଦ୍ଧ ବିଦ୍ୟୁତ୍ କାଟ ଏଡ଼ାଇବା ଲାଗି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନିର୍ଦ୍ଦେଶ ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ବ୍ୟକ୍ତିଗତ ନୋଟ୍‌ସିଟ୍‌ରେ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ଦର୍ଶାଇଛନ୍ତି, 'ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍' କାର୍ଯ୍ୟକ୍ରମ ପ୍ରତ୍ୟେକ ମାସର ଶେଷ ରବିବାର ପ୍ରସାରଣ ହେଉଛି। ଏହାକୁ ଦେଶର ବିଭିନ୍ନ ସ୍ଥାନରେ ଲୋକେ ଦେଖୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସବୁ ଡିସ୍‌କମ୍‌ଗୁଡ଼ରେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଅ, ସେମାନେ ଯେପରି ଉକ୍ତଦିନ ବିଦ୍ୟୁତ୍ ମରାମତି କାର୍ଯ୍ୟ ନ କରିବେ। ଉପମୁଖ୍ୟମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶକୁ ନେଇ ଶକ୍ତି ବିଭାଗ ଯୁଗ୍ମସଚିବ ଲକ୍ଷ୍ମୀକାନ୍ତ ମିଶ୍ର ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍ ଏବଂ ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ପାଳନ କରିବାକୁ ନିକଟରେ ଅବଗତ କରାଇଥିବା ଜଣାପଡ଼ିଛି।

# ପାଳନ ହେବନି ବିପର୍ଯ୍ୟୟ ପ୍ରଶମନ ଦିବସ

ଭୁବନେଶ୍ୱର,୨୭।୧୦ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତବର୍ଷ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ହେବନାହିଁ। ବାତ୍ୟା 'ମୋନ୍ଥା'ର ପ୍ରଭାବକୁ ନେଇ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)ଙ୍କ ପକ୍ଷରୁ ସମସ୍ତ ବିଭାଗକୁ ଅବଗତ କରାଯାଇଛି। ସୋମବାର ଓଏସ୍‌ଡିଏମ୍‌ଏ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଲ ଲୋଚନ ମିଶ୍ର ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ଭାରତୀୟ ପାଣିପାଗ ବିଭାଗର ସୂଚନା ଆଧାରରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଅକ୍ଟୋବର ୨୯ରେ ପାଳନ ହେବାକୁ ଥିବା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳନ ହେବନାହିଁ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ସମୀକ୍ଷା

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)



ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ଲୋକସେବା ଭବନରେ ବାତ୍ୟା ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।

ଏହି ସମୟରେ ବାତ୍ୟା 'ମୋନ୍ଥା' ମୁକାବିଲା ନେଇ ବରିଷ୍ଠ ଅଧିକାରୀ ଓ ଜିଲା ପ୍ରଶାସନ ସହ ଆଲୋଚନା କରିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ, ରାଜସ୍ୱ ବିଭାଗ, ଶିକ୍ଷା ବିଭାଗ ପକ୍ଷରୁ କ'ଣ ସବୁ ସତର୍କତା ଅବଲମ୍ବନ କରାଯାଇଛି ଏବଂ ଆଉ କ'ଣ ସବୁ ତତ୍କାଳ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ସେନେଇ ଚିହ୍ନିନିଖି ଆଲୋଚନା କରାଯିବ। ବୈଠକରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ଅନ୍ୟାନ୍ୟ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ ବୋଲି ଜଣାଯାଇଛି।

# ବିଲରୁ ପାଣି କମିଲେ ତୁରନ୍ତ ଫସଲ କ୍ଷୟକ୍ଷତି ଆକଳନ ନିର୍ଦ୍ଦେଶ

## ୩୧ ପର୍ଯ୍ୟନ୍ତ କୃଷି ଅଧିକାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୨୭।୧୦ (ବନ୍ଦନା ସେଠୀ)

ବାତ୍ୟା ପାଇଁ କୃଷି ଅଧିକାରୀଙ୍କ ଛୁଟି ବାତିଲ କଲା କୃଷି ବିଭାଗ। ଅକ୍ଟୋବର ୩୧ ଯାଏ କୌଣସି କୃଷି ଅଧିକାରୀ ଛୁଟି ନେଇପାରିବେ ନାହିଁ। ବାତ୍ୟାର ମୁକାବିଲା ନେଇ ସୋମବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅବମାନନା କ୍ଷେତ୍ରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ କୃଷି ବିଭାଗ ଦ୍ୱାରା ଜାରି ହୋଇଥିବା ପରାମର୍ଶକୁ ଚାଷୀଙ୍କ ନିକଟରେ ବିଭିନ୍ନ ମାଧ୍ୟମରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅମଳ ସରିଥିବା ଫସଲକୁ ଉଚ୍ଚ ତଥା ସୁରକ୍ଷିତ ସ୍ଥାନରେ ଘୋଡ଼ାଇ ରଖିବା, ଜମିରୁ ଜଳ ନିଷ୍କାସନ କରିବା ନେଇ ଚାଷୀଙ୍କୁ ସଚେତନତ କରାଯିବାକୁ କୁହାଯାଇଥିଲା। ସେହିପରି ବାତ୍ୟା ପରବର୍ତ୍ତୀ ପଦକ୍ଷେପ ଅନୁଯାୟୀ ଜମିରୁ ପାଣି ଛାଡ଼ିବା ମାତ୍ରେ କୃଷି ଅଧିକାରୀମାନେ ତୁରନ୍ତ ବିଲକୁ ଯାଇ ଫସଲ କ୍ଷୟକ୍ଷତିର ଆକଳନ କରିବେ। ରାଜ୍ୟରେ ୧୪.୧୭ଲକ୍ଷ ହେକ୍ଟର ବୀମାଭୁକ୍ତ ଚାଷଜମି ରହିଛି। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଅନୁବନ୍ଧିତ ଚାଷୀ ଇନ୍ସ୍ୟୁରାନ୍ସ ବାବଦରେ ଏନ୍‌ସିଆଇପି ପୋର୍ଟାଲରେ ଆବେଦନ କରିପାରିବେ କିମ୍ବା ଟୋଲ ଫ୍ରି ନଂ. ୧୪୪୪୭ରେ କଲ୍ କିମ୍ବା ହ୍ୱାଟ୍ସଆପ୍ ଚାଟ୍‌ବଟ୍ ନମ୍ବର ୭୦୬୫୫୧୪୪୪୭ରେ ଯୋଗାଯୋଗ କରିପାରିବେ। କୃଷି ବିଭାଗ ପକ୍ଷରୁ କଣ୍ଟ୍ରୋଲ ରୁମ୍‌ର ପ୍ରସ୍ତୁତି ଶେଷ ହୋଇଛି। ସମସ୍ତ ପ୍ରକାର ମୁକାବିଲା ପାଇଁ କୃଷି ବିଭାଗ ସଜାଗ ରହିଛି ବୋଲି ସୂଚନା ଦିଆଯାଇଛି। ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଅତିରିକ୍ତ ସଚିବ ଡ. ଗଣେଶ୍ୱର ଜେନା, ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟର ସମସ୍ତ ଜିଲାରୁ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।



କୃଷି ବିଭାଗ ବୈଠକରେ ଉପସ୍ଥିତ ଅଧିକାରୀ।







# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଶରତ କର ଏବଂ ଅନିମା କର ଫାଉଣ୍ଡେଶନ୍ ପକ୍ଷରୁ ୨ୟ ଶରତ କର ସ୍ମାରକୀ ବକ୍ତୃତା ଲେକ୍ଚର୍ ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୫ଟା ୩୦।
- ନବକୃତି ୨୦୨୫ ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ୍ ପକ୍ଷରୁ ଆୱାର୍ଡ ଫେଷ୍ଟିଭାଲ୍ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୨୮ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ ପଞ୍ଚବଟ ନିବାସ, ଜାନକୀ ହରିଣ, ସ୍ଥାନ: ବାଲିଅନ୍ତା ସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ୯ମ ବାର୍ଷିକ କାଳୀପୂଜା ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଷ୍ଟାର ନାଇଟ', ସ୍ଥାନ: ରସୁଲଗଡ଼ ଜିଜିପି କଲୋନୀ ସ୍ଥିତ ମା'ଦକ୍ଷିଣ କାଳୀଙ୍କ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

**ପୁରୀ**
- ପ୍ରଚାରକ ଅନନ୍ତ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସମ୍ମିଳନୀ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗ ମଞ୍ଚ, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱ ଜୁଡ଼ୋ ଦିବସ ପାଳନ, ସ୍ଥାନ: ନାୟକ ବିଚ୍ ରିସୋର୍ଟ, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ନବମ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- କାଳୀପୂଜାର ଅନ୍ତିମ ଦିବସ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ଦୁର୍ନୀତି ନିବାରଣ ସଚେତନତା ଉପଲକ୍ଷେ ବ୍ଲକସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ସମସ୍ତ ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ନଦୀଘାଟରେ ଛଟ ପୂଜା ଅବସରରେ ଅର୍ଘ୍ୟ ପ୍ରଦାନ, ସ୍ଥାନ: ସୁନାନଦୀ, ଯୋଡ଼ା, ସମୟ: ଭୋର ୪ଟା।
- ଭାଜପା ତରଫରୁ ପ୍ରଭାତ ଫେରି ଉତ୍ସବ, ସ୍ଥାନ: ମିଠିଗାଁ, ହାଟଡ଼ିହୀ, ସମୟ: ସକାଳ ୭ଟା।
- ମା' ତାରିଣୀ ମନ୍ଦିରରେ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ପନ୍ଦାଡ଼ୋ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ଜଗଦ୍ଧାତ୍ରୀ ମେଳା କମିଟି ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା, ସ୍ଥାନ: କୁମାର୍ସ କ୍ଲବ୍, ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ସାଇବର ସେଫ୍‌ଟି କ୍ୟାମ୍ପେନ ଶୁଭାରମ୍ଭ, ସ୍ଥାନ: ଢେଙ୍କାନାଳ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଭିଡିଓ କନଫରେନ୍ସ ମାଧ୍ୟମରେ ଶପଥ ଗ୍ରହଣ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ଓସମ୍ବାନ୍ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ଉପଖଣ୍ଡସ୍ତରୀୟ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ଥାନା, ସମୟ: ସକାଳ ୭ ଟା।

**ଜଗତ୍‌ସିଂହପୁର**
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

**କେନ୍ଦ୍ରାପଡ଼ା**
- ଶ୍ରୀ ସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ:ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା

**ନୟାଗଡ଼**
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ଷଷ୍ଠ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସକାଳ ୫ଟା।
- ଓଡିଶା କୃଷକ ସଭାର ୨୫ତମ ରାଜ୍ୟ ସମ୍ମିଳନୀର ଅନ୍ତିମ ଦିବସ, ସ୍ଥାନ:ରଣପୁର ପଞ୍ଚୁଦୋଳ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା ।
- ଶ୍ରୀମଦ୍ ଭାଗବତ କଥା ଉପରେ ପ୍ରବଚନର ପଞ୍ଚମ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ: ସଂଧ୍ୟା ୬ଟା୩୦।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣରେ କଥାଯଜ୍ଞର ଷଷ୍ଠ ଦିବସରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସଂଧ୍ୟା ୬ଟା।
- ଗୋଷ୍ଠାଷ୍ଟମୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଧାମୋହନ ମଠ କଣ୍ଟିଲୋ, ସମୟ: ଅପରାହ୍ନ ୪ଟା।

**ନବରଙ୍ଗପୁର**
- ଖ୍ରୀଷ୍ଟିଆନ୍ ମାଇନରିଟି କାଉନସେଲିଂ ସଭ୍ୟଙ୍କ ବୈଠକ, ସ୍ଥାନ: ମିଶନଶକ୍ତି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା

**କୋରାପୁଟ**
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କନଫରେନ୍ସ ଗୃହ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ଉତ୍ତର ଭାରତୀୟ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଛଟ୍ ପୂଜା, ସ୍ଥାନ: ମହାନଦୀ ଅଯୋଦ୍ଧା ସରୋବର, ସମୟ : ସକାଳ ୫ଟା ୩୦।
- ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା ରାଲି, ସ୍ଥାନ : ଜିଲା ସ୍କୁଲ ଛକ, ସମୟ : ସକାଳ ୭ଟା।
- ଆଇଏଫଡବ୍ଲୁଜେଚ ୭୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ଅପରାହ୍ନ ୩ଟାରୁ ରାତି ୭ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଆନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ: ଅଇଁଠାପାଲି ପିଏଚଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା।
- ସମ୍ବଲପୁର ରେଳ ମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ରେଳବାଇ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

**ରାଉରକେଲା**
- ଛଟ୍ ପୂଜା ଉଦ୍‌ଯାପନୀ ଓ ପ୍ରଭାତ ଆରତୀ, ସ୍ଥାନ: କୋଏଲ ନଦୀ ଘାଟ, ଗୋପବନ୍ଧୁପାଲୀ ସମେତ ଅନ୍ୟ ଘାଟ, ସମୟ: ଭୋର ୫ଟା।

**ସୁନ୍ଦରଗଡ଼**
- କଲେଜ ଛାତ୍ର ଏବଂ ଅଧ୍ୟାପକଙ୍କ ପାଇଁ ଶିକ୍ଷାର ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକ ଦିନିଆ ଜିଲା ସ୍ତରୀୟ କର୍ମଶାଳା, ସ୍ଥାନ: ସଂସ୍କୃତି ଭବନ, ପୂର୍ବାହ୍ନ: ୧୦ଟା।

**ବରଗଡ଼**
- ଶ୍ରୀଶ୍ରୀ ସୁରଭି ଯଜ୍ଞ ଓ ଗୋପାଷ୍ଟମୀ ମହୋତ୍ସବ, ସ୍ଥାନ: ଆନନ୍ଦକୁଞ୍ଜ ଆଶ୍ରମ, ଭୁଦୁବାହାଲ, ବରଗଡ଼, ସମୟ: ସକାଳ ୯ଟା।
- ସାଇବର ଅପରାଧ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ରେଡ୍‌କ୍ରସ ଶିବିର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ବ୍ଲକ ବୋର୍ଡସ୍ଥିତ ଚନ୍ଦ୍ରିକା ଜୈନ ଡିଗ୍ରୀ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରିଆମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସାର୍ବଜନୀନ କାଳୀପୂଜା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, ଆସ୍ଥାୟୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠସାହି, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁର ସହର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

# ମୁଖ୍ୟମନ୍ତ୍ରୀ ଛାତ୍ରବୃତ୍ତି ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର,୨୭।୧୦(ସୁଚିସ୍ମିତା ସାହୁ)

ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନରେ ବୃତ୍ତି ଆବେଦନର ଅବଧିକୁ ବୃଦ୍ଧି କରାଯାଇଛି। ଇ-ମେଧାବୃତ୍ତି, ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ଯୋଜନା ଏବଂ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା ଅବଧିକୁ ନଭେମ୍ବର ୪ ଯାଏ ବୃଦ୍ଧି କରାଯାଇଛି। ଛାତ୍ରୀଛାତ୍ର www.scholarship. odisha. gov.inରେ ଆବେଦନ କରିପାରିବେ। ଏନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏହି ଯୋଜନାର ଆବେଦନ ପ୍ରକ୍ରିୟା ଅକ୍ଟୋବର ୧୦ରେ ସରିଥିବା ବେଳେ ପୂର୍ବରୁ ଏହାକୁ ୨୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସେହିପରି ମେଧାବୃତ୍ତି ପାଇଁ ଆବେଦନ ଫର୍ମଗୁଡିକୁ ଯାଞ୍ଚ କରିବା ଲାଗି ୧୪ ତାରିଖ ପର୍ଯ୍ୟନ୍ତ ଅବଧି ରଖାଯାଇଛି। କେବଳ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାର ଫର୍ମ ଯାଞ୍ଚ ନଭେମ୍ବର ୨୧ ପର୍ଯ୍ୟନ୍ତ ରହିଛି।

ଇ-ମେଧାବୃତ୍ତିମାଧ୍ୟମରେ ସ୍ନାତକ ଛାତ୍ରୀଛାତ୍ରଙ୍କୁ ୧୦ହଜାର, ସ୍ନାତକୋତ୍ତରଙ୍କୁ ୧୫ ହଜାର ଏବଂ ବୈଷୟିକ ଓ ବୃତ୍ତିଗତ ଛାତ୍ରୀଛାତ୍ରଙ୍କୁ ୨୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ସେହିପରି ଗୋପବନ୍ଧୁ ଯୋଜନାରେ ଯେଉଁ ପିଲାଙ୍କର ପାରିବାରିକ ଆୟ ୨ଲକ୍ଷ ୫୦ ହଜାରରୁ କମ୍ ରହିଛି, ସେମାନଙ୍କୁ ପ୍ରତିବର୍ଷ ୨୦ହଜାର ଟଙ୍କା ବୃତ୍ତି ପ୍ରଦାନ କରାଯାଉଛି। ସେହିପରି ଓଡ଼ିଆ ସ୍ନାତକୋତ୍ତର ପାଠ୍ୟକ୍ରମରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଏକକାଳୀନ ୩୦ହଜାର, ଓଡ଼ିଆ ସମ୍ମାନ(ମେଜର) ସ୍ନାତକ ପାଠ୍ୟକ୍ରମରେ ଯୋଗ୍ୟତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଏକକାଳୀନ ୨୦ ହଜାର ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦିଆଯିବ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ ଦେହ ପୁଣି ଏମନ୍ତ ଥାଏ ଲୋ**
**ହାତୀକୁ ପାରଇ ବାନ୍ଧି**
**ଏଇ ଦେହ ପୁଣି ଏମନ୍ତ ହୁଏ ଲୋ**
**କେଶ ନ ପାରଇ ବାନ୍ଧି ।**

ପୂର୍ଣ୍ଣ ଯୌବନ ଅବସ୍ଥାରେ ମଣିଷଟି ଧରାକୁ ସରା ମନେ କରୁଥିବାବେଳେ ନିଜ ଶକ୍ତି ସାମର୍ଥ୍ୟକୁ ନେଇ ଅନେକ ଗର୍ବ କରିଥାଏ। ତେବେ ବୟସ ଅତିକ୍ରାନ୍ତ ହୋଇଗଲାପରେ ଏଥିରେ ଶିଥିଳତା ଆସିଯିବା ସହ ସେ ନିଜକୁ ଅସହାୟ ମନେକରିଥାଏ। ତେଣୁ ବୟସ ଆଗରେ ଶକ୍ତି ସାମର୍ଥ୍ୟ ହାର ମାନୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକ ପୁଅରେ ଆଶ**
**ନଈ କୂଳରେ ଚାଷ**
**ଭାବନା ବାର ମାସ ।**

ସାଧାରଣତଃ ଯେଉଁ ମାତାପିତାଙ୍କର ଗୋଟିଏ ପୁତ୍ର ସନ୍ତାନ ରହିଥାଏ ସେମାନେ ସର୍ବଦା ଉକ୍ତ ସନ୍ତାନର ଭଲମନ୍ଦ ଦିଗ ପ୍ରତି ଆଶଙ୍କାଗ୍ରସ୍ତ ହୋଇପଡ଼ନ୍ତି। ସେହିପରି ନଈ କୂଳରେ ଚାଷ କରୁଥିବା ବ୍ୟକ୍ତିଙ୍କ ମନରେ ସର୍ବଦା ବନ୍ୟା ଆଶଙ୍କା ଲାଗି ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭୋଜି ଖାଇ ପୂର୍ବତନ ମନ୍ତ୍ରୀ ଅସୁସ୍ଥ, ଜଣେ ମୃତ

କୋଟପାଡ଼,୨୭।୧୦(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ର ପୂର୍ବତନ ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ ସୋମବାର ପାରମ୍ପରିକ ଖାଦ୍ୟ ଆମୋଟ ଖାଇ ଅସୁସ୍ଥ ହୋଇଥିବା ବେଳେ ତାଙ୍କ ପରିବାରର ସଦସ୍ୟ ପାର୍ବତୀଙ୍କର ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, ପୂର୍ବତନ ମନ୍ତ୍ରୀ ପଦ୍ମିନୀଙ୍କର ବଡ଼ ପରିବାର ହୋଇଥିବାରୁ ଘରେ ସୋମବାର ଏକ ଭୋଜିର ଆୟୋଜନ କରିଥିଲେ। ସେଥିରେ ରନ୍ଧା ଯାଇଥିବା ଆମୋଟକୁ ଖାଇ ପରିବାରର ସମସ୍ତ ସଦସ୍ୟ ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ପ୍ରଥମେ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପାର୍ବତୀଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୩ ସଦସ୍ୟ ସୁସ୍ଥ ହୋଇଥିବା ବେଳେ ପଦ୍ମିନୀଙ୍କର କୋରାପୁଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

# ଛୁଟିରେ ଗଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)

ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଲ ସିଂ ବ୍ୟକ୍ତିଗତ କାରଣ ଯୋଗୁ ଛୁଟିରେ ଯାଇଛନ୍ତି। ସେ ଆସନ୍ତା ନଭେମ୍ବର ୧୫ ପର୍ଯ୍ୟନ୍ତ ଛୁଟିରେ ରହିବେ ବୋଲି ଗୃହ ବିଭାଗ ପକ୍ଷରୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ଗୃହବିଭାଗ ଅତିରିକ୍ତ ସଚିବ ତ୍ରିଲୋଚନ ମାଝୀଙ୍କ ପତ୍ରରୁ ଜଣାଯାଇଛି, କନୱରଙ୍କ ଛୁଟି ଶେଷ ହେବା ଯାଏ ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଅତିରିକ୍ତ ଭାବେ ଦାୟିତ୍ୱ ବହନ କରିବେ।

# ପ୍ରତି ଜିଲାକୁ ୨ଲକ୍ଷ ଟଙ୍କାର ଜରୁରିକାଳୀନ କଣ୍ଟିଜେନ୍ସି ଫଣ୍ଡ୍

## ସ୍ୱାସ୍ଥ୍ୟ ବିଭାଗର ବାତ୍ୟା ମୁକାବିଲା ପ୍ରସ୍ତୁତି

ଭୁବନେଶ୍ୱର,୨୭।୧୦(ବନ୍ଦନା ସେଠୀ)

ବାତ୍ୟା ମୁକାବିଲା ନିମନ୍ତେ ଜିଲା ଚିକିତ୍ସାଳୟ, ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସମେତ ବିଭିନ୍ନ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ପ୍ରସ୍ତୁତି ନେଇ ସୋମବାର ବିଭାଗୀୟ ଶାସନ ସଚିବ ଅଶ୍ୱତୀ ଏସ୍. ସମୀକ୍ଷା କରିଛନ୍ତି। ବାତ୍ୟାରେ ଅଧିକ ପ୍ରଭାବିତ ହେବାକୁ ଥିବା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ନବରଙ୍ଗପୁର, କନ୍ଧମାଳ ଆଦି ଜିଲା ସହ ଅରେଞ୍ଜ ଏବଂ ୟେଲୋ ୱାର୍ନିଂ ଥିବା ଜିଲାଗୁଡ଼ିକରେ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଆସନ୍ନପ୍ରସବା ମହିଳାଙ୍କୁ ମାତୃଗୃହ, ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲକୁ ସ୍ଥାନାନ୍ତର, ହସ୍ପିଟାଲଗୁଡିକରେ ଡି.ଜି ସେଟ୍, ଇନଭର୍ଟର ସ୍ଥାପନ, ଯଥେଷ୍ଟ ପରିମାଣର ଔଷଧ, ସାପକାମୁଡା ଇଞ୍ଜେକ୍ସନ, ସାଲାଇନ, ଓଆର୍‌ଏସ୍, ହାଲୋଜେନ ବଟିକା, ବ୍ଲିଚିଂ ପାଉଡର, ଜୀବନ ରକ୍ଷାକାରୀ ଔଷଧ ସମେତ ଆମ୍ବୁଲାନ୍ସ ପାଇଁ ଆବଶ୍ୟକ ଡିଜେଲ, ରୋଗୀଙ୍କ ନିମନ୍ତେ ଶୁଖିଲା ଖାଦ୍ୟ ଆଦି ମହଜୁଦ ରଖିବା, ଆବଶ୍ୟକ ମାନବସମ୍ବଳ ମୁତୟନ ଆଦି ବିଷୟରେ ସମୀକ୍ଷା କରାଯାଇଥିଲା। କୌଣସି ଆକସ୍ମିକ ସ୍ଥିତିର ମୁକାବିଲା ନିମନ୍ତେ ପ୍ରତି ଜିଲାକୁ ୨ଲକ୍ଷ ଟଙ୍କାର ଜରୁରିକାଳୀନ କଣ୍ଟିଜେନ୍ସି ଫଣ୍ଡ ଯୋଗାଇ ଦିଆଯାଇଛି। ପ୍ରତ୍ୟେକ ଜିଲାରେ ତୁରନ୍ତ ସହାୟତା ନିମନ୍ତେ ରାପିଡ୍ ଆକ୍ସନ ଟିମ୍ ଗଠନ କରାଯାଇଛି। ସୋମବାର ଅପରାହ୍ନ ସୁଦ୍ଧା ୪୫୧୧ଜଣ ଆସନ୍ନ ପ୍ରସବାଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରେ ରେଡ୍ ୱାର୍ନିଂ ଥିବା ୮ ଜିଲାର ୩୮୨୩ ମହିଳା ଅନ୍ତର୍ଭୁକ୍ତ। ଅତ୍ୟଧିକ ବର୍ଷା ଯୋଗୁ ତଳିଆ ଓ ସମ୍ବେଦନଶୀଳ ଅଞ୍ଚଳରେ ରାସ୍ତା ସଂଯୋଗ ବିଚ୍ଛିନ୍ନ ସମ୍ଭାବନା ଥିବା ସ୍ଥାନଗୁଡିକରୁ ୧୦୭୩ଜଣ ମହିଳାଙ୍କୁ ମାତୃଗୃହ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଏମାନଙ୍କ ମଧ୍ୟରେ ୨୦୨ଜଣ ନିରାପଦ ମାତୃତ୍ୱ ଲାଭ କରିଛନ୍ତି। ସମ୍ବେଦନଶୀଳ ଅଞ୍ଚଳରୁ ଚିହ୍ନିତ ମହିଳାଙ୍କ ଶତପ୍ରତିଶତ ସ୍ଥାନାନ୍ତର ନିଶ୍ଚିତ କରିବାକୁ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ଡା. ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ଆଜି ସ୍ଥଳଭାଗ...

ଗୋପାଳପୁରଠାରୁ ୭୨୦କି.ମି. ଦକ୍ଷିଣରେ ରହିଥିଲା। ତେବେ ଏହା ଉତ୍ତର, ଉତ୍ତର-ପଶ୍ଚିମ ଦିଗକୁ ଗତିକରି ମଙ୍ଗଳବାର ସକାଳ ସୁଦ୍ଧା ଭୟଙ୍କର ବାତ୍ୟାରେ ପରିଣତ ହେବ। ବାତ୍ୟା ଅତିକ୍ରମ କରିବା ସମୟରେ ଏହାର ପ୍ରଭାବ ସାରା ଓଡ଼ିଶା ଉପରେ ପଡ଼ିବାକୁ ଥିବାବେଳେ ଦକ୍ଷିଣ ଓଡ଼ିଶାରେ ଏହାର ପ୍ରଭାବ ଅଧିକ ରହିବ। କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଦେଇ 'ମୋନ୍ଥା' ଗତି କରିବ। ଏହି ସମୟରେ ପବନର ବେଗ ୬୦ରୁ ୭୦ କି.ମି. ରହିବ ଏବଂ ଅତି ବେଶିରେ ପବନର ବେଗ ଘଣ୍ଟାପ୍ରତି ୮୦ କି.ମି. ରହିବ। ଛତିଶଗଡ଼ ପହଞ୍ଚିଲା ବେଳକୁ ଅବପାତ ହୋଇ ଦୁର୍ବଳ ହେବ ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ୨୮ ତାରିଖ ମଙ୍ଗଳବାର ରାଜ୍ୟର ସମସ୍ତ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୫ ଜିଲା ଯଥା ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି ଜିଲାକୁ ଅତି ଭୀଷଣ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼ା, ଖୋର୍ଦ୍ଧା, ବଲାଙ୍ଗୀର, କନ୍ଧମାଳ, ପୁରୀ, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଜିଲାକୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଏବଂ ବାକି ସମସ୍ତ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ରେଡ୍ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକରେ ୨୦ ସେ.ମି.ରୁ ଅଧିକ ବର୍ଷା ହେବ। ଅରେଞ୍ଜ ୱାର୍ନିଂ ଦିଆଯାଇଥିବା ଜିଲାଗୁଡ଼ିକରେ ୧୨ରୁ ୨୦ ସେ.ମି. ଏବଂ ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହେବା ନେଇ ଆକଳନ କରାଯାଇଛି। ସେହିପରି ୨୯ ତାରିଖ ବୁଧବାର ପାଇଁ କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାକୁ ଭୀଷଣ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି, ବଲାଙ୍ଗୀର ଓ ନୂଆପଡ଼ା ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ବାକି ଜିଲାଗୁଡ଼ିକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବର୍ଷା ସହ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଜିଲାରେ ପ୍ରବଳ ପବନ ବହିବା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ବର୍ଷା ଲାଗି ରହିବ ବୋଲି ପାଣିପାଗ ନିର୍ଦ୍ଦେଶିକା ଡ. ମହାନ୍ତି ସୂଚନା ଦେଇଛନ୍ତି।

## ସ୍କୁଲ, ଅଙ୍ଗନୱାଡି...

ବନ୍ଦ ରହିବ। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ଥିବା ସମସ୍ତ ବିଦ୍ୟାଳୟ ବନ୍ଦ ରହିବ। ଅନ୍ୟପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ବାତ୍ୟା ଅଞ୍ଚଳଗୁଡ଼ିକରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ମାନେ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ।

## 'ଜିରୋ-କାଜୁଆଲ୍‌ଟି'କୁ ସରକାରଙ୍କ ପ୍ରାଥମିକତା: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)

**୧୪୯୬ ଆସନ୍ନ ପ୍ରସବାଙ୍କ ସମେତ ୩ ହଜାର ସ୍ଥାନାନ୍ତର**

ବାତ୍ୟା ଓ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଯେପରି ଜଣେ ହେଲେ ବି ମୃତ୍ୟୁବରଣ ନ କରନ୍ତି, ସେଥିପାଇଁ 'ଜିରୋ-କାଜୁଆଲ୍‌ଟି'କୁ ପ୍ରାଥମିକତା ଦିଆଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବାତ୍ୟା ମୁକାବିଲା ସମୀକ୍ଷା ବୈଠକ ପରେ ମନ୍ତ୍ରୀ କହିଛନ୍ତି, ବାତ୍ୟା ବିଶେଷକରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲାରେ ଅଧିକ ପ୍ରଭାବ ପକାଇବ। ଏହା ମାଲକାନଗିରି ଦେଇ ଛତିଶଗଡ଼ ଯିବ, ଛତିଶଗଡ଼ରେ ବର୍ଷା ବି ହେବ। ଫଳରେ ମହାନଦୀରେ ପାଣି ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରରୁ ଜଳ ଛଡ଼ା ଯାଉଛି। ସମୁଦ୍ର ଭିତରୁ ମତ୍ସ୍ୟଜୀବୀଙ୍କୁ ଫେରି ଆସିବା ଲାଗି ବାରମ୍ବାର ସଚେତନ କରାଯାଉଛି। ଆବଶ୍ୟକସ୍ଥଳେ ହେଲିକପ୍ଟର ବ୍ୟବହାର କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ୧୪୯୬ ଆସନ୍ନ ପ୍ରସବାଙ୍କ ସମେତ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି। ପୋଲିସ ସହ ୧୪୦ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିଛନ୍ତି। ତେଣୁ ବାତ୍ୟାକୁ ନେଇ ଲୋକେ ଆତଙ୍କିତ ହେବାର ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ଏସ୍‌ଆର୍‌ସି ଦେଓରଞ୍ଜନ କୁମାର ସିଂହ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଝିଅକୁ ଗଣବଳାତ୍କାର...

ରଖି ଏବଂ ଗଣବଳାତ୍କାରର ଧମକ ଦେଇ ଲୁଟ୍‌ପାଟ କରିଥିବା ନିକିତା କହିଛନ୍ତି। ବଣାଇଁ ଏବେ ଅସୁରକ୍ଷିତ ହୋଇପଡିଛି। ପ୍ରତ୍ୟେକ ଦିନ ଛୋଟ ବଡ଼ ଅପରାଧ ଘଟୁଛି। ବିଶେଷକରି ଦୁର୍ବୃତ୍ତମାନଙ୍କ ଟାର୍ଗେଟ୍‌ରେ ଅସହାୟ ବ୍ୟକ୍ତି ଏବଂ ବ୍ୟବସାୟୀମାନେ ରହୁଛନ୍ତି। ଏହାକୁ ନେଇ ସହରବାସୀ ଆତଙ୍କିତ ଅବସ୍ଥାରେ ଥିବା ବେଳେ ରାଉରକେଲା ଏସ୍‌ପି ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରାଯାଉଛି। ବଣାଇଁ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ କହିଛନ୍ତି ଯେ, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ସବୁ ଦିଗରୁ ତଦନ୍ତ ଜାରି ରହିଛି। ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଚଢ଼ାଉ ଓ ଯାଞ୍ଚ ଚାଲିଥିବା ଥାନା ଅଧିକାରୀ ସାହୁ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବିଭିନ୍ନ ସମସ୍ୟାକୁ କେନ୍ଦ୍ରକରି ମାନସିକ ଦ୍ୱନ୍ଦ୍ୱ ସୃଷ୍ଟିହେବ। ଆଜି ପ୍ରତ୍ୟେକ କାମ ବାଧବାଧକତାରେ କରି ସମସ୍ୟାରେ ପଡ଼ିପାରନ୍ତି। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର କଥା ହେଉ ସବୁ କାମ ଗୋଳିଆ ରହିବ। ପାରସ୍ପରିକ ଆଲୋଚନା ଓ ସମାଲୋଚନା ଭିତରେ ସମସ୍ୟା ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରିଆସିବ।

**ବୃଷ**
ଆର୍ଥିକ ସ୍ଥିତି ଭଲ ରହିବ ଏବଂ ନୂତନ କର୍ମାରମ୍ଭର ଯୋଜନା କରିବେ। ଶୁକ୍ରଙ୍କ ପ୍ରଭାବରେ ଆଜି କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ କହିବେ ବହୁତ କିନ୍ତୁ କାମ ବେଳକୁ ସେମାନଙ୍କ ଦେଖା ମିଳି ନ ପାରେ। ଦୂରଯାତ୍ରାରେ ସଚେତନତା ଅଭାବରୁ ସାମାନ୍ୟ ଥଣ୍ଡା ଓ କାଶଜନିତ ସ୍ୱାସ୍ଥ୍ୟ ଭଲ ରହି ନ ପାରେ।

**ମିଥୁନ**
ଭୁଲ୍ ବୁଝାମଣା ହେତୁ ପରିବାରରେ କଳହ ଲାଗିପାରେ। ଜଣେ ବନ୍ଧୁଙ୍କ କଥାରେ ପଡ଼ି କୌଣସି କାମ କରିବା ଦ୍ୱାରା ଅନ୍ୟ ଜଣେ ବନ୍ଧୁଙ୍କ ଚକ୍ଷୁଶୂଳ ହେବେ। କୌଣସି ଶୁଣା ଖବରକୁ ନେଇ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମାକୁ କେନ୍ଦ୍ରକରି ସୁଫଳ ପାଇପାରନ୍ତି।

**କର୍କଟ**
ଭାବପ୍ରବଣତାବଶତଃ ଆଜି ଅନେକ କାଳ୍ପନିକ ଆଶା ଓ କାମନା ଉଜ୍ଜୀବିତ ହୋଇପାରେ। ବିଭିନ୍ନ କ୍ଷେତ୍ରରୁ ଅର୍ଥ ପାଇବେ ସତ, କିନ୍ତୁ ପାରିବାରିକ ବିଷୟକୁ ନେଇ ମାନସିକ ଶାନ୍ତି ହରାଇବେ। ଧର୍ମସଙ୍କଟରେ ପଡ଼ି କେତେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟିକରିବା ସହ ମାନସିକ ଦ୍ୱନ୍ଦ୍ୱ ଲାଗିରହିବ।

**ସିଂହ**
ଆଜି ଆପଣ ପ୍ରତିଯୋଗିତା ଏବଂ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ବିଜୟୀ ହେବା ଆଶା ରହିଛି। ରବିବାର ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସାମାନ୍ୟ ବିଳମ୍ବରେ ପାଇଯିବେ। କର୍ମକ୍ଷେତ୍ରରେ ବାଧା ଉପୁଜିବ ତଥାପି ଆପଣଙ୍କର କୌଣସି କାମ ଅଟକିବ ନାହିଁ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନ ପାରେ।

**କନ୍ୟା**
ଆଜି ଯାହାକୁ ଯାହା କହିବେ କିମ୍ବା କରିବେ ପ୍ରତ୍ୟେକ କାମରେ ସଫଳତା ଅବଶ୍ୟମ୍ଭାବୀ। ବନ୍ଧୁଙ୍କ ସହାୟତାରେ ଦୀର୍ଘଦିନର ଚେଷ୍ଟା ପରେ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକଜନିତ ଦୁଶ୍ଚିନ୍ତା ବଢ଼ିପାରେ। ପରିଶ୍ରମ କିମ୍ବା ଭ୍ରମଣଜନିତ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା**
ଦୀର୍ଘଦିନର ସମ୍ପର୍କର ସୂତ୍ର ଛିନ୍ନହେବାର ସୂଚନା ପ୍ରତି ସାବଧାନ ରହିବା ଭଲ। ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳକ୍ଷେପଣ ନୀତି ହେତୁ ସଫଳତା ପାଇବା କଷ୍ଟକର ହେବ। କେତେକ କ୍ଷେତ୍ରରେ ମନଦେଇ କାମକଲେ ତାକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି।

**ବିଛା**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲାକରି ବିଜୟୀ ହେବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂଆ ପଦକ୍ଷେପ ଗ୍ରହଣକରି ଉପକୃତ ହେବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ଉଦାର ମନୋଭାବ ପୋଷଣକଲେ ମଧ୍ୟ ବନ୍ଧୁଙ୍କ ଚିନ୍ତାଧାରାକୁ ବଦଳାଇବା ସମ୍ଭବପର ହେବ ନାହିଁ। ଯେତେ ଆଗୁଆ ପଦକ୍ଷେପ ଗ୍ରହଣକଲେ ମଧ୍ୟ ମାନସିକ ସୁସ୍ଥତା ଫେରିପାଇବା କଷ୍ଟକର ହେବ। ନୂଆ ଯୋଜନାଟିରେ ଖର୍ଚ୍ଚାନ୍ତ ଓ ହଇରାଣ ହେବାକୁ ପଡ଼ିପାରେ। ପରିବହନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର**
ଭୁଲ୍ ବୁଝାମଣା ହେତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟିହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ତୀର୍ଥାଟନରେ କିମ୍ବା ବାହାର ଜାଗାରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇପାରନ୍ତି।

**କୁମ୍ଭ**
କାର୍ଯ୍ୟକ୍ଷେତ୍ରରେ ନିଜ ଲୋକଙ୍କ କାର୍ଯ୍ୟକଳାପ ନେଇ ବିବ୍ରତ ହୋଇପାରନ୍ତି। କୌଣସି ବନ୍ଧୁଙ୍କ ମାଧ୍ୟମରେ ବହୁ ପ୍ରତୀକ୍ଷିତ ଶୁଭ ଖବରଟି ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି।

**ମୀନ**
ଦୀର୍ଘଦିନର ଅଭିଳାଷ ପୂରଣହେବା ସାଙ୍ଗକୁ ଆର୍ଥିକ ଉନ୍ନତିର ମାର୍ଗ ସୁଗମ ହେବ। ଚେଷ୍ଟା କରୁଥିବା କାମ ଆଜି ସମ୍ପନ୍ନ ହେବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସହାୟତାରେ ସାଙ୍ଗଠନିକ କାର୍ଯ୍ୟ, ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

ଆଜି ଅକ୍ଟୋବର ୨୮ ତାରିଖ, କାର୍ତ୍ତିକ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର, ଛଟ୍ ବ୍ରତ ଉଦ୍‌ଯାପନ। ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ୦୫।୪୯ ଗତେ, ଘ.୦୬।୩୫ ମଧ୍ୟେ, ଘ.୦୮।୪୦ ଗତେ, ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୦ ଗତେ, ଘ.୦୩।୪୫ ମଧ୍ୟେ ରାହୁକାଳ।

# ଗୋପାଳପୁର ବନ୍ଦର ବର୍ଥରେ ଆନ୍ଧ୍ରର ୪୦ରୁ ଊର୍ଦ୍ଧ୍ୱ ଟ୍ରଲର



ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ରରେ ଫସି ରହିଥିବା ଟ୍ରଲର।

## ସମୁଦ୍ର ମଝିରେ ଫସି ରହିଥିଲା

ଛତ୍ରପୁର,୨୭।୧୦
(ଦିଲୀପ ସାମଲ)

ବାତ୍ୟା 'ମୋନ୍ଥା' ପ୍ରଭାବରେ ଗଞ୍ଜାମ ଜିଲାରେ ସମୁଦ୍ର ଅଶାନ୍ତ ରହିଛି। ସୋମବାର ଅପରାହ୍ନରେ ଛତ୍ରପୁରର ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ରରେ ଆନ୍ଧ୍ରର ୪୦ରୁ ଊର୍ଦ୍ଧ୍ୱ ଟ୍ରଲର ଫସି ରହିଥିବା ଦେଖାଯାଇଥିଲା। ଆନ୍ଧ୍ର ବିଶାଖାପାଟଣା ଓ କାକିନାଡ଼ା ଅଞ୍ଚଳର ଏସବୁ ଟ୍ରଲରଗୁଡିକ ସମୁଦ୍ର ଅଶାନ୍ତ ଥିବାରୁ ଆଗକୁ ଯାଇପାରୁ ନ ଥିଲା। ସେଥିରେ ଥିବା ମତ୍ସ୍ୟଜୀବୀମାନେ ସହାୟତା ଚାହିଁଥିଲେ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କ ନିକଟକୁ କୋଷ୍ଟଗାର୍ଡମାନେ ଯାଇ ଗୋପାଳପୁର ବର୍ଥକୁ ଲଙ୍ଗର ପକାଇ ସୁରକ୍ଷିତ ଭାବେ ଆଣିଛନ୍ତି। ରାତି ୮ଟା ସୁଦ୍ଧା ୪୦ଟି ଟ୍ରଲର ଆସିଥିବା ବେଳେ ଫସି ରହିଥିବା ଆହୁରି ଟ୍ରଲର ଗୋପାଳପୁର ବର୍ଥକୁ ଆସିବ ବୋଲି ସୂଚନା ମିଳିଛି। ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀମାନଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯାଉଛି।

# ବାତ୍ୟା ପାଇଁ ଟ୍ରେନ ବାତିଲ, ପରିବର୍ତ୍ତନ

## ରେଳଯାତ୍ରୀଙ୍କ ପ୍ରତି ଶୂନ୍ୟ ବିପଦ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୭।୧୦
(ଅନୁରାଧା ମହାରଣା)

ବାତ୍ୟା ପାଇଁ ଯାତ୍ରୀ ସୁରକ୍ଷାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ବିଭିନ୍ନ ରେଳ ମଣ୍ଡଳ ଅନ୍ତର୍ଗତ ଅଞ୍ଚଳ ଏବଂ ସଂପୃକ୍ତ ରୁଟ୍‌ରେ ଚଳାଚଳ କରୁଥିବା ବହୁ ଯାତ୍ରୀବାହୀ ଟ୍ରେନର ବାତିଲ, ପରିବର୍ତ୍ତନ ଏବଂ ସଂକ୍ଷିପ୍ତ ଅବଧି ଘୋଷଣା କରାଯାଇଛି। ୱାଲ୍ଟେୟାର ରେଳମଣ୍ଡଳ ଅଧୀନରେ ୩୨ ଟ୍ରେନ୍ ବାତିଲ କରାଯାଇଥିବାବେଳେ ୨ଟି ଟ୍ରେନର ମାର୍ଗ ପରିବର୍ତ୍ତନ କରାଯାଇଛି। ସେହିପରି ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଅଧୀନରେ ୬ଟି ଟ୍ରେନ୍ ବାତିଲ ରହିଛି। ପୂର୍ବତଟ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ ବି. ଶ୍ରୀକୃଷ୍ଣ ରାଜକୁମାର ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ସେ ଯାତ୍ରୀଙ୍କ ପ୍ରତି ଶୂନ୍ୟ ବିପଦ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ସମସ୍ତ କ୍ଷେତ୍ର ୟୁନିଟକୁ ସର୍ବାଧିକ ସତର୍କତା ନଜରରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘୂର୍ଣ୍ଣିଝଡ଼ ପ୍ରଭାବ ପରେ ଟ୍ରାକ, ସିଗନାଲିଂ ସିଷ୍ଟମ, ଓଭରହେଡ଼ ଏବଂ ବିଦ୍ୟୁତ୍ ଭିତ୍ତିଭୂମି ତୁରନ୍ତ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଦଳଗୁଡ଼ିକୁ ନିୟୋଜିତ କରାଯାଇଛି। ରେଳ ପରିସର ନିକଟରେ ସମସ୍ତ ହୋର୍ଡିଂ, ଲୁଜ ସିଟ୍ ଏବଂ ନିର୍ମାଣ ସାମଗ୍ରୀକୁ ସୁରକ୍ଷିତ ରଖାଯାଇଛି। ବାଧା ଏଡାଇବା ପାଇଁ ରେଳ ଟ୍ରାକ ନିକଟରେ ଥିବା ଗଛଗୁଡ଼ିକୁ କଟାଯାଉଛି। ସୁଗମ ଜଳ ନିଷ୍କାସନ ମାର୍ଗ ପାଇଁ ଡ୍ରେନେଜ ଲାଇନ ସଫା କରି ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକୁ କଡ଼ାକଡ଼ି ତଦାରଖ କରାଯାଉଛି। ସମସ୍ତ ଡିଭିଜନାଲ ମୁଖ୍ୟାଳୟରେ ୨୪ ଘଣ୍ଟିଆ ନିରୀକ୍ଷଣ ଏବଂ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ପାଣିପାଗ ବିଭାଗ ସହିତ ନିରନ୍ତର ସମନ୍ୱୟ ରଖି ତୁରନ୍ତ ପଦକ୍ଷେପ ପାଇଁ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନଗୁଡ଼ିକରେ ପୁନରୁଦ୍ଧାର ଦଳ ଓ ରିଲିଫ ସାମଗ୍ରୀ ପ୍ରସ୍ତୁତ ରଖାଯାଇଛି। ଫସି ରହିଥିବା ଯାତ୍ରୀଙ୍କ ପାଇଁ ପ୍ରମୁଖ ଷ୍ଟେଶନଗୁଡ଼ିକରେ ଖାଦ୍ୟ, ପାଣି ଏବଂ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି। ଟିକଟ ରିଫଣ୍ଡ ପାଇଁ ଅତିରିକ୍ତ କାଉଣ୍ଟର ଖୋଲାଯାଇଛି ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ହେଲ୍ପ ଡେସ୍କ ମଧ୍ୟ କାର୍ଯ୍ୟ କରୁଛି। ଯାତ୍ରୀମାନଙ୍କୁ ନ୍ୟାଶନାଲ ଟ୍ରେନ ଇନକ୍ୱିରୀ ସିଷ୍ଟମ, ଆଇଆର୍‌ସିଟିସି ୱେବ୍‌ସାଇଟ ମାଧ୍ୟମରେ ଟ୍ରେନ ଚାଳନ ଅପ୍‌ଡେଟ ଯାଞ୍ଚ କରିବାକୁ କିମ୍ବା ଯାତ୍ରା ଆରମ୍ଭ କରିବା ପୂର୍ବରୁ ନିକଟତମ ରେଳପଥ ହେଲ୍ପଲାଇନ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ଜିଲାପାଳ, ଏସ୍‌ପିଙ୍କ ବିରୋଧରେ ସିଇଓଙ୍କୁ ବିଜେଡିର ଫେରାଦ

ଭୁବନେଶ୍ୱର,୨୭।୧୦
(ରବିନାରାୟଣ ଜେନା)

ଭାଜପା କର୍ମକର୍ତ୍ତାଙ୍କୁ ସମର୍ଥନ କରିବା ସହିତ ବିଜେଡି କର୍ମୀଙ୍କ ଉପରେ ନୂଆପଡ଼ା ଜିଲାପାଳ ଓ ଏସ୍‌ପି ଚାପ ପ୍ରୟୋଗ କରୁଥିବା ନେଇ ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଫେରାଦ ହୋଇଛି। ସୋମବାର ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସିଇଓ ଆର୍. ସନ୍ଥ ଗୋପାଳନଙ୍କୁ ଭେଟି ଅଭିଯୋଗ କରିଛନ୍ତି, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ଓ ନୂଆପଡ଼ା ଏସ୍‌ପି ଅମ୍ରିତପାଲ ସିଂ ନିଜ ସରକାରୀ ପଦବୀର ଅପବ୍ୟବହାର କରୁଛନ୍ତି। ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ମୁକ୍ତ ଓ ଅବାଧ ନିର୍ବାଚନ ଲାଗି ବିଜେଡି ପକ୍ଷରୁ ଦାବି ହୋଇଛି। ବିଜେଡି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ମୁଖପାତ୍ର ଡ. ଲେନିନ୍ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ସମ୍ଭାବ୍ୟ ଭୂସ୍ଖଳନର ମୁକାବିଲା ପାଇଁ ପ୍ରସ୍ତୁତ: ଅଗ୍ନିଶମ ଡିଜି

ଭୁବନେଶ୍ୱର,୨୭।୧୦
(ସତ୍ୟଜିତ ରାଉତ)

### ୮ ଜିଲାରେ ୧୨୮ ଟିମ୍ ମୁତୟନ

ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ରହ୍ମପୁର ଆର୍‌ଡିସି ସର୍କଲ ଅନ୍ତର୍ଗତ ୮ଟି ଜିଲାରେ ଅଗ୍ନିଶମ ବିଭାଗ ପକ୍ଷରୁ ୧୨୮ଟି ଦଳ ମୁତୟନ କରାଯାଇଛି। ସନ୍ଧ୍ୟା ହେଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ତେବେ ବର୍ଷା ଅଧିକ ହେବାର ଥିବାରୁ ପାହାଡ଼ିଆ ଅଞ୍ଚଳରେ ମାଟି ଅତଡ଼ା ଖସିବାର ସମ୍ଭାବନା ରହିଛି, ଏନେଇ ଅଗ୍ନିଶମ ବିଭାଗ ସଜାଗ ରହିଛି। ଏ ସମ୍ପର୍କରେ ସୋମବାର ଖବରଦାତା ସମ୍ମିଳନୀରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ବାତ୍ୟା ମୋନ୍ଥା ଦକ୍ଷିଣବର୍ତ୍ତୀ ଜିଲାଗୁଡ଼ିକରେ ବେଶି ପ୍ରଭାବିତ କରିବ। ହେଲେ ପୂର୍ବଘାଟ ପର୍ବତମାଳା ପାଇଁ ଏହାର ପ୍ରଭାବ କମ୍ ପଡ଼ିପାରେ। ବାତ୍ୟା ପାଇଁ କିଛି ଜାଗାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସୂଚନା ରହିଛି। ଏଥର ଭୂସ୍ଖଳନକୁ ମୁକାବିଲା କରିବା ଆମ ପାଇଁ ଆହ୍ୱାନ ରହିବ। ଗଜପତି ଜିଲାର ଆର୍ ଉଦୟଗିରି, ଗୁମ୍ମା, ମୋହନା, ରାୟଗଡ଼ ବ୍ଲକରେ ମାଟି ଅତଡ଼ା ଖସିବାର ଆଶଙ୍କା ରହିଛି। ମାଲକାନଗିରି ଜିଲା ଖଇରପୁଟ, ମୁଦୁଲିପଡ଼ା, ବଣ୍ଡାଘାଟିରେ ମଧ୍ୟ ଭୂସ୍ଖଳନ ହେବାର ଆଶଙ୍କା ରହିଛି। ସେହିପରି ଚିତ୍ରକୋଣ୍ଡା, ଥୁଆମାଳରାମପୁର, କଳିଙ୍ଗାଘାଟି, ଦାରିଙ୍ଗିବାଡ଼ି, ସୋରଡ଼ାରେ ମାଟି ଅତଡ଼ା ଖସିବାର ଆଶଙ୍କା ରହିଛି। ତେବେ ପାହାଡ଼ ପାଦ ଦେଶରେ ଥିବା ଲୋକମାନେ ଆଶ୍ରୟସ୍ଥଳକୁ ଚାଲିଯିବାକୁ ଅଗ୍ନିଶମ ଡିଜି ଅନୁରୋଧ କରିଛନ୍ତି। କୌଣସି ସମସ୍ୟା ହେଲେ ଲୋକମାନେ ପ୍ରଶାସନର ସହଯୋଗ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଡିଜି ଆହୁରି କହିଛନ୍ତି ଯେ, ହଠାତ୍ ଅଧିକ ବର୍ଷା ହୋଇ ପାଣି ଅଧିକ ଆସିଲେ, ଲୋକମାନଙ୍କୁ ଉଦ୍ଧାର କରିବାକୁ ଯଥେଷ୍ଟ ପରିମାଣରେ ଡଙ୍ଗା ରହିଛି। ଅତ୍ୟାବଶ୍ୟକ ଅନୁଷ୍ଠାନଗୁଡ଼ିକରେ ପାଣି ଜମିଲେ, ପମ୍ପ ଯୋଗେ ଜଳ ନିଷ୍କାସନ କରିବାକୁ ଗୁରୁତ୍ୱ ଦିଆଯିବ। ତେବେ ପବନରେ ଗଛ ଭାଙ୍ଗିବା ଦ୍ୱାରା ରାସ୍ତା ଅବରୋଧ ହେଲେ, ତୁରନ୍ତ ଗଛକୁ କାଟି ରାସ୍ତା ସଫା କରିବାକୁ ପ୍ରାଥମିକତା ଦିଆଯିବ। ସେହିପରି ସମୁଦ୍ର ଭିତରକୁ ଲୋକମାନଙ୍କୁ ନ ଛାଡିବାକୁ ପୁରୀରେ କାମ କରୁଥିବା ୧୦୦ ଜଣ ଲାଇଫ୍‌ଗାର୍ଡମାନଙ୍କୁ ପରାମର୍ଶ ଦିଆଯାଇଛି। ବିଶେଷ କରି ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରିର କିଛି ଅଞ୍ଚଳରେ ଭୂସ୍ଖଳନର ମୁକାବିଲା ପାଇଁ ବେଶି ଗୁରୁତ୍ୱ ଦିଆଯାଇଛି। ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ଥିବା ଅଗ୍ନିଶମ ଡିଜି କହିଛନ୍ତି।

# ସରକାରଙ୍କୁ ସହଯୋଗ କରିବେ ଭାଜପା କାର୍ଯ୍ୟକର୍ତ୍ତା: ମନମୋହନ

ଭୁବନେଶ୍ୱର,୨୭।୧୦
(ରବିନାରାୟଣ ଜେନା)



ମନମୋହନ ସାମଲ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ 'ମୋନ୍ଥା' ଭୀଷଣ ବାତ୍ୟା ରୂପ ନେଇ ୨୮ ତାରିଖ ମଧ୍ୟରାତ୍ରିରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ଭୟଭୀତ ନ ହୋଇ ଧୈର୍ଯ୍ୟର ସହ ବାତ୍ୟା ସ୍ଥିତିର ମୁକାବିଲା ପାଇଁ ଓଡ଼ିଶାବାସୀଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭାଜପା କାର୍ଯ୍ୟକର୍ତ୍ତାମାନେ ସମ୍ପୂର୍ଣ୍ଣ ସେବା ଓ ସମର୍ପଣ ମନୋଭାବ ନେଇ ଉଦ୍ଧାର ଓ ସହାୟତା କାର୍ଯ୍ୟରେ ସାମିଲ ହେବେ। ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବାତ୍ୟାବେଳେ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତାମାନେ ସହାୟତା କରିବାକୁ ମନମୋହନ ପରାମର୍ଶ ଦେଇଛନ୍ତି।

# କଳିଙ୍ଗା ଘାଟି ରାସ୍ତା ସିଲ୍




ପୂର୍ତ୍ତ ଡାକବଙ୍ଗଳାଠାରେ ମୁତୟନ ହୋଇଥିବା ଫୋର୍ସ।

ଜି.ଉଦୟଗିରି,୨୭।୧୦(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନେଇ କନ୍ଧମାଳ ଜିଲା କଳିଙ୍ଗା ଘାଟି ରାସ୍ତାକୁ ଜିଲାପାଳ ବେଦଭୂଷଣ ୩ ଦିନ ପାଇଁ ସିଲ୍ କରିଦେଇଥିବା ଜଣାପଡ଼ିଛି। ଗତ ମାସରେ ଘାଟିରେ ଭୂସ୍ଖଳନ ଯୋଗୁ ରାସ୍ତା ନଷ୍ଟ ହୋଇ ଦୀର୍ଘ ଦିନ ହେଲା ବନ୍ଦ ରହିଛି। ଜାତୀୟ ରାଜପଥ ବିଭାଗ ରାସ୍ତା ନିର୍ମାଣ ଜାରି ରଖିଛି। ତେବେ ଘାଟି ମଝିରେ ଶ୍ରମିକମାନେ ରହି କାମ କରୁଥିଲେ। ସ୍ଥାନୀୟ ଅଞ୍ଚଳରେ ସୋମବାର ପୂର୍ବାହ୍ନରେ ପାଗ ଶୁଖିଲା ଥିବା ବେଳେ ଅପରାହ୍ନ ୪ଟା ପରେ କେତେକ ସ୍ଥାନରେ ବର୍ଷା ହୋଇଥିଲା। ଏହାକୁ ଜିଲା ପ୍ରଶାସନ ଗୁରୁତର ସହ ନେଇ ସମସ୍ତ ଶ୍ରମିକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ପରେ ଉକ୍ତ ରାସ୍ତାକୁ ୩ ଦିନ ପାଇଁ ସିଲ୍ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଇଆଇସି ବିଜୟ ସ୍ୱାଇଁଙ୍କ ନେତୃତ୍ୱରେ କଳିଙ୍ଗା ଘାଟି ପୂର୍ବରୁ ଥିବା ପୂର୍ତ୍ତ ଡାକବଙ୍ଗଳାଠାରେ ଫୋର୍ସ ମୁତୟନ ରହିଥିବା ଦେଖିବାକୁ ମିଳିଛି।

# ରାଜୁ ଢୋଲକିଆ କାହାର: କଂଗ୍ରେସ

ଭୁବନେଶ୍ୱର,୨୭।୧୦
(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ ଏକ ବିଚିତ୍ର ରାଜନୈତିକ ପରିସ୍ଥିତି ସୃଷ୍ଟି ହୋଇଛି। ଭାଜପା ଓ ବିଜେଡି ଉଭୟଙ୍କ ପୋଷ୍ଟରରେ ସ୍ୱର୍ଗତ ବିଧାୟକ ରାଜୁ ଢୋଲକିଆଙ୍କ ଫଟୋ ବ୍ୟବହାର ହେଉଛି। ପ୍ରକୃତରେ ସ୍ୱର୍ଗତ ରାଜୁ ଢୋଲକିଆ କାହାର ବୋଲି କଂଗ୍ରେସ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ପ୍ରଶ୍ନ କରିଛି।

କଂଗ୍ରେସ ଭବନରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜଗନ୍ନାଥ କହିଛନ୍ତି, ନୂଆପଡ଼ାବାସୀ ଭାଜପା–ବିଜେଡିର ଏହି ଚତୁରତାକୁ ବୁଝିପାରୁ ନାହାନ୍ତି। ବିଜେଡିରେ ଥିବା ସ୍ୱର୍ଗତ ରାଜୁ ଢୋଲକିଆଙ୍କ ପୁତ୍ରଙ୍କୁ ଭାଜପା ପ୍ରାର୍ଥୀ କରିଥିବାରୁ ଦଳରେ ଘୋର ଅସନ୍ତୋଷ ଦେଖାଦେଇଛି। ଦଳୀୟ କର୍ମୀ ସହଯୋଗ କରୁ ନ ଥିବାରୁ ଛତିଶଗଡ଼ ନେତାଙ୍କୁ ଆଣି ପ୍ରଚାର କରୁଛି ଭାଜପା। ସେମାନେ କ'ଣ ଏଥର ଭୋଟ ଦେବେ କି ବୋଲି ଜଗନ୍ନାଥ ପ୍ରଶ୍ନ କରିଛନ୍ତି। ଏହି ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି ଓ ନଳିନୀକାନ୍ତ ନାୟକ ଉପସ୍ଥିତ ଥିଲେ।

# ବଦଳିଯାଇଛି ପୁରୁଣା ସ୍ଥିତି

## ନୂଆପଡ଼ା ଉପନିର୍ବାଚନ

### ଏପଟ ସେପଟ ହୋଇଯାଇଛନ୍ତି ନେତା

ନୂଆପଡ଼ା,୨୭।୧୦
(ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବାବେଳେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରଚାର ଜୋରଦାର କରିବା ସହିତ କର୍ମୀ ସମାବେଶ, ସଭା ସମିତି ଓ ମିଶ୍ରଣ ପର୍ବ କରି ମତଦାତାଙ୍କ ବିଶ୍ୱାସ ଭାଜନ ହେବାରେ ଲାଗିଛନ୍ତି। ଭାଜପାର ଜୟ ଢୋଲକିଆ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସର ଘାସିରାମ ମାଝି ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଦଶନ୍ଧି ଧରି ବିଜେଡିର ଗଡ ଥିବା ନୂଆପଡ଼ାରେ କିନ୍ତୁ ଏବେ ଅନେକ ପରିବର୍ତ୍ତନ ଘଟିଛି। ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗ ପରେ ତାଙ୍କ ପୁଅ ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ନୂଆପଡ଼ା ଓ କୋମନା ବ୍ଲକ ସହିତ ନୂଆପଡ଼ା ଓ ଖରିଆର ରୋଡ ଏନ୍‌ଏସି ରହିଛି। ତେବେ ନୂଆପଡ଼ା ବ୍ଲକର ମତଦାତାଙ୍କ ଉପରେ ସବୁବେଳେ ରାଜନୈତିକ ଦଳର ନେତୃବୃନ୍ଦଙ୍କ ନଜର ରହିଥାଏ। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ପ୍ରାୟ ୧୦,୮୮୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ନୂଆପଡ଼ା ବ୍ଲକରୁ ମଧ୍ୟ ସେ ଅଧିକ ଭୋଟ ପାଇଥିଲେ। ନୂଆପଡା ବ୍ଲକ ୩୧ ପଞ୍ଚାୟତକୁ ନେଇ ଗଠିତ। ବ୍ଲକରେ ୩ଟି ଜିଲା ପରିଷଦ ଜୋନ ରହିଛି। ଗତ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ନୂଆପଡ଼ା ବ୍ଲକରୁ ସର୍ବାଧିକ ୨୩ହଜାର ୮୫୮ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ଭାବେ ଲଢିଥିବା କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ତଥା ବର୍ତ୍ତମାନର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ୨୩ ହଜାର ୪୨୨ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଭାଜପା ପ୍ରାର୍ଥୀ ଯୁବ ନେତା ଅଭିନନ୍ଦନ ପଣ୍ଡା ୨୦ ହଜାର ୩୩୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ସେହି ସମୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଥିଲେ ମଧ୍ୟ ମାତ୍ର ୬ ହଜାର ୩ଶହ ଭୋଟ ଏହି ବ୍ଲକରୁ ପାଇଥିଲେ। ଶରତ ବଲାଙ୍ଗୀର ଜିଲାର ଅଧିବାସୀ ହୋଇଥିବାରୁ ମତଦାତା ତାଙ୍କୁ ଭରସା କରି ନ ଥିଲେ।

ଗତ ନିର୍ବାଚନରେ ସ୍ଥାନୀୟ ନେତାମାନେ ଯେଉଁ ଦଳରେ ଥିଲେ ଏବେ କିନ୍ତୁ ଅନେକ ଦଳ ପରିବର୍ତ୍ତନ କରିଛନ୍ତି। ତେଣୁ ସାଧାରଣ ମତଦାତା ଦ୍ୱନ୍ଦ୍ୱରେ ଅଛନ୍ତି। ନୂଆପଡ଼ା ବ୍ଲକର ତିନୋଟି ଜିଲା ପରିଷଦ ଜୋନରୁ ଜୋନ ନଂ.୭ରେ ବିଜେଡିର ଉମା ଠାକୁର, ଜୋନ ୮ରେ ବିଜେଡିର ଭାନୁପ୍ରତାପ ସିଂ ମାଝୀ ଏବଂ ଜୋନ ୯ରେ କଂଗ୍ରେସର ଭରତ ଲାଲ ରାଉତ ଜିଲା ପରିଷଦ ସଭ୍ୟ ଅଛନ୍ତି। ଗତ ବିଧାନସଭା ନିର୍ବାଚନରେ ଉମା ଠାକୁର ବିଜେଡି ପାଇଁ କାମ କରୁଥିବାବେଳେ ଏବେ ମଧ୍ୟ ସେ ବିଜେଡିରେ ଅଛନ୍ତି। ସେହିପରି ଭରତ ଲାଲ ରାଉତ ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଥିବା ବେଳେ ଚଳିତଥର ମଧ୍ୟ ଦଳ ସପକ୍ଷରେ କାମ କରୁଛନ୍ତି। ଭରତ ଲାଲ ଏବେ ଯାଦବ ସମାଜ ଜିଲା ସଭାପତି ଅଛନ୍ତି। ଯାଦବ ଭୋଟକୁ କଂଗ୍ରେସ ସପକ୍ଷରେ ନେବା ପାଇଁ ସେ ଚେଷ୍ଟା କରୁଛନ୍ତି। ମାତ୍ର ଭାନୁ ପ୍ରତାପ ସିଂ ମାଝୀ ଗତ ନିର୍ବାଚନରେ ବିଜେଡିକୁ ସମର୍ଥନ ନ କରି ସ୍ୱାଧୀନ ପ୍ରାର୍ଥୀ ଘାସିରାମଙ୍କୁ ପରୋକ୍ଷ ସମର୍ଥନ କରିଥିଲେ। ତେଣୁ ଦଳ ତାଙ୍କୁ ବହିଷ୍କାର କରିଥିଲା। ଏବେ କିନ୍ତୁ ବିଜେଡି ଭାନୁପ୍ରତାପଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିବା ପରେ ସେ ଦଳକୁ ଫେରିଛନ୍ତି। ତାଙ୍କ ମାଧ୍ୟମରେ ଆଦିବାସୀ ଭୋଟ ହାତେଇବା ପାଇଁ ବିଜେଡି ଲକ୍ଷ୍ୟ ରଖିଛି। ଭାନୁପ୍ରତାପଙ୍କ ଆଦିବାସୀ ସମାଜ ଉପରେ ବେଶ ପ୍ରଭାବ ଥିବା ବେଳେ ତାଙ୍କୁ ନେଇ ବିଜେଡ଼ି ଅନେକ କିଛି ଆଶା ରଖିଛି। ସେହିପରି ବର୍ତ୍ତମାନ ବ୍ଲକ ଅଧ୍ୟକ୍ଷା ଥିବା ତାରେଶ୍ୱରୀ ସାହୁ ଗତ ନିର୍ବାଚନରେ ବିଜେଡିକୁ ସମର୍ଥନ କରିଥିଲେ। ସେ ରାଜେନ୍ଦ୍ର ଢୋଲକିଆଙ୍କ ଏକାନ୍ତ ଅନୁଗତ ଥିବାରୁ ଗତ ଅକ୍ଟୋବର ୧୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୂଆପଡ଼ା ଗସ୍ତ ସମୟରେ ବିଜେଡି ଛାଡ଼ି ସମର୍ଥକଙ୍କ ସହିତ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳ କର ମଧ୍ୟ ପୂର୍ବରୁ ବିଜେଡିରେ ଥିବା ବେଳେ ସେ ଏବେ ଭାଜପାରେ ଅଛନ୍ତି। ଏହା ସହିତ ବ୍ଲକର ୩୧ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରୁ ଅଧିକାଂଶ ଗତ ନିର୍ବାଚନରେ ବିଜେଡିରେ ଥିବା ବେଳେ ଏବେ ଜୟଙ୍କ ପଛେପଛେ ଭାଜପାକୁ ଚାଲିଯାଇଛନ୍ତି। ସେହିପରି ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଘାସିରାମଙ୍କୁ ସମର୍ଥନ ଦେଇଥିବା ଭାନୁପ୍ରତାପ ଓ ବିହାରିଲାଲ ବିଶ୍ୱାଳ ଏବେ କିନ୍ତୁ ତାଙ୍କୁ ସମର୍ଥନ ନ କରି ବିଜେଡିକୁ ସମର୍ଥନ ଦେଉଥିବା ଦେଖିବାକୁ ମିଳୁଛି। ବିଶିଷ୍ଟ ଆଦିବାସୀ ନେତା ଭକ୍ତ ବନ୍ଧୁ ଧରୁଆ ଗତ ନିର୍ବାଚନରେ ଘାସିରାମଙ୍କୁ ସମର୍ଥନ କରିଥିବା ବେଳେ ଏବେ କିନ୍ତୁ ସେ ନିଜେ ବିଧାୟକ ପ୍ରାର୍ଥୀ ହୋଇ ନର୍ବାଚନ ଲଢୁଛନ୍ତି। ଅପରପକ୍ଷରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଅଭିନନ୍ଦନଙ୍କୁ ଯେଉଁମାନେ ସମର୍ଥନ କରିଥିଲେ ଏବେ ସେମାନେ ଜୟଙ୍କୁ ସହଜରେ ଗ୍ରହଣ କରିପାରୁ ନ ଥିଲେ ମଧ୍ୟ ଭାଜପାର ସଭା, ସମିତିକୁ ଯିବା ସହିତ ଦଳ ପାଇଁ କାମ କରୁଥିବା ଦେଖିବାକୁ ମିଳୁଛି। ତେଣୁ ନୂଆପଡ଼ା ବ୍ଲକରେ ଚଳିତ ଉପନିର୍ବାଚନରେ ସମୀକରଣ ଭିନ୍ନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

## ଜାତିଭିତ୍ତିକ ଭୋଟକୁ ପ୍ରମୁଖ ଦଳର ପ୍ରାଧାନ୍ୟ

ନୂଆପଡ଼ା,୨୭।୧୦
(ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ଗୁରୁତ୍ୱ ଦେଇ ଜାତିଭିତ୍ତିକ ଭୋଟକୁ ପ୍ରାଧାନ୍ୟ ଦେଉଛନ୍ତି। ସବୁଠାରୁ ବଡ଼ ଭୋଟ ଆଦିବାସୀମାନଙ୍କର ଥିବାବେଳେ ଏବେ ଏସ୍‌ସି ଓ ଓବିସି ଭୋଟ ଉପରେ ନେତା ବିଶେଷ ଧ୍ୟାନ ଦେଉଛନ୍ତି। ଏହି ଜାତିଭିତ୍ତିକ ଭୋଟ ହାତେଇବା ପାଇଁ ପ୍ରମୁଖ ଦଳ ସେହି ଜାତିର ଟାଣୁଆ ନାତାମାନଙ୍କୁ ନିଜ ସପକ୍ଷକୁ ଟାଣୁଛନ୍ତି। ଭାଜପା ଓବିସି ଭୋଟ ହାତେଇବା ପାଇଁ ବିଜେଡିରେ ତିନିଥର ପ୍ରାର୍ଥୀ ହୋଇଥିବା ଟାଣୁଆ ନେତା ତଥା ଉତ୍କଳ ଯାଦବ ମହାସଂଘର ସଚିବଙ୍କୁ ନିଜ ସପକ୍ଷରେ ନେବା ସହ ବିଜେଡିରୁ କ୍ଷମାସିଂ ନିଆଲ, ବରିଷ୍ଠ ଆଇନଜୀବୀ ଧନୀରାମ ସାହୁ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର ସମେତ ବିଭିନ୍ନ ପଞ୍ଚାୟତର ଓବିସି ବର୍ଗର ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଓ ବର୍ତ୍ତମାନର ସରପଞ୍ଚ, ସମିତି ସଭ୍ୟମାନଙ୍କୁ ନିଜ ସପକ୍ଷକୁ ଟାଣି ନେଇଛନ୍ତି। ସେମାନେ ଓବିସି ଭୋଟ ହାତେଇବା ପାଇଁ ଗାଁ ଗାଁ କ୍ୟାମ୍ପେନ କରୁଛନ୍ତି। ସେହିପରି କଂଗ୍ରେସ ଦଳରେ ଯାଦବ ସମାଜର ଜିଲା ସଭାପତି ଭରତ ଲାଲ ରାଉତ, କପିଳେନ୍ଦ୍ର ଯାଦବ ଓବିସି ଭୋଟରଙ୍କ ପାଖକୁ ଯାଇ ଭୋଟ ସାଉଁଟିବାରେ ଲାଗିଛନ୍ତି। ବିଜେଡିରେ ଥିବା ଓବିସି ଟାଣୁଆ ନେତାମାନେ ଦଳ ଛାଡି ଅନ୍ୟ ଦଳକୁ ଚାଲିଯିବାରୁ ବରଗଡ ଜିଲାରୁ ଯାଦବ ସମାଜ ଜିଲା ସଭାପତି ରାଜୁ ଘିବେଲା ଆସି ଓବିସିମାନଙ୍କୁ ପ୍ରବର୍ତ୍ତାଇବାରେ ଲାଗିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରେ ଓବିସି ଭୋଟ ୪୦ ହଜାରରୁ ଊର୍ଦ୍ଧ୍ୱ ରହିଥିବା ବେଳେ ସବୁ ଦଳ ତାଙ୍କ ଉପରେ ନଜର ରଖିଛନ୍ତି। ଓବିସିଙ୍କୁ ପ୍ରଲୋଭନ ଦେଖାଇ ନିଜ ଅକ୍ତିଆରକୁ ନେବା ପାଇଁ ଚେଷ୍ଟା କରୁଛନ୍ତି। ନେତାଙ୍କ ପ୍ରଲୋଭନରେ ଆମେ ଯିବୁ ନାହିଁ। ଯିଏ ଜିଲାର ବିକାଶ ପାଇଁ କାର୍ଯ୍ୟ କରିବ, ସମସ୍ତଙ୍କ ଦୁଃଖସୁଖରେ ସହଭାଗୀ ହେବ ସେଭଳି ପ୍ରାର୍ଥୀଙ୍କୁ ଚୟନ କରି ଭୋଟ ଦେବୁ ବୋଲି ଜଣେ ଓବିସି ଭୋଟର କହିଛନ୍ତି।

ହାର୍ଟ ଭାଲ୍‌ଭରେ ଗୁରୁତର ସଂକୀର୍ଣ୍ଣତା?
TAVI ଫେରାଇ ଆଣେ ଶକ୍ତି ଓ ଜୀବନ

Meril Treatment Zaroori Hai
Issued in public interest, for you and your loved ones, by Meril.



ଡା. ସୁଶାନ୍ତ ପ୍ରଧାନ
ସିନିୟର ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ, ଉତ୍କଳ ହସ୍ପିଟାଲ ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ଅନେକ ରୋଗୀଙ୍କ ସଂସ୍ପର୍ଶରେ ଆସିଥାଏ, ବିଶେଷକରି ୭୫ ବର୍ଷରୁ ଅଧିକ ଲୋକ, ଯେଉଁମାନେ ଥକ୍କାପଣ, ଶ୍ୱାସକ୍ରିୟା କିମ୍ବା ଛାତିରେ ଅସୁବିଧା ଅନୁଭବ କରନ୍ତି ଏବଂ ପ୍ରାୟତଃ ସେମାନେ ବାର୍ଦ୍ଧକ୍ୟର ସାଧାରଣ ଲକ୍ଷଣ ଭାବି ଅଣଦେଖା କରିଦିଅନ୍ତି । ଏହି ଲକ୍ଷଣଗୁଡ଼ିକ ଗୁରୁତର ଏଓର୍ଟିକ୍ ଭାଲ୍‌ଭ ସଂକୀର୍ଣ୍ଣତା ହେବାର ସଙ୍କେତ ଦେଇପାରେ, ଯାହା ହୃଦୟର ରକ୍ତକୁ ଫଳପ୍ରଦ ଭାବରେ ପମ୍ପ କରିବାର କ୍ଷମତାକୁ ପ୍ରଭାବିତ କରିଥାଏ । TAVI ମୋତେ ଏକ କ୍ୟାଥେଟର ବ୍ୟବହାର କରି ରୋଗଗ୍ରସ୍ତ ଭାଲ୍‌ଭକୁ ବଦଳାଇବାରେ ସମର୍ଥ କରିଥାଏ, ଯାହା ସାଧାରଣତଃ ଗୋଡର ଧମନୀ ମାଧ୍ୟମରେ ସମ୍ପନ୍ନ ହୋଇପାରିଥାଏ । ଏହି ପ୍ରକ୍ରିୟା ସମ୍ପାଦନ ପରେ ରୋଗୀମାନେ ପ୍ରାୟତଃ ଉନ୍ନତ ଷ୍ଟାମିନା, ସହଜ ଶ୍ୱାସକ୍ରିୟା ଏବଂ ଅଳ୍ପ କିଛିଦିନ ମଧ୍ୟରେ ଦୈନନ୍ଦିନ କାର୍ଯ୍ୟକଳାପରେ ଉନ୍ନତି ଲକ୍ଷ୍ୟ କରିଥାନ୍ତି । ପ୍ରାରମ୍ଭିକ ମୂଲ୍ୟାଙ୍କନ ଏବଂ ସମୟାନୁବର୍ତ୍ତୀ ଉପଚାର ଗୁରୁତର ସ୍ୱାସ୍ଥ୍ୟ ଜଟିଳତାକୁ ପ୍ରତିରୋଧ କରିବା ସହ ସ୍ୱାଧୀନ ଜୀବନଯାପନକୁ ଶୀଘ୍ର ଫେରିବାରେ ଆପଣଙ୍କୁ ସକ୍ଷମ କରିପାରେ ।



ଡା. ବିଭୁତେନ୍ଦ୍ର ମହାନ୍ତି
ସିନିୟର କନ୍‌ସଲଟାଣ୍ଟ, ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ, ଡିପାର୍ଟମେଣ୍ଟ ଅଫ୍ କାର୍ଡିଆକ୍ ସାଇନ୍ସେସ୍, ସମ୍ ଅଲ୍ଟିମେଟ୍ ହସ୍ପିଟାଲ୍ ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ମଧୁମେହ, ବୃକ୍କ ସମସ୍ୟା କିମ୍ବା ଫୁସ୍‌ଫୁସ୍ ବ୍ୟାଧି ପରି ଅତିରିକ୍ତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ରୋଗୀମାନଙ୍କର ଚିକିତ୍ସା ମଧ୍ୟ କରିଥାଏ । ଏପରି କ୍ଷେତ୍ରରେ ପାରମ୍ପରିକ ହସ୍ତକ୍ଷେପମୂଳକ ଚିକିତ୍ସା ଅଧିକ ବିପଦପୂର୍ଣ୍ଣ ହୋଇଯାଇଥାଏ । TAVI ସହିତ, ମୁଁ ହୃଦୟ ଉପରେ ଚାପକୁ କମ୍ କରିବା ସହିତ ନିରାପଦରେ ଭାଲ୍‌ଭର କାର୍ଯ୍ୟକ୍ଷମତାକୁ ପୁନଃ ସ୍ଥାପିତ କରିପାରୁଛି । ପ୍ରକ୍ରିୟା ପରେ, ରୋଗୀମାନେ ଉତ୍ତମ ରକ୍ତ ସଞ୍ଚାଳନ, ଥକ୍କାପଣ ହ୍ରାସ ହେଉଥିବାର ଅନୁଭବ କରନ୍ତି ଏବଂ ଅନ୍ୟାନ୍ୟ ରୋଗକୁ ଅଧିକ ଦକ୍ଷତାର ସହ ପରିଚାଳନା କରିପାରନ୍ତି । ଏହି ଥେରାପି ଉଚ୍ଚ ରିସ୍କ ରୋଗୀମାନଙ୍କ ପାଇଁ ଚିକିତ୍ସାର ବିକଳ୍ପକୁ ରୂପାନ୍ତରିତ କରିଛି, ଯେଉଁମାନଙ୍କର ଆରୋଗ୍ୟ ହେବାର ସମ୍ଭାବନା ପୂର୍ବରୁ ସୀମିତ ଥିଲା, ଏବେ ସେମାନଙ୍କ ପାଇଁ ଶୀଘ୍ର ଆରୋଗ୍ୟ ଓ ସ୍ୱଳ୍ପ ସ୍ୱାସ୍ଥ୍ୟ ଜଟିଳତା ସହ ସୁରକ୍ଷିତ ଓ ଫଳପ୍ରଦ ସମାଧାନ ଉପଲବ୍ଧ ।



ଡା. ଅନୁପମ ଜେନା
ସିନିୟର ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଏବଂ ଇଲେକ୍ଟ୍ରୋଫିଜିଓଲୋଜିଷ୍ଟ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍, ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ପ୍ରାୟତଃ ୫୦ରୁ ୬୫ ବୟସ ବର୍ଗର କାର୍ଯ୍ୟରତ ପ୍ରୌଢ଼ମାନଙ୍କୁ ଭେଟିଥାଏ ଯେଉଁମାନେ ଏହି କଥାକୁ ନେଇ ଚିନ୍ତାବ୍ୟକ୍ତ କରିଥାନ୍ତି ଯେ ଚିକିତ୍ସା ପ୍ରକ୍ରିୟା ସେମାନଙ୍କର କ୍ୟାରିୟର, ପରିବାର ଏବଂ ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରିବ । ଉନ୍ନତ ଇମେଜିଂର ମାର୍ଗଦର୍ଶନ ଅଧୀନରେ କ୍ୟାଥେଟର ମାଧ୍ୟମରେ ଠିକ୍ ଭାବରେ ପରିଚାଳିତ TAVI, ରୋଗୀମାନଙ୍କୁ ଶୀଘ୍ର ସେମାନଙ୍କର କର୍ମଜୀବନକୁ ଫେରିବା ପାଇଁ ଅନୁମତି ଦେଇଥାଏ । ଅନେକ ରୋଗୀ ମାତ୍ର ଅଳ୍ପ କିଛିଦିନ ମଧ୍ୟରେ ଶକ୍ତି, ସହନଶୀଳତା ଏବଂ ଲକ୍ଷଣରୁ ଉପଶମରେ ଉଲ୍ଲେଖନୀୟ ଉନ୍ନତି ଲକ୍ଷ୍ୟ କରିଥାନ୍ତି । ଏହି ଉପଚାର ସେମାନଙ୍କୁ ଉନ୍ନତ ହୃଦୟ କାର୍ଯ୍ୟରୁ ଉପକୃତ ହେବା ସହିତ ଉଭୟ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଦାୟିତ୍ୱକୁ ଜାରି ରଖିବାରେ ସାହାଯ୍ୟ କରେ । ଆଧୁନିକ ହସ୍ତକ୍ଷେପ କିପରି ଭାବେ ଫଳପ୍ରଦ ଢଙ୍ଗରେ ସକ୍ରିୟ ଜୀବନଶୈଳୀ ସହିତ ଏକୀକୃତ ହୁଏ ତାହାର ଏହା ପ୍ରକୃଷ୍ଟ ଉଦାହରଣ ।



ଡା. ଦିବ୍ୟ ରଞ୍ଜନ ବେହେରା
କନ୍‌ସଲଟାଣ୍ଟ କାର୍ଡିଓଲୋଜିଷ୍ଟ, ମଣିପାଲ ହସ୍ପିଟାଲ ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ପୂର୍ବରୁ ହୃଦୟରେ ଅସ୍ତ୍ରୋପଚାର କରାଇଥିବା କିମ୍ବା ଜଟିଳ ହୃଦ୍ ଆନାଟୋମିଧାରୀ ଅନେକ ରୋଗୀଙ୍କୁ ଦେଖିଥାଏ, ଯେଉଁମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାର ଆବଶ୍ୟକତା ରହିଥାଏ । ଉନ୍ନତ ଇମେଜିଂ ବ୍ୟବହାର କରି, ମୁଁ ନିରାପଦରେ ଠିକ୍ ରକ୍ତ ପ୍ରବାହକୁ ପୁନଃ ସ୍ଥାପିତ କରିବା ପାଇଁ ନୂତନ ଭାଲ୍‌ଭକୁ ଯତ୍ନର ସହ ସ୍ଥାପିତ କରେ । TAVI ବିଭିନ୍ନ ଶାରୀରିକ ଗଠନ ଏବଂ ରୋଗୀଙ୍କ ଅବସ୍ଥା ସହିତ ଖାପ ଖୁଆଇପାରିଥାଏ । ଏହି ପ୍ରକ୍ରିୟା ପରେ, ରୋଗୀମାନେ ହୃତ୍‌ପିଣ୍ଡର କାର୍ଯ୍ୟରେ ଉନ୍ନତି ଆସିବା, ଅଣନିଃଶ୍ୱାସୀ ହେବାର ଘଟଣା ହ୍ରାସିତ ହେବା ଏବଂ ସାମଗ୍ରିକ ଶାରୀରିକ ସାମର୍ଥ୍ୟରେ ଉନ୍ନତି ଆସିଥିବାର ସୂଚନା ଦେଇଛନ୍ତି । TAVIର ଖାପ ଖୁଇବାର ସାମର୍ଥ୍ୟ ଚିକିତ୍ସାର ସମ୍ଭାବନାଗୁଡ଼ିକୁ ବିସ୍ତାରିତ କରିଥାଏ ଏବଂ ସୁରକ୍ଷା ତଥା ଫଳାଫଳ ବିଷୟରେ ରୋଗୀ ଓ ସେମାନଙ୍କ ପରିବାରକୁ ଆଶ୍ୱାସନା ପ୍ରଦାନ କରିଥାଏ ।



ଡା. ଜ୍ୟୋତିର୍ମୟ ସାହୁ
କନ୍‌ସଲଟାଣ୍ଟ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ କେୟାର ହସ୍ପିଟାଲ, ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ଏହି କଥାକୁ ମଧ୍ୟ ଜୋର୍ ଦେଇ କହୁଛି ଯେ, TAVI କେବଳ ଭାଲ୍‌ଭ ସମ୍ବନ୍ଧୀୟ ଲକ୍ଷଣରୁ ମୁକ୍ତି ଦିଏ ନାହିଁ ବରଂ ହୃଦୟର ସାମଗ୍ରିକ ଦକ୍ଷତାରେ ମଧ୍ୟ ଉନ୍ନତି ଆଣିଥାଏ । ପୁନଃ ସ୍ଥାପିତ ରକ୍ତ ପ୍ରବାହ ହୃତ୍‌ପିଣ୍ଡ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକ ଉପରେ ଚାପ ହ୍ରାସ କରେ, ଶକ୍ତି ସ୍ତର ଏବଂ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ । ରୋଗୀମାନେ ପ୍ରାୟତଃ ଶାରୀରିକ କ୍ଷମତାରେ ବୃଦ୍ଧି, ଥକ୍କାପଣ ହ୍ରାସ ଏବଂ ଆରାମରେ ଦୈନନ୍ଦିନ କାର୍ଯ୍ୟ କରିବାର କ୍ଷମତା ଲକ୍ଷ୍ୟ କରନ୍ତି । TAVI ଉଚ୍ଚ ରକ୍ତଚାପ କିମ୍ବା କିଡ୍‌ନୀ ସମସ୍ୟା ପରି ସହଯୁକ୍ତ ସ୍ୱାସ୍ଥ୍ୟାବସ୍ଥାର ପରିଚାଳନାକୁ ଅନୁକୂଳତମ କରିବାରେ ସାହାଯ୍ୟ କରେ । ଏହି ଉପଚାର ହୃଦୟର କାର୍ଯ୍ୟକ୍ଷମତାକୁ ସୁଧାରିବା ସହିତ ଏବଂ ସାମଗ୍ରିକ ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସହାୟକ ।



ଡା. ସୂର୍ଯ୍ୟକାନ୍ତ ଜେନା
ଆସୋସିଏଟ୍ ପ୍ରଫେସର (ଇଣ୍ଟରଭେନସନାଲ୍ କାର୍ଡିଓଲୋଜିଷ୍ଟ) କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍, ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ରୋଗୀମାନଙ୍କୁ ସେମାନଙ୍କ ସ୍ୱାଧୀନତା ଫେରିପାଇବା ଏବଂ ଶୀଘ୍ର ସାଧାରଣ ଜୀବନକୁ ଫେରିବା ପାଇଁ ସଶକ୍ତ କରିବାରେ TAVIର ଅବଦାନକୁ ମୁଁ ସ୍ୱୀକାର କରୁଛି । ଡାକ୍ତରଖାନାରେ ରହଣି ସମୟ ସ୍ୱଳ୍ପ ହୋଇଥାଏ, ଆରୋଗ୍ୟଲାଭ ସୁଗମ ହୋଇଥାଏ ଏବଂ ଏହି ପ୍ରକ୍ରିୟା ସମସ୍ତ ବୟସ ବର୍ଗ ଏବଂ ଡାକ୍ତରୀ ପ୍ରୋଫାଇଲକୁ ସୁହାଇଥାଏ । ରୋଗୀମାନେ କ୍ରମାଗତ ଭାବରେ ସହନଶୀଳତା, ଶ୍ୱାସକ୍ରିୟା ଏବଂ ହୃତ୍‌ପିଣ୍ଡ କାର୍ଯ୍ୟରେ ଉନ୍ନତି ଅନୁଭବ କରନ୍ତି, ଯାହାଦ୍ୱାରା ସେମାନେ ଗତିଶୀଳତା, କାର୍ଯ୍ୟ ଏବଂ ସାମାଜିକ କାର୍ଯ୍ୟକଳାପ ପୁନର୍ବାର ଆରମ୍ଭ କରିବାରେ ସମର୍ଥ ହୋଇପାରନ୍ତି । TAVI ଆତ୍ମବିଶ୍ୱାସ, ଶକ୍ତି ଏବଂ ଜୀବନର ଗୁଣବତ୍ତାକୁ ପୁନଃ ସ୍ଥାପିତ କରେ, ଏହା ପ୍ରମାଣ କରେ ଯେ ନ୍ୟୂନତମ ଇନ୍‌ଭେସିଭ୍ ହସ୍ତକ୍ଷେପ ମଧ୍ୟ ଜୀବନରେ ଫଳପ୍ରଦ ଏବଂ ନିରାପଦ ଭାବରେ ପରିବର୍ତ୍ତନ ଆଣିପାରିବ ।

(ଦାବିତ୍ୟାଗ: ଆଲେଖ୍ୟରେ ଅଭିବ୍ୟକ୍ତ କରାଯାଇଥିବା ଦୃଷ୍ଟିକୋଣ/ପ୍ରସ୍ତାବ/ମତାମତ ପାଇଁ ଏକାକୀ ବିଶେଷଜ୍ଞ ଦାୟୀ ଅଟନ୍ତି)

ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭାବ। -ଶ୍ରୀମା

-ଶରଣ ଆରମ୍ଭ



# ଏଆଇରୁ ମରିବାନି

ଘଟଣା ହରିୟାଣା ଫରିଦାବାଦର। ନାୟକ ୧୯ ବର୍ଷ ବୟସ୍କ ରାହୁଲ ଭାରତୀ। ସେ ସ୍ଥାନୀୟ ଡିଏଭି କଲେଜର ଛାତ୍ର। ତିନି ବଡ଼ ଭଉଣୀ ଓ ତାଙ୍କ ଫଟୋକୁ ଅଶ୍ଳୀଳ ରୂପ ଦେଇ କେହି ଜଣେ ରାହୁଲଙ୍କୁ ବାରମ୍ବାର ଧମକାଇବା ଏବଂ ବ୍ଲାକ୍‌ମେଲ୍ କରିବାକୁ ଚେଷ୍ଟା କରୁଥିଲେ। ବାସ୍ତବରେ କୌଣସି ଅଶ୍ଳୀଳ ଚିତ୍ର ଉଠାଯାଇ ନ ଥିଲା। ବ୍ଲାକ୍‌ମେଲ୍ କରୁଥିବା ବ୍ୟକ୍ତି ଅତି ଚତୁରତାର ସହିତ କମ୍ପ୍ୟୁଟର ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ମନଗଢ଼ା ଛବି ସୃଷ୍ଟି କରିପାରିଥିଲେ। ମନେରଖିବାକୁ ହେବ ଯେ ଆଜିର ପୃଥିବୀରେ ଏଆଇ ଅତି ପ୍ରାଥମିକ ଅବସ୍ଥାରେ ଥିବା ସତ୍ତ୍ୱେ ଯେକୌଣସି ବ୍ୟକ୍ତିବିଶେଷର ଶରୀର, ମୁହଁ ଏବଂ ସ୍ୱରକୁ ବ୍ୟବହାର କରାଯାଇ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର, ଅଡିଓ ଏବଂ ଭିଡିଓ ଅତି ସହଜରେ ପ୍ରସ୍ତୁତ କରାଯାଇପାରୁଛି। ଏହା ବର୍ତ୍ତମାନ ଆରମ୍ଭ ମାତ୍ର। ଏହିଭଳି ଏଆଇର ଅପବ୍ୟବହାର କରାଯିବା ଅତ୍ୟନ୍ତ ସହଜ ଓ ଆସନ୍ତା ଦିନଗୁଡ଼ିକରେ ଅଧିକରୁ ଅଧିକ ସହଜ ହୋଇଯିବ। ଏପରିକି ଏବେ ଏଆଇ ଦ୍ୱାରା ସୃଷ୍ଟି କରାଯାଇଥିବା ମହାଭାରତ ଧାରାବାହିକର ବିଜ୍ଞାପନ ଦେଖିବାକୁ ମିଳିଲାଣି। ଏଥିରେ କୌଣସି ମଣିଷ ତାରକାଙ୍କ ପ୍ରୟୋଜନ ରହୁନାହିଁ। ଏଭଳି ପ୍ରଚ୍ଛଦପଟରେ ରାହୁଲଙ୍କ ପ୍ରତିକ୍ରିୟା ଓ ସେଥିରୁ ଆତ୍ମହତ୍ୟାର ନିଷ୍ପତ୍ତି ଅତି ଦୁଃଖଦାୟକ। ଏଭଳି ବି ହୋଇପାରେ ଯେ ଅତି ଭଦ୍ରଲୋକଙ୍କର ଛବିକୁ ନେଇ ତାଙ୍କର କାଳି ସ୍ତ୍ରୀଙ୍କ ପରିବର୍ତ୍ତେ ଜଣେ ସଫା ଯୁବତୀଙ୍କ ସହିତ ଆଲିଙ୍ଗନ କରୁଥିବାର ଛବି ଓ ଭିଡିଓ ପ୍ରସ୍ତୁତ କରାଯାଇପାରିବ। ସେଭଳି ଯୁବତୀ ଓ ମହିଳାମାନଙ୍କ ସମ୍ପର୍କରେ ଅସଭ୍ୟ ଓ ଅରୁଚିକର ଭିଡିଓ ପ୍ରସ୍ତୁତ କରି ପରିବାର ଲୋକଙ୍କୁ ବ୍ଲାକ୍‌ମେଲ କରିବା ଆସନ୍ତା ଦିନଗୁଡ଼ିକରେ ସହଜ ହୋଇଯିବ। ଏଆଇର ମାରାତ୍ମକତା ବଡ଼ବଡ଼ିଆ, ରାଜନେତା, ସିନେମା ତାରକା କିମ୍ବା ଧନଶାଳୀ ବ୍ୟକ୍ତିଙ୍କୁ ଯେତେ କ୍ଷତି ପହଞ୍ଚାଇବ ନାହିଁ, ତା'ଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ ସାଧାରଣ ଯୁବତୀ ଓ ଯୁବକ। ଯେଉଁମାନେ ସମାଜରେ ପ୍ରତିଷ୍ଠିତ ହୋଇନାହାନ୍ତି ଏବଂ ସେମାନଙ୍କ ମନରେ ସବୁବେଳେ ଚିନ୍ତା ଘାରୁଥାଏ 'ଆମ ବିଷୟରେ ଲୋକେ କ'ଣ କହିବେ' ସେମାନେ ଅତ୍ୟଧିକ ମାତ୍ରାରେ ଏଆଇର ଶିକାର ହେବାର ଆଶଙ୍କା ରହିଛି। ପ୍ରତିଷ୍ଠିତ ଲୋକଙ୍କର ପରିବାର ଏବଂ ନିକଟତମ ବ୍ୟକ୍ତି ଅଳ୍ପବହୁତେ ବୁଝିପାରିବେ ଯଦି କୌଣସି ସମ୍ପୂର୍ଣ୍ଣ ମିଥ୍ୟାକୁ ଏଆଇ ମାଧ୍ୟମରେ ପ୍ରଚାର କରାଯାଏ। କିନ୍ତୁ ରାହୁଲଙ୍କ ଭଳି ସାଧାରଣ ପରିବାରର ଯୁବକ ନିଜ ସମ୍ପର୍କରେ ଏକ ଅଶ୍ଳୀଳ ଭିଡିଓ ଯୋଗୁ ଅସ୍ତବ୍ୟସ୍ତ ହୋଇ ନିଜ ଜୀବନକୁ ଶେଷ କରିଦେଲେ।

> ବର୍ତ୍ତମାନ ମଣିଷ ନିୟନ୍ତ୍ରଣରେ ଏଆଇ ନାହିଁ। ଆଜିର ସ୍ଥିତିରେ ଏଆଇ ଆପଣାଛାଏଁ ଶିଖିବାରେ ଲାଗିଛି, ସବୁ ସରକାରୀ ସହିତ ବେସରକାରୀ ତଥ୍ୟ ରଖୁଥିବା ବ୍ୟବସ୍ଥାକୁ ବ୍ୟବହାର କରି ନିଜର ଶକ୍ତି ନିଜେ ବଢ଼ାଇ ଚାଲିଛି। ଏହି ସମ୍ପାଦକୀୟ ଲେଖିଲା ବେଳକୁ ଏଆଇର କଳେବର ଯାହା ଥିଲା, ତାହା ଆପଣ ପଢ଼ିବା ବେଳକୁ ଯଥେଷ୍ଟ ବୃଦ୍ଧି ପାଇସାରିବଣି। ଆଧୁନିକ ଏଆଇ ଯୁଗରେ ବଦ୍‌ନାମକୁ ଭୟ କରି କୌଣସି ଭାବେ ବ୍ୟସ୍ତ ହୋଇ ଚରମ ପଦକ୍ଷେପ ନେବା ବୋକାମିର ପରିଚୟ।

ଏଆଇର ଯୁଗ ଏବେ ଆରମ୍ଭ ମାତ୍ର। ଏହାର ସକାରାତ୍ମକ ଦିଗ ମଣିଷ ଜାତିକୁ ବହୁ ଉନ୍ନତ କରିବାର କ୍ଷମତା ରଖିଥିବା ବେଳେ ତାହାର ନକାରାତ୍ମକ ଦିଗ ପ୍ରତ୍ୟେକ ଦିନ ଅନେକ ବ୍ୟକ୍ତିବିଶେଷଙ୍କ ଜୀବନକୁ ଛାରଖାର କରିବାକୁ ଆରମ୍ଭ କଲାଣି। ରାହୁଲଙ୍କୁ ବ୍ଲାକ୍‌ମେଲ୍ କରୁଥିବା ବ୍ୟକ୍ତି ସମ୍ଭବତଃ ତାଙ୍କ ଭଉଣୀମାନଙ୍କ ବିଷୟରେ ଭିଡିଓ ପ୍ରସ୍ତୁତ କରିଛନ୍ତି ବୋଲି ଧମକ ଦେଇ ଟଙ୍କା ଆଦାୟ କରିବାର ଉଦ୍ଦେଶ୍ୟରେ ଆଗେଇ ଚାଲିଥିଲେ। ଧମକ ପାଇ ରାହୁଲଙ୍କ ଦମ୍ଭୋକ୍ତି ଭାଙ୍ଗିଯିବା ଫଳରେ ଆତ୍ମହତ୍ୟା କଲାପରେ ସାହିଲ ନାମକ ଜଣେ ଯୁବକଙ୍କ ବିରୋଧରେ ପୋଲିସ ଏତଲା ଦାଏର କରିଛି। କୁହାଯାଉଛି ଯେ ଏଥିରେ ରାହୁଲଙ୍କ ଜଣେ ବନ୍ଧୁଙ୍କ ସମ୍ପୃକ୍ତି ରହିଥିଲା। କିନ୍ତୁ ଏବେ ଆଧାର, ଡିଜି ଯାତ୍ରା ଏବଂ ଆହୁରି ଅନେକ ସରକାରୀ ଫେସ୍ ରେକଗ୍‌ନିଶନ (ମୁହଁ ଚିହ୍ନିବା) ବ୍ୟବସ୍ଥା ଯେଉଁଭଳି ସରକାରୀ ପ୍ରୋତ୍ସାହନ ପାଇ ବ୍ୟାପକ ହେବାରେ ଲାଗିଛି, ସେଥିରେ ଯେକୌଣସି ବ୍ୟକ୍ତିଙ୍କୁ ଠକିବା କିମ୍ବା ଶିକାର ବା ଟାର୍ଗେଟ କରିବା ଅଧିକରୁ ଅଧିକ ସହଜ ହେଉଛି। ବର୍ତ୍ତମାନ ମଣିଷ ନିୟନ୍ତ୍ରଣରେ ଏଆଇ ନାହିଁ। ଆଜିର ସ୍ଥିତିରେ ଏଆଇ ଆପଣାଛାଏଁ ଶିଖିବାରେ ଲାଗିଛି, ସବୁ ସରକାରୀ ସହିତ ବେସରକାରୀ ତଥ୍ୟ ରଖୁଥିବା ବ୍ୟବସ୍ଥାକୁ ବ୍ୟବହାର କରି ନିଜର ଶକ୍ତି ନିଜେ ବଢ଼ାଇ ଚାଲିଛି। ଏହି ସମ୍ପାଦକୀୟ ଲେଖିଲା ବେଳକୁ ଏଆଇର କଳେବର ଯାହା ଥିଲା, ତାହା ଆପଣ ପଢ଼ିବା ବେଳକୁ ଯଥେଷ୍ଟ ବୃଦ୍ଧି ପାଇସାରିବଣି। ଆଧୁନିକ ଏଆଇ ଯୁଗରେ ବଦ୍‌ନାମକୁ ଭୟ କରି କୌଣସି ଭାବେ ବ୍ୟସ୍ତ ହୋଇ ଚରମ ପଦକ୍ଷେପ ନେବା ବୋକାମିର ପରିଚୟ।

# ବିହାର ରାଜନୀତିରେ ସାମାଜିକ ନ୍ୟାୟ



ଅଧ୍ୟାପକ ଗୋପବନ୍ଧୁ

ବିହାର ରାଜନୀତି ସର୍ବଦା ଏକ ପ୍ରମୁଖ ଚର୍ଚ୍ଚାର ବିଷୟଭାବେ ସ୍ଥାନ ପାଇ ଆସିଛି। ସାମ୍ପ୍ରତିକ ଅବସ୍ଥାରେ ରାଜ୍ୟର ଆଗାମୀ ବିଧାନସଭା ନିର୍ବାଚନ ଏ ଚର୍ଚ୍ଚାକୁ ବହୁଗୁଣିତ କରିଛି। ଏହି ନିର୍ବାଚନରେ ଦୁଇଟି ଅଗ୍ରଣୀ ମେଣ୍ଟ ଏନ୍‌ଡିଏ ଓ ଇଣ୍ଡିଆ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାର ଆକଳନ କରାଯାଉଛି। ଏନ୍‌ଡିଏ ମେଣ୍ଟର ଅନ୍ୟତମ ମୁଖ୍ୟ ଅଂଶୀଦାର ହେଉଛି ଜନତା ଦଳ ୟୁନାଇଟେଡ (ଜେଡିୟୁ)। ଏହାର ମୁଖ୍ୟ ହେଉଛନ୍ତି ନୀତିଶ କୁମାର, ଯିଏ ଏବେ ମୁଖ୍ୟମନ୍ତ୍ରୀ ଅଛନ୍ତି। ବିରୋଧୀ ମେଣ୍ଟ ଇଣ୍ଡିଆର ମୁଖ୍ୟ ଅଂଶୀଦାର ହେଉଛି ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି), ଯାହାର ନେତୃତ୍ୱ ନେଉଛନ୍ତି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ। ସେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପୁତ୍ର ଓ ତାଙ୍କ ରାଜନୈତିକ ଉତ୍ତର ଦାୟାଦ। ଉଭୟ ନୀତିଶ କୁମାର ଓ ଲାଲୁପ୍ରସାଦ ଯାଦବ ଜୟପ୍ରକାଶ ଆନ୍ଦୋଳନର ଉତ୍ପତ୍ତି ଓ ସାମାଜିକ ନ୍ୟାୟର ପ୍ରବକ୍ତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କ ବିଚାରଧାରାର ବାହକ। ଉଭୟେ ମଣ୍ଡଳ କମିଶନର ପକ୍ଷଧର ଓ ଏହି କମିଶନ ପ୍ରଦତ୍ତ ରିପୋର୍ଟ କାର୍ଯ୍ୟକାରିତାର ସମର୍ଥକ।

୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପଛରେ ଉଭୟ ନୀତିଶ କୁମାର ଓ ଲାଲୁପ୍ରସାଦ ଯାଦବ ଦୃଢ଼ଭାବେ ଛିଡ଼ା ହୋଇଥିଲେ। ଏମାନଙ୍କ ସହିତ ଥିଲେ ରାମବିଲାସ ପାଶ୍ୱାନ। ଏମାନେ ସମସ୍ତେ ଭିପି ସିଂଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଜନତା ଦଳର ସଦସ୍ୟ ଥିଲେ। ଜନତା ଦଳର ବିଘଟନ ପରେ ନୀତିଶଙ୍କ ଗୋଷ୍ଠୀ ପ୍ରଥମେ ଗଠନ କଲେ ସମତା ପାର୍ଟି ଓ ପରେ ଏହା ମିଶିଲା ଜନତା ଦଳ ୟୁନାଇଟେଡ଼ରେ। ଲାଲୁପ୍ରସାଦ ଯାଦବ ଗଠନ କଲେ ରାଷ୍ଟ୍ରୀୟ ଜନତା ଦଳ। ରାମବିଲାସ ପାଶ୍ୱାନ ଗଠନ କଲେ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଯାହାର ନେତୃତ୍ୱ ନେଉଛନ୍ତି ତାଙ୍କ ପୁଅ ଚିରାଗ ପାଶ୍ୱାନ। ସେହିପରି ଜେଡିୟୁରୁ ଜନ୍ମ ନେଇଛି ଉପେନ୍ଦ୍ର କୁଶୱାଙ୍କ ପାର୍ଟି ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆର୍‌ଏଲ୍‌ଏମ୍) ଓ ଜିତେନରାମ ମାନଝୀଙ୍କ ପାର୍ଟି ହିନ୍ଦୁସ୍ଥାନୀ ଆୱାମୀ ମୋର୍ଚ୍ଚା (ହାମ୍)। ପଶୁପତି ପରାସଙ୍କ ପାର୍ଟି ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି (ଆରଏଲ୍‌ଜେପି) ମୂଳ ଲୋକ ଜନଶକ୍ତି ପାର୍ଟିରୁ ଜନ୍ମ ନେଇଛି। ଏନଡିଏ ମେଣ୍ଟରେ ଜେଡିୟୁ, ଭାଜପା, ଏଲଜେପି, ଆର୍‌ଏଲ୍‌ଏମ୍ ଓ ହାମ ରହିଛି। ଇଣ୍ଡିଆ ମେଣ୍ଟରେ ଆରଜେଡି, କଂଗ୍ରେସ, ବାମପନ୍ଥୀ ପାର୍ଟିଗୁଡିକ, ଭିଆଇପି, ଆରଏଲଜେପି ରହିଛି। ଏନଡିଏ ମେଣ୍ଟରେ ଆସନ ବୁଝାମଣା ପ୍ରାୟତଃ ସରିଛି। କିନ୍ତୁ ଇଣ୍ଡିଆ ମେଣ୍ଟରେ ଏହା ସ୍ପଷ୍ଟ ହୋଇନାହିଁ। ନିଜ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।



ବହୁ ଚର୍ଚ୍ଚିତ ମଣ୍ଡଳ କମିଶନର ଅଧ୍ୟକ୍ଷ ଥିଲେ ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳ। ତାଙ୍କରି ନାମ ଅନୁସାରେ ଏହା ମଣ୍ଡଳ କମିଶନଭାବେ ଖ୍ୟାତ। ସେ ଥିଲେ ଜଣେ ସମାଜ ସଂସ୍କାରକ ଓ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ। ୧୯୭୭ରେ ଗଠିତ ଜନତା ପାର୍ଟି ସରକାର ଏହି କମିଶନ ବସାଇଥିଲେ। ୧୯୮୦ରେ କମିଶନ ତାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲା। ସେତେବେଳକୁ ଜନତା ପାର୍ଟି ସରକାର ଭାଙ୍ଗି ଯାଇଥିଲା। ୧୯୯୦ରେ ଭିପି ସିଂ ଏହି ରିପୋର୍ଟ ଅନୁଯାୟୀ ଚାକିରି କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ସୁବିଧା ଦେବା ପାଇଁ ଘୋଷଣା କଲେ। ଏହି ସମୟରେ ଉଲ୍ଲେଖିତ ସମସ୍ତ ନେତା ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତା ସପକ୍ଷରେ ଥିଲେ। ମଣ୍ଡଳ ପ୍ରଭାବକୁ ପ୍ରତିହତ କରିବା ପାଇଁ ଲାଲକୃଷ୍ଣ ଆଡ଼ଭାନୀ ରାମ ରଥ ଯାତ୍ରା ଆରମ୍ଭ କରିଥିଲେ। ଏହା ବିହାରରେ ପ୍ରବେଶ କରିବା ମାତ୍ରେ ତତ୍କାଳୀନ ବିହାର ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବ ତାଙ୍କୁ ଗିରଫ କରିଥିଲେ। ଏହାର ପ୍ରତିବାଦରେ ଭଜପା କେନ୍ଦ୍ର ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିଥିଲା ଓ ଭିପି ସିଂ ସରକାର ଭାଙ୍ଗି ଯାଇଥିଲା।

୧୯୯୦ରେ ଲାଲୁପ୍ରସାଦ ଯାଦବ ମଣ୍ଡଳ କମିଶନ ରିପୋର୍ଟକୁ ବିହାରରେ କାର୍ଯ୍ୟକାରୀ କରିଥିଲେ। ଏ ଦିଗରେ ନୀତିଶ କୁମାର ଓ ରାମବିଲାସ ପାଶ୍ୱାନଙ୍କ ପୂର୍ଣ୍ଣ ସହଯୋଗ ଥିଲା। ଏହା ପୂର୍ବରୁ କର୍ପୂରୀ ଠାକୁର ବିହାରର ମୁଖ୍ୟମନ୍ତ୍ରୀ ଥିବା ଅବସରରେ ୧୯୭୮ରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ଚାକିରିରେ ୨୬% ସଂରକ୍ଷଣ ସୁବିଧା ଦେଇଥିଲେ। ନୀତିଶ କୁମାର ନିଜ କାର୍ଯ୍ୟକାଳ ସମୟରେ ଓବିସିଙ୍କ ସଂରକ୍ଷଣ ସୀମା ବଢ଼ାଇବାକୁ ବହୁ ଚେଷ୍ଟା କରିଛନ୍ତି। ଏହା ସହିତ ଏସଟି ଓ ଏସସିଙ୍କ କୋଟା ମଧ୍ୟ ବଢ଼ାଇବା ପାଇଁ ଚେଷ୍ଟା କରିଛନ୍ତି। ସମସ୍ତ ରାଜନୈତିକ ଦଳ ଏଦିଗରେ ସହମତ ହୋଇଥିଲେ। ସୁପ୍ରିମ କୋର୍ଟଙ୍କ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଯୋଗୁ ଏହା କର୍ଯ୍ୟକାରୀ ହୋଇପାରି ନଥିଲା। ପରବର୍ତ୍ତୀ ସମୟରେ ନୀତିଶ କୁମାର ପ୍ରତ୍ୟେକ ଜାତିର ସଂଖ୍ୟା ଓ ସ୍ଥିତିଗତ ଅବସ୍ଥାର ଅନୁଧ୍ୟାନ ପାଇଁ ରାଜ୍ୟରେ ୨୦୨୩ରେ ଜାତିଗତ ଜନଗଣନା କରାଇଛନ୍ତି। ରାଜ୍ୟରେ ଓବିସିଙ୍କ ସଂଖ୍ୟା ୬୩% ବୋଲି ତଥ୍ୟ ଉପଲବ୍ଧ ହୋଇଛି। ଏହି ଜନଗଣନା ଆଧାରରେ ରାଜ୍ୟରେ ପୁଣି ସଂରକ୍ଷଣ ସୀମାକୁ ୬୫% ବୃଦ୍ଧି ପାଇଁ ବିଧେୟକ ପାରିତ ହୋଇଛି। ଏହା କାର୍ଯ୍ୟକାରୀ ହୋଇପାରି ନାହିଁ, ଯେହେତୁ ଏହା ଏବେ ପାଟନା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି।

ଆଗାମୀ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାୟ ସମସ୍ତ ଦଳ ସାମାଜିକ ନ୍ୟାୟ ବିଚାର ଧାରାର। ଭାଜପା ମଧ୍ୟ ଏଥିରୁ ବାଦ ନୁହେଁ। ଏହା ରାଜ୍ୟର ରାଜନୈତିକ ବାଧ୍ୟବାଧକତା। ଏହି ବିଚାରଧାରାକୁ ଛାଡି ଏଠାରେ ରାଜନୀତି କରାଯାଇ ପାରିବ ନାହିଁ। ଏନ୍‌ଡିଏ ମଧ୍ୟରେ ନୀତିଶ କୁମାର ତୁଲ୍ୟ ଚେହେରା ଆଉ କାହାର ନାହିଁ। ଅନ୍ୟପଟେ ଇଣ୍ଡିଆ ମେଣ୍ଟର ଅନ୍ୟତମ ଅଂଶୀଦାର ଦଳ ହେଉଛି କଂଗ୍ରେସ। ରାହୁଲ ଗାନ୍ଧୀ 'ଯାହାର ଯେତେ ସଂଖ୍ୟା ତାହାର ସେତେ ଭାଗ' କଥା ଉଠାଉଛନ୍ତି। ବରଂ ଆଗକୁ ପାଦେ ଯାଇ କହୁଛନ୍ତି ଯେ ସଂରକ୍ଷଣର ଯେଉଁ ସର୍ବୋଚ୍ଚ ସୀମା ୫୦% ନିର୍ଦ୍ଧାରଣ ହୋଇଛି ତାହାର ଉଚ୍ଛେଦ ହେବା ଉଚିତ। ତାଙ୍କ ମେଣ୍ଟ କେନ୍ଦ୍ର କ୍ଷମତାକୁ ଆସିଲେ ଏହା ନିଶ୍ଚୟ କରିବ। ଆରଜେଡି, କଂଗ୍ରେସ ଓ ଅନ୍ୟ ଦଳମାନେ ସମ୍ପୂର୍ଣ୍ଣଭାବେ ସାମାଜିକ ନ୍ୟାୟ ବିଚାରଧାରା ଉପରେ ନିର୍ବାଚନ ଲଢୁଛନ୍ତି। ତେଣୁ ଅନେକ ରାଜନୈତିକ ପର୍ଯ୍ୟବେକ୍ଷକ କହିବା ଆରମ୍ଭ କରିଛନ୍ତି ଯେ ବିହାରରେ ନିର୍ବାଚନ ଲଢେଇ ପଛୁଆବର୍ଗ ବନାମ ପଛୁଆବର୍ଗ।

ଏହି ଦୁଇ ମେଣ୍ଟ ବ୍ୟତୀତ ଅନ୍ୟ ଏକ ରାଜନୈତିକ ଶକ୍ତି ଆଲୋଚନା ପରିସରକୁ ଆସୁଛି, ତାହା ହେଉଛି ରାଜନୈତିକ ବିଶେଷଜ୍ଞ ପ୍ରଶାନ୍ତ କିଶୋରଙ୍କ ପ୍ରତିଷ୍ଠିତ ନୂଆ ଜନ ସୂରଜ ପାର୍ଟି (ଜେଏସ୍‌ପି)। ଏହା ଭ୍ରଷ୍ଟାଚାର ବିରୋଧୀ ଆଭିମୁଖ୍ୟ ନେଇ ନିର୍ବାଚନ ଲଢୁଛି। ଏହା ବାଦେ ନିର୍ବାଚନ ମଇଦାନକୁ ଅନ୍ୟ ଏକ ମେଣ୍ଟ ଆସିଛି ସାମାଜିକ ନ୍ୟାୟ ଓ ସାମଜିକ ସୁରକ୍ଷା ପ୍ରସଙ୍ଗକୁ ନେଇ, ଯେଉଁଥିରେ ଚନ୍ଦ୍ରଶେଖର ଆଜାଦଙ୍କ ଆଜାଦ ସମାଜ ପାର୍ଟି (ଏଏସ୍‌ପି), ଆଶାଉଦ୍ଦିନ ଓଏସିଙ୍କ ଏମ୍‌ଆଇଏମ୍ ଓ ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କ ଆପନି ଜନତା ଦଳ ରହିଛି। ଏହାର ନାମ ହେଉଛି ଗ୍ରାଣ୍ଡ ଡେମୋକ୍ରାଟିକ ଆଲାଏନ୍ସ (ଜିଡିଏ)। ଚନ୍ଦ୍ରଶେଖରଙ୍କ ଜନସଭାରେ ଭଲ ଜନସମାଗମ ଦେଖିବାକୁ ମିଳୁଛି।

ନିର୍ବାଚନ ଫଳାଫଳ କେଉଁ ମେଣ୍ଟ ସପକ୍ଷରେ ଯିବ ତାହା ଏବେ କୁହାଯାଇ ପାରିବ ନାହିଁ, ତେବେ ନିର୍ବାଚନ ପରେ ପୁଣି ଏକ ନୂତନ ମେଣ୍ଟ ଗଠନର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବ ନାହିଁ। କାରଣ ବିହାର ରାଜନୀତିରେ ପଟ ପରିବର୍ତ୍ତନର ଦୃଷ୍ଟାନ୍ତ ଅନେକ ରହିଛି। ଏହା ସତ୍ତ୍ୱେ ଗୋଟିଏ କଥା ସ୍ପଷ୍ଟ ଯେ ରାଜ୍ୟରେ ଯେଉଁ ସରକାର ଆସିଲେ ମଧ୍ୟ ତାହା ସାମାଜିକ ନ୍ୟାୟ ବିଚାରଧାରାରୁ ଭିନ୍ନ ହୋଇ ପାରିବ ନାହିଁ।

ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ଆଜିର ପ୍ରୟାସ, କାଲିର ସଫଳତା



ସରୋଜ କୁମାର ଶତପଥୀ

ପ୍ରୟାସ ବିନା ସଫଳତା ନାହିଁ। ସଫଳତା ଏକ ସୁନ୍ଦର ସ୍ୱପ୍ନ, ଯାହାକୁ ପ୍ରାୟ ସମସ୍ତେ ଦେଖନ୍ତି। କିନ୍ତୁ ସମସ୍ତଙ୍କୁ ସେହି ସଫଳତା ମିଳି ନ ଥାଏ। କେହି ଜୀବନରେ ବହୁତ ବଡ଼ ସଫଳତା ଅର୍ଜନ କରନ୍ତି, ଆଉ କେହି କେହି ଚେଷ୍ଟା କଲେ ମଧ୍ୟ ଅଧା ରାସ୍ତାରେ ରହିଯାନ୍ତି। ଏହାର ପଛରେ କେତେକ ପ୍ରମୁଖ କାରଣ ରହିଛି। ପ୍ରଥମେ ଲକ୍ଷ୍ୟ ଓ ପ୍ରୟାସର ତଫାତ୍। ସମସ୍ତଙ୍କର ସ୍ୱପ୍ନ ଥାଏ, କିନ୍ତୁ ସେହି ସ୍ୱପ୍ନକୁ ସତ୍ୟ କରିବା ପାଇଁ ଅଟଳ ପ୍ରୟାସ, ସାହସ ଓ ସହନଶୀଳତା ଦରକାର ଯାହା ସମସ୍ତଙ୍କର ସମାନ ନୁହେଁ। ଦ୍ୱିତୀୟ, ପରିସ୍ଥିତି ଓ ସୁଯୋଗର ତଫାତ୍। କାହା ପାଖରେ ଶିକ୍ଷା, ସମ୍ପର୍କ ଓ ସହଯୋଗ ଇତ୍ୟାଦିରେ ଭରପୂର ସୁଯୋଗ ଥିବାବେଳେ କେତେଜଣ ବିପରୀତ ପରିସ୍ଥିତିରେ ଯୁଝିବାକୁ ବାଧ୍ୟ ହୁଅନ୍ତି। ସୁଯୋଗକୁ ଚିହ୍ନଟକରି ଉପଯୋଗ କରିବାରେ ଯିଏ ସକ୍ଷମ, ସେମାନଙ୍କଠାରେ ସଫଳତା ନିଶ୍ଚିତ। ତୃତୀୟ, ମନୋଭାବ ଓ ଧୈର୍ଯ୍ୟ। ସଫଳତାର ପଥରେ ବିଫଳତା ଏକ ସାଧାରଣ ସାଥୀ। କିନ୍ତୁ ଯିଏ ବିଫଳତାକୁ ଶିକ୍ଷା ଭାବରେ ନେଇ ପୁନର୍ବାର ଚେଷ୍ଟାକରେ, ସେଥିରେ ଲକ୍ଷ୍ୟ ସାଧନର ସମ୍ଭାବନା ବଢ଼ିଯାଏ। ଆଉ ଯିଏ ପ୍ରଥମେ ହାରିଯାଏ, ସେ ସଫଳତାରୁ ଦୂରେଇଯାଏ। ଚତୁର୍ଥ, ସମୟ ଓ ପ୍ରାଥମିକତା। ଜୀବନରେ କାହାକୁ ସଫଳତା ଶୀଘ୍ର ମିଳେ, ଆଉ କାହାକୁ ଡେରିରେ। ଯିଏ ସମୟକୁ ସତ୍ ବ୍ୟବହାର କରେ, ଧୈର୍ଯ୍ୟ ଧରେ, ସେହି ବ୍ୟକ୍ତିର ସ୍ୱପ୍ନ ଦିନେ ନା ଦିନେ ସତ୍ୟ ହୋଇଥାଏ। କିନ୍ତୁ ଧୈର୍ଯ୍ୟ ହରାଇଲେ ସୁଯୋଗ ହାତଛଡ଼ା ହୋଇଯାଏ। ମନୋବିଜ୍ଞାନୀମାନେ କହନ୍ତି, ଯିଏ କାମକୁ ପୁନଃ ପୁନଃ ପଛକୁ ରଖନ୍ତି, ସେମାନଙ୍କର ଆତ୍ମବିଶ୍ୱାସ କମେ, ସ୍ପୃହା କମେ ଓ ସଫଳତା ସମ୍ଭାବନା କମିଯାଏ। ସଫଳତା ପାଇଁ ଆବଶ୍ୟକ-ସ୍ପଷ୍ଟ ଲକ୍ଷ୍ୟ, ଅଟଳ ପ୍ରୟାସ, ଧୈର୍ଯ୍ୟ, ସୁଯୋଗକୁ ବୁଝିବା କୌଶଳ ଏବଂ ନିଜର ପରିଭାଷା। ଯିଏ ଏହି ସବୁକୁ ଅନୁସରଣ କରେ, ସେହି ଜଣଙ୍କ ପାଇଁ ସଫଳତା ନିଶ୍ଚିତ।

ଆଉ କେତେଜଣ ଲୋକଙ୍କ କ୍ଷେତ୍ରରେ ସଫଳତାର ସମସ୍ତ ସାଧନ ଥିଲେ ମଧ୍ୟ ପ୍ରୟାସର ଘୋର ଅଭାବ ପରିଲକ୍ଷିତ ହୁଏ। ମୋ ଦ୍ୱାରା ହେବନି, ମୁଁ ପାରିବିନି, ଏତେ କଷ୍ଟ କିଏ କରିବ, କାଲି କରିବି ଏଭଳି ଉକ୍ତି ରଖୁଥିବା ମଣିଷ ନିଜର ସ୍ୱପ୍ନକୁ ଆରମ୍ଭରୁ ହିଁ ମାରିଦିଏ। ଯିଏ କହେ ମୁଁ ପାରିବିନି ବା ସେ କାର୍ଯ୍ୟ ମୋ ଦ୍ୱାରା ହେବନି ସେ କାମ ଆରମ୍ଭ କରିବା ପୂର୍ବରୁ ହିଁ ପରାଜୟ ସ୍ୱୀକାରକରି ଦେଇଥାଏ। ଏହା ନିରାଶାର ଭାବନା ଏବଂ ଆତ୍ମବିଶ୍ୱାସର ଅଭାବ। ମୁଁ ପାରିବିନି କହିବାର ଅର୍ଥ ହେଲା ନିଜ କ୍ଷମତାକୁ ସେ କେବେ ବିଶ୍ୱାସ କରେନାହିଁ। ସଫଳତା ସେହିଥିରେ ଆସେ, ଯେଉଁଠି ସକାରାତ୍ମକ ଭାବନା ଥାଏ। ନକାରାତ୍ମକ ମନୋଭାବ ଥିଲେ ପାଦେ ପାଦେ ବିଫଳତା ଆସିଥାଏ। ପ୍ରୟାସ ସେତେବେଳେ ସଫଳ ହୋଇପାରେ, ଯେବେ ମୁଁ ପାରିବି ବୋଲି ବିଶ୍ୱାସ ରହେ। ସଫଳତା ପାଇଁ ପ୍ରୟାସ ଆବଶ୍ୟକ। କିନ୍ତୁ ଯିଏ କହେ, କଷ୍ଟ କିଏ କରିବ ସେ ପ୍ରୟାସରୁ ଓହରିଯାଇଥାଏ। କିନ୍ତୁ କଷ୍ଟ ବିନା କେବେ ସଫଳତା ମିଳେନାହିଁ। କଷ୍ଟ ହେଉଛି ସଫଳତାର ଶିଡ଼ି, ଯାହା ମାଧ୍ୟମରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ। ପ୍ରୟାସର ମୂଳ ଆଧାର ପରିଶ୍ରମ। ଯେତେ କଷ୍ଟ, ସେତେ ଫଳ। ଯିଏ ପରିଶ୍ରମ କାତର ସେ ସୁଯୋଗ ହରାଇଥାଏ ଏବଂ ଜୀବନରେ ପଛୁଆ ହୋଇ ରହିଥାଏ। 'କାଲି କରିବି' - ଏହି ଅଭ୍ୟାସଟି ଆମ ଦୈନନ୍ଦିନ ଜୀବନର ସର୍ବାଧିକ ପ୍ରଚଳିତ କଥା। କାଲିରେ କାମ ସରିବ ବୋଲି ଆମେ ନିଜକୁ ସାନ୍ତ୍ୱନା ଦେଇଥାଉ, କିନ୍ତୁ ସେହି କାଲି କେବେ ଆସେନି। ପ୍ରତ୍ୟେକ କାଲି ପୁଣି ଆଜିରେ ପରିଣତ ହୁଏ। ସେହିପରି ଆମର ସ୍ୱପ୍ନ, ଲକ୍ଷ୍ୟ ଓ କାମଗୁଡ଼ିକ କାଲିକୁ ରହିଲେ ସେଗୁଡ଼ିକ ସର୍ବଦା ଅପୂର୍ଣ୍ଣ ରହିଯାଏ। ବିଶ୍ୱରେ ଯେଉଁମାନେ ସଫଳ ହୋଇଛନ୍ତି, ସେମାନଙ୍କ ଜୀବନରୁ ଏ କଥା ସ୍ପଷ୍ଟ -ସେମାନେ କାଲି ପାଇଁ ଅପେକ୍ଷାକରି ନ ଥିଲେ। ଥୋମାସ ଏଡିସନ ୧୦୦୦ରୁ ଅଧିକ ବିଫଳ ପରୀକ୍ଷଣ ପରେ ବିଦ୍ୟୁତ୍ ବଲ୍‌ବ ଆବିଷ୍କାରକଲେ। ଯଦି ସେ କାଲି ପାଇଁ ଛାଡ଼ି ଦେଇଥାନ୍ତେ, ଆଜି ବିଶ୍ୱ ଅନ୍ଧକାରରେ ରହୁଥାନ୍ତା। ମହାତ୍ମା ଗାନ୍ଧୀ ଯଦି କାଲି ପାଇଁ ଅପେକ୍ଷା କରିଥାନ୍ତେ, ସ୍ୱାଧୀନତା ଆନ୍ଦୋଳନ କେବେ ଗତି କରିପାରି ନ ଥାନ୍ତା।



ପ୍ରୟାସ ହେଉଛି ଜୀବନର ମୂଳ ଚାବି, ଯାହା ବିନା କୌଣସି ସଫଳତା ସମ୍ଭବ ନୁହେଁ। ଆଜିର ପରିଶ୍ରମ, ନିଷ୍ଠା ଓ ଧୈର୍ଯ୍ୟ କାଲିର ଉଜ୍ଜ୍ୱଳ ସଫଳତାକୁ ନିଶ୍ଚିତକରେ। ଯେଉଁଠି ସଫଳତାର ପରିଭାଷା ପ୍ରତ୍ୟେକଙ୍କ ପାଇଁ ଅଲଗା, ସେଠି ଏକମାତ୍ର ସାଧାରଣ ସତ୍ୟ ହେଲା ଅନବରତ ପରିଶ୍ରମ ଓ ଦୃଢ଼ ସଙ୍କଳ୍ପ ବିନା ସଫଳତା ସମ୍ଭବ ନୁହେଁ। ପରିଶ୍ରମୀ, ସହନଶୀଳ ଓ ସକାରାତ୍ମକ ମନୋଭାବ ବ୍ୟକ୍ତିଙ୍କ ପାଇଁ କୌଣସି ଲକ୍ଷ୍ୟ ଦୂର ନୁହେଁ। ଯେପରି ସୂର୍ଯ୍ୟ ଉଦୟ ପୂର୍ବରୁ ଅନ୍ଧକାର ଅପସରି ଯାଏ, ସେପରି ପ୍ରୟାସର ଆଲୋକରେ ଅସଫଳତା ଦୂରୀଭୂତ ହୋଇ ସଫଳତାର ପ୍ରଭାତ ଆସିଥାଏ। ଜୀବନର ପ୍ରତ୍ୟେକ କ୍ଷଣ ଏକ ସୁଯୋଗ। ସେହି ସୁଯୋଗକୁ କାଲି ପାଇଁ ଛାଡ଼ିଦେଲେ, ଏହା ଆଉ କେବେ ମିଳେନାହିଁ। ଆମର ପ୍ରୟାସ ପରିଶ୍ରମ ଓ ସଫଳତାର ସ୍ଥାନ କେବଳ ଆଜି।

ମୋ: ୯୩୪୮୧୨୭୪୪୭

## ଏଇ ଭାରତରେ

ଅପରାହ୍ନ ୩ଟା ବେଳକୁ ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ସାଇ ମନ୍ଦିର ପାଖକୁ ପିଲାମାନେ ବ୍ୟାଗ୍ ଧରି ଯାଉଥିବାର ଦେଖିବେ। ଏହା କୌଣସି ସ୍କୁଲ ଛୁଟି ସମୟର ଦୃଶ୍ୟ ନୁହେଁ, ବରଂ ବସ୍ତିର ପିଲାମାନେ ପଢ଼ିବାକୁ ଆସୁଥିବାର ସମୟ। ପିଲାମାନେ ପ୍ରତିଦିନ ୩ଟାରୁ ୫।୩୦ ଯାଏ ସାଇ ମନ୍ଦିର ସମ୍ମୁଖ ପାର୍କିଂ ସ୍ଥାନରେ ପଢୁଛନ୍ତି। ଏହି ସ୍କୁଲର ନାମ 'ଥାନ୍ ସିଂ କା ପାଠଶାଳା'। ଦିଲ୍ଲୀର ବିଭିନ୍ନ ବସ୍ତିରୁ ପିଲାମାନେ ଏହି ପାଠଶାଳାକୁ ପଢ଼ିବା ପାଇଁ ଆସୁଛନ୍ତି। ଯେଉଁ ପିଲାମାନେ ସ୍କୁଲ ଶିକ୍ଷାଠାରୁ ଦୂରେଇ ରହି ବିଭିନ୍ନ କାମରେ ନିୟୋଜିତ ହେଉଥିଲେ ସେମାନଙ୍କୁ ଉଦ୍ଧରକରି ଥାନ୍ ସିଂ ପାଠଶାଳାକୁ ଆଣୁଛନ୍ତି। ଥାନ୍ ସିଂ ଏବେ ଦିଲ୍ଲୀ ପୋଲିସର ହେଡ୍ କନ୍‌ଷ୍ଟେବଲ୍ ଭାବେ କାର୍ଯ୍ୟରତ। ପାଠଶାଳରେ ୩ରୁ ୧୫ ବର୍ଷ ବୟସର ପିଲାମାନେ ପଢୁଛନ୍ତି। ଥାନ୍ ସିଂ ଓ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଏଠାରେ ପଢ଼ାଉଛନ୍ତି। ଅନେକ ଇ-ଅଟୋରିକ୍ସା ଚାଳକ ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ବସ୍ତିରୁ ପିଲାମାନଙ୍କୁ ଏହି ପାଠଶାଳାକୁ ଆଣୁଛନ୍ତି। ଅନୁଦାନ ଅର୍ଥରେ ଏହା ଚାଲୁଛି ଏବଂ ପିଲାମାନଙ୍କ ପଢ଼ିବା ଲାଗି କୌଣସି ଦେୟ ଦେବାକୁ ପଡୁନାହିଁ। ପ୍ରଥମେ ପାଠଶାଳାକୁ ୫ ଜଣ ପିଲା ପଢ଼ିବାକୁ ଆସୁଥିଲେ। ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୧୦୦ରେ ପହଞ୍ଚିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୮ ଅକ୍ଟୋବର ୧୯୭୬

- ରାଜସ୍ଥାନ ପ୍ରଦେଶ କଂଗ୍ରେସ ବିଧାୟକ ଦଳ ପକ୍ଷରୁ ୪୪ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ପୂର୍ଣ୍ଣ ସମର୍ଥନ ଜ୍ଞାପନ।
- ବମ୍ବେ ମହାନଗରୀର ଉନ୍ନୟନ ନିମନ୍ତେ ବିଶ୍ୱବ୍ୟାଙ୍କ ପକ୍ଷରୁ ୨ କୋଟି ୨୫ ଲକ୍ଷ ଟଙ୍କା ଋଣ ମଞ୍ଜୁର।

## ଚିରନ୍ତନୀ

ଆଜି ପୁଣି ଧୀରେ ଧୀରେ ଉଭା ହେଲା ଡେସନେ
ଶୁଭ୍ର ଶୋଭାର ଢେଉ ବୁଣି ଦେଇ ବସନେ
ମୃଦୁ ମଧୁ ହାସ ଲେଖି ସଜ ଓଠ ତଟରେ
କସିଦେଇ ଏ ପରାଣ ଅକାରଣ କଷଣେ !

-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 5 | 3 | | | | | 8 |
| | | | | | 7 | | 3 | |
| | | | | 2 | | | 9 | 7 |
| | | | 8 | 3 | 5 | | | |
| | 6 | | | | | | | |
| 4 | | | 7 | | | 1 | | |
| | | | | | 4 | 9 | | |
| | | | 5 | | | | 4 | |
| 9 | 2 | | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 3 | 5 | 2 | 1 | 7 | 9 |
| 9 | 5 | 2 | 8 | 1 | 7 | 4 | 3 | 6 |
| 7 | 1 | 3 | 9 | 6 | 4 | 2 | 8 | 5 |
| 2 | 3 | 6 | 4 | 7 | 5 | 8 | 9 | 1 |
| 1 | 7 | 9 | 2 | 8 | 6 | 5 | 4 | 3 |
| 4 | 8 | 5 | 1 | 9 | 3 | 7 | 6 | 2 |
| 5 | 9 | 8 | 7 | 3 | 1 | 6 | 2 | 4 |
| 3 | 2 | 1 | 6 | 4 | 8 | 9 | 5 | 7 |
| 6 | 4 | 7 | 5 | 2 | 9 | 3 | 1 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦେବଦେବୀଙ୍କ ଛବିକୁ ଅସମ୍ମାନ

ମହାଶୟ,

ସମାଜରେ ଦେବଦେବୀଙ୍କ ପ୍ରତି ଅତୁଟ ଶ୍ରଦ୍ଧା ଓ ଭକ୍ତି ରହିଛି। କିନ୍ତୁ ଆଧୁନିକ ବ୍ୟବସାୟିକ ଦୁନିଆରେ ଦେବଦେବୀଙ୍କ ଫଟୋ ବ୍ୟବହାର ଏବଂ ଏହାର ଅସମ୍ମାନକୁ ନେଇ ଚିନ୍ତା ପ୍ରକଟ କରାଯାଉଛି। ଆଜିର ବଜାରରେ ବିକ୍ରି ହେଉଥିବା ଅନେକ ପୂଜା ସାମଗ୍ରୀ ଯେପରି କି ଅଗରବତି, ଧୂପ, କର୍ପୂର, ଦୈନନ୍ଦିନ ବ୍ୟବହାର ଜିନିଷ, ପ୍ୟାକେଜିଂ କଭର ଏବଂ ବିଭିନ୍ନ ଖାଦ୍ୟପଦାର୍ଥର ଆବରଣରେ ଦେବଦେବୀଙ୍କ ଛବି ଦେଖିବାକୁ ମିଳୁଛି। ବ୍ୟବସାୟୀମାନେ ନିଜ ଦ୍ରବ୍ୟର ପ୍ରଚାର ପ୍ରସାର ଏବଂ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଚିତ୍ରଗୁଡ଼ିକୁ ବ୍ୟବସାୟର ମାଧ୍ୟମ କରୁଛନ୍ତି। ବ୍ୟବସାୟିକ ଦୃଷ୍ଟିକୋଣରୁ ଏହା ଲାଭଜନକ ହୋଇପାରେ, କିନ୍ତୁ ଏହାର ପରିଣାମ ଆମ ସାମାଜିକ ଓ ଧାର୍ମିକ ପବିତ୍ରତା ପାଇଁ କ୍ଷତିକାରକ ହେଉଛି। କାରଣ ଏହି ସାମଗ୍ରୀଗୁଡ଼ିକ ବ୍ୟବହାର ହେବା ପରେ ଏହାର ଖୋଳ ବା ଆବରଣଗୁଡ଼ିକୁ ଆମେ ଅଳିଆ ଭାବି ରାସ୍ତାରେ, ଡ୍ରେନ୍‌ରେ, ଘର ବାହାରେ କିମ୍ବା ଅଳିଆଗଦାରେ ଫିଙ୍ଗିଦେଉଛୁ। ଏହି ସମସ୍ୟାର ସମାଧାନ ପାଇଁ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ସ୍ୱଇଚ୍ଛାରେ ଏହି ଧାର୍ମିକ ଚିତ୍ରଗୁଡ଼ିକର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଉଚିତ। ସାଧାରଣ ଜନତା ଏପରି ଉତ୍ପାଦ କିଣିବାକୁ ପ୍ରତ୍ୟାଖ୍ୟାନ କରିବା ଦରକାର। ସରକାର ଏହା ଉପରେ କଡ଼ା ନିୟମ ଜାରିକରି ଏକ କଠୋର ଆଇନ ପ୍ରଣୟନ କରିବାକୁ ପଡ଼ିବ। ସମୟ ଆସିଛି, ଆମେ ସମସ୍ତେ ମିଶି ଏହି ଅସମ୍ମାନଜନକ ପ୍ରଥାକୁ ବନ୍ଦକରିବା ଏବଂ ଆମର ଧାର୍ମିକ ମୂଲ୍ୟବୋଧର ମର୍ଯ୍ୟାଦା ବଜାୟ ରଖିବା।

-ଅଖିଳ ତରାଇ ,ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବନ୍ଧୁଙ୍କୁ ହତ୍ୟାକରି ତିନି ସାଙ୍ଗ ଗିରଫ

## ଅନ୍ତର୍ଲାରେ ହତ୍ୟାକାଣ୍ଡ

### ଭୋଜି ସମୟରେ ବଚସା ନେଲା ହତ୍ୟାର ରୂପ

ଦେଓଗାଁ,୨୭।୧୦
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ଅନ୍ତର୍ଲା ଗାଁ ନିକଟରେ ଏକ ହତ୍ୟାକାଣ୍ଡ ଘଟିଛି। ଭୋଜି ସମୟରେ କୌଣସି କଥାକୁ ନେଇ ବଚସା ହେବାରୁ ଜଣେ ଯୁବକଙ୍କୁ ତାଙ୍କର ୩ ଜଣ ବନ୍ଧୁ ମିଶି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ନିହତ ଯୁବକ ଜଣକ ହେଲେ ଅନ୍ତର୍ଲାର ପୂର୍ବତନ ପୋଲିସ କର୍ମଚାରୀ ମୀନକେତନ ଭୋଇଙ୍କ ପୁଅ ସୁଜିତ ଭୋଇ (୩୦)। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧପଡ଼ା ଗ୍ରାମର ରାଜା କଟା (୧୯), ଓମ୍ ନନ୍ଦ (୧୯) ଓ ଡଙ୍ଗରପଡ଼ା ଗ୍ରାମର ଇରଫାନ ଛତ୍ରିଆ (୧୯)। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ୪ ଜଣ ସାଙ୍ଗ ମିଶି ଅନ୍ତର୍ଲା ଗାଁ ପତ୍ରଫଡି ନିକଟରେ ଭୋଜି କରିଥିଲେ। ଏହି ସମୟରେ କୌଣସି କାରଣକୁ କେନ୍ଦ୍ରକରି ବଚସା ହେବା ପରେ ରାଜାଙ୍କ ମା' ରାଜାଙ୍କୁ ବାରମ୍ବାର ଫୋନ କରି ଘରକୁ ଆସିବା ପାଇଁ କହିଥିଲେ। ସେହି ସମୟରେ ସୁଜିତ ରାଜାଙ୍କ ମା'ଙ୍କ ସହ ଫୋନ୍‌ରେ କଥା ହୋଇ ଅସଭ୍ୟ ଭାଷାରେ ଗାଳି କରିଥିଲେ। ଏଥିରେ ରାଜା ଉତ୍ତ୍ୟକ୍ତ ହୋଇ ସାଇକେଲ ପେଡ଼ାଲରେ ସୁଜିତଙ୍କୁ ଆକ୍ରମଣ କରିଥିଲେ। ପରେ ତିନି ଜଣ ଅଭିଯୁକ୍ତ ତାଙ୍କୁ ବିଅର ବୋତଲ ଓ ଠେଙ୍ଗାରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସୁଜିତଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ସୋମବାର ସକାଳେ ଘଟଣାସ୍ଥଳକୁ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ,ଥାନାଧିକାରୀ ବୁଲୁ ମୁଣ୍ଡା ପ୍ରମୁଖ ସଦଳବଳ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ମୃତଦେହ ଜବତ କରି ଭୀମଭୋଇ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି। ମୃତକଙ୍କ ଭାଇ ସୁନୀଲ ଭୋଇଙ୍କ ଅଭିଯୋଗକୁ ଆଧାର କରି ଥାନାରେ ନଂ ୩୫୬/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ମଳୟ ପଣ୍ଡା ସୂଚନା ଦେଇଛନ୍ତି।


ଦେଓଗାଁ ଥାନା ଅନ୍ତର୍ଲା ପତ୍ରଫଡି ନିକଟରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

## ଜଙ୍ଗଲରୁ ବନ୍ଧୁକ କାରଖାନା ଠାବ, ୩ ଗିରଫ

**ଶରଣକୂଳ, ୨୭।୧୦(ଦୀପକ କର):** ନୟାଗଡ଼ ଜିଲା ଶରଣକୁଳ ଥାନା ଜାକେ ଗ୍ରାମରେ ବହୁଦିନ ଧରି ଚାଲିଥିବା ବେଆଇନ ବନ୍ଧୁକ କାରଖାନା ପୋଲିସ ଠାବ କରିଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁଶାନ୍ତ ପ୍ରଧାନ (୪୪), ବସନ୍ତ ବାଣ୍ଡ ଓରଫ ଟିଙ୍କିନା (୩୩) ଓ ପ୍ରଶାନ୍ତ ବିଶ୍ୱାଳ ଓରଫ ପଣ୍ଡା (୪୫)। ସେମାନଙ୍କୁ ପୃଥକ ସ୍ଥାନରେ ରଖି ଜେରା କରିବା ପରେ ସମସ୍ତ ୩ଜଣ ବନ୍ଧୁକ ତିଆରି କାର୍ଯ୍ୟରେ ନିୟୋଜିତ ଥିବା ସତ ମାନିଛନ୍ତି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଶରଣକୁଳ ଥାନା ଦାୟିତ୍ୱରେ ଥିବା ଅଧିକାରୀ ସୂଚନା ଦେଇଛନ୍ତି।

ଜାକେ ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରେ ବେଆଇନ ବନ୍ଧୁକ କାରଖାନା ଚାଲିଥିବା ପୋଲିସ ଚଢ଼ାଉ କରି ବନ୍ଧୁକ ତିଆରିରେ ସାମିଲ ଥିବା ବ୍ୟକ୍ତିଙ୍କୁ କାବୁ କରିଥିଲା। ଘଟଣାସ୍ଥଳରୁ ପୋଲିସ ବନ୍ଧୁକ ତିଆରି ସରଞ୍ଜାମ ଜବତ କରିଛି। ଘଟଣାର ମାଷ୍ଟରମାଇଣ୍ଡ ପ୍ରଶାନ୍ତ ବିଶ୍ୱାଳ ବୋଲି ପୋଲିସ ଜାଣିବାକୁ ପାଇଛି।

## ଘରେ ପଶି ଛୁରାମାଡ଼, ଦୁଇ ଗିରଫ

ଭୁବନେଶ୍ୱର,୨୭।୧୦
(ସତ୍ୟଜିତ ରାଉତ)

ଘରେ ପଶି ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ ମାମଲାରେ ଖାରବେଳନଗର ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ୟୁନିଟ-୩ ଅଞ୍ଚଳର ଡି. ଉଦୟ କିରନ(୨୦) ଓ ସାଗର ବେହେରା(୧୯)। କୋର୍ଟ ଚାଲାଣ ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ କରୁଛି।

ସୂଚନା ଅନୁଯାୟୀ, ଅଭିଯୋଗକାରୀ ଆଦିତ୍ୟ ସେଠୀ ୟୁନିଟ୍-୩ ଅଞ୍ଚଳରେ ରୁହନ୍ତି। ରବିବାର ରାତି ପ୍ରାୟ ୧୦ଟା ୩୦ ବେଳେ ସେ ଜଣେ ବନ୍ଧୁଙ୍କ ସହ ଘରେ ଟିଭି ଦେଖୁଥିଲେ। ଏହି ସମୟରେ ଅଭିଯୁକ୍ତ ଉଦୟ, ସାଗର ଏବଂ ଅନ୍ୟ ସହଯୋଗୀମାନେ ଘରେ ଜୋରଜବରଦସ୍ତ ପଶି ଗାଳିଗୁଲଜ କରିଥିଲେ। ସେମାନେ ହଠାତ୍ ଏକ ଛୁରିରେ ଆଦିତ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଅଭିଯୁକ୍ତମାନେ ଘଟଣାସ୍ଥଳ ଛାଡ଼ି ଦୌଡି ପଳାଇଥିଲେ। ପରିବାର ସଦସ୍ୟ ଆଦିତ୍ୟଙ୍କୁ ଉଦ୍ଧାର କରିଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୮୩/୨୦୨୫) ରୁଜୁ କରିଥିଲା। ପୋଲିସ ଟିମ୍ ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଚଢାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ତେବେ ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୋଲିସ ଜାଣିବାକୁ ପାଇଛି।

# ଧରାପଡ଼ିଲା ବେଆଇନ ଲଟେରି ଖେଳ

## ନଗଦ ଟଙ୍କା, ମୋବାଇଲ ସହ ୧୫ ପ୍ରକାର ସାମଗ୍ରୀ ଜବତ, ୧୫ ଗିରଫ

କଟକ,୨୭।୧୦(କାର୍ତ୍ତିକ ସାହୁ)

ଚାଉଳିଆଗଞ୍ଜ ଥାନା ପୋଲିସ ବେଆଇନ ଲଟେରି ଖେଳ କରିବା ଅଭିଯୋଗରେ ୧୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ କଟକ, ପୁରୀ, ଭୁବନେଶ୍ୱର, ଢେଙ୍କାନାଳ, ଜଗତ୍‌ସିଂହପୁର, କଳାହାଣ୍ଡି, ଯାଜପୁର ଆଦି ଜିଲାର ଅଧିବାସୀ ହୋଇଥିବାବେଳେ କଟକ ଓ ଭୁବନେଶ୍ୱରରେ ରହିଆସୁଥିବା ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତମାନେ ହେଲେ ରାଣୀହାଟ ତେଲିସାହିର ସୁକନାଥ ବେହେରା, ଗୋର୍ଖା କଲୋନୀର ବାବୁ ନାୟକ, ଜଗତସିଂହପୁର ଜିଲା ରହଣାର ତ୍ରିନାଥ ପ୍ରଧାନ, ଯାଜପୁର ଜିଲା ଡେରାବୁଣ୍ଡିର ସୁବାସ କୁମାର ପଟ୍ଟନାୟକ, ସିଆର୍‌ଆର୍‌ଆଇ ଥାନା ଭଦିମୂଳର ହେମନ୍ତ ମହାନ୍ତି, କଟକ ସଦର ଥାନା ଉରାଳି ଉଥାନସାହିର କାର୍ତ୍ତିକ ଉଥାନ, ଚାଉଳିଆଗଞ୍ଜ ଅଟାରିସାହିର ଜି. ଭେଙ୍କଟ ରାଓ, କଟକ ହରିପୁରର ବାବୁ ସାହୁ, ଧର୍ମଶାଳା ଥାନା ରଚ୍ଛିପୁରର କାର୍ତ୍ତିକ କୁମାର ସାହୁ। ଅନ୍ୟ ଅଭିଯୁକ୍ତ ହେଲେ ପୁରୀ ବାସେଳିସାହିର ଦାମ ସାହୁ, ବିରିଡ଼ି ଥାନା ବଡ଼ଖଣ୍ଡାୟତର ଅଭିମନ୍ୟୁ ବେହେରା, ୪୨ ମୌଜା ଥାନା ବ୍ରହ୍ମପୁରର ସରଞ୍ଚ ପାଣି, କାମାକ୍ଷାନଗର ଥାନା କାନ୍ଦବୋଲ ନୂଆସାହିର ବିଜୟ ନାୟକ, କଳାହାଣ୍ଡି କନ୍ଦପଡ଼ାର ରଘୁରାମ ନାୟକ ଓ ଭୁବନେଶ୍ୱର ପଳାଶୁଣି ପ୍ରାଚୀବିହାରର ଜଗଜିତ ସିଂହ। ତେବେ ଜଗଜିତ୍ ସିଂହ ବୃଦ୍ଧ ଓ ଅଧିକ ଦୁର୍ବଳ ହୋଇଥିବାରୁ ପୋଲିସ ତାଙ୍କୁ ନୋଟିସ ଦେଇ ଛାଡ଼ିଛି। ପୋଲିସ ଅବଶିଷ୍ଟ ୧୪ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୧୩,୦୩୦ ଟଙ୍କା ସହ ୯ଟି ମୋବାଇଲ, ୨ଟି ମୋଟର ସାଇକଲ, ୩ଟି ଲଟେରି ବୋର୍ଡ, ୧ଟି କାଠ ଲଟେରି ଟେବୁଲ, ୩ଟି କାଠ ବେଞ୍ଚ, ୧ଟି ପ୍ଲାଏ ଟେବୁଲ, ୨ଟି କାଲ୍‌କୁଲେଟର, ୧ଟି ଇଙ୍କପ୍ୟାଡ୍, ୩ଟି ଲଟେରି ନମ୍ବର ଷ୍ଟାମ୍ପ, ୨ଟି ଲଟେରି ରେଜିଷ୍ଟର, ୨ଟି ସିଲିଂ ଫ୍ୟାନ ଓ ୧ଟି କାନ୍ଥ ଘଣ୍ଟା ପୋଲିସ ଜବତ କରିଛି। ଏନେଇ ଚାଉଳିଆଗଞ୍ଜ ଥାନାରେ ମାମଲା (ନଂ.୫୬୧/୨୦୨୫) ରୁଜୁ ହୋଇଛି।

ସୂଚନା ଅନୁସାରେ, ରବିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ବେଆଇନ ଲଟେରି ଖେଳ ସଂକ୍ରାନ୍ତରେ ଜାଣିବାକୁ ପାଇଥିଲା। ରେଲ୍‌ୱେ ଓଭରବ୍ରିଜ୍ ନିକଟ ଗୋଲବଜାରରେ ଏହି ଖେଳ ହେଉଥିବା ସୂଚନା ଥିଲା। ଗିରଫ ଅଭିଯୁକ୍ତମାନେ ଅଫ୍‌ଲାଇନରେ ଲଟେରି ଟିକେଟ ବିକ୍ରି କରୁଥିଲେ। ବିଜେତାଙ୍କ ନାମ ଅନ୍‌ଲାଇନ୍ ଜରିଆରେ playgoldwin365.com ୱେବସାଇଟ୍‌ରେ ପ୍ରକାଶ କରାଯିବାର ଥିଲା। ତେବେ ପୋଲିସ ଚଢ଼ାଉ ଫଳରେ ସବୁକିଛି ଧରାପଡ଼ିଯାଇଛି। ପୋଲିସ ତଦନ୍ତ ଜାରି ରହିଥିବା ଚାଉଳିଆଗଞ୍ଜ ଥାନା ପକ୍ଷରୁ ସୂଚନା ମିଳିଛି।


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

## ଆନ୍ଧ୍ରରୁ ଚୋରି ୫ ବାଇକ୍ ଓଡ଼ିଶାରୁ ଜବତ

ବନ୍ତ,୨୭।୧୦ (ହରିନାରାୟଣ ମହାନ୍ତି)

ଆନ୍ଧ୍ରପ୍ରଦେଶରୁ ଚୋରି ବାଇକ୍ ଓଡ଼ିଶାରେ ବିକ୍ରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ପରେ ଆନ୍ଧ୍ର ପୋଲିସ ଓଡ଼ିଶାରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ୪ ସ୍ଥାନରେ ଚଢ଼ାଉ କରି ୫ ବାଇକ୍ ଜବତ କରିଛି। ଜବତ ହୋଇଥିବା ବାଇକ୍‌ଗୁଡ଼ିକର କୌଣସି ନମ୍ବର ପ୍ଲେଟ୍ ନ ଥିବା ଜଣାଯାଇଛି।

ପ୍ରକାଶ ଯେ, ରବିବାର ରାତିରେ ଆନ୍ଧ୍ର ପୋଲିସ ଭଦ୍ରକ ଜିଲା ବନ୍ତ ଥାନାରେ ପହଞ୍ଚି ଆନ୍ଧ୍ରରୁ ଚୋରି ହୋଇଥିବା ବାଇକ୍ ସମ୍ପର୍କରେ ସୂଚନା ଦେଇଥିଲା। ଚୋରିରେ ସମ୍ପୃକ୍ତ ଥିବା ଯାଜପୁର ଜିଲା ବରୀ ଥାନା ଅଞ୍ଚଳର ସେକ୍ ସମିମ୍‌ଙ୍କୁ ସାଥିରେ ଧରି ଆନ୍ଧ୍ର ପୋଲିସ ବନ୍ତ ଥାନାରେ ପହଞ୍ଚିଥିଲା। ବନ୍ତ ଥାନା ଅଧୀନ ଚଣ୍ଡିପୁର ଗ୍ରାମରୁ ଗୋଟିଏ ବାଇକ୍ ଜବତ କରାଯାଇଥିଲା। ଏଥିସହ ଆନ୍ଧ୍ର ପୋଲିସ କେନ୍ଦୁଝର ଜିଲା ଘଟଗାଁ ଅଞ୍ଚଳରୁ ଗୋଟିଏ, କଟକରୁ ୨ ଏବଂ ଯାଜପୁର ଅଞ୍ଚଳରୁ ଗୋଟିଏ ବାଇକ୍ ସ୍ଥାନୀୟ ଥାନା ପୋଲିସ ସହାୟତାରେ ଜବତ କରିଛି। ପ୍ରକାଶଥାଉ କି, ଏହି ଚୋରି ନେଇ ଗତ ୨୦ ତାରିଖରେ ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀ ଟାଉନ ଥାନାରେ ଏକ ମାମଲା (ନଂ.୨୪୧/୨୫), ୧୭ ତାରିଖରେ ବିଶାଖାପାଟଣା ଥାନାରେ ମାମଲା (ନଂ.୨୮୯/୨୫) ଏବଂ ପେଣ୍ଡୁରର୍ଥୀ ଥାନାରେ ଏକ ମାମଲା (ନଂ.୪୬୩/୨୫) ରୁଜୁ ହୋଇଥିଲା।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୨୭।୧୦
(ରାକେଶ କୁମାର ରାଉତ)

ଫୁଲବାଣୀ ଫାଷ୍ଟ ଟ୍ରାକ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ସୋମବାର ଜଣେ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟେ ଅଧିକ ୨ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଫୁଲବାଣୀ ସଦର ଥାନା ଅଧୀନ ସାଇନପଡ଼ା ଗ୍ରାମର ରିତିକ୍ ଦିଗାଲ(୧୯)। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବିଚାରପତି ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ନାବାଳିକା ଜଣଙ୍କ ଫୁଲବାଣୀ ଏଜେଓ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ। ଅଭିଯୁକ୍ତ ରିତିକ୍ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ବିଭିନ୍ନ ସ୍ଥାନରେ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ୨୦୨୪ ନଭେମ୍ବର ୨୧ ତାରିଖରେ ନାବାଳିକାଙ୍କୁ ସେ ବାଇକ୍‌ରେ ବସାଇ ନିଜ ମାମୁଘରକୁ ନେଇ ଯାଇ ସେଠାରେ ମଧ୍ୟ ଶାରୀରିକ ସମ୍ପର୍କ ରଖିଥିଲେ। ଝିଅ ଘରକୁ ନ ଫେରିବାରୁ ବାପା ଚାରିଆଡେ ଖୋଜି ନିରାଶ ହେବା ପରେ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୨୫୯/୨୪ରେ ମାମଲା ରୁଜୁ କରି ରିତିକ୍‌ଙ୍କୁ ଗିରଫ କରିଥିଲା। ବିଚାରପତି ୧୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଡାକ୍ତରୀ ରିପୋର୍ଟକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ଋଣ କିସ୍ତି ନ ଦେବାରୁ ଉଠାଇ ନେଲେ ଫାଇନାନ୍ସ କମ୍ପାନୀ ଅଧିକାରୀ

### ସ୍ୱାମୀ ଘରକୁ ନ ଫେରିବାରୁ ଥାନାରେ ଅଭିଯୋଗ କଲେ ସ୍ତ୍ରୀ

ବଲାଙ୍ଗୀର, ୨୭।୧୦ (ବୀରେନ୍ଦ୍ର କୁମାର ଝାଙ୍କର)- ଋଣ କିସ୍ତି ଟଙ୍କା ପଇଠ ନ କରିବାରୁ ଏକ ଫାଇନାନ୍ସ କମ୍ପାନୀର ଦୁଇଜଣ ଅଧିକାରୀ ଋଣ ନେଇଥିବା ଜଣେ ବ୍ୟକ୍ତିଙ୍କୁ ସହର ମଧ୍ୟସ୍ଥଳ ଏକ ରାସ୍ତାରୁ ଉଠାଇ ନେଇଥିବା ଜଣାଯାଇଛି। ସେହି ବ୍ୟକ୍ତି ଜଣକ ଘରକୁ ଫେରି ନ ଥିବାରୁ ତାଙ୍କ ସ୍ତ୍ରୀ ବ୍ୟସ୍ତ ବିବ୍ରତ ହୋଇ ବଲାଙ୍ଗୀର ଟାଉନ ଥାନାର ଦ୍ୱାରସ୍ଥ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବାରପୁଡଗିଆ ଗାଁର ମନୋଜ ସା ନାମକ ଜଣେ ବ୍ୟକ୍ତି ଏକ ଫାଇନାନ୍ସ କମ୍ପାନୀ ଠାରୁ ପର୍ସନାଲ ଲୋନ ନେଇଥିଲେ। ଅର୍ଥ ସଙ୍କଟ କାରଣରୁ ସେ ଋଣର ଗୋଟିଏ କିସ୍ତି ଦେଇ ପାରି ନ ଥିଲେ। ରବିବାର ଅପରାହ୍ଣରେ ମନୋଜ ବଲାଙ୍ଗୀର ସହରର ଏକ ଟକିଜ ନିକଟରେ ଥିବା ବେଳେ ଉକ୍ତ ଫାଇନାନ୍ସ କମ୍ପାନୀର ଦୁଇଜଣ ଅଧିକାରୀ ତାଙ୍କ ପାଖକୁ ଆସି ତାଙ୍କୁ ଉଠାଇ ନେଇଥିଲେ। ଏନେଇ ମନୋଜ ଫୋନ କରି ତାଙ୍କ ସ୍ତ୍ରୀ ରିତାଙ୍କୁ ଜଣାଇଥିଲେ। ସୋମବାର ସନ୍ଧ୍ୟା ସୁଦ୍ଧା ମନୋଜ ଘରକୁ ଫେରିନାହାନ୍ତି। ଉକ୍ତ ଫାଇନାନ୍ସ ଅଧିକାରୀଙ୍କୁ ପଚାରିବାରେ ତାଙ୍କ ସ୍ୱାମୀ ରବିବାର ସନ୍ଧ୍ୟାରୁ ଘରକୁ ଯାଇ ସାରିଛନ୍ତି ବୋଲି କହିଥିଲେ। ତେବେ ଏ ପର୍ଯ୍ୟନ୍ତ ମନୋଜ ଘରକୁ ଫେରି ନ ଥିବାରୁ ରିତା ତାଙ୍କ ସ୍ୱାମୀଙ୍କୁ ମାରପିଟ କରାଯାଇଥିବା ଏବଂ ଜୀବନରେ ମାରି ଦେଇଥିବା ସନ୍ଦେହ କରି ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇଲା ପରେ ତଦନ୍ତ ଆରମ୍ଭ କରିଛି।

## ୧୦ କି.ଗ୍ରା. ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ବାଲେଶ୍ୱର, ୨୭।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଜିଲା ଭ୍ରାମ୍ୟମାଣ ୟୁନିଟ୍ ପକ୍ଷରୁ ଚଢ଼ାଉ କରାଯାଇଛି। ଇନ୍ସପେକ୍ଟର ହରିହର ସିଂ, ଏସ୍‌ଆଇ ଭବେଶ ଦାସ ଓ ଭକ୍ତ ଚରଣ ସ୍ୱାଇଁ, ଏଏସ୍‌ଆଇ ଲମ୍ବୋଦର ମହାନ୍ତ ପ୍ରମୁଖ ସଦଳବଳେ ସହଦେବଖୁଣ୍ଟା ଥାନା ଅଧୀନ ଷ୍ଟେଶନ ଛକ ନିକଟରେ ଚଢ଼ାଉ କରି ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ରକିବୁଲ୍ ସେକ (୨୯)। ତାଙ୍କଠାରୁ ୧୦ କି.ଗ୍ରା. ଗଞ୍ଜେଇ ଜବତ ହୋଇଛି। ଏନେଇ ଅବକାରୀ ଥାନାରେ ଏକ ମାମଲା (ନଂ. ୨୯୦/୨୫-୨୬) ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଗଞ୍ଜେଇ ବେପାରୀ ଜଣକ ଅନୁଗୋଳରୁ ଗଞ୍ଜେଇ ଆଣି ମୁର୍ଶିଦାବାଦକୁ ଚାଲାଣ କରୁଥିବା ନେଇ ଅବକାରୀ ବିଭାଗ ପାଖରେ ଖବର ଥିଲା। ଗଞ୍ଜେଇ ବ୍ୟାଗ୍ ନେଇ ରେଳ ଷ୍ଟେସନ ଯାଉଥିବା ବେଳେ ଅବକାରୀ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।


**ସତର୍କତା ଜାଗରଣ ସପ୍ତାହ**
27 ଅକ୍ଟୋବର ଠାରୁ 2 ନଭେମ୍ବର 2025

**"ସତର୍କତା: ଆମର ମିଳିତ ଦାୟିତ୍ୱ"**

➤ ଉପଭୋକ୍ତାମାନଙ୍କୁ ନିବେଦନ ➤

- ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
- ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠରେ ରସିଦ୍/ଟିକଟ ମାଗି ନିଅନ୍ତୁ।
- ରେଳବାଇର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂଯୁକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
- ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
- ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
- ଯଦି ଆପଣଙ୍କ ନିକଟରେ ରେଳବାଇରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ।

ସତର୍କତା ହେଲ୍ପଲାଇନ୍ ନଂ. 8455885031
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-727/O/25-26



**OFFICE OF PRINCIPAL**
**EKLAVYA MODEL RESIDENTIAL SCHOOL**
Ministry of Tribal Affairs, Govt. of India
(Support : OMTES, SC/ST Dev. Dept., Govt. of Odisha)
At/Po - Kuchinda, Dist. - Sambalpur (768222), Odisha
Affiliated to CBSE, Delhi. Affiliation No. - 1520209
School No. - 17297 I UDISE CODE : 2103120097

**SHORT TENDER CALL NOTICE FOR HIRING OF VEHICLE**

Letter No. : 632 Date : 24.10.2025

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.- Sambalpur, Odisha.

**Tender Details:**
- Tender Issue Date : 26.10.2025
- Last Date for Submission : 03.11.2025
- Tender forms and terms & conditions can be obtained from the school website https://emrskuchinda.com or office during working hours
- Date and Time of Opening of Tender Documents - 07.11.2025 at 10 AM

Interested parties may submit their sealed quotations with all required documents to the Principal, EMRS, Kuchinda, Dist.- Sambalpur, Odisha by the due date.

Notwithstanding anything contained to the contrary in the tender document, the undersigned reserves the right to cancel/ modify "invitation for bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- PRINCIPAL
EMRS, KUCHINDA, Sambalpur



କାନାରା ବ୍ୟାଙ୍କ Canara Bank
A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯
କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଓସ୍ତପୁର ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଓସ୍ତପୁର ଶାଖା (୫୯୬୭) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ମନସ୍ମିତା ରାଉତରାୟ, ରାହାଣିଆ, ଗୋକଳପୁର, କଟକ, ପିନ୍-୭୫୪୨୦୪, ୨) ଶ୍ରୀମତୀ ମନସ୍ମିତା ରାଉତରାୟ, ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଟି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଅସିତ କୁମାର ମହାନ୍ତି, ପିତା: ଅଜିତ କୁମାର ମହାନ୍ତି, ସା: କାଳିଅଣ୍ଟି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ | (କ) ଅସିତ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.: ୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଟି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍‌ଆର୍‌ଓ: ମାହାଙ୍ଗା, ଏହାର ଚାରିପାର୍ଶ୍ୱରେ- ଉତ୍ତର: କାଳିଅଣ୍ଟି ୟୁପିଏମ୍‌ଇ ବିଦ୍ୟାଳୟ, ଦକ୍ଷିଣ: ପ୍ଲଟ୍ ନଂ. ୧୭୦୫/୩୩୫୭, ପୂର୍ବ: ଜଟିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା / (ଖ) ୦୪.୦୮.୨୦୨୫ / (ଗ) ୨୪.୧୦.୨୦୨୫ / (ଘ) ଟ.୧୩,୧୫,୬୧୧.୭୭ (ତେର ଲକ୍ଷ ପନ୍ଦର ହଜାର ଛଅ ଶହ ଏଗାର ଟଙ୍କା ଏବଂ ସତସ୍ତରୀ ପଇସା ମାତ୍ର) ସହିତ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ। |

ସ୍ଥାନ : କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର,
କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ଏତଦଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅନ୍ତର୍ଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାସୁଦେବପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ସୁରେଶ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି, ୨) ସନ୍ତୋଷ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି / ଗ୍ୟାରେଣ୍ଟିଦାତା: ରଙ୍ଗଲତା ଧୁପାଳ, ସ୍ୱାମୀ: ସୁରେନ୍ଦ୍ର ପ୍ରସାଦ ପାଣି, ସମସ୍ତଙ୍କ ଠିକଣା- ସା: ବଡ ଆନନ୍ଦପୁର, ପୋ: ବଛିପୁର, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡ଼ିଶା-୭୫୬୧୬୫ | ୧୪.୦୭.୨୦୨୫ ସୁଦ୍ଧା ଟ.୧୦,୬୬,୬୨୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୭.୨୦୨୫ / ୨୭.୧୦.୨୦୨୫ | **ସୁରେଶ କୁମାର ପାଣି ଏବଂ ସନ୍ତୋଷ କୁମାର ପାଣିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୭/୧୪୦, ରେଭିନ୍ୟୁ ପ୍ଲଟ୍ ନଂ.: ୨୨୬/୭୮୭, ପରିମିତ କ୍ଷେତ୍ର: ଏକର୦.୧୩ ଡିସିମିଲି, ମୌଜା: ବଡ ଆନନ୍ଦପୁର, ଥାନା: ବାସୁଦେବପୁର, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍କର୍ଷଣ ପାଣି, ଦକ୍ଷିଣ: ରାସ୍ତା, ପୂର୍ବ: କ୍ରେତା ନିଜେ, ପଶ୍ଚିମ: ଅଶୋକ ଜେନା |
| **କଟକ ଜଗତ୍‌ପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତା: ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସ / ଋଣଗ୍ରହୀତା: ସୁବ୍ରତ କୁମାର ଦାସ, ପିତା: ରବିନ୍ଦ୍ର ନାଥ ଦାସ, ଉଭୟଙ୍କ ଠିକଣା-୧: ସା/ପୋ: ଜଙ୍କିଆ (ଗଡସାହି), ଥାନା: କଣାସ, ଜିଲ୍ଲା: ପୁରୀ, ପିନ୍-୭୫୨୦୨୦, ଠିକଣା-୨: ପ୍ଲଟ୍ ନଂ.: ୬୭୪/୨୮୮୭, ଗୋପିନାଥପୁର, ପୋ: ଭୈରପୁର, ତହସିଲ/ ଥାନା: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୦ | ୦୭.୦୮.୨୦୨୫ ସୁଦ୍ଧା ଟ.୧୦,୬୭,୫୬୬/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୨୫ / ୨୨.୧୦.୨୦୨୫ | **ଶାନ୍ତିଲତା ଦାସ,** ସ୍ୱାମୀ: ରବିନ୍ଦ୍ର ନାଥ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୮୫/୩୬୪, ପ୍ଲଟ୍ ନଂ.: ୬୭୪/୨୮୮୭, କ୍ଷେତ୍ର: ଏକର୦.୦୪୪ ଡିସିମିଲି, ପ୍ରକାର: ଘରବାରୀ, ମୌଜା: ଗୋପିନାଥପୁର, ପୋ: ଭୈରପୁର, ତହସିଲ: ସାଲେପୁର ନଂ.: ୫୧, ଥାନା: ସାଲେପୁର ନଂ.: ୪, ଜିଲ୍ଲା: କଟକ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ (ବିକ୍ରୟ ଦଲିଲ୍ ଅନୁଯାୟୀ) ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୬୭୫, ପଶ୍ଚିମ: ରାସ୍ତା |

ସ୍ଥାନ: କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ପୋଚ ନଷ୍ଟ, ଦେଶୀମଦ ଜବତ

**ବେଗୁନିଆ,୨୭।୧୦(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଏବଂ ସଦର ରେଞ୍ଜ ନୀରିକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ପକ୍ଷରୁ ବରପଦା କାଜୁ ଜଙ୍ଗଲରେ ସୋମବାର ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତମାନେ ଆଗୁଆ ଖବରପାଇ ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳରୁ ୬ହଜାର ୫ ଶହ ଲିଟର ପୋଚ, ୨୫୦ଲିଟର ଦେଶୀମଦ ଏବଂ ଆବଶ୍ୟକ ସରଞ୍ଜାମ ଜବତ କରାଯାଇଥିଲା। ତେବେ ଜବତ ପୋଚକୁ ନଷ୍ଟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଗଉଡ଼ପାଟଣାରେ ବାଦୀପାଲା

**ବେଗୁନିଆ,୨୭।୧୦(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଗଉଡ଼ପାଟଣା ପାଲାମଣ୍ଡପରେ ୯୫ତମ ବାଦୀପାଲା ଅନୁଷ୍ଠିତ ହୋଇଯାଇଛି । ଚାରିଦିନ ବ୍ୟାପୀ ଏହି ପାଲା ଚାଲିଥିବା ବେଳେ ଗାୟକ ଜ୍ଞାନଜ୍ୟୋତି ଶରତ ଦଳେଇ ଏବଂ ଗାୟକ ପ୍ରବୀର ସନାତନ ଦାସ ପାଲା ପରିବେଷଣ କରିଥିଲେ। ଗିରିଗୋବର୍ଦ୍ଧନ ପୂଜା କମିଟିର ସଭାପତି ସତ୍ୟବାଦୀ ମହାନ୍ତି ଏବଂ ସମ୍ପାଦକ ରମେଶ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଜଗବନ୍ଧୁ ସାଠୁଆ, ବୈକୁଣ୍ଠ ପୃଷ୍ଟି, ବାବୁନି ନାୟକ, ଧନେଶ୍ୱର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଏବଂ ସାମାଜିକ କର୍ମୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର ଅତିଥିଭାବେ ଯୋଗଦେଇଥିଲେ।

### ଓମ୍‌ଫେଡ୍ ମୁଖ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୭।୧୦ (ଅନୁରାଧା ମହାରଣା):** ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି। ଚଳିତ ବର୍ଷର ଥିମ୍ ରହିଛି 'ଦୁର୍ନୀତି ନିବାରଣ-ଆମର ସହଭାଗୀ ଦାୟିତ୍ୱ'। ତେବେ ଓମ୍‌ଫେଡ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ପ୍ରଥମ ଦିନରେ ସମସ୍ତ କର୍ମଚାରୀ ଶପଥ ଗ୍ରହଣ କରିଛନ୍ତି। ଓମ୍‌ଫେଡ ମୁଖ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଏହାର ସାଧାରଣ ପରିଚାଳନ (ବିତ୍ତ) ସୁରେଶ ଅଲଟିଆ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ମାନବ ସମ୍ବଳ ମୁଖ୍ୟ ଦାୟିତ୍ୱରେ ଥିବା ନିତ୍ୟଦର୍ଶନ ମିଶ୍ର, ବିତ୍ତ ଅଧିକାରୀ ତାପସ ରଞ୍ଜନ ମିଶ୍ର, ଡେପୁଟି ମ୍ୟାନେଜର (ପ୍ରକଳ୍ପ) ଶୁଧାଂଶୁ ଶେଖର ପଣ୍ଡା, ସହକାରୀ ପରିଚାଳକ (ଆଇଟି) ଜିତେନ୍ଦ୍ର କୁମାର ବରାଡ଼ଙ୍କ ସମେତ ସମସ୍ତ ଉପବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ପ୍ଲାଣ୍ଟ ଓ ସମବାୟ ସମିତିରେ ସପ୍ତାହବ୍ୟାପି ଦୁର୍ନୀତି ନିବାରଣ ସଚେତନତା ଓ ଶପଥ ପାଠ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।

# 'ସାଧୁତାର ସହ ଜନତାଙ୍କ ସେବା କର'

**ଖୋର୍ଦ୍ଧା,୨୭।୧୦(ପ୍ରଭାତ ପାଣିଗ୍ରାହୀ)**



ଅଧିକାରୀ ଏବଂ କର୍ମଚାରୀମାନେ ଶପଥପାଠ କରୁଛନ୍ତି।

ଦୁର୍ନୀତି ନିର୍ବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ପ୍ରଶାସନିକ କାର୍ଯ୍ୟାଳୟରେ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଜିଲାର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ବେଉରା କହିଥିଲେ ଯେ, ଦୁର୍ନୀତି ବିକାଶରେ ବାଧକ। ସରକାରୀ ଅଧିକାରୀ, କର୍ମଚାରୀମାନେ ନିଷ୍ଠା, ସମର୍ପଣ ଭାବ ସହ ଜନତାଙ୍କ କାମକୁ ଗୁରୁତ୍ୱ ଦିଅନ୍ତୁ। ସାଧାରଣ ଲୋକଙ୍କଠାରୁ ସରକାରୀ କର୍ମଚାରୀମାନେ ଉତ୍କୋଚ ଦାବି କରିବା ଏକ ଦଣ୍ଡନୀୟ ଅପରାଧ। ଚାକିରି କାଳରେ ଗୋଟିଏ ଭୁଲ୍ ପାଇଁ ଜୀବନସାରା ପଶ୍ଚାତାପ କରିବାକୁ ପଡିବ, ସମ୍ମାନହାନି ମଧ ଘଟିବ। ଭଲ କାମ କଲେ, ଲୋକଙ୍କ ପ୍ରଶଂସା ପାଇବେ। ଏଥିପ୍ରତି ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ସଚେତନ, ସଜାଗ ରହିବାକୁ ମତପ୍ରକାଶ ପାଇଥିଲା। ସମସ୍ତ ଅଧିକାରୀ ସାଧୁତା, ସଚ୍ଚୋଟତା, ସମୟାନୁବର୍ତ୍ତିତା ବଜାୟ ରଖି ନିଷ୍ପାପର ଭାବେ ସରକାର ଓ ପ୍ରଶାସନ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ସମ୍ପାଦନ କଲେ ଜିଲା ଦ୍ରୁତ ବିକାଶ ପଥରେ ଆଗେଇ ସମଗ୍ର ରାଜ୍ୟରେ ଦୃଷ୍ଟାନ୍ତ ସୃଷ୍ଟ କରିବ। ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର(ରାଜସ୍ୱ) ନିବେଦିତା ପରିଡା, ଡେପୁଟିକଲେକ୍ଟର(ନ୍ୟାୟିକ) ଅନନ୍ୟା ସୃଷ୍ଟି ଶତପଥୀ, ଡେପୁଟି କଲେକ୍ଟର(ଜରୁରୀ) ଶ୍ରୀତମା ମିଶ୍ର, ଭୂଅର୍ଜନ ଅଧିକାରୀ କ୍ରିଷ୍ଣା କୁମାର ଜେନା, ସହକାରୀ ଜିଲାପାଳ ଅକ୍ଷୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା କହିଥିଲେ ଯେ, ଦୁର୍ନୀତି ନିବାରଣ ସପ୍ତାହ ଅକ୍ଟୋବର ୨୭ରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଜିଲାରେ ପାଳନ ହେବ। ସେ ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

# ଧନ୍ଦାମୂଳକ ଶିକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସୁଦୃଢ଼ କରିବ

**ଭୁବନେଶ୍ୱର,୨୭।୧୦(ସୁଚିସ୍ମିତା ସାହୁ)**

**ଆବାସିକ ବ୍ୟବହାରିକ ଦକ୍ଷତା ବିକାଶ ପ୍ରଶିକ୍ଷଣ ଉଦ୍‌ଘାଟିତ**

ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିମନ୍ତେ ଏସ୍‌ପିଇଏଫ୍‌ଏଲ ଟ୍ରେଡ୍‌କୁ ନେଇ ୫ ଦିନିଆ ଆବାସିକ ବ୍ୟବହାରିକ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ସେଞ୍ଚୁରିଆନ ୟୁନିଭର୍ସିଟିଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ଯୋଗଦେଇ କହିଲେ, ଏହି ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ହାସଲ କରିବା ଦିଗରେ ପ୍ରେରଣା ପ୍ରଦାନ କରିବ। ଧନ୍ଦାମୂଳକ ଶିକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ସୁଦୃଢ଼ କରିବାରେ ସହାୟକ ହେବ। ସେଞ୍ଚୁରିଆନ ୟୁନିଭର୍ସିଟିର କୁଳପତି ପ୍ରଫେସର ଡ. ସୁପ୍ରିୟା ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତା ତଥା ଭବିଷ୍ୟତ ଗଠନ ବିଷୟରେ ଅବଗତ କରିଥିଲେ। ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ସ୍ୱାଗତ ଅଭିଭାଷଣ ଓ ଉପନିର୍ଦ୍ଦେଶକ ସି.ଏଚ. ବିଜୟଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାୟ ୧୦୦ ଜଣ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ।

# ୪୫୦ ଅଭିଯୋଗରୁ ୨୫୭ ତତ୍କାଳ ସମାଧାନ




ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅତିଥି।

**ବୋଲଗଡ଼,୨୭।୧୦(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଫାଶୀଓଦା ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ହୁଲାସ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ସୁଧା କୁଣ୍ଡୁ, ଅତିରିକ୍ତ ତହସିଲଦାର ଦୀପ୍ତିମୟି ଶର୍ମା, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ପଟ୍ଟନାୟକ,ଏବିଡିଓ ଡ. ରତିକାନ୍ତ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଭଞ୍ଜ, ସମିତି ସଭ୍ୟ ପ୍ରଦୀପ ପ୍ରଧାନଙ୍କ ସମେତ ପ୍ରାୟ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଜୀକୃତ ୪୫୦ଟି ଅଭିଯୋଗ ମଧ୍ୟରୁ ବିଭାଗୀୟ ଅଧିକାରୀମାନେ ତତ୍କାଳ ୨୫୭ଟି ଅଭିଯୋଗର ସମାଧାନ କରିଥିଲେ। ଅବଶିଷ୍ଟ ଅଭିଯୋଗଗୁଡ଼ିକ ସମ୍ପୃକ୍ତ ବିଭାଗ ଦ୍ୱାରା ଖୁବ୍‌ଶୀଘ୍ର ସମାଧାନ କରାଯିବ। ତତ୍‌ସହିତ ହିତାଧିକାରୀଙ୍କୁ ପଟା ବଣ୍ଟନ ସହିତ ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ରାଶନ କାର୍ଡ ପ୍ରଦାନ ସହ ସେଥିରେ ଥିବା ତ୍ରୁଟି ସଂଶୋଧନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ଫାସିଓଦା ପଞ୍ଚାୟତର ଛାମୁଆ ନେତୃବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶ୍ରୀରାମଚରିତମାନସ ମହାଯଜ୍ଞ ପୂର୍ଣ୍ଣାହୁତି

**ବୋଲଗଡ,୨୭।୧୦(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକର ରାସୋଳ ଗ୍ରାମରେ ଗ୍ରାମବାସୀଙ୍କ ପକ୍ଷରୁ ମହାବୀର ମନ୍ଦିର ପରିସରରେ ଶ୍ରୀରାମଚରିତମାନସ ପାରାୟଣ, ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଗୁରୁବାର ଜଳାଧିବାସ ଓ ଘଟ ସ୍ଥାପନ ଏବଂ ଶୁକ୍ରବାର ସୂର୍ଯ୍ୟପୂଜା, ରାମାର୍ଚ୍ଚନା, ହନୁମାନ ଅର୍ଚ୍ଚନା, ପାରାୟଣ ପାଠ ଓ ରାମକଥା ପ୍ରବଚନ ଆଦି ସମ୍ପାଦିତ ହୋଇଥିଲା। ଗୌତମ ମହାରାଜଜୀଙ୍କ ତତ୍ତ୍ୱାବଧାନରେ ତୃତୀୟ ଓ ଚତୁର୍ଥ ଦିବସରେ ପ୍ରସିଦ୍ଧ ରାମକଥା ବାଚକ ପୁରୁଷୋତ୍ତମ ମହାରାଜଜୀ ଓ କୃପାସିନ୍ଧୁ ଜେନାଙ୍କ ଦ୍ୱାରା ରାମାୟଣର ଗୂଢ଼ ବିଷୟ ଗୁଡିକ ପ୍ରବଚନ ମାଧ୍ୟମରେ ଭକ୍ତି, ଜ୍ଞାନ, ନୀତି ଓ ସଦାଚାର ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲା। ମହାଯଜ୍ଞରେ ବ୍ୟାସଭାବେ ଲକ୍ଷ୍ମୀଧର ମହାପାତ୍ର, ଆଚାର୍ଯ୍ୟ ଭାବେ ଅନିରୁଦ୍ଧ ପଣ୍ଡା ଓ ଅନ୍ୟମାନେ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ନାୟକ, ଗୌତମବୁଦ୍ଧ ମହାପାତ୍ର, ମାନସ ବେହେରା, ପ୍ରମୋଦ ଭଞ୍ଜ, ସୁଶାନ୍ତ କୁମାର ମହାପାତ୍ର, ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ସମିତିସଭ୍ୟ ଦିଲୀପ ମହାପାତ୍ର ପ୍ରମୁଖ ଯୋଗଦେଇ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ସୋମବାର ଭଗବାନ ରାମ, ଲକ୍ଷ୍ମଣ, ସୀତା, ହନୁମାନଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ଗ୍ରାମବାସୀ ଓ ଶ୍ରୀଚୈତନ୍ୟ ଦେବ ସଂକୀର୍ତ୍ତନମଣ୍ଡଳୀର ସଭ୍ୟମାନେ ପଟୁଆରରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ନାମକୀର୍ତ୍ତନ, ହରିବୋଲ ହୁଳହୁଳି, ଶଙ୍ଖନାଦ ସହ ଭକ୍ତିମୟ ପରିବେଶରେ ଗ୍ରାମ ପରିକ୍ରମା ପରେ ଠାକୁରଙ୍କ ପ୍ରତିମା ଓ ମାନସିକ କଳସକୁ ଗ୍ରାମ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା।

# ରାଉତପଡ଼ାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ



ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ବେଗୁନିଆ,୨୭।୧୦ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ରାଉତପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ସନ୍ତୋଷ କୁମାର ଜେନା, ତହସିଲଦାର ତାପସ କୁମାର ବିଶି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ଶାନ୍ତିଲତା ଦାସ, ସମିତିସଭ୍ୟା ପୁଷ୍ପଲତା ପାଇକରାୟଙ୍କ ସହିତ ସମସ୍ତ ବିଭାଗୀୟ ମୁଖ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ସମସ୍ୟାର ତ୍ୱରିତ ସମାଧାନ ପାଇଁ ସରକାରୀ ପ୍ରକ୍ରିୟା ଆରମ୍ଭ କରିଥିଲେ। ସାଧାରଣ ଲୋକଙ୍କ ପକ୍ଷରୁ ମୋଟ୍ ୧୩୧ଟି ବ୍ୟକ୍ତିଗତ ଓ ସାମୂହିକ ସମସ୍ୟାର ଅଭିଯୋଗପତ୍ର ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇଥିଲା। ଏଥିରେ ବିଦ୍ୟୁତ୍ ବିଭାଗ ୧, ଜମିବାଡ଼ି ସମ୍ବନ୍ଧୀୟ ୮, ସମନ୍ୱିତ ଶିଶୁ ବିକାଶ ବିଭାଗ ସମ୍ପର୍କରେ ୧, ରାଶନ କାର୍ଡ ପାଇଁ ଆବେଦନ ୬୬, ବାସଗୃହ ସମ୍ବନ୍ଧୀୟ ୨୫, ନୂତନ ଭତ୍ତା ପାଇଁ ଆବେଦନ ୨୦ ଆଦି ଅଭିଯୋଗ ରହିଛି। ସୂଚନାଥାଉ କି, ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ କୌଣସି ସମସ୍ୟା ଦେଖାଦେଲେ ଆଉ ବ୍ଲକ୍, ତହସିଲ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଅଯଥା ଖର୍ଚ୍ଚାନ୍ତ ହୋଇ ଯିବାକୁ ପଡ଼ିବନାହିଁ। ପଲ୍ଲୀରେ ପ୍ରଶାସନ ପହଞ୍ଚି ଲୋକଙ୍କୁ ହାତପାଆନ୍ତାରେ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ଖୋର୍ଦ୍ଧା ଜିଲାପାଳଙ୍କ ପକ୍ଷରୁ ଗତ ସେପ୍ଟେମ୍ବର ୮ରୁ ଉକ୍ତ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ବିଡିଓ ଜେନା ସୂଚନା ଦେଇଛନ୍ତି।

# ପଦାତିକ ବାହିନୀର ବୀର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୭।୧୦(ସତ୍ୟଜିତ ରାଉତ)**

**୧୨୦ ବାଟାଲିୟନରେ ୭୯ତମ ପଦାତିକ ଦିବସ**



ଭାରତୀୟ ସେନା ତରଫରୁ ଭୁବନେଶ୍ୱରସ୍ଥିତ ୧୨୦ ବାଟାଲିୟନ ପରିସରରେ ସୋମବାର ୭୯ତମ ପଦାତିକ ଦିବସ (ଇନ୍‌ଫାନଟ୍ରି ଡେ) ପାଳନ ହୋଇଯାଇଛି। ଏହି ଅବସରରେ ଭାରତୀୟ ସେନାର ବହୁ ବରିଷ୍ଠ ଅଧିକାରୀ ଏବଂ ଯବାନମାନେ ଉପସ୍ଥିତ ରହି ବୀର ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାଯ୍ୟକ୍ରମରେ ଯୋଗଦେଇ ଅବସରପ୍ରାପ୍ତ ବରିଷ୍ଠ ସେନା ଅଧିକାରୀ ଲେଫ୍ଟନାଣ୍ଟ ଜେନେରାଲ ଜେକେ ମହାନ୍ତି କହିଲେ, ୧୯୪୭ ମସିହା ଅକ୍ଟୋବର ୨୭ରେ ଶିଖ୍ ଜାତିର ପ୍ରଥମ ବାଟାଲିୟନର ସାହସୀ ସୈନିକମାନେ ଶତ୍ରୁର ଯୋଜନାକୁ ବିଫଳ କରିବାକୁ ଅପରେଶନ କରିଥିଲେ। ଏହି ଐତିହାସିକ ଅପରେଶନର ନେତୃତ୍ୱ ନେଇଥିଲେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଦିୱାନ ରଣଜିତ ରାୟ। ସେ ଦେଶର ସୁରକ୍ଷା ପାଇଁ ଶ୍ରୀନଗରରେ ତାଙ୍କର ଜୀବନ ଉତ୍ସର୍ଗ କରିଥିଲେ। ତାଙ୍କର ସର୍ବୋଚ୍ଚ ବଳିଦାନ ପାଇଁ ତାଙ୍କୁ ମରଣୋତ୍ତର ମହାବୀର ଚକ୍ର ପ୍ରଦାନ କରାଯାଇଥିଲା। ଆଜି ପଦାତିକ ଦିବସ ପାଳନ କରୁଥିବା ସମୟରେ ଆମେ ପଦାତିକବାହିନୀର ସାହସୀ ସୈନିକମାନଙ୍କୁ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ବୋଲି ସେ କହିଛନ୍ତି। ଏହି ଅବସରରେ ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ମେଟ୍ରୋ ପକ୍ଷରୁ ୧୨୦ ଇନ୍‌ଫାନଟ୍ରି ବାଟାଲିୟନକୁ ଏକ କଫିନ୍ ପ୍ରଦାନ କରାଯାଇଥିଲା। କର୍ଣ୍ଣେଲ ତଥା ୧୨୦ ଇନ୍‌ଫାନଟ୍ରି ବାଟାଲିୟନର କମାଣ୍ଡିଂ ଅଫିସର ରୋହିତ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁରୀ-ଖୋର୍ଦ୍ଧାରୋଡ-ପୁରୀ ମେମୁ ସମ୍ପ୍ରସାରଣ

**ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)**

**କାର୍ତ୍ତିକ ପୂର୍ଣ୍ଣିମା ଭିଡ଼ ପାଇଁ ପଦକ୍ଷେପ**

କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଅଧିକ ଯାତ୍ରୀ ସମ୍ଭାବନାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଯାତ୍ରୀଙ୍କ ସୁବିଧା ପାଇଁ ୬୮୪୦୪/୬୮୪୦୩ ପୁରୀ-ଖୋର୍ଦ୍ଧା ରୋଡ-ପୁରୀ ମେମୁର ସାମୟିକ ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଛି। ଅକ୍ଟୋବର ୨୭ରୁ ନଭେମ୍ବର ୫ ପର୍ଯ୍ୟନ୍ତ ପୁରୀରୁ ଛାଡୁଥିବା ୬୮୪୦୪ ପୁରୀ-ଖୋର୍ଦ୍ଧା ରୋଡ ମେମୁକୁ ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ପୁରୀରୁ ଛାଡିଥିବା ଏହି ଟ୍ରେନ ଖୋର୍ଦ୍ଧା ରୋଡ୍ ଠାରେ ପହଞ୍ଚିବା ପରେ ରାତି ୧୨ଟା ୩୫ରେ ଦଶପଲ୍ଲା ଯାତ୍ରା କରିବ। ସେହିପରି ୬୮୪୦୩ ଖୋର୍ଦ୍ଧା ରୋଡ-ପୁରୀ ମେମୁ ଅକ୍ଟୋବର୨୭ରୁ ୬ ନଭେମ୍ବର ପର୍ଯ୍ୟନ୍ତ ଦଶପଲ୍ଲାରୁଠାରୁ ଭୋର ୩ଟା ୩୦ରେ ଏହାର ଯାତ୍ରା ଆରମ୍ଭ କରି ପୁରୀ ଅଭିମୁଖେ ଚଳାଚଳ କରିବ ବୋଲି ସୂଚନା ଦିଆଯାଇଛି।

# ସୁନୀଲ ସିଂ ମହନ୍ତଙ୍କୁ 'ଗୁରୁ ପ୍ରଫୁଲ୍ଲ ରାୟ ସମ୍ମାନ'

**'ଲାସ୍ୟ ଲାବଣ୍ୟ' ଉଦ୍‌ଯାପିତ**

**ଭୁବନେଶ୍ୱର,୨୭।୧୦(ସୌମ୍ୟରଞ୍ଜନ ରାଉତ)**



ଅତିଥିମାନେ ବେହେଲାବାଦକ ସୁନୀଲ ସିଂ ମହନ୍ତଙ୍କୁ 'ଗୁରୁ ପ୍ରଫୁଲ୍ଲ ରାୟ ସମ୍ମାନ' ପ୍ରଦାନ କରୁଛନ୍ତି ।

ବିଶ୍ୱନାଥ ସଙ୍ଗୀତାଳୟ ପକ୍ଷରୁ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ଉତ୍କଳ ରଙ୍ଗମଞ୍ଚଠାରେ ଚାଲିଥିବା ୭ମ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ 'ଲାସ୍ୟ ଲାବଣ୍ୟ' ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବେହେଲାବାଦକ ସୁନୀଲ ସିଂ ମହନ୍ତଙ୍କୁ 'ଗୁରୁ ପ୍ରଫୁଲ୍ଲ ରାୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବରେ ରୋଟାରୀ କ୍ଲବର ଗଭର୍ନର ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀ ସଙ୍ଗୀତା ଦାଶ, ଛଉନୃତ୍ୟ ଗବେଷକ ଶୁଭଶ୍ରୀ ମୁଖାର୍ଜୀ, ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରତିଭା ପଣ୍ଡା, ଅନୁଷ୍ଠାନର ସଭାପତି ଗୁରୁ ପ୍ରଫୁଲ୍ଲ କୁମାର ରାୟ, ସମ୍ପାଦିକା ଗୁରୁ ଦୀପ୍ତି ରାଉତରାୟ ଏବଂ ମୁଖ୍ୟ ଉପଦେଷ୍ଟା ଇଂ. ଉମାଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପରେ ନୃତ୍ୟାଙ୍ଗନା ସୁଜାତା ମହାପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମେ ଯୁଗ୍ମଦ୍ୱନ୍ଦ ପଲଭି ଓ ପରେ ଅଭିନୟରେ 'ବ୍ରଜକୁ ଚୋର' ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା କରିଥିଲେ ପଦ୍ମବିଭୂଷଣ କେଳୁଚରଣ ମହାପାତ୍ର ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ପଣ୍ଡିତ ଭୁବନେଶ୍ୱର ମିଶ୍ର, ମର୍ଦ୍ଦଳରେ ଏକଲବ୍ୟ ମୁଦୁଲି, କଣ୍ଠରେ ରାଜେଶ ଲେଙ୍କା, ବଂଶୀରେ ପର୍ଶୁରାମ ଦାସ ଓ ବେହେଲାରେ ରମେଶ ଚନ୍ଦ୍ର ଦାଶ ରହିଥିଲେ। ପରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ଦଳଗତ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂଯୋଜନା କରିଥିଲେ ଗୁରୁ ମୀରା ଦାସ। ତା'ପରେ ଛତିଶଗଡ଼ରୁ ଆସିଥିବା ଆରିଆ ନନ୍ଦ ଓଡ଼ିଶୀ ନୃତ୍ୟ ଏବଂ ଶେଷରେ ଗୁରୁ ରୁଦ୍ରପ୍ରସାଦ ସ୍ୱାଇଁ ଓ ତାଙ୍କ ଟିମ୍ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ବିଜୟ ମଲ୍ଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବରେ ନୃତ୍ୟ, ବୃତ୍ତଚିତ୍ର ପ୍ରଦର୍ଶନ

**ଭୁବନେଶ୍ୱର,୨୭।୧୦(ସୌମ୍ୟରଞ୍ଜନ ରାଉତ)**



ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

ଓଡ଼ିଶୀ ନୃତ୍ୟଗୁରୁ ଡ. ଦେବପ୍ରସାଦ ଦାସଙ୍କ ୯୩ତମ ଜୟନ୍ତୀ ପାଳନ ଅବସରରେ ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା '୧୦ମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ'ର ସୋମବାର ଥିଲା ଦ୍ୱିତୀୟ ଦିବସ। ପ୍ରଥମେ ଫାଉଣ୍ଡେଶନର ଛାତ୍ରୀମାନେ ଗୁରୁଜୀଙ୍କ ନୃତ୍ୟ ସଂଯୋଜନା ଓ ଗୁରୁ ବିରଞ୍ଚି ଦାସଙ୍କ ତତ୍ତ୍ୱାବଧାନରେ 'ସ୍ଥାୟୀ' ନୃତ୍ୟ ପରିବେଷଣ କରିଥିଲେ। ପରେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ନୃତ୍ୟାୟନର ଛାତ୍ରୀମାନେ ଓ ଶେଷରେ ଗୁରୁ ଡ. ମନୋଜ ବେହେରାଙ୍କ ତତ୍ତ୍ୱାବଧାନରେ ନୃତ୍ୟଶ୍ରୀ କରଞ୍ଜିଆର ଶିଳ୍ପୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ଗୁରୁ ଦେବ ପ୍ରସାଦଙ୍କ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହା ଆସନ୍ତା ନଭେମ୍ବରରେ ମୁକ୍ତିଲାଭ କରିବ। ପରେ 'ଦେବଦାସୀ ଗାଥା'ର ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗର ଡେପୁଟି ଡାଇରେକ୍ଟର୍ ସୁଚିସ୍ମିତା ମନ୍ତ୍ରୀ, ଓଡ଼ିଶା ଲାଇବ୍ରେରୀ ପ୍ରତିଷ୍ଠାତା ନୀଳାମ୍ବର ରଥ ଏବଂ ଷ୍ଟେଟ୍ ହାଉସିଂ ବୋର୍ଡର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେଶନ ସଭାପତି ଗୋପାଳକୃଷ୍ଣ ମହାପାତ୍ର ଓ ଉପସଭାପତି ନମ୍ରତା ଚଢ଼ାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା ଓ ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବାତ୍ୟା ପାଇଁ ଲୋକେ ଭୟଭୀତ

କଣାସ,୨୭।୧୦(ବିଭୂତି ଭୂଷଣ ତ୍ରିପାଠୀ)

୧୯୯୯ ମହାବାତ୍ୟା ଏବଂ ୨୦୧୯ ସାମୁଦ୍ରିକ ଝଡ଼ ଫନିର ଭୟାବହ ଜନସାଧାରଣଙ୍କ ମନରୁ ଲିଭି ନ ଥିବାବେଳେ ପୁନଶ୍ଚ ସାମୁଦ୍ରିକ ଝଡ଼ ମୋନ୍ଥା ମାଡ଼ି ଆସୁଥିବା ବିଭିନ୍ନ ଖବରକାଗଜ ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ବାରମ୍ବାର ପ୍ରଚାର ହେଉଥିବାରୁ ପୁରୀ ଜିଲା କଣାସ ବ୍ଲକର ଜନସାଧାରଣ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି। କଣାସ ବ୍ଲକର ଜାଗୁଳେଇପଦର, କଉଡ଼ିଖିଣି, ନଈକୂଳପାଟଣା, ସରସ୍ୱତୀନଗର ଏବଂ ବିଭିନ୍ନ ଗ୍ରାମର ୧୦ହଜାରରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଚିଲିକାରୁ ମାଛମାରି ପରିବାର ପ୍ରତିପୋଷଣ କରୁଥିବା ବେଳେ ବାତ୍ୟା ଆସୁଥିବା ପ୍ରଚାର ହେବାରୁ ସେମାନେ ଡଙ୍ଗା ଓ ଜାଲ ଧରି ଚିଲିକାରୁ ଗ୍ରାମକୁ ଫେରିଆସୁଛନ୍ତି। ବାତ୍ୟା ପାଇଁ ବ୍ଲକ ପ୍ରଶାସନ ସଜାଗ ଥିବା ଜଣାପଡ଼ିଛି।

### ପରିକ୍ରମା ମାର୍ଗରେ ଗାଡ଼ି ପାର୍କିଂ ଅଭିଯୋଗ

ପୁରୀ,୨୭।୧୦(ଅଜିତ୍ କୁମାର ମହାନ୍ତି)

ପୁରୀର ପରିକ୍ରମା ମାର୍ଗ (ଶ୍ରୀଦାଣ୍ଡ) ଉପରେ ସାଧାରଣ ରାସ୍ତାକୁ ବାଧା ସୃଷ୍ଟି କରି ଅନଧିକୃତ ଭାବେ ଗାଡ଼ି ପାର୍କିଂ କରିଥିବା ୧୧ଟି ଆଟୋ ଉପରେ ସିଂହଦ୍ୱାର ଥାନା କେସ୍ ନମ୍ବର ୧୮୮/୨୫ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏହି ଆଟୋଗୁଡ଼ିକୁ ଜବତ କରାଯାଇ ସମ୍ପୃକ୍ତ ଚାଳକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ପୁରୀ ପୋଲିସ ସମସ୍ତ ଯାନ ଚାଳକ ଓ ମାଲିକଙ୍କୁ ସଚେତନ କରୁଛି ଯେ, ପରିକ୍ରମା ରୋଡ୍ ଓ ଶ୍ରୀମନ୍ଦିର ପରିସରରେ ରାସ୍ତାକୁ ବାଧା ସୃଷ୍ଟି କରି ଅନଧିକୃତ ପାର୍କିଂ କରିବେ ନାହିଁ। ଏପରି ଅଭିଯୋଗ ଉପରେ ଆଗାମୀ ଦିନରେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ହେବ।

### ୩ରେ ଷୋଳଶାସନ ଅମୃତ ମଣୋହି

ପୁରୀ,୨୭।୧୦(ଅଜିତ୍ କୁମାର ମହାନ୍ତି)

ପ୍ରତିବର୍ଷ ପରି ଚଳିତବର୍ଷ ଷୋଳଶାସନର ଅମୃତମଣୋହି ଭୋଗ କାର୍ତ୍ତିକ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥି ୨୯।୧୦।୨୦୨୫ ବୁଧବାର ଦିନ ହେବ ବୋଲି ସ୍ଥିର ହୋଇ ପଞ୍ଜିକା ମାଧ୍ୟମରେ ଜଣାଇ ଦିଆଯାଇଥିଲା। ବାତ୍ୟା ମୋନ୍ଥା ନେଇ ପ୍ରବଳ ବର୍ଷା ହୋଇପାରେ ବୋଲି ଅନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଗତ ଶନିବାର ହୋଇଥିବା ମୁକ୍ତିମଣ୍ଡପ ପଣ୍ଡିତସଭା କାର୍ଯ୍ୟକାରୀ ବୈଠକରେ ଏହି ଷୋଳଶାସନର ଅମୃତମଣୋହି ଭୋଗକୁ ୨୯ ତାରିଖ ପରିବର୍ତ୍ତେ ନଭେମ୍ବର ୩ ତାରିଖ ମଙ୍ଗଳବାର ଦିନ ହେବ ବୋଲି ସ୍ଥିର କରାଯାଇଛି।

### ଏନ୍ଏସ୍ଏସ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

ବଳଙ୍ଗା,୨୭।୧୦(କେଦାରେଶ୍ୱର ନନ୍ଦ)

ସ୍ଥାନୀୟ ବଳଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅନ୍ତର୍ଗତ ଯୁବ ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବଳଭଦ୍ର ରଥଙ୍କ ସମେତ ୫୬ ଜଣ ଏଥିରେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାର ମୁଖ୍ୟ ଅତିଥି ଭାବେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ମଧ୍ୟସ୍ଥ ଏନ୍ଏସ୍ଏସ୍ ପ୍ରଶିକ୍ଷଣ ସଂସ୍ଥାନର ସଂଯୋଜକ ନିରଦ ଚରଣ ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ଜ୍ଞାନଦେବୀ ଡିଗ୍ରୀ ମହାବିଦ୍ୟାଳୟ କୁଅଁରପୁରର ଅଧ୍ୟକ୍ଷ ହେମନ୍ତ ବାରିକ ଓ ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ଶିକ୍ଷକ ନକୁଳ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବାତ୍ୟା ମୋନ୍ଥା ମୁକାବିଲା ପାଇଁ ପ୍ରସ୍ତୁତି ଜୋର୍‌ଦାର

## ଆଜିଠୁ ୨ ଦିନ ଜିଲାର ସମସ୍ତ ସ୍କୁଲ୍ ଛୁଟି ଘୋଷଣା

ପୁରୀ,୨୭।୧୦(ଅଜିତ୍ କୁମାର ମହାନ୍ତି)

ବାତ୍ୟା ମୋନ୍ଥା ମୁକାବିଲା ପାଇଁ ରାଜ୍ୟରେ ଜୋରଦାର ପ୍ରସ୍ତୁତି ଚାଲିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଜିଲା ପ୍ରଶାସନକୁ ସତର୍କ ରଖାଯାଇଛି। ସମୁଦ୍ରରେ ବଳ ଗୋଟାଉଛି ମୋନ୍ଥା। ମୋନ୍ଥା ଆଗାମୀ ୧୨ ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଉତ୍ତର ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏହା ପରେ ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତି କରି ୨୮ ତାରିଖ ଭୀଷଣ ବାତ୍ୟାରେ ପରିଣତ ହୋଇ ସନ୍ଧ୍ୟା କିମ୍ବା ରାତିରେ କାକିନାଡ଼ା ପାଖାପାଖି ଅତିକ୍ରମ କରିବାର ସୂଚନା ମିଳିଛି। ଫଳରେ ଓଡ଼ିଶାରେ ମଧ୍ୟ ବାତ୍ୟାର ପ୍ରଭାବ ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବାତ୍ୟା ଓଡ଼ିଶାରେ ଲ୍ୟାଣ୍ଡଫଲ୍ କରୁ ନ ଥିଲେ ମଧ୍ୟ ବାତ୍ୟା ପ୍ରଭାବରେ ପୁରୀରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବାତ୍ୟାର ପ୍ରଭାବ ସେପରି ଦେଖାଯାଇ ନ ଥିବାବେଳେ ସୋମବାର ସାମାନ୍ୟ ଅନୁଭୂତ ହୋଇଛି। ସମୁଦ୍ର ଅଶାନ୍ତ ରହିବା ସହ ଆକାଶ ମେଘାଚ୍ଛନ୍ନ ରହିଥିବା ଦେଖିବାକୁ ମିଳିଛି। ଭୋର ସମୟରେ କିଛିଟା ବର୍ଷା ମଧ୍ୟ ହୋଇଥିଲା। ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ପ୍ରଶାସନ ପକ୍ଷରୁ ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର କରାଯାଇଛି। ପ୍ରଶାସନ ପକ୍ଷରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସବୁ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଏନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଘନ ଘନ ସମୀକ୍ଷା କରୁଛନ୍ତି। ବାତ୍ୟା ପ୍ରଭାବରେ ଜିଲାରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ଏହାକୁ ଦୃଷ୍ଟିରେ ରଖାଯାଇ ସମସ୍ତ ପ୍ରସ୍ତୁତି କରାଯାଇଛି। ପୁରୀ ବେଳାଭୂମିରେ ସମୁଦ୍ର ସ୍ନାନ ଉପରେ ପର୍ଯ୍ୟଟକଙ୍କ ପାଇଁ କଟକଣା ଲଗାଯାଇଛି। ସମୁଦ୍ରରେ କୌଣସି ଅଘଟଣ ଘଟିଲେ ଉଦ୍ଧାର କାର୍ଯ୍ୟ ପାଇଁ ଲାଇଫ୍ ଗାର୍ଡଙ୍କୁ ମୁତୟନ କରାଯାଇଛି। ସେହିପରି ପ୍ରବଳ ବର୍ଷା ଯୋଗୁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଲେ ତାକୁ ନିଷ୍କାସନ କରିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଆବଶ୍ୟକ ଅନୁଯାୟୀ, ତଳିଆ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରାଯାଇ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ରଖାଯିବା ନେଇ ବ୍ୟବସ୍ଥା ମଧ୍ୟ କରାଯାଇଛି। ବାତ୍ୟା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ, ସମସ୍ତ ବିଭାଗୀୟ ଅଧିକାରୀ କାର୍ଯ୍ୟରେ କୌଣସି ଅବହେଳା ନ କରିବାକୁ ଜିଲାପାଳ ତାଗିଦା କରିଛନ୍ତି। ଜିଲାପାଳ ପରିଡ଼ା ସୂଚନା ଦେଇ କହିଛନ୍ତି, ପର୍ଯ୍ୟଟକମାନଙ୍କୁ ସମୁଦ୍ର ମଧ୍ୟକୁ ଯିବା ଉପରେ କଟକଣା ଲଗାଯାଇଛି। ପୋଲିସଠାରୁ ଆରମ୍ଭ କରି ପୌରସଂସ୍ଥା କର୍ମଚାରୀ, ଲାଇଫ ଗାର୍ଡ ଏବଂ ଅନ୍ୟ ବିଭାଗ ସହଯୋଗ କରୁଛି। ସମସ୍ତ ବିଭାଗ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅପରପକ୍ଷରେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ୨୮ ଓ ୨୯ ଦୁଇଦିନ ଜିଲାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି।



ବାତ୍ୟା 'ମୋନ୍ଥା' ପ୍ରଭାବରେ ପୁରୀ ବେଳାଭୂମିରେ ସମୁଦ୍ରର ଅଶାନ୍ତ ରୂପ।

# ଶତାଧିକ ହାଇୱା ଦ୍ୱାରା ବାଲି ଚୋରାଚାଲାଣ

## ୨ଟି ହାଇୱା ଜବତ କଲା ଗୋପ ପୋଲିସ

ଗୋପ,୨୭।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନସ୍ଥ ସୁବର୍ଣ୍ଣପୁର ଛକ ନିକଟବର୍ତ୍ତୀ ରାସ୍ତାରୁ ଗୋପ ପୋଲିସ ୨ଟି ବାଲି ଚୋରାଚାଲାଣ କରୁଥିବା ହାଇୱାକୁ ଜବତ କରିଛି। ଏ ସମ୍ପର୍କରେ ପୋଲିସ ୨ଟି ମାମଲା ନଂ. ୩୬୩, ୩୬୪/୨୫ ରୁଜୁ କରିଥିବା ବେଳେ ଚାଳକଦ୍ୱୟଙ୍କୁ ଗିରଫ କରିଛି। ଗିରଫ ଚାଳକଦ୍ୱୟ ହେଲେ ଗଙ୍ଗାଧର ସାହୁ, କୃଷ୍ଣପ୍ରସାଦ ନାୟକ ବୋଲି ଜଣାପଡ଼ିଥିବା ବେଳେ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିବା ପରେ କୋର୍ଟ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ ଅଞ୍ଚଳରେ ବେଆଇନ ଭାବେ ଦୈନନ୍ଦିନ ଶତାଧିକ ହାଇୱା ଗାଡ଼ିରେ ବାଲି ଚୋରାଚାଲାଣ ହେଉଛି। ଏପରି ଅଭିଯୋଗକୁ ନେଇ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀଙ୍କ ନେତୃତ୍ୱରେ ଏକ ଟିମ୍ ବାଲିଘାଇ ରାସ୍ତାର ସୁବର୍ଣ୍ଣପୁର ଛକଠାରେ ଚଢ଼ାଉ କରି ବେଆଇନ ବାଲି ଚୋରାଚାଲାଣ କରୁଥିବା ହାଇୱା ଗାଡ଼ି ନଂ. (ଓଡି-୦୨-ସିୱାଇ-୬୩୩୧) ଓ (ଓଡି-୨୯-ଜେ-୨୮୭୫)କୁ ଜବତ କରିଛି। ଦୈନନ୍ଦିନ ଏହି ଚୋରା ଚାଲାଣ ଯୋଗୁ ଧନଜୀବନ ହାନି ହେଉଥିବା ବେଳେ କାଁ ଭାଁ ଭାବେ ଜିଲା ପୋଲିସ ଚାପରେ ଗାଡ଼ିଗୁଡ଼ିକୁ ଯାଞ୍ଚ କରି ଜବତ କରୁଛି ବୋଲି ଅଭିଯୋଗ ହୋଇଛି। ଅପରପକ୍ଷରେ ଦିନରାତିରେ ବେଆଇନ ଭାବେ ଏହି ଚୋରାଚାଲାଣ ବାଲି ଗାଡ଼ି ଯୋଗୁ ପୁରୀ, କୋଣାର୍କ ବୁଲି ଯାଉଥିବା ଦେଶବିଦେଶର ପର୍ଯ୍ୟଟକମାନେ ନାନାଦି ହଇରାଣ ହରକତ ହେଉଥିବା ବେଳେ ଘଣ୍ଟାଘଣ୍ଟା ଧରି ରାସ୍ତାରେ ଟ୍ରାଫିକ୍ ସମସ୍ୟା ମଧ୍ୟ ଦେଖାଦେଉଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ ଦୃଷ୍ଟିଦେବାକୁ ସାଧାରଣରେ ଦାବି କରାଯାଇଛି।

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ପୁରୀ,୨୭।୧୦(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ତଥା ଜିଲା ଦୌରାଜଜ୍ ଅଜନ୍ତା ଷଡଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସିଭିଲ କୋର୍ଟ ପରିସର, ପୁରୀ, ନିମାପଡ଼ା, କୋଣାର୍କ ଓ ପିପିଲି ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣ/ତାଲୁକ ଆଇନ ସେବା କମିଟି ତରଫରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଭାବେ 'ଦୁର୍ନୀତି ନିବାରଣ: ଆମ ସାମୂହିକ ଦାୟିତ୍ୱ' ପ୍ରସଙ୍ଗକୁ ଆଧାରକରି ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୁରୀ ଜିଲା ଆଇନ ସେବା ପ୍ରାକରଣର ଅଧ୍ୟକ୍ଷା ତଥା ଜିଲା ଓ ଦୌରାଜଜ୍ ଷଡ଼ଙ୍ଗୀ, ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ବୃନ୍ଦ ଶପଥ ପାଠ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଦୁର୍ନୀତି ବିରୋଧରେ ସଂଘବଦ୍ଧ ଉଦ୍ୟମ ଲୋଡ଼ା



ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଶପଥ ପାଠ କରାଯାଉଛି।

ପୁରୀ,୨୭।୧୦(ଅଜିତ୍ କୁମାର ମହାନ୍ତି)

ଦୁର୍ନୀତି ଏକ ସାମାଜିକ ବ୍ୟାଧି। ଏହାର ମୂଳୋତ୍ପାଟନ ପାଇଁ ସଂଘବଦ୍ଧ ଉଦ୍ୟମ ଆବଶ୍ୟକ ବୋଲି ପୁରୀ ଦୁର୍ନୀତି ନିବାରଣ ୟୁନିଟ୍‌ର ଡିଏସ୍‌ପି ସୋମନାଥ ବାରିକ କହିଛନ୍ତି। ଚଳିତ ବର୍ଷ ଅର୍ଥାତ ୨୭ ଅକ୍ଟୋବରଠାରୁ ୨ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି। ପ୍ରଥମ ଦିନରେ ପ୍ରତ୍ୟେକ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ସର୍କିଟ୍ ହାଉସଠାରେ ଆୟୋଜିତ ଶପଥ ପାଠ କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ୟୁନିଟ୍‌ର ଡିଏସ୍‌ପି ବାରିକ ଯୋଗଦେଇ ସମସ୍ତଙ୍କୁ ଶପଥ ପାଠ କରାଇବା ସହ ଦୁର୍ନୀତିର କାରଣ, ନିରାକରଣ ଓ ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଶପଥ ପାଠରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପ୍ରୋଗ୍ରାମ ଅଫିସର୍ ସୁହାଗୀ ହେମ୍ବ୍ରମ, ସୁପରଭାଇଜର୍ ବାଲ୍ୟବତୀ ମହାନ୍ତି, ମିଶନ ଶକ୍ତି ସଂଯୋଜିକା ସ୍ୱାଗତିକା ପରିଡ଼ା, ସିଡିପିଓ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଯୋଗଦେଇ ଶପଥ ପାଠ କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ

ପୁରୀ,୨୭।୧୦(ଅଜିତ୍ କୁମାର ମହାନ୍ତି)



ପ୍ରଶାସନ ପକ୍ଷରୁ ଦୁର୍ନୀତି ବିରୋଧୀ ଶପଥ କରାଯାଉଛି।

ଚଳିତ ବର୍ଷ ଅକ୍ଟୋବର ୨୭ ତାରିଖଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସୋମବାର ଦିନ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶପଥ ପାଠ ଅନୁଷ୍ଠିତ ହୋଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ପରାମର୍ଶକ୍ରମେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଦୁର୍ନୀତି ବିକାଶର ମୁଖ୍ୟ ବାଧକ। ତେଣୁ ସମ୍ମିଳିତ ଭାବେ ଜିଲା, ରାଜ୍ୟ ଓ ଦେଶର ଉନ୍ନତି ପାଇଁ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ସମସ୍ତେ ଶପଥ ପାଠ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଦୁର୍ନୀତି ବିକାଶର ପଥରୋଧ କରିଥାଏ ଓ ଏହାର ପ୍ରତିହତ ପାଇଁ ପ୍ରତ୍ୟେକ ପ୍ରତିଶ୍ରୁତିବଦ୍ଧ ହେବାକୁ ଅନୁରୋଧ କରି ଶପଥ ପାଠ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ, ସହଦେବ ସାହୁ, ବିବେକାନନ୍ଦ ସାହୁ, ଅନୁସ୍ରାବ ଗନ୍ତାୟତ, ଜିଲା ମଙ୍ଗଳ ଅଧିକାରୀ ମମତା ରାଣୀ ପରିଡ଼ା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ହୋଇ ଶପଥ ପାଠ କରିଥିଲେ।

### ନିବେଶକ ସଚେତନତା କର୍ମଶାଳା

ସାକ୍ଷୀଗୋପାଳ,୨୭।୧୦(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭା ଗୃହରେ ରାଷ୍ଟ୍ରୀୟ ପ୍ରତିଭୂତି ପରିଚାଳନା ସଂସ୍ଥା (ଏନ୍ଆଇଏସ୍ଏମ୍) ଏବଂ ବାଣିଜ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ନିବେଶକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ପ୍ର. ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ କର୍ମଶାଳା ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଚନ୍ଦ୍ରଶେଖର ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହିତ ସଞ୍ଚୟ ଏବଂ ନିବେଶର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସେବୀ ପଞ୍ଜୀକୃତ କେନ୍ଦ୍ରୀୟ ଅଧିକାରୀ ଗୋଲକ ଚନ୍ଦ୍ର ମହାପାତ୍ର ଏବଂ ଡ. ପୃଥ୍ୱୀରାଜ ମହାପାତ୍ର ଯୋଗଦେଇ ଆର୍ଥିକ ପ୍ରବନ୍ଧନ, ବିନିଯୋଗ ସମ୍ପଦ ପ୍ରବନ୍ଧନ, ପ୍ରତିଭୂତି ବଜାର ଏବଂ ମ୍ୟୁଚୁଆଲ ଫଣ୍ଡର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆଧୁନିକ ଦୁନିଆରେ ଡିଜିଟାଲ ମାଧ୍ୟମ ଦ୍ୱାରା କିପରି ନିବେଶକୁ ସହଜ ଏବଂ ସରଳ କରାଯାଇପାରିବ, ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ବାଣିଜ୍ୟ ବିଭାଗର ଅଧ୍ୟାପିକା ବିଜୟ ଲକ୍ଷ୍ମୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଭାଷା ହେଉଛି ବୌଦ୍ଧିକ ବିଭବ

## ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ କନ୍‌ଫରେନ୍ସ, ସମ୍ମାନ ସମାରୋହ

ପୁରୀ,୨୭।୧୦(ଅଜିତ୍ କୁମାର ମହାନ୍ତି)

ହାପି ମୋମେଣ୍ଟସ ଇଣ୍ଡିଆ, 'ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ କନ୍‌ଫରେନ୍ସ ଏବଂ ସମ୍ମାନ ସମାରୋହ ୨୦୨୫' କାର୍ଯ୍ୟକ୍ରମ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଛି। ଏହି କନ୍‌ଫରେନ୍ସରେ ସାରା ଭାରତରୁ ପ୍ରଶାସକ, ଶିକ୍ଷାବିତ୍, ଲେଖକ, କବି, ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇ ତାଙ୍କର ଅନୁଭବ ଓ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ହାପି ମୋମେଣ୍ଟସ ଇଣ୍ଡିଆ ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ ଓ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତିଶଗଡ଼ର ଶିକ୍ଷାବିତ୍ ଡ. ମୀନକେତନ ଦାଶ, ବିଶିଷ୍ଟ ପ୍ରଶାସନିକ ମନୋରଞ୍ଜନ ପାଣିଗ୍ରାହୀ, ଦାଶରଥି ଶତପଥୀ, ଶିଶୁ ମଙ୍ଗଳ କମିଟିର ଚେୟାରପର୍ସନ ଡ. ଅଜିତ କୁମାର ମହାପାତ୍ର, ଝାରସୁଗୁଡ଼ା ଶିଶୁ ମଙ୍ଗଳ କମିଟି ଚେୟାରପର୍ସନ ଆଶିଷ ପଣ୍ଡା ଓ ସାମାଜିକ କର୍ମୀ ତଥା ଅନୁଷ୍ଠାନର ପ୍ରମୁଖ ପୀୟୂଷ ପଟ୍ଟନାୟକ ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ଉପଦେଷ୍ଟା ତଥା ସୂଚନା ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ ଅନୁଷ୍ଠାନର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଭାଷା ହେଉଛି ବୌଦ୍ଧିକ ବିଭବ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ଦେଶରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୧୦୦ ଜଣ ପ୍ରତିଭାଧାରୀଙ୍କୁ ମଦର ଟେରେସା ସେବା ସମ୍ମାନ, ଡ. ଏପିଜେ ଅବଦୁଲ କଲାମ ପ୍ରଫେଶନାଲ ଆଚିଭର୍ ଆୱାର୍ଡ, ଶ୍ରେଷ୍ଠ ଗୁରୁ ସମ୍ମାନ, ସାହିତ୍ୟ ସାରଥି ସମ୍ମାନ, ପ୍ରତିଭାରତ୍ନ ସମ୍ମାନ, ବିଦ୍ୟାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ନଭେମ୍ବର ୫ରେ ପୀରଜାହାନିଆ ବାଲିଯାତ୍ରା

କାକଟପୁର/ଅସ୍ତରଙ୍ଗ,୨୭।୧୦ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତି/ମମତା ଜେନା)

ଐତିହାସିକ ପୀରଜାହାନିଆ ବାଲିଯାତ୍ରା ଆସନ୍ତା ନଭେମ୍ବର ୫ ଓ ୬ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଏକ ପ୍ରସ୍ତୁତି ବୈଠକ ପୀରଜାହାନିଆ କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଆରତୀ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅନ୍ୟତମ ଅତିଥି ଭାବେ ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା, ଜଗତସିଂହପୁର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଥାନାଧିକାରୀ ଦୁର୍ଗା ଚରଣ ମହାପାତ୍ର, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଥାନାଧିକାରୀ ମହାପାତ୍ର ବାଲିଯାତ୍ରା ଭିଡ଼କୁ ଦୃଷ୍ଟିରେ ରଖି ଅସ୍ତରଙ୍ଗ ଠାରୁ ପୀରଜାହାନିଆ ବେଳାଭୂମି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ହେବେ ବୋଲି ମତ ଦେଇଛନ୍ତି। ଏଥିସହ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ତାଡ଼ କହିଛନ୍ତି ଅସ୍ତରଙ୍ଗଠାରୁ ପୀରଜାହାନିଆ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ପରିଷ୍କାର ହେବା ସହ ପର୍ଯ୍ୟଟକ ମାନଙ୍କ ସୁଗମ ଯାତାୟାତ କରିବେ ସେଥିପାଇଁ କାର୍ଯ୍ୟ ଜାରି ରହିଛି।

# ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ରକ୍ତଦାନ ଶିବିର

ପୁରୀ,୨୭।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଭକ୍ତ ସମାଜ, ପୁରୀ ପକ୍ଷରୁ ଅନୁଷ୍ଠାନର ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ହରଚଣ୍ଡୀସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଛି। ପୁରୀ ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ଅଧିକାରୀଙ୍କ ସହାୟତାରେ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ମଙ୍ଗଳାଚରଣ ପାଠ କରିଥିଲେ ଓ ଅତିଥିଙ୍କ ଦ୍ୱାରା ମହାପ୍ରଭୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମହିପ୍ରକାଶ ମଠର ମହନ୍ତ ମହାରାଜ ଶୁଭାନନ୍ଦ ପୁରୀ ଯୋଗଦେଇ 'ରକ୍ତଦାନ ଜୀବନ ଦାନ' ବୋଲି କହିବା ସହ ଯୁବସମାଜ ଏହି ମହତ୍ କାର୍ଯ୍ୟ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପୁରୋହିତ ପ୍ରୋ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶିଶୁ ସାହିତ୍ୟର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ଡ. ବଳରାମ ଦାଶ, ଯୋଗଗୁରୁ ରମାବଲ୍ଲଭ ମହାପାତ୍ର, ଫାଦର ବୁଲୁ ବୀରେନ୍ଦ୍ର କୁଜୁରୁ, ସାମାଜିକ କର୍ମୀ ବୀର ଅନନ୍ତ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାନର ଆବଶ୍ୟକତା ବିଷୟରେ କହିଥିଲେ। ଏହି ଅବସରରେ ଅନୁଷ୍ଠାନର ମାର୍ଗଦର୍ଶକ ଭରତ କୁମାର ନାୟକଙ୍କ ଧର୍ମପତ୍ନୀ ଭାରତୀ ନାୟକଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀର ସ୍ମୃତିଚାରଣ କରାଯାଇଥିଲା। ସମ୍ପାଦକ ଡ. ଶଶିକାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ କାର୍ତ୍ତିକ ସାହୁ, ଆଲୋକ କୁମାର ସ୍ୱାଇଁ, ଡ. ସ୍ନେହଲତା ରଥ, କାଜଲ ପାଢ଼ୀ, ପ୍ରଜ୍ଞାନ ହୋତା, ବୈଶାଳୀ ସାହୁ, ସସ୍ମିତା ସାହୁ, ପୂର୍ଣ୍ଣିମା ମାଳା, ପ୍ରିୟଙ୍କା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।



ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର।

# ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱ

## ପଞ୍ଚକକୁ ନେଇ ପ୍ରସ୍ତୁତି ବୈଠକ

ପୁରୀ,୨୭।୧୦(ଅଜିତ୍ କୁମାର ମହାନ୍ତି)

ମହାକାର୍ତ୍ତିକ ମାସ ଅବସରରେ ହବିଷିଆଳିମାନେ ପୁରୀରେ ରହି କାର୍ତ୍ତିକ ବ୍ରତ କରୁଛନ୍ତି। ତେବେ ମାସର ଶେଷ ୫ଦିନକୁ ପଞ୍ଚକ ବୋଲି ବିବେଚନା କରାଯାଇଥାଏ। ଯେଉଁମାନେ ଏକମାସ ଧରି ବ୍ରତ କରିପାରି ନ ଥାନ୍ତି ଏହି ପଞ୍ଚକ ବ୍ରତ କରିଥାନ୍ତି। ତେଣୁ ପଞ୍ଚୁକ ବ୍ରତ କରିବା ନିମନ୍ତେ ଶ୍ରୀକ୍ଷେତ୍ରର ଭକ୍ତଙ୍କ ସମାଗମ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଯେପରି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ହୋଇପାରିବ ସେ ନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

ଚଳିତ ବର୍ଷ ନଭେମ୍ବର ୨ ତାରିଖରୁ ପଞ୍ଚକ ବ୍ରତ ଆରମ୍ଭ ହେବ। ତେଣୁ ଶୃଙ୍ଖଳିତ ଦର୍ଶନ, ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ନୀତିକାନ୍ତି ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଜିଲା ପ୍ରଶାସନ। ଶ୍ରୀମନ୍ଦିର ଭିତରକୁ ଭକ୍ତଙ୍କ ଶୃଙ୍ଖଳିତ ପ୍ରବେଶ ନିମନ୍ତେ ବଡ଼ଦାଣ୍ଡରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଟ୍ରାଫିକ୍ ବ୍ୟବସ୍ଥା କିଭଳି ହୋଇପାରିବ ସେନେଇ ମଧ୍ୟ ସମୀକ୍ଷା କରାଯାଇଛି। ଏନେଇ ସୋମବାର ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି ପ୍ରତୀକ ସିଂ, ଶ୍ରୀମନ୍ଦିର ନୀତି ପ୍ରଶାସକ, ବରିଷ୍ଠ ପୋଲିସ ଓ ଶ୍ରୀମନ୍ଦିର ଅଧିକାରୀ, ଶ୍ରୀମନ୍ଦିର ପରିଚାଳନା କମିଟି ସେବାୟତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକ ପରେ ଜିଲାପାଳ ପରିଡ଼ା କହିଛନ୍ତି, ପଞ୍ଚକକୁ ନେଇ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଛି। ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ କିଭଳି ଶୃଙ୍ଖଳିତ ଭାବେ ଠାକୁରଙ୍କ ଦର୍ଶନ ପାଇଁ ପ୍ରବେଶ କରିବେ, କେଉଁ ସ୍ଥାନରେ ପାନୀୟ ଜଳବ୍ୟବସ୍ଥା ରହିବ, ବ୍ୟାରିକେଡ୍ ବ୍ୟବସ୍ଥା, ଫାଷ୍ଟଏଡ୍ ସେଣ୍ଟର ରହିବ ସେନେଇ ଆଲୋଚନା ହୋଇଥିଲା। ଏଥିସହ ଶ୍ରୀମନ୍ଦିରରେ କଡ଼ା ସୁରକ୍ଷା ବ୍ୟବସ୍ଥା, ଶୃଙ୍ଖଳିତ ଟ୍ରାଫିକ ପରିଚାଳନା, ଅଧିକ ଭକ୍ତଙ୍କୁ କିଭଳି ସୂଚନା ପ୍ରଦାନ କରିହେବ ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା ହେବ ସେ ନେଇ ଆଜି ପ୍ରାଥମିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ଫିଲ୍ଡ ସର୍ଭେ ଜାରି ରହିଛି। ସର୍ଭେ ପରେ ଆଉ କ'ଣ କ'ଣ ବ୍ୟବସ୍ଥା କରାଯିବ ସେ ନେଇ ଆଲୋଚନା କରାଯିବ।

ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା କହିଛନ୍ତି, ପଞ୍ଚକରେ ପ୍ରବଳ ଭିଡ଼ ହେବାର ଆଶଙ୍କା ଥିବାରୁ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ କେବଳ ଭକ୍ତମାନେ ଶ୍ରୀମନ୍ଦିରକୁ ପ୍ରବେଶ କରି ଅନ୍ୟଦ୍ୱାରରେ ପ୍ରସ୍ଥାନ କରିବେ ବୋଲି ନିଷ୍ପତ୍ତି ହୋଇଛି। ଶୃଙ୍ଖଳିତ ନୀତିକାନ୍ତି ଉପରେ ଆଲୋଚନା ହୋଇଛି। ଭକ୍ତମାନେ ପଞ୍ଚକରେ କିଭଳି ଅଧିକ ସମୟ ଦର୍ଶନ ପାଇବେ ଓ ମହାପ୍ରସାଦ ମଧ୍ୟ ଠିକ୍‌ରେ ପାଇପାରିବେ ସେ ନେଇ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି କହିଛନ୍ତି।

ଅପରପକ୍ଷରେ ଚଳିତ ବର୍ଷ ପଞ୍ଚକ ୫ ଦିନ ପରିବର୍ତ୍ତେ ୪ ଦିନ ପଡ୍ଡୁଛି। ତେଣୁ ପଞ୍ଚକର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ହେଉଥିବା ମହାପ୍ରଭୁଙ୍କର ବାଙ୍କଚୂଡ଼ା ବେଶ ଚଳିତ ବର୍ଷ ଅନୁଷ୍ଠିତ ହେବ ନାହିଁ। ଆସନ୍ତା ୨ ତାରିଖ ରବିବାର ପଞ୍ଚକ ଆରମ୍ଭ ହେବାକୁ ଥିବାବେଳେ ମହାପ୍ରଭୁଙ୍କର ଲକ୍ଷ୍ମୀନାରାୟଣ ବେଶ, ୩ ତାରିଖ ସୋମବାର ଡାଳିକିଆ ବା ତ୍ରିବିକ୍ରମ ବେଶ, ୪ ତାରିଖ ମଙ୍ଗଳବାର ଲକ୍ଷ୍ମୀନୃସିଂହ ବେଶ, ୫ ତାରିଖ ଅର୍ଥାତ୍ ଶେଷ ଦିନ କାର୍ତ୍ତିକ ପୂର୍ଣ୍ଣିମାରେ ମହାପ୍ରଭୁ ରାଜରାଜେଶ୍ୱର ବା ସୁନାବେଶରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବେ।

# ୩୦ ଯାଏ ବିଏମ୍‌ସି ଅଧିକାରୀ, କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୨୭।୧୦ (ବନ୍ଦନା ସେଠୀ)

## ବାତ୍ୟା ଓ ବର୍ଷା ମୁକାବିଲା

ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ବିନା ଅନୁମତିରେ ହେଡ୍‌କ୍ୱାର୍ଟର ନ ଛାଡିବା ପାଇଁ କଡାକଡି ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ଲୋକଙ୍କ ସୁବିଧା ପାଇଁ ବିଏମ୍‌ସି ମୁଖ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଲୋକଙ୍କ ଅଭିଯୋଗ ଗ୍ରହଣ କରିବାକୁ ସେଠାରେ ବିଏମ୍‌ସିରେ କାମ କରୁଥିବା ପ୍ରତ୍ୟେକ ଏଜେନ୍ସି ଓ ସ୍ୱେଚ୍ଛାସେବୀ ସଂଗଠନ ନିଜ କର୍ମଚାରୀଙ୍କୁ ନିୟୋଜିତ କରିବାକୁ କୁହାଯାଇଛି। ବାତ୍ୟା ଓ ବର୍ଷା ସମୟରେ ସହରର ପରିମଳ ବ୍ୟବସ୍ଥା ସୂଚାରୁ ରୂପେ ସମ୍ପାଦନ ଲାଗି ଏଜେନ୍ସି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଲୋକବଳ, ଗାଡି, ଯନ୍ତ୍ରପାତି ଆଦି ଆବଶ୍ୟକ ଉପକରଣ ପ୍ରସ୍ତୁତ ରଖିବେ। ଡୋର୍ ଟୁ ଡୋର୍ ବର୍ଜ୍ୟ ସଂଗ୍ରହ, ଗ୍ରୀନ୍ ଗାର୍ବେଜ ଓ ଗୃହ ଭଗ୍ନାବଶେଷ ଉଠାଇବା ପାଇଁ ଆବଶ୍ୟକ ଗାଡ଼ି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡ୍ରେନଗୁଡିକରୁ ପଙ୍କୋଦ୍ଧାର, ଡ୍ରେନ୍ ଜାମ୍ ହୋଇଗଲେ ତାହାକୁ ତୁରନ୍ତ ସଫା କରିବା, ମେଶିନ, ରାଟ୍‌ଟ୍ରିମ, ଗାଡି ଆଦି ପ୍ରସ୍ତୁତ ରହିବା ସହ ଘାସ ଓ ଗଛ ଡାଳ କାଟିବା ପାଇଁ ଆବଶ୍ୟକ କଟର, ଲୋକ ଏବଂ ଗାଡି ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅସ୍ଥାୟୀ ଆଶ୍ରୟସ୍ଥଳୀ ଯଥା ସ୍କୁଲ, କମ୍ୟୁନିଟି ସେଣ୍ଟର ଆଦିକୁ ପ୍ରସ୍ତୁତ ରଖାଯାଇଛି। ତେଣୁ ବାତ୍ୟା ପ୍ରଭାବରେ ହେବାକୁ ଥିବା ବର୍ଷା ପାଇଁ ଭୟଭୀତ ନ ହେବାକୁ ସହରବାସୀଙ୍କୁ ବିଏମ୍‌ସି କମିଶନର ଚଞ୍ଚଳ ରାଣା ନିବେଦନ କରିଛନ୍ତି। ଆବଶ୍ୟକ ପଡିଲେ ନାଗରିକମାନେ ୧୯୨୯ କଣ୍ଟ୍ରୋଲରୁମ୍‌କୁ ଫୋନ କରିବେ। ଏଥିସହ କର୍ପୋରେଟର, ୱାର୍ଡଅଫିସରଙ୍କୁ ମଧ୍ୟ ଫୋନ କରି ଜଣାଇପାରିବେ। ସମ୍ଭାବ୍ୟ ବାତ୍ୟା ସମୟରେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ବିଏମ୍‌ସି ପ୍ରସ୍ତୁତ ରହିଛି ବୋଲି କମିଶନର କହିଛନ୍ତି।



ଲୋକସେବା ଭବନରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ସୋମବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଶପଥ ପାଠ କରାଉଛନ୍ତି।

## ସଂକ୍ଷେପରେ

### ପି. ସତ୍ୟନାରାୟଣ ସଭାପତି, ସମ୍ପାଦକ ପ୍ରଶାନ୍ତ ମହାପାତ୍ର

**ଉତ୍କଳ କେମିଷ୍ଟି, ଡ୍ରଗିଷ୍ଟ ଆସୋସିଏଶନର ତ୍ରିବାର୍ଷିକ ନିର୍ବାଚନ**

ଭୁବନେଶ୍ୱର, ୨୭।୧୦ (ବନ୍ଦନା ସେଠୀ)

ଉତ୍କଳ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏଶନର ତ୍ରିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଗଞ୍ଜାମର ପି. ସତ୍ୟନାରାୟଣ ଏବଂ ସାଧାରଣ ସମ୍ପାଦକ ଭାବେ କଟକର ପ୍ରଶାନ୍ତ ମହାପାତ୍ର ଆଗାମୀ ତିନି ବର୍ଷ ପାଇଁ ଅର୍ଥାତ୍ ୨୦୨୫ରୁ ୨୦୨୮ ପାଇଁ ନିର୍ବାଚିତ ହୋଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବଲାଙ୍ଗିରର ମନମୋହନ ରଥ, ଭୁବନେଶ୍ୱରର ପ୍ରଶାନ୍ତ କୁମାର ଜେନା ଏବଂ ଝାରସୁଗୁଡ଼ାର ଜୟନ୍ତ କୁମାର ଦୀକ୍ଷିତ ଉପନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ୧୮ ଏବଂ ୧୯ ନଭେମ୍ବରରେ ଭୁବନେଶ୍ୱରରେ ଏଆଇଓସିଡି ସଭାପତି ଜେ.ଏସ୍. ସିନ୍ଦେ, ଏଆଇଓସିଡି ସାଧାରଣ ସମ୍ପାଦକ ରାଜୀବ ସିଂଘଲ ଏବଂ ଏଆଇଓସିଡିର ଉପାଧ୍ୟକ୍ଷ ପି.କେ. ସିଂହ ଉପସ୍ଥିତିରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ।

### ଓଡ଼ିଶା ନିର୍ମାଣ ନିଗମ ଲିଃର ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକ

ଭୁବନେଶ୍ୱର, ୨୭।୧୦ (ସୁଚିସ୍ମିତା ସାହୁ)

ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ନିର୍ମାଣ ନିଗମ ଲିଃ(ଓସିସିଏଲ୍)ର ୨୯୨ତମ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓସିସିଏଲ ଜରିଆରେ କାର୍ଯ୍ୟକାରୀ ହେଉଥିବା ୩୬୭୩ କୋଟିର ବିଭିନ୍ନ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ତନ୍ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀପାଳନ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଓ ଅନ୍ୟାନ୍ୟ ବିଭାଗର ୮୬ କୋଟିର ଯାନ୍ତ୍ରିକ (ମେକାନିକାଲ)କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଥିବା ବେଳେ ପର୍ଯ୍ୟଟନ ଅଧିନରେ ହୀରାକୁଦ ଜଳଭଣ୍ଡାର ଅଞ୍ଚଳ ଏବଂ ତାହାର ପାରିପାର୍ଶ୍ୱିକ ବିକାଶ ପାଇଁ ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ (ସମନ୍ୱିତ ବିକାଶ) ଏବଂ ମାଷ୍ଟରପ୍ଲାନର ଉନ୍ନତିକରଣ କରାଯାଇ ଲାଇଟ ଆଣ୍ଡ୍ ସାଉଣ୍ଡ ସିମ୍ଫୋନି, ଆରାଇଭାଲ ପ୍ଲାଜା ଏବଂ ଡ୍ୟାମ ମ୍ୟୁଜିୟମ ଆଦି କାର୍ଯ୍ୟ ଓସିସିଏଲ ଦ୍ୱାରା ୧୦୦କୋଟିରୁ ଅଧିକ ମୂଲ୍ୟରେ କରାଯିବ। ସେହିପରି କୁଶଭଦ୍ର ଆନ୍ତଃନଦୀ ଜଳାଶୟ (ଆଇଏସଏସ) ୨୦୨୬ ଜୁନ୍ ଶେଷସୁଦ୍ଧା ଶେଷ ହେବାକୁ ଥିବାବେଳେ କୁଆଖାଇ ଆଇଏସ୍ଏସ୍ ଡିସେମ୍ବର ସୁଦ୍ଧା ଶେଷ ହେବ। କାନୁପୁର ଡ୍ୟାମର ନିର୍ମାଣ ଶେଷ ହୋଇସାରିଛି। ସ୍ପିଲ୍‌ୱେ କାର୍ଯ୍ୟ ଅଗ୍ରଗତି ଘଟିଛି ଓ ଏହା ଡିସେମ୍ବର ମଧ୍ୟରେ ସଂପୂର୍ଣ୍ଣ ହେବ। ଏହା ବୈତରଣୀ ନଦୀରେ ବନ୍ୟା ନିୟନ୍ତ୍ରଣ କରିବାରେ ସକ୍ଷମ ହେବ ଏବଂ କେନ୍ଦୁଝର ଜିଲାର ୩୦,୦୦୦ ହେକ୍ଟର ଅଞ୍ଚଳକୁ କୃଷି ପାଇଁ ଜଳସେଚନ ସୁବିଧା ପ୍ରଦାନ କରିବ ବୋଲି ସୂଚନା ଦିଆଯାଇଛି।

# ଦ୍ୱିତୀୟ ପର୍ଯ୍ୟାୟରେ ଗଲା ଏନ୍‌ଡିଆର୍‌ଏଫ୍‌ର ୫ଦଳ



ବାରଙ୍ଗ, ୨୭।୧୦ (ଲିଙ୍ଗରାଜ ରଉତ)

ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ଓ ସାଧାରଣ ଲୋକଙ୍କୁ ସୁରକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫରୁ ଦ୍ୱିତୀୟ ପର୍ଯ୍ୟାୟରେ ସୋମବାର ୫ଟି ଦଳକୁ ରାୟଗଡ଼ା, କନ୍ଧମାଳ, ଗଜପତି, କୋରାପୁଟ, ମାଲକାନଗିରି ପଠାଯାଇଛି। ପ୍ରତି ଦଳରେ ୩୨ ଯବାନ ରହିଥିବାବେଳେ ସେମାନଙ୍କୁ ପରିଚାଳନା କରିବା ପାଇଁ ୩ ଜଣ ଅଧିକାରୀ ରହିଛନ୍ତି ବୋଲି ଟିମ୍ ପକ୍ଷରୁ ସୂଚନା ମିଳିଛି।

**ସଜାଗ ହେଲା ବାରଙ୍ଗ ଅଗ୍ନିଶମ ବିଭାଗ**

ରବିବାର ପ୍ରଥମ ପର୍ଯ୍ୟାୟରେ ଯାଇଥିବା ୨ଟି ଦଳ ବିଶାଖାପାଟଣା ଓ ୧ ଦଳକୁ ଶ୍ରୀକାକୁଲମରେ ନିୟୋଜିତ କରାଯାଇଥିଲା। ବାରଙ୍ଗ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରକାଶ ପାତ୍ରଙ୍କ ନେତୃତ୍ୱରେ ଆନୁଷଙ୍ଗିକ ଯନ୍ତ୍ରପାତି ମହଜୁଦ କରି ସମସ୍ତ କର୍ମଚାରୀଙ୍କୁ ସଜାଗ ରହିବାକୁ କୁହାଯାଇଛି।

## ୨୦୫ ଅଭିଯୋଗରୁ ୩୪ ସାମୂହିକ ସମସ୍ୟା

ବାଲିପାଟଣା, ୨୭।୧୦ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ କୁରୁଞ୍ଜିପୁର ପଞ୍ଚାୟତଠାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମ୍ରିତ୍ ଋତୁରାଜ ଯୋଗଦେଇ ଅଭିଯୋଗ ଶୁଣିବା ସହ ସମାଧାନ କରିଥିଲେ। ଶିବିରରେ ମୋଟ୍ ୨୦୫ଟି ଅଭିଯୋଗ ହୋଇଥିବା ବେଳେ ସେଥିରୁ ୧୭୧ଟି ବ୍ୟକ୍ତିଗତ ଏବଂ ୩୪ଟି ସାମୂହିକ ସମସ୍ୟା ରହିଥିଲା। ଏଥିରୁ ୧୦ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣଙ୍କୁ ୧୫,୦୦୦ ଏବଂ ରେଡକ୍ରସ ପାଣ୍ଠିରୁ ଦୁଇ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜିଲାପାଳ ଋତୁରାଜ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ ମନୋରଞ୍ଜନ ସାହୁ, ଡିପିଓ ଶ୍ୟାମଳେନ୍ଦୁ ନାୟକ, ଜ୍ଞାନେନ୍ଦ୍ର ମିଶ୍ର, ଅଜୟ କୁମାର ବେହେରା, ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଦିଲୀପ ହିଆଲ, ଚେୟାରମ୍ୟାନ ହରପ୍ରିୟା ଦାସ, ସରପଞ୍ଚ ବିନୋଦିନୀ ମଲ୍ଲିକ, ବିଡିଓ ଶୁଭ୍ରାଂଶୁ ଶେଖର ପାଢୀ, ତହସିଲଦାର କଳ୍ପନା ଦାସ, ବିଇଓ ଡ.ପ୍ରଭାତ କୁମାର ରଥ, ମେଡିକାଲ ଅଫିସର ଶ୍ରୀକାନ୍ତ ବେହେରା ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟାଳୟର ପ୍ରଭାତ କୁମାର ଜେନା, ଦିବ୍ୟଜ୍ୟୋତି ଭୁତିଆ, ସଂଗ୍ରାମ କେଶରୀ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଓମ୍‌ଫେଡ୍ ମୁଖ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୭।୧୦ (ଅନୁରାଧା ମହାରଣା)

ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି। ଚଳିତ ବର୍ଷର ଥିମ୍ ରହିଛି 'ଦୁର୍ନୀତି ନିବାରଣ–ଆମର ସହଭାଗୀ ଦାୟିତ୍ୱ'। ତେବେ ଓମ୍‌ଫେଡ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ପ୍ରଥମ ଦିନରେ ସମସ୍ତ କର୍ମଚାରୀ ଶପଥ ଗ୍ରହଣ କରିଛନ୍ତି। ଓମ୍‌ଫେଡ ମୁଖ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଏହାର ସାଧାରଣ ପରିଚାଳକ (ବିତ୍ତ) ସୁରେଶ ଅଲଟିଆ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ମାନବ ସମ୍ବଳ ମୁଖ୍ୟ ଦାୟିତ୍ୱରେ ଥିବା ନିତ୍ୟଦର୍ଶନ ମିଶ୍ର, ବିତ୍ତ ଅଧିକାରୀ ତାପସ ରଞ୍ଜନ ମିଶ୍ର, ଡେପୁଟି ମ୍ୟାନେଜର (ପ୍ରକଳ୍ପ) ଶୁଧାଂଶୁ ଶେଖର ପଣ୍ଡା, ସହକାରୀ ପରିଚାଳକ (ଆଇଟି) ଜିତେନ୍ଦ୍ର କୁମାର ବରାଡ଼ଙ୍କ ସମେତ ସମସ୍ତ ଉପବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ପ୍ଲାଣ୍ଟ ଓ ସମବାୟ ସମିତିରେ ସପ୍ତାହବ୍ୟାପି ଦୁର୍ନୀତି ନିବାରଣ ସଚେତନତା ଓ ଶପଥ ପାଠ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।

# ଓପିଏସ୍‌ସି କାର୍ଯ୍ୟାଳୟ ଆଗରେ ଆଶାୟୀଙ୍କ ଧାରଣା

କଟକ, ୨୭।୧୦ (କାର୍ତ୍ତିକ ସାହୁ)

**ପ୍ରକାଶ ପାଉନି ସିଭିଲ ସହକାରୀ ନିର୍ବାହୀ ଯନ୍ତ୍ରୀ ପରୀକ୍ଷାଫଳ**

ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଜଳସମ୍ପଦ ବିଭାଗ ଅଧୀନ ସିଭିଲ ସହକାରୀ ନିର୍ବାହୀ ଯନ୍ତ୍ରୀ ପରୀକ୍ଷାଫଳ ପ୍ରକାଶ ପାଉନାହିଁ। ସମୟ ଅତିକ୍ରାନ୍ତ ହେଉଥିବାବେଳେ ପରୀକ୍ଷାଫଳ ବିଳମ୍ବିତ ହେଉଥିବାରୁ ଆଶାୟୀ ପ୍ରାର୍ଥୀମାନେ ଅସନ୍ତୁଷ୍ଟ ହୋଇ କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟ ଆଗରେ ସୋମବାର ଧାରଣା ଦେଇଥିଲେ। ତେବେ ୨ରୁ ୩ ଦିନ ମଧ୍ୟରେ ପରୀକ୍ଷାଫଳ ପ୍ରକାଶ କରାଯିବ ବୋଲି ଓପିଏସ୍‌ସି ପକ୍ଷରୁ ପ୍ରାର୍ଥୀମାନଙ୍କୁ କୁହାଯିବାପରେ ସନ୍ଧ୍ୟାରେ ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନାନୁସାରେ, ୨୦୨୩ ଡିସେମ୍ବରରେ ଜଳସମ୍ପଦ ବିଭାଗ ଅଧିନରେ ସିଭିଲ, ମେକାନିକାଲ ଓ ଇଲେକ୍ଟ୍ରିକାଲ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଇଲେକ୍ଟ୍ରିକାଲ୍ ପ୍ରାର୍ଥୀମାନଙ୍କ ଚୟନ ହୋଇ ବର୍ଷେ ହେବ ସେମାନଙ୍କୁ ନିଯୁକ୍ତି ଦିଆସରିଛି। ମାତ୍ର ସିଭିଲ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦରେ ନିଯୁକ୍ତିକୁ ନେଇ ହାଇକୋର୍ଟ, ସୁପ୍ରିମକୋର୍ଟରେ ମାମଲା ରୁଜୁ ହୋଇଥିବାରୁ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରହିଥିଲା। ବିଭିନ୍ନ ସମୟରେ ଅଦାଲତି ମାମଲାଗୁଡ଼ିକ ପାଇଁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ତେବେ ଇତି ମଧ୍ୟରେ ସମସ୍ତ ଅଦାଲତି ମାମଲାର ଅନ୍ତ ଘଟିଥିବାବେଳେ ପରୀକ୍ଷା ଫଳ ପ୍ରକାଶ ପାଉନାହିଁ, ଯାହାକୁ ନେଇ ପ୍ରାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଫଳ ପ୍ରକାଶ କରିବା ପାଇଁ ଦାବି କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୫୦ ଜଣ ଆଶାୟୀ ଧାରଣାରେ ସାମିଲ ହୋଇଥିଲେ। ଏନେଇ ଓପିଏସ୍‌ସି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ୬୬ ଅଭିଯୋଗ ପଞ୍ଜୀକୃତ

**ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ**

ବାଲକାଟୀ, ୨୭।୧୦ (ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପୁରୋହିତପୁର ପଞ୍ଚାୟତସ୍ଥିତ ମେଳଣ ପଡ଼ିଆରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସର୍ବମୋଟ ୬୬ଟି ଅଭିଯୋଗ ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୩୩ଟି ଗ୍ରାମୀଣ ଗୃହ ସମ୍ବନ୍ଧୀୟ, ୧୬ଟି ଭତ୍ତା ସମ୍ବନ୍ଧୀୟ, ୩ଟି ଯୋଗାଣ ବିଭାଗ ସମ୍ବନ୍ଧୀୟ ଏବଂ ୧୪ଟି ଅନ୍ୟାନ୍ୟ ବିଭାଗୀୟ ସମ୍ବନ୍ଧୀୟ ଅଭିଯୋଗ ହସ୍ତଗତ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇ ସିଙ୍ଗିରି ଶାସନ ଗ୍ରାମର ୭୮ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ଗନ୍ଧର୍ବ ଦଳେଇଙ୍କୁ ଏକ ହ୍ୱିଲ୍‌ଚେୟାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ବିଡିଓ ରଶ୍ମିତା ନାଥ, ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ମହାରଣା, ଜିଲା ପରିଷଦ ସଦସ୍ୟା କୁନମୁନ ଲେଙ୍କା, ସରପଞ୍ଚ ଭଗବାନ ବେହେରା, ସମିତି ସଭ୍ୟ ମନୋରଞ୍ଜନ ପ୍ରଧାନଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



## ବିଜ୍ଞାନ, ପରିବେଶଭିତ୍ତିକ ୨୩୭ଟି ପ୍ରକଳ୍ପ ପ୍ରଦର୍ଶିତ

ବାଲିଅନ୍ତା, ୨୭।୧୦ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଲାରପୁର (ରଙ୍ଗବଜାର) ସ୍ଥିତ ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୩୭ଟି ବିଜ୍ଞାନ, ଗଣିତ ଓ ପରିବେଶଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିଭାବେ ବିଦ୍ୟାଳୟର ସଭାପତି ଦୀପ୍ତିମୟୀ ମିଶ୍ର ଓ ସମ୍ପାଦକ ବିଜୟ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ବେହେରା ଓ ଶିବ ନାରାୟଣ ହୋତା ଏହି ବିଜ୍ଞାନ ମେଳାରେ ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ଆଣିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଗୁରୁମା ଲକ୍ଷ୍ମୀପ୍ରିୟା ମିଶ୍ର, ଶ୍ରୀକାନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ବୈଜୟନ୍ତୀ ରାଉତ ଓ କୁଳମଣୀ ବାରିକ ପରିଚାଳନାରେ ସହଯୋଗ କରିଥିଲେ।

# ଆନ୍ଦୋଳନ କରିବେ ଓଡିଶା ଗ୍ରାମୀଣ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ




ଭୁବନେଶ୍ୱର, ୨୭।୧୦ (ବନ୍ଦନା ସେଠୀ)

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୪ହଜାର ଥିବାବେଳେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। କର୍ମଚାରୀଙ୍କ ସାମୂହିକ ଓ ବ୍ୟକ୍ତିଗତ ସମସ୍ୟାଗୁଡିକୁ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ଫଳପ୍ରଦ ହେଉ ନାହିଁ। ତେଣୁ କର୍ତ୍ତୃପକ୍ଷ ସଂଗଠନର ଦାବି ପୂରଣ ନେଇ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରଯିବ ବୋଲି ଅଲ୍ ଇଣ୍ଡିଆ ରିଟାୟର୍ସ ଅଫ୍ ରିଜିଓନାଲ ରୁରାଲ୍ ବ୍ୟାଙ୍କର୍ସ ୱେଲଫେୟାର ସୋସାଇଟି ଓଡ଼ିଶା ୟୁନିଟ୍ ପକ୍ଷରୁ ଅଭିଯୋଗ ହୋଇଛି। ସେହିପରି ସଂଗଠନର କର୍ମକର୍ତ୍ତାମାନଙ୍କୁ ଗୁରୁତ୍ୱ ଦିଆଯାଉ ନ ଥିବା, କର୍ତ୍ତୃପକ୍ଷ ସେମାନଙ୍କୁ ସାକ୍ଷାତ କରୁ ନଥିବା, ସଂଗଠନ ସହିତ ଆଲୋଚନାବେଳେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଉଥିବା ପ୍ରତିଶ୍ରୁତିର କୌଣସି ସତ୍ୟତା ରହୁ ନ ଥିବା ଅଭିଯୋଗ ହୋଇଛି। ସମସ୍ତ ଅବସରପାପ୍ତ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ କମ୍ପ୍ୟୁଟର ଇନକ୍ରିମେଣ୍ଟ ବକେୟା ପ୍ରଦାନ, ବକେୟା କମ୍ପ୍ୟୁଟର ଇନକ୍ରିମେଣ୍ଟ ହିସାବରେ ଗାଇଡ୍‌ଲାଇନର ସର୍କୁଲାର ପ୍ରଦାନ, ସୁଧ ସହ ସମସ୍ତ ଇପିଏଫ୍ ଟଙ୍କା ଫେରସ୍ତ ଓ ବକେୟା ଗ୍ରାଚୁଇଟି ପ୍ରଦାନ ଆଦି ଅନେକ ଦାବି କର୍ତ୍ତୃପକ୍ଷଙ୍କ ନିକଟରେ ପଡ଼ିରହିଛି ବୋଲ ସଂଗଠନ ପକ୍ଷରୁ କୁହାଯାଇଛି।

# ଆବାସିକ ବ୍ୟବହାରିକ ଦକ୍ଷତା ବିକାଶ ପ୍ରଶିକ୍ଷଣ ଉଦ୍‌ଘାଟିତ




ଭୁବନେଶ୍ୱର, ୨୭।୧୦ (ସୁଚିସ୍ମିତା ସାହୁ)

ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିମନ୍ତେ ଏସ୍‌ପିଇଏଫ୍‌ଏଲ ଟ୍ରେଡ୍‌କୁ ନେଇ ୫ଦିନିଆ ଆବାସିକ ବ୍ୟବହାରିକ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ସେଞ୍ଚୁରିଆନ ୟୁନିଭର୍ସିଟିଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଯୋଗଦେଇ କହିଲେ, ଏହି ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ହାସଲ ଦିଗରେ ପ୍ରେରଣା ପ୍ରଦାନ କରିବ। ଧନ୍ଦାମୂଳକ ଶିକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ସୁଦୃଢ଼ କରିବାରେ ସହାୟକ ହେବ। ସେଞ୍ଚୁରିଆନ ୟୁନିଭର୍ସିଟିର କୁଳପତି ପ୍ରଫେସର ଡ. ସୁପ୍ରିୟା ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତା ତଥା ଭବିଷ୍ୟତ ଗଠନ ବିଷୟରେ ଅବଗତ କରିଥିଲେ। ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ସ୍ୱାଗତ ଅଭିଭାଷଣ ଓ ଉପନିର୍ଦ୍ଦେଶକ ସି.ଏଚ୍. ବିଜୟଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପ୍ରାୟ ୧୦୦ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ।

# ୩ସପ୍ତାହରେ ରାଜ୍ୟ ସରକାରଙ୍କ ଠାରୁ ଜବାବ ତଲବ କଲେ ହାଇକୋର୍ଟ

କଟକ, ୨୭।୧୦ (କାର୍ତ୍ତିକ ସାହୁ)

**ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପର୍କିତ ଜନସ୍ୱାର୍ଥ ମାମଲା**

ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପସଭାପତି ନିଯୁକ୍ତି ତଥା ସାଧାରଣ ପରିଷଦ ଗଠନ ପାଇଁ ପଦକ୍ଷେପ ନେବାକୁ ନିବେଦନ କରି ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି। ରାଜ୍ୟ ସରକାରଙ୍କୁ ତିନି ସପ୍ତାହ ଭିତରେ ସତ୍ୟପାଠ ଦାଖଲ କରିବା ସହ ଆବେଦନକାରୀଙ୍କୁ ଏକ ସପ୍ତାହ ଭିତରେ ପ୍ରତିଜବାବ ଦାଖଲ ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୪ ତାରିଖକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ୧୯୫୭ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠିତ ହୋଇଥିଲା। ଏକାଡେମୀର ସମ୍ବିଧାନ ଅନୁସାରେ ରାଜ୍ୟ ସରକାର ସଭାପତି ଓ ଉପସଭାପତିଙ୍କୁ ନିଯୁକ୍ତ କରନ୍ତି। ଏକାଡେମୀର ସାଧାରଣ ପରିଷଦ ଗଠନରେ ମଧ୍ୟ ସରକାରଙ୍କ ପ୍ରମୁଖ ଭୂମିକା ରହିଛି। ହେଲେ ୨୦୨୪ ମେ' ମାସ ୨୦ ତାରିଖରେ ପୂର୍ବତନ ସଭାପତି ଓ ଉପସଭାପତି ତାଙ୍କର କାର୍ଯ୍ୟକାଳ ପୂରା କରି ଅବ୍ୟାହତି ନେଇଥିଲେ ମଧ୍ୟ ରାଜ୍ୟ ସରକାର ଏଯାଏଁ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତ କରିନାହାନ୍ତି। ୨୦୨୩ ଜୁଲାଇ ୨୦ରେ ପୁରୁଣା ସଧାରଣ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ନୂତନ ସଧାରଣ ପରିଷଦ ଗଠନ ହୋଇନାହିଁ। ଫଳରେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ କିମ୍ବା ଏହାର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ଓଡ଼ିଶା ସାହିତ୍ୟ ଏକାଡେମୀ ଓଡ଼ିଆ ଅସ୍ମିତାର ପ୍ରତୀକ ହୋଇଥିଲେ ମଧ୍ୟ ସରକାରୀ ଅବହେଳାର ଶିକାର ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସଭାପତି ଓ ଉପସଭାପତି ପଦବୀରେ ତୁରନ୍ତ ନିଯୁକ୍ତି ସହିତ ସାଧାରଣ ପରିଷଦ ଗଠନ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ଆଇନଜୀବୀ ପ୍ରବୀର କୁମାର ଦାସ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି । ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ସଂକ୍ଷେପରେ

### ମନ୍ଥର କାର୍ଯ୍ୟ ପାଇଁ ବ୍ଲକ ଅଧିକାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

**ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଜିଲାପାଳଙ୍କ ଚିଠି**

**ସାଲେପୁର,୨୭।୧୦(ଅରବିନ୍ଦ ଭୂୟାଁ):**

ସାଲେପୁର ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରାଯାଉ ନାହିଁ। ଏହିସବୁ ସରକାରୀ ଯୋଜନା କାର୍ଯ୍ୟରେ ମନ୍ଥର ଗତି ନିମନ୍ତେ ସାଲେପୁର ବ୍ଲକ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ସମସ୍ତ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଆକାଉଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରଙ୍କ ଦରମା ବନ୍ଦ କରାଯାଇଛି। ଏନେଇ କଟକ ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ସାଲେପୁର ଟ୍ରେଜେରି ଅଫିସର ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ଚିଠି ପଠାଇଥିବା ଜଣାପଡ଼ିଛି।

କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସାଲେପୁର ବ୍ଲକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବିଶେଷକରି ମନରେଗା ଓ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଚାଲୁଥିବା କାର୍ଯ୍ୟରେ ମନ୍ଥର ଗତି ଲାଗି ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦରମା ବନ୍ଦ କରିବା ପାଇଁ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ବ୍ଲକରେ କାର୍ଯ୍ୟରତ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ଚିଠି ପଠାଇଥିବା ଜଣାପଡ଼ିଛି।

### ପାଲା ମହୋତ୍ସବ ପ୍ରସ୍ତୁତି

**ଚୌଦ୍ୱାର,୨୭।୧୦(ଆଶୁତୋଷ ଦାସ):**

ଆଗ୍ରାହାଟ ପଞ୍ଚାୟତ ଅନ୍ତର୍ଗତ ଯାଜଭୈରବ ନୂଆଗାଁସ୍ଥିତ ସତ୍ୟ ନାରାୟଣ ପାଲା ଅନୁଷ୍ଠାନ ପକ୍ଷରୁ ପାଲା ମହୋତ୍ସବ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଚିନ୍ତାମଣି ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇ ମହୋତ୍ସବ ଆୟୋଜନ ସମ୍ପର୍କିତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ନଭେମ୍ବର ୮ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ଦୀର୍ଘ ୮ଦିନ ଧରି ପ୍ରତି ସନ୍ଧ୍ୟାରେ ପାଲା ଅନୁଷ୍ଠାନ ଆୟୋଜନ କରାଯିବା ସ୍ଥିରିକୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାଲା ପରିବେଷଣ କରିବା ପାଇଁ ଅଞ୍ଚଳର ବିଶିଷ୍ଟ ପାଲାକାରଙ୍କୁ ନିମନ୍ତ୍ରଣ କରା ଯିବାପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଦୀପକ ପଣ୍ଡା ଓ ବିଚିତ୍ରାନନ୍ଦ ପଣ୍ଡାଙ୍କ ସମେତ ବହୁ ପାଲାକାର ଓ ଗ୍ରାମବାସୀ ବୈଠକରେ ଯୋଗ ଦେଇଥିଲେ।

# ବହିଷ୍କୃତ ଅଣଶିକ୍ଷକ କର୍ମଚାରୀଙ୍କ ତାଲାବନ୍ଦ ଆନ୍ଦୋଳନ

**ପ୍ରସନ୍ନମଣି ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟ**

**ଟିଗିରିଆ,୨୭।୧୦(ଜାଫର ଖାଁ)**


ଆନ୍ଦୋଳନରତ ବହିଷ୍କୃତ ଅଣ ଶିକ୍ଷକ କର୍ମଚାରୀ

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ପ୍ରସନ୍ନମଣି ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟରେ ୭ ଦଫା ଦାବି ନେଇ ବହିଷ୍କୃତ ଅଣଶିକ୍ଷକ କର୍ମଚାରୀମାନେ ତାଲାବନ୍ଦ ଆନ୍ଦୋଳନ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ବେଆଇନ ଭାବେ ମହାବିଦ୍ୟାଳୟରୁ ବହିଷ୍କାର ଆଦେଶ ଦିଆଯିବା ସହ ପ୍ରତ୍ୟାହୃତ ସହ ଆର୍ଥିକ ଭୁଲ୍ ତଥ୍ୟ ପ୍ରଦାନ କରାଯାଇଛି। ଏଥିସହ ପୁନଃନିଯୁକ୍ତି ଏବଂ ଅବସର ଆଇନ ଉଲ୍ଲଂଘନ କରାଯାଇଛି। ଜିଲା ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର କରାଯିବା ସହ ଦରମା ଓ ଇପିଏଫ୍‌ରେ ଅସଙ୍ଗତି କରାଯାଇଛି। କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଦିଆଯାଇଛି। ସେମାନଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ କରାଯାଇଛି। ଏସବୁ ସମସ୍ୟାର ସମାଧାନ ସହ ପରିଚାଳନା ପରିଷଦକୁ ବରଖାସ୍ତ ଦାବି ନେଇ ସୋମବାରଠାରୁ ସେମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲା ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏଥିରେ ଅନୁଷ୍ଠାନର ୧୭ ଜଣ ଅଣଶିକ୍ଷକ କର୍ମଚାରୀ ସାମିଲ ହୋଇଛନ୍ତି।

ସୂଚନାଯୋଗ୍ୟ, ୧୯୮୧-୮୨ ଶିକ୍ଷାବର୍ଷରୁ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନରେ ୧୦ ଜଣ ଅଧ୍ୟାପକ, ୫ ଟ୍ରେନରଙ୍କ ସହ ୩୪ ଜଣ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। କାର୍ଯ୍ୟରତ ଅଧିକାଂଶ ଅଣଶିକ୍ଷକ କର୍ମଚାରୀ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ ସମ୍ପାଦନ କରୁଛନ୍ତି। କିନ୍ତୁ ଏତେ ବର୍ଷ ଚାକିରି କରିବା ଭିତରେ ସେମାନଙ୍କୁ ଅତି ସ୍ୱଳ୍ପ ଦରମା ପ୍ରଦାନ କରାଯାଉଛି। ଏଥିସହ ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯିବାକୁ ଥିବା କର୍ମଚାରୀଙ୍କ ଭବିଷ୍ୟ ନିଧି ପାଣ୍ଠିକୁ ଟଙ୍କା ପ୍ରଦାନ କରାଯାଉନାହିଁ। ଏ ସମ୍ପର୍କରେ ଅନୁଷ୍ଠାନର କେତେଜଣ ଅଣଶିକ୍ଷକ କର୍ମଚାରୀ ଉପରୋକ୍ତ ଜିଲାପାଳଙ୍କୁ ଅଗଷ୍ଟ ୨୬ରେ ଭେଟି ସମସ୍ତ ବିଷୟ ଅବଗତ କରାଇଥିଲେ। ଜିଲାପାଳ ସବୁ ଶୁଣିବା ପରେ ଜିଲା ଶ୍ରମ ଅଧିକାରୀଙ୍କୁ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉକ୍ତ କର୍ମଚାରୀଙ୍କୁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସର୍ବନିମ୍ନ ପାରିଶ୍ରମିକ ପ୍ରଦାନ ସହ ଅନ୍ୟାନ୍ୟ ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅତିରିକ୍ତ ଜିଲା ଶ୍ରମ ଅଧିକାରୀଙ୍କୁ ଜିଲା ଶ୍ରମ ଅଧିକାରୀ ଅନୁଷ୍ଠାନକୁ ପଠାଇଥିଲେ। ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଅନୁଷ୍ଠାନ ପକ୍ଷରୁ ଏକବର୍ଷର ବର୍ଦ୍ଧିତ ଦରମା ପିଛିଲା ଆକାରରେ ପ୍ରଦାନ ଓ ଭବିଷ୍ୟନିଧି ପାଣ୍ଠିକୁ ଟଙ୍କା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଗତ ୨୯ ତାରିଖରେ ଦଶହରା ଛୁଟି ଚାଲିଥିବାବେଳେ ୧୧ ଜଣ କର୍ମଚାରୀଙ୍କ ଘରକୁ ସ୍ପିଡ୍ ପୋଷ୍ଟ ଜରିଆରେ ବିନା କୌଣସି ପୂର୍ବ ସୂଚନା ଦେଇ ବହିଷ୍କାର ନୋଟିସ ପଠାଯାଇଥିଲା। ଉକ୍ତ ନୋଟିସରେ ମହାବିଦ୍ୟାଳୟର ଆର୍ଥିକ ସ୍ଥିତି ଖରାପ ଥିବାସହ ଆବଶ୍ୟକତାଠାରୁ ଅଧିକ କର୍ମଚାରୀ ଥିବାରୁ ଇଣ୍ଡଷ୍ଟ୍ରିଆଲ ଡିସ୍‌ପୁଟ ଆକ୍ଟ ୧୯୪୭ କ୍ଲଜ (ସି) ଧାରା ୨୫ଏଫ ଆଧାରରେ ବହିଷ୍କାର କରାଯାଇଥିବା କାରଣ ଦର୍ଶାଇଥିଲେ।ଉକ୍ତ ନୋଟିସ ପାଇବା ପରେ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା।ଏହି ଘଟଣା ପରେ ଉକ୍ତ କର୍ମଚାରୀମାନେ ପୁନର୍ବାର ଜିଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଜିଲାପାଳ ସଙ୍ଗେ ସଙ୍ଗେ ଉପଜିଲାପାଳଙ୍କୁ ଘଟଣାର ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଉପ ଜିଲାପାଳ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ କେତେଜଣ ଅଣ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଥିଲେ। ଆଲୋଚନା ପରେ ମହାବିଦ୍ୟାଳୟ କର୍ମଚାରୀଙ୍କ ବହିଷ୍କାର ଆଦେଶ ତୁରନ୍ତ ପ୍ରତ୍ୟାହାର ସହ ଅନ୍ୟାନ୍ୟ ଦାବି ଉପରେ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ନନେଇ ଅନୁଷ୍ଠାନ ବିରୋଧରେ ନଯିବା ପାଇଁ ଏକ ଅଣ୍ଡର ଟେକିଙ୍ଗ ଲେଖିବା ପାଇଁ କହିଥିଲେ। ଏହାକୁ ଉପ ଜିଲାପାଳ ଆଗ୍ରାହ୍ୟ କରିବା ସହ ତୁରନ୍ତ ଘଟଣାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କୌଣସି ସୁଫଳତା ନ ମିଳିବାରୁ ବାରୁ କର୍ମଚାରୀମାନେ ଅକ୍ଟୋବର ୧୭ରୁ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିଲେ। ସୂଚନା ପାଇ ୧୬ ତାରିଖ ସନ୍ଧ୍ୟାରେ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ଡାକି ଆଲୋଚନା କରିବା ସହ ସମସ୍ୟାର ସମାଧାନ ପାଇଁ ଅକ୍ଟୋବର ୨୧ ପର୍ଯ୍ୟନ୍ତ ସମୟ ମାଗିଥିଲେ। ଏହାସତ୍ତ୍ୱେ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ ନ ହେବାରୁ ଅଣ ଶିକ୍ଷକ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଥିରେ ବହିଷ୍କୃତ ଅଣ ଶିକ୍ଷକ କର୍ମଚାରୀ ଶୁଭେନ୍ଦୁ ଚାନ୍ଦ, ସୁଶୀଲ କୁମାର ସାହୁ, ଉତ୍କଳ କେଶରୀ ବେହେରା, ବେଶରତ ମହମ୍ମଦ, ଲକ୍ଷ୍ମୀଧର ମହାରଣା, ସଚ୍ଚିଦାନନ୍ଦ ନାୟକ, ଲକ୍ଷ୍ମୀଧର ପ୍ରଧାନ, ଦୁର୍ଗାପ୍ରସାଦ ମହାପାତ୍ର, ନିରାକାର ବାରିକ,ମୁନା କୁମାର ପଣ୍ଡା, ଅମୀୟ କୁମାର ମହାନ୍ତି ପ୍ରମୁଖ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ କଟକ ଜିଲାପାଳଙ୍କ ନିକଟରେ କରାଯାଇଥିବା ଅଭିଯୋଗ ଅନୁଯାୟୀ, ଶ୍ରମ ଆଇନ ଅନୁସାରେ ଆବଶ୍ୟକ ନ ଥିବା କର୍ମଚାରୀଙ୍କୁ ଅଗ୍ରିମ ଦରମା ସହ ବହିଷ୍କାର କରାଯାଇଛି ବୋଲି କହିଛନ୍ତି।

## ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ କାର୍ଯ୍ୟକ୍ରମ

**ବାଙ୍କୀ,୨୭।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡକ୍ରସ ଓ ବାଙ୍କୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀମାନଙ୍କୁ ନେଇ ସୋମବାର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ରାଜ୍ୟ ଏନ୍‌ଏସ୍‌ଏସ୍ ପ୍ରଶିକ୍ଷକ ଅଧ୍ୟାପକ ନିରଦ ବରଣ ଖୁଣ୍ଟିଆ, ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲା ଜାତୀୟ ସେବା ଯୋଜନା ଅଧିକାରୀ ଜୟଶ୍ରୀବାଳା ମଲିକ ଓ ରାଜ୍ୟ ସରକାରଙ୍କ ଜାତୀୟ ସେବା ଉପଅଧିକାରୀ ରଘୁନାଥ ମଣ୍ଡଳ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କ ଦକ୍ଷତା ଓ ସେବାମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ କାଉନସିଲର ଅଧ୍ୟାପିକା ସରସ୍ୱତୀ ଦେଉରୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ସଭା ପରିଚାଳନା କରିଥିଲେ। ବାଙ୍କୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ


ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କର୍ମଚାରୀମାନେ ଶପଥପାଠ କରୁଛନ୍ତି।

**ଦୁର୍ନୀତି ନିବାରଣ ସଚେତନତା ଶପଥପାଠ**

**ବାଙ୍କୀ/ଟିଗିରିଆ,୨୭।୧୦(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସୁବ୍ରତ କୁମାର ନାୟକ/ଜାଫର ଖାଁ):**

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅକ୍ଟୋବର ୨୭ରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ଅବସରରେ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଦୁର୍ନୀତି ନିବାରଣ ସଚେତନତା ନିମନ୍ତେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲାପାଳ ପ୍ରିୟଙ୍କା ଖୁଣ୍ଟରସିଂହ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ ଓ ଉପକୋଷାଗାରର ସମସ୍ତ କର୍ମଚାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତେ ନିଜର କାର୍ଯ୍ୟରେ ସାଧୁତା, ସ୍ୱଚ୍ଛତା ଏବଂ ଦୁର୍ନୀତିମୁକ୍ତ ହୋଇ କାର୍ଯ୍ୟ କରିବା ନିମନ୍ତେ ଶପଥପାଠ କରିଥିଲେ। ଏହି ଶପଥପାଠ କାର୍ଯ୍ୟକ୍ରମରେ ଉପକୋଷାଗାର ଅଧିକାରୀ ସଞ୍ଜୟ କୁମାର ଧଳ, ଉପଖଣ୍ଡ ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ଦାଶ, ଉପଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ଉପବିଭାଗ ଅଧିକାରୀ ଜୟନ୍ତୀ କୁମାର ରାଉତ, ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳୀଚରଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶପଥପାଠ କରିଥିଲେ।

ସେହିପରି ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଦୁର୍ନୀତି ନିବାରଣ :ଆମ ସାମୂହିକ ଦାୟିତ୍ୱ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିସହ ଦୁର୍ନୀତିରୁ ନିଜକୁ ଦୂରରେ ରଖିବା ପାଇଁ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁରକ୍ଷା, ଅଖଣ୍ଡତା ଏବଂ ନୀତି ସଂହିତା ଅବଲମ୍ବନ କରିବା ପାଇଁ ଅଧ୍ୟକ୍ଷ ବେହେରା ନିଜ ଅଭିଭାଷଣରେ ସଭିଙ୍କୁ ସଚେତନ କରାଇଥିଲେ। ପ୍ରାଧ୍ୟାପକ ସୁଧୀର ଚନ୍ଦ୍ର ନାଥ, ଡ. ପତିତପାବନ ପଣ୍ଡା, ଅଧ୍ୟାପକ ଲକ୍ଷ୍ମୀଧର ସାହୁ, ଅଧ୍ୟାପିକା ପୁଷ୍ପାଞ୍ଜଳି ବାରିକ, ଇନ୍ଦିରା ସାମନ୍ତରାୟ, ରଶ୍ମିରେଖା ମଲ୍ଲିକ, ଗୁଲପସା ତବସୁମ, ଅଧ୍ୟାପକ ରାମଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୁଶଳୀ ପ୍ରଶିକ୍ଷଣ ନେଲେ କୃଷକ

**କଟକ,୨୭।୧୦(କାର୍ତ୍ତିକ ସାହୁ):**

ୱାଇଜମ୍ୟାନ୍‌କ୍ଲବକଟକସହଭାଗିତାରେ ଗ୍ରାମୀଣ କୃଷକମାନଙ୍କୁ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ କୃଷି ଓ ଉଦ୍ୟାନ ସମ୍ବନ୍ଧୀୟ କୁଶଳୀ ତାଲିମ କାର୍ଯ୍ୟକ୍ରମ କଟକ ଟାଙ୍ଗୀସ୍ଥିତ ଭଗତପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ୱାଇଜମ୍ୟାନର ଆଞ୍ଚଳିକ ନିର୍ଦ୍ଦେଶକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଯୋଗଦେଇ କ୍ଲବର ନୀରବଚ୍ଛିନ୍ନ ସେବା ଓ ଗ୍ରାମୀଣ କୃଷକମାନଙ୍କୁ ଆତ୍ମନିର୍ଭରଶୀଳ କରିବାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ୱାଇଜମ୍ୟାନ ଜିଲା ଗଭର୍ନର ସତ୍ୟ ଗୋପାଳ ପରିଜା ଗ୍ରାମୀଣ କୃଷକ ଓ ମହିଳାମାନଙ୍କ ଉନ୍ନତି ଦିଗରେ କ୍ଲବ ସୁଦୂରପ୍ରସାରି କାର୍ଯ୍ୟକ୍ରମ ହାତକୁ ନେବ ବୋଲି ପ୍ରକାଶ କରିଥିଲେ। ୱାଇଜମ୍ୟାନ ଅନ୍ତର୍ଜାତୀୟ ସଂସ୍ଥାର ଟାଇମ ଅଫ ଫାଷ୍ଟ ଯୋଜନା ମାଧ୍ୟମରେ ପରିଚାଳିତ କାର୍ଯ୍ୟକ୍ରମରେ କୃଷି ଓ ଉଦ୍ୟାନକୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ପ୍ରକଳ୍ପରେ ଶିକ୍ଷାଦାନ କରୁଛନ୍ତି। ଭଗତପୁର୍ ପ୍ରକଳ୍ପର ଅଧ୍ୟକ୍ଷ ୱାଇଜମ୍ୟାନ ରାଜବଲ୍ଲଭ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଦଶଟି ପର୍ଯ୍ୟାୟରେ ଦୁଇଶହ ଗ୍ରାମୀଣ କୃଷକ ତାଲିମପ୍ରାପ୍ତ ହେବାର କାର୍ଯ୍ୟକ୍ରମ ରହିଛି।

## ଶାନ୍ତି ମେମୋରିଆଲ ହସ୍ପିଟାଲରେ ପ୍ରଥମ ଟେଲି ରୋବୋଟିକ୍ ସର୍ଜରି ସଫଳ

**କଟକ,୨୭।୧୦(ଶିଳ୍ପା ପ୍ରିୟଦର୍ଶିନୀ):**

ଶାନ୍ତି ମେମୋରିଆଲ ହସ୍ପିଟାଲରେ ପ୍ରଥମ ଟେଲି ରୋବୋଟିକ୍ ସର୍ଜରି ସଫଳ ହୋଇଛି। ଏହାସହ ହସ୍ପିଟାଲରେ ୧୦୦ତମ ରୋବୋଟିକ ସର୍ଜରି ସୁଚାରରୂପେ ସଫଳ କରାଯାଇଥିବା ହସ୍ପିଟାଲର ଅଧ୍ୟକ୍ଷ ପ୍ରଫେସର ଡା. ଶ୍ରୀଜୟ ପଟ୍ଟନାୟକ ସୂଚନା ଦେଇଛନ୍ତି। କଟକ ଟାଙ୍ଗୀ ଅଞ୍ଚଳର ୨୪ ବର୍ଷୀୟ ଯୁବକ ଅବଷ୍ଟ୍ରକ୍‌ଟେଡ ଗ୍ରୋଇନ ହାର୍ନିଆ ପୀଡ଼ିତ ଥିବାବେଳେ ଜରୁରିକାଳୀନ ଅସ୍ତ୍ରୋପଚାର ଆବଶ୍ୟକ କରୁଥିଲେ। ତେଣୁ ତାଙ୍କର ପ୍ରଥମ ଟେଲି ରୋବୋଟିକ୍ ସର୍ଜରି କରାଯାଇଛି। ଶାନ୍ତି ମେମୋରିଆଲ ହସ୍ପିଟାଲର ଅଧ୍ୟକ୍ଷ ତଥା ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ, ମେଟାବୋଲିକ୍ ଏବଂ ବାରିଆଟ୍ରିକ୍ ସର୍ଜନ୍ ପ୍ରଫେସର ଡା. ଶ୍ରୀଜୟ ପଟ୍ଟନାୟକ ହସ୍ପିଟାଲରେ ଉପସ୍ଥିତ ନ ଥିବାବେଳେ ଏହି ଅସ୍ତ୍ରୋପଚାରକୁ ଆଭାସୀ ମାଧ୍ୟମରେ ବା ଟେଲି ରୋବୋଟିକ୍ ସର୍ଜରି ଦ୍ୱାରା ଗୁରୁବାର କରାଯାଇଥିଲା। ଏବେ ଯୁବକ ଜଣକ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି। ଏସମ୍ପର୍କରେ ପ୍ରଫେସର ପଟ୍ଟନାୟକ କହିଛନ୍ତି ଯେ, ଏହା କେବଳ ଏକ ବୈଷୟିକ ସଫଳତା ନୁହେଁ ବରଂ ଏକ ମାନବିକ ସଫଳତା ଅଟେ। ରୋଗୀ ଜଣଙ୍କ ଜରୁରିକାଳୀନ ଅସ୍ତ୍ରୋପଚାର ଆବଶ୍ୟକ କରୁଥିବାବେଳେ ଟେଲି ସର୍ଜିକାଲ ପଦ୍ଧତି ଦ୍ୱାରା ଏହା ସଫଳ ହୋଇପାରିଛି। ଏହି ଅତ୍ୟାଧୁନିକ ସର୍ଜିକାଲ ଟେକ୍ନୋଲୋଜି ଭାରତର ସମସ୍ତ ଅଂଶରେ ରୋଗୀଙ୍କୁ ଉନ୍ନତ ସେବା ଯୋଗାଇ ପାରିବ ବୋଲି ସେ କହିଛନ୍ତି।

## ବାତ୍ୟା ମୋନ୍ଥାର ମୁକାବିଲା: ୨ୟ ପର୍ଯ୍ୟାୟରେ ଏନ୍‌ଡିଆର୍‌ଏଫ୍‌ରୁ ଗଲା ୫ଦଳ

**ବାରଙ୍ଗ,୨୭।୧୦(ଲିଙ୍ଗରାଜ ରଉତ):**

ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ଓ ସାଧାରଣ ଲୋକଙ୍କୁ ସୁରକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫରୁ ଦ୍ୱିତୀୟ ପର୍ଯ୍ୟାୟରେ ସୋମବାର ୫ଟି ଦଳକୁ ରାୟଗଡ଼ା, କନ୍ଧମାଳ, ଗଜପତି, କୋରାପୁଟ, ମାଲକାନଗିରି ପଠାଯାଇଛି। ପ୍ରତି ଦଳରେ ୩୨ ଯବାନ ରହିଥିବାବେଳେ ସେମାନଙ୍କୁ ପରିଚାଳନା କରିବା ପାଇଁ ୩ ଜଣ ଅଧିକାରୀ ରହିଛନ୍ତି ବୋଲି ଟିମ୍ ପକ୍ଷରୁ ସୂଚନା ମିଳିଛି। ରବିବାର ପ୍ରଥମ ପର୍ଯ୍ୟାୟରେ ଯାଇଥିବା ୨ଟି ଦଳ ବିଶାଖାପାଟଣା ଓ ୧ ଦଳକୁ ଶ୍ରୀକାକୁଲମରେ ନିୟୋଜିତ କରାଯାଇଥିଲା। ବାରଙ୍ଗ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରକାଶ ପାତ୍ରଙ୍କ ନେତୃତ୍ୱରେ ଆନୁଷଙ୍ଗିକ ଯନ୍ତ୍ରପାତି ମହଜୁଦ କରି ସମସ୍ତ କର୍ମଚାରୀଙ୍କୁ ସଜାଗ ରହିବାକୁ କୁହାଯାଇଛି।

## ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୨୭।୧୦ (ଅଶୋକ କୁମାର ମହାପାତ୍ର)**

**ଯୋଜନାବଦ୍ଧ ହତ୍ୟା ଅଭିଯୋଗ**

କଟକ ଜିଲା ଭଦ୍ରେଶ୍ୱର ଥାନା ଅଧୀନ ଉମର ପଞ୍ଚାୟତ ଓସ୍ତପୁର ଗ୍ରାମର ଜଣେ ମିଠା ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଏହି ବ୍ଲକ ଅନ୍ତର୍ଗତ ଉମର ପଞ୍ଚାୟତସ୍ଥିତ ଓସ୍ତପୁର ଗ୍ରାମର ସୁରେନ୍ଦ୍ର କୁମାର ପାତ୍ର(୬୨)। ଖବରପାଇ ଭଦ୍ରେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଛି। ଏହି ଘଟଣାକୁ ନେଇ ସାଧାରଣରେ ଚାପା ଗୁଞ୍ଜରଣ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ସୁରେନ୍ଦ୍ର ଦୀର୍ଘ ଦିନ ହେଲା ସ୍ଥାନୀୟ ନାଳି ପଡିଆ ବଜାରରେ ଏକ ଜଳଖିଆ ଓ ମିଠା ଦୋକାନ ଖୋଲି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ଏପରିକି ତାଙ୍କ ସ୍ତ୍ରୀ ମଧ୍ୟ ଦୋକାନରେ ସହଯୋଗୀ ଭାବେ କାର୍ଯ୍ୟ କରିଆସୁଥିଲେ। ରବିବାର ସୁରେନ୍ଦ୍ରଙ୍କ ସ୍ତ୍ରୀ ଓ କଲେଜରେ ପଢୁଥିବା ଝିଅ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସୁରେନ୍ଦ୍ର ପ୍ରତ୍ୟେକ ଦିନ ସକାଳେ ତାଙ୍କ ଜଳଖିଆ ଦୋକାନ ଖୋଲିଥାନ୍ତି। କିନ୍ତୁ ସୋମବାର ଖୋଲି ନ ଥିଲେ। ଦୋକାନ କବାଟ ବନ୍ଦ ଥିବାରୁ ଲୋକ ସନ୍ଦେହ କରି ଭିତରକୁ ପଶିଯିବାରୁ ସୁରେନ୍ଦ୍ରଙ୍କୁ ରଶିରେ ଝୁଲୁଥିବା ଦେଖିଥିଲେ। ଏହି ଘଟଣା ପ୍ରଚାରିତ ହେବା କ୍ଷଣି ଘଟଣାସ୍ଥଳରେ ଲୋକଙ୍କ ଭିଡ ଜମିଥିଲା। ଖବରପାଇ ପରିବାର ତରଫରୁ ଭଦ୍ରେଶ୍ୱର ଥାନାରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସୁରେନ୍ଦ୍ର ଆତ୍ମହତ୍ୟା କରିଛନ୍ତି ନା

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ଯୋଜନାବଦ୍ଧଭାବେ ହତ୍ୟାକରି ଆତ୍ମହତ୍ୟାର ରୂପ ଦିଆଯାଇଛି। ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ ହୋଇପାରିବ ବୋଲି ପୋଲିସ କହିଛି।

# ରାଜରାସ୍ତାରେ ଚାଲିଛି କୋମଳମତି ଶିଶୁଙ୍କ ପାଠପଢ଼ା

**ତ୍ରିଶୂଳିଆ,୨୭।୧୦ (ତୁଷାରକାନ୍ତ ବେହେରା):**


ରାସ୍ତାରେ ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନଙ୍କୁ ପାଠ ପଢ଼ାଯାଉଛି।

- ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ
- ୧୭ ବର୍ଷ ହେବ ସମସ୍ୟା ଭୋଗୁଛନ୍ତି
- ସ୍ଥାୟୀ ସମାଧାନ ନ ହେଲେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଚେତାବନୀ

ଶିକ୍ଷାରେ ଉନ୍ନତି ଆଣିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଯୋଜନା କରିଚାଲିଛନ୍ତି। ବିଶେଷକରି କୁନି ପିଲାଙ୍କ ଶୈକ୍ଷିକ ଓ ବୌଦ୍ଧିକ ବିକାଶ ପାଇଁ ଅଙ୍ଗନୱାଡି ଜରିଆରେ ପାଠ ପଢ଼ାଉଛନ୍ତି। ଏନେଇ ପ୍ରତ୍ୟେକ ଗ୍ରାମରେ ସରକାର ଅଙ୍ଗନୱାଡ଼ି ଖୋଲିଚାଲିଛନ୍ତି। ମାତ୍ର ପ୍ରଶାସନିକ ଅବହେଳା କାରଣରୁ କେତେକ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଥିଲେ ମଧ୍ୟ ସେସବୁ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଫଳରେ କୁନି ପିଲାଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକ କୁହେଁଇପଡା ପଞ୍ଚାୟତ ଅନ୍ତର୍ଗତ ୧ନମ୍ବର ୱାର୍ଡର କୁସିନ୍ଦା ଗ୍ରାମରେ ଏହାର ଉଦାହରଣ ଦେଖିବାକୁ ମିଳିଛି।

ଏଠାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଫଳରେ କୁନି ପିଲାମାନେ କେତେବେଳେ କୋଠଘରେ ତ କେତେବେଳେ କ୍ଲବ ଘରେ, ଆଉ କେତେବେଳେ ବାରଣ୍ଡା କିମ୍ବା ରାଜରାସ୍ତାରେ ପାଠ ପଢୁଛନ୍ତି। ଏଭଳି ଅବସ୍ଥାରେ ପାଠପଢ଼ା ପ୍ରାୟ ୧୭ ବର୍ଷ ଧରି ଚାଲିଆସୁଥିଲେ ମଧ୍ୟ ଅଙ୍ଗନୱାଡି ନିଜସ୍ୱ ଗୃହ ହୋଇପାରୁନାହିଁ। ଏହାକୁ ଗ୍ରାମ ମୁରବି ଓ ପିଲାମାନଙ୍କ ଅଭିଭାବକଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ରାଜନ କୁମାର ମୁଦୁଲି କୁହନ୍ତି, ଆଜକୁ ୧୭ ବର୍ଷ ହେବ ଅଙ୍ଗନୱାଡି କେନ୍ଦ୍ର ପାଇଁ ଗୃହଟିଏ ଯୋଗାଇଦେବା ଲାଗି ବାରମ୍ବାର ତହସିଲଦାର, ବିଡିଓଙ୍କ ନିକଟରେ ଅଭିଯୋଗ କରିଆସୁଛୁ। ବିଡିଓ କହୁଛନ୍ତି ଜାଗା ସ୍ଥିର କରାଯିବା ପରେ ସେ ଅର୍ଥ ମଞ୍ଜୁର କରିଦେବେ। ଏନେଇ ତହସିଲଦାରଙ୍କୁ ଜଣାଇଥିଲେ ମଧ୍ୟ ସେ କର୍ଣ୍ଣପାତ ନ କରି ପ୍ରସଙ୍ଗକୁ ଏଡ଼ାଇ ଦେଉଛନ୍ତି। ଏନେଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଏଥିଯୋଗୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି।

ସାମାଜିକ କର୍ମୀ ମୁରଲୀ ସାମଲ କହିଛନ୍ତି, ଯଦି ସରକାରୀ ଜାଗାକୁ କୌଣସି ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି ତାହାକୁ ଜବରଦଖଲମୁକ୍ତ କରାଯାଉ। ସରକାର ଦେଇଥିବା ଅର୍ଥରେ ଯଥାଶୀଘ୍ର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯାଉ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବ।

ଏ ସମ୍ପର୍କରେ ସରପଞ୍ଚ ରିତାଞ୍ଜଳି ସାମଲ ପ୍ରତିକ୍ରିୟାରେ କହିଛନ୍ତି, ଅଙ୍ଗନୱାଡି କେନ୍ଦ୍ର ପାଇଁ ସରକାରଙ୍କ ତରଫରୁ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଜାଗା ଅଭାବରୁ ଗୃହ ନିର୍ମାଣ ହୋଇପାରୁନାହିଁ। ଏ ନେଇ ଗ୍ରାମବାସୀ ତହସିଲଦାର ତୁଷାର ଜ୍ୟୋତି ରଞ୍ଜନଙ୍କୁ ଅଭିଯୋଗ କରିବାରୁ ସେ ଆସି ଗ୍ରାମର ଏକ ଅନାବାଦୀ ଜାଗାରେ ଗୃହ ନିର୍ମାଣ କରିବା ପାଇଁ ଅନୁମତି ଦେଇଥିଲେ । କିନ୍ତୁ ଉକ୍ତ ଜାଗାରେ ଜଣେ ବାବା ରହୁଥିବାରୁ ସେ ଜାଗା ଛାଡି ନ ଥିଲେ। ଉକ୍ତ ସ୍ଥାନରୁ ଜବରଦଖଲ ହଟାଇବା ପାଇଁ ସାମଲ ଓ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆଗାମୀ ଦିନରେ ସମ୍ପୃକ୍ତ ବାବାଙ୍କୁ ହଟାଇ ଅଙ୍ଗନୱାଡି କେନ୍ଦ୍ର ପାଇଁ ଜାଗା ଦିଆ ନ ଗଲେ ଧାରଣା ଦେବାକୁ ସ୍ଥିର କରାଯାଇଛି। ଏ ସମ୍ପର୍କରେ ତହସିଲଦାର ତୁଷାର ଜ୍ୟୋତି ରଞ୍ଜନଙ୍କ ସହ ମୋବାଇଲ୍ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ଦୋକାନରୁ ଲକ୍ଷାଧିକ ଟଙ୍କାର ଲୁଗାଚୋରି

ଚାରିଛକ,(ଶିଶିର କୁମାର ସ୍ୱାଇଁ)-ଚାରିଛକ ଥାନା ଅନ୍ତର୍ଗତ ଚାରିଛକ ବଜାରର ଗୋପ ରୋଡ୍‌ରେ ଥିବା ଏକ ଲୁଗା ଦୋକାନରୁ ଚୋରି ହୋଇଥିବା ନେଇ ଚାରିଛକ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ରବିବାର ବିଳମ୍ବିତ ରାତିରେ ଲୁଗା ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ଦିନ ୩ଟାରେ ଆସି ଦୋକାନ ଖୋଲି ଦେଖିଲାବେଳକୁ ଦୋକାନ ଘରର ଆଜ୍‌ବେଷ୍ଟସ ଭାଙ୍ଗି ଦୋକାନରେ ଥିବା ନାମୀଦାମୀ କମ୍ପାନୀର ଲୁଗାପଟା ନ ଥିବା ନେଇ ଦେଖିବାକୁ ପାଇଥିଲେ। ଚୋରି ହୋଇଥିବା ଜିନିଷର ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ବ୍ୟବସାୟୀ ରଞ୍ଜନ କୁମାର ନାୟକ ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଦେଖିବାକୁ ମିଳିଛି।




୨୭।୧୦।୨୦୨୫

| | |
|---|---|
| ୬,୪୫,୦୪୮ ଟଙ୍କା | |
| ସୁନା | ୪.୯୫୦ ଗ୍ରାମ୍ |
| ରୁପା | ୬୨.୮୦୦ ଗ୍ରାମ୍ |

# ପୁରୀ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

## ବାତ୍ୟା ଓ ଲଘୁଚାପଜନିତ ବର୍ଷାରେ ସମସ୍ୟା ଭୋଗିବେ ପୁରୀବାସୀ

ପୁରୀ,୨୭।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ପୁରୀ ଧାର୍ମିକ ତଥା ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏକ ବିଶେଷ ସ୍ଥାନ ଅଧିକାର କରିଛି। ସନାତନ ହିନ୍ଦୁ ଧର୍ମର ଚାରିଧାମ ମଧ୍ୟରୁ ଅନ୍ୟତମ ପ୍ରମୁଖ ଧାମ ହେଉଛି ପୁରୀ। ପୁରୀ ଏକ ଧାର୍ମିକ କ୍ଷେତ୍ର ହୋଇଥିବାରୁ ବର୍ଷସାରା ଭକ୍ତ ଓ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। ପୁରୀର ପରିମଳ ବ୍ୟବସ୍ଥା ଦେଖି ଭକ୍ତମାନଙ୍କ ମଧ୍ୟରେ ଏକ ନକରାତ୍ମକ ଭାବନା ଦେଖିବାକୁ ମିଳୁଛି। ପୁରୀର ଡ୍ରେନେଜ୍ ବ୍ୟବସ୍ଥା ନ କହିବା ଭଲ। ବର୍ଷାଦିନେ ଡ୍ରେନେଜ୍ ସମସ୍ୟା ଦ୍ୱିଗୁଣିତ ହେଉଛି। ମାତ୍ର କେଇ ଘଣ୍ଟା ବର୍ଷା ହେଲେ ଜଳବନ୍ଦୀ ହୋଇପଡୁଛି ସମଗ୍ର ପୁରୀ ସହର। ରାସ୍ତାରେ ବର୍ଷା ଜଳ ଲହଡ଼ି ମାରୁଛି। ଦୀର୍ଘ ସମୟ ଧରି ଯାତାୟାତ ଠପ୍ ହୋଇପଡୁଛି। ଆଉ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ କଥା ନ କହିବା ଭଲ। ସମାନ୍ୟ ବର୍ଷାରେ ୱାର୍ଡରେ ଲହଡ଼ି ମାରୁଛି ବର୍ଷା ଜଳ। ବଡ଼ଦାଣ୍ଡ, ଭିଆଇପି ରୋଡ୍, ସମୁଦ୍ର କୂଳ ଓ ମେଡିକାଲ ଭିତରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ସ୍ଥିତି ସଙ୍ଗୀନ ହୋଇପଡୁଛି। ଅଧଘଣ୍ଟା ଲଗାଣ ବର୍ଷାରେ ପୁରୀ ସହର ଓ ପୁରୀ ସଦରମୁଖ୍ୟ ଚିକିତ୍ସାଳୟ ସହ ସହରର ତଳିଆ ଅଞ୍ଚଳ ଅବସ୍ଥା ଖରାପ ହୋଇପଡୁଛି। ସହରବାସୀଙ୍କୁ ଉପଯୁକ୍ତ ଡ୍ରେନେଜ ବ୍ୟବସ୍ଥା ଦେବାରେ ପୁରୀ ପୌରପାଳିକା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସହରବାସୀ ଅଭିଯୋଗ କରିଛନ୍ତି।

ବର୍ଷକୁ ଥରେ ରଥଯାତ୍ରା ସମୟରେ ଡ୍ରେନ୍ ସଫେଇ କରି ବସିପଡୁଛି ପୌରପାଳିକା। ମୁଖ୍ୟ ନଳାଗୁଡ଼ିକୁ ଅଧାପନ୍ତରିଆ ଭାବେ ସଫେଇ କରାଯାଉଛି। ଡ୍ରେନ୍ ସଫେଇ ଆଳରେ କେବଳ ଠିକାଦାର ଓ ଯନ୍ତ୍ରୀ ଟଙ୍କା ହରିଲୁଟ୍ କରୁଥିବା ପୁରୀବାସୀ ଅଭିଯୋଗ କରିଛନ୍ତି। ଅନେକ ଡ୍ରେନ୍ ନିର୍ମାଣରେ ତ୍ରୁଟି ଥିବାରୁ ଡ୍ରେନ୍‌ରେ ଜଳ ନିଷ୍କାସନ ହେଉନାହିଁ। ଏଣୁ କେବଳ ଲୋକଦେଖାଣିଆ ଡ୍ରେନ ସଫେଇ କଲେ ଜଳ ବନ୍ଦୀ ସମସ୍ୟା ସମାଧାନ ହେବ ନାହିଁ। ପୁରୀ ସହର ଯଥେଷ୍ଟ ବୃଦ୍ଧି ପାଇଥିବା ବେଳେ ଲୋକ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ପୁରୀ ସହରରେ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟା ସମାଧାନ କରିବାକୁ ହେଲେ ପୁରୀ ସହର ପାଇଁ ଏକ ସ୍ୱତନ୍ତ୍ର ଆର୍ବାନ ପ୍ଲାନ୍ କରାଯାଇ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳରେ ନୂଆ ଢାଞ୍ଚାରେ ଡ୍ରେନ୍‌ଗୁଡ଼ିକ ନିର୍ମାଣ ଓ ସଫେଇ ହେଲେ ହିଁ ପୁରୀ ସହରରେ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟା ସମାଧାନ ହେବ ବୋଲି ପୁରୀ ସହରବାସୀ ଓ ବୁଦ୍ଧିଜୀବୀ ମତ ରଖିଛନ୍ତି। ଏନେଇ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ କୁହନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଯଦି ପ୍ରତିବର୍ଷ ରଥଯାତ୍ରା ନ ହୁଅନ୍ତା ତେବେ ପୁରୀ ସହରର କିଛି କାର୍ଯ୍ୟ ହୁଅନ୍ତା ନାହିଁ। ଦୀର୍ଘ ୭ ବର୍ଷ ହେବ ପୁରୀ ପୌରପାଳିକାରେ ପୌର ନିର୍ବାଚନ ହୋଇନି। ଫଳରେ ଲୋକ ପ୍ରତିନିଧି ନ ଥିବାରୁ ସହରର ସମସ୍ୟା ଠିକ୍‌ରେ ସମାଧାନ ହୋଇପାରୁନି। ପୁରୀକୁ ମହାନଗର ନିଗମ କରିବେ ବୋଲି ସରକାର ଘୋଷଣା କରିଛନ୍ତି, ହେଲେ ଏନେଇ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନି। ଜିଲାପାଳ ପୌରପାଳିକାର ଏବେ ଅଧକ୍ଷ ଅଛନ୍ତି, ହେଲେ ଅନେକ ସରକାରୀ କାର୍ଯ୍ୟରେ ସେ ବ୍ୟସ୍ତ ରହୁଥିବାରୁ ପୌରପାଳିକାର ବିଭିନ୍ନ କାର୍ଯ୍ୟକୁ ସେ ନିୟମିତ ସମୀକ୍ଷା କରିପାରୁନାହାନ୍ତି। ଫଳରେ ପୌରପାଳିକାର ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ଏବେ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ଅତ୍ୟଧିକ ବର୍ଷା ହେଲେ ଜଳ ନିଷ୍କାସନ ପାଇଁ କିଛି ସମୟ ଲାଗୁଛି। ହେଲେ ବର୍ଷା ଛାଡ଼ିବା ପରେ ୩୦ ମିନିଟ ମଧ୍ୟରେ ସବୁ ଜଳ ନିଷ୍କାସନ ହୋଇଯାଉଛି। ପୁରୀର ଜଳ ନିଷ୍କାସନ ସମସ୍ୟା ସମାଧାନ ପାଇଁ ଏକ ସ୍ୱତନ୍ତ୍ର ଯୋଜନା କରାଯାଉଛି। ବାତ୍ୟା ଓ ପଛ ପଛ ଲଘୁଚାପ ରହିଥିବାରୁ ପୁରୀରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ସହରବାସୀ ସମସ୍ୟା ଭୋଗିବା ସହ ମେଡିକାଲର ୱାର୍ଡରେ ପାଣି ପଶିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପ୍ରଶାସନ ପକ୍ଷର ଏନେଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି କରାଯାଇଛି।

## ସଂକ୍ଷେପରେ

### 'ମୋନ୍ଥା'କୁ ନେଇ ଚିନ୍ତାରେ ଧାନ ଚାଷୀ

ଡେଲାଙ୍ଗ,୨୭।୧୦(ରଶ୍ମିରଞ୍ଜନ ପ୍ରଧାନ)

ବାତ୍ୟା 'ମୋନ୍ଥା'କୁ ନେଇ ଡେଲାଙ୍ଗ ବ୍ଲକର ଧାନଚାଷୀ ଏବେ ଚିନ୍ତାରେ। ଡେଲାଙ୍ଗ ବ୍ଲକର ଶହଶହ ହେକ୍ଟର ଧାନ ଚାଷ କରାଯାଇଛି। କେଜେଣକ ଚାଷୀଙ୍କ ଧାନ ଥୋଡ଼ୁଅ ଧରୁଥିବା ବେଳେ ଆଗରୂଆ ଧାନ ଗୁଡିକ ପାଚିବାକୁ ବସିଲେଣି । ଏବେ ବାତ୍ୟା ଆଶିବା ଖବର ପାଇ ଚାଷୀମାନେ କିପରି ତାଙ୍କ ଧାନ କ୍ଷେତକୁ ସୁରକ୍ଷିତ ରଖିବେ ତାହା ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ସ୍ଥାନୀୟ ଅଞ୍ଚଳର ଚାଷୀ ବର୍ଷକର ଧାନ ଫସଲ ଉତ୍ପାଦନ କରିବା ଲକ୍ଷ୍ୟ ନେଇ ଧାନ ଚାଷ କରିଥିଲେ। ବାତ୍ୟା ପ୍ରଭାବରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପବନ ହେବାକୁ ଥିବାବେଳେ ଏବେଠାରୁ ଚାଷୀଙ୍କ ଫସଲ ସୁରକ୍ଷା ଚିନ୍ତା ବଢାଇଛି । ପବନ ହେବା ଦ୍ୱାରା ଧାନଗଛ ଗୁଡିକ ନଇଁ ଜାଇ ମାଟିରେ ଲାଗିଯିବ ଓ ଥୋଡ଼ୁଅ ଧରୁଥିବା ଧାନ ଅଗାଡି ହୋଇ ନଷ୍ଟ ହୋଇଯିବ । ଯାହା ଫଳରେ ଧାରକରଜ କରି ଚାଷ କରୁଥିବା କୃଷକ ଫସଲ ନଷ୍ଟର ଶିକାର ହେବ ।

### ନାବାଳିକା ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

ଚାରିଛକ,୨୭।୧୦(ଶିଶିର କୁମାର ସ୍ୱାଇଁ)

ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ଅଞ୍ଚଳରେ ରବିବାର ମଧ୍ୟାହ୍ନରେ ନାବାଳିକାଙ୍କୁ ଯୁବକ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁକରି ବଳାତ୍କାରୀ ଯୁବକକୁ ଗିରଫ କରିଥିବା ଜଣାପଡ଼ିଛି। ଉକ୍ତ ଥାନା ଅନ୍ତର୍ଗତ ଆଗରଶାସନ ଗ୍ରାମର ରତିରଞ୍ଜନ ନାୟକ ଓରଫ ଜିତୁ(୨୬) ଏକ ବାଇକ୍‌ରେ ଆସି ନାବାଳିକାଙ୍କୁ ଉଠାଇ ନେଇ ନିକଟସ୍ଥ ଜଙ୍ଗଲରେ ବଳାତ୍କାର କରିଥିଲା। ଖବରପାଇ ନାବାଳିକାଙ୍କ ବାପା ଘଟଣାସ୍ଥଳରେ ପହଞ୍ଚିବାରୁ ଜିତୁ ଘଟଣାସ୍ଥଳରୁ ଫେରାର ହୋଇଥିଲେ। ନାବାଳିକାଙ୍କ ମା' ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଜିତୁକୁ ଗିରଫ କରିବା ସହ ନାବାଳିକାକୁ ଡାକ୍ତରୀ ମାଇନା କରିବାପାଇଁ ପଠାଇଛି। ଆସନ୍ତାକାଲି ତାକୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ମମତା ବିଶ୍ୱାଳ ସୂଚନା ଦେଇଛନ୍ତି।

### ୫୫ବର୍ଷର ବ୍ୟକ୍ତି ନିଖୋଜ

ଯୋଗେଶ୍ୱରପୁର,୨୭।୧୦(ରଶ୍ମିରଞ୍ଜନ ସାହୁ)

ଜଣେ ୫୫ବର୍ଷର ବ୍ୟକ୍ତି ନିଖୋଜ ହେବା ଘଟଣା ୪ଦିନ ପରେ ସୋମବାର ସନ୍ଧ୍ୟାରେ ତାଙ୍କ ପୁଅ ଜିଲୁ ସ୍ୱାଇଁ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତର ଆମପଡ଼ା ଗ୍ରାମର ହେମନ୍ତ କୁମାର ସ୍ୱାଇଁ (୫୫) ଗତ ୨୪ ତାରିଖ ସକାଳୁ ଘରୁ କେଉଁଆଡ଼େ ଚାଲି ଯାଇଛନ୍ତି। ଯଦି କୌଣସି ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି, ତେବେ ୭୩୭୭୧୬୭୩୧୫ରେ ଜଣାଇବା ପାଇଁ ତାଙ୍କ ପରିବାର ଲୋକେ ନିବେଦନ କରିଛନ୍ତି।

# ଶ୍ରୀମନ୍ଦିରରେ ବଡ଼ଠାକୁରଙ୍କ ହରିହର ବେଶ ସମ୍ପନ୍ନ



ବଡ଼ଠାକୁରଙ୍କ ହରିହର ବେଶ ।

ପୁରୀ,୨୭।୧୦(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ମାସ ଶୁକ୍ଳପକ୍ଷ ପଞ୍ଚମୀ ସୋମବାର ଅବସରରେ ଶ୍ରୀମନ୍ଦିରରେ ବଡ଼ଠାକୁର ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀମନ୍ଦିରରେ ଦାରୁ ବିଗ୍ରହଙ୍କ ଅବକାଶ ନୀତି ସମ୍ପନ୍ନ ହେବା ପରେ ବଡ଼ ଠାକୁରଙ୍କ ହରିହର ବେଶ ଆରମ୍ଭ ହୋଇଥିଲା। ସେବକମାନେ ବଡ଼ଠାକୁରଙ୍କୁ ଏହି ହରିହର ବେଶରେ ସଜ୍ଜିତ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶରେ ଦର୍ଶନ ଦେଇଥିବା ବେଳେ ବଡ଼ଠାକୁର ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ବଡ଼ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଇଥିବା ବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରକଟିତ ହୋଇଥାଏ। ଶାସ୍ତ୍ରରେ ମଧ ହରି ଓ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ଏହା ହିଁ ହରିହର ବେଶରେ ହର ଏବଂ ହରି ଅଭିନ୍ନ ବୋଲି ପରିଲକ୍ଷିତ ହୋଇଥିଲା। ଏହି ବେଶରେ ବଡ଼ଠାକୁର ଅଧେକ କଳା ଓ ଅଧେକ ଧଳା ବସ୍ତ୍ରରେ ଭୂଷିତ ହୋଇଥିଲେ। ବଡ଼ଠାକୁରଙ୍କ ବାମପାର୍ଶ୍ୱକୁ କଳା ଏବଂ ଡାହାଣ ପାର୍ଶ୍ୱକୁ ଧଳା ରଙ୍ଗର ବସ୍ତ୍ରରେ ସଜିତ କରାଯାଇଥିଲା। ଏହି ବେଶରେ ବଡ଼ଠାକୁର ୩୨ ପ୍ରକାରରୁ ଊର୍ଦ୍ଧ୍ୱ ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥିଲେ।

ସୂଚନାଯୋଗ୍ୟ କାର୍ତ୍ତିକ ଅମାବାସ୍ୟା ବା ଦୀପାବଳି ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡେ ସେହିଦିନ ବଡ଼ଠାକୁରଙ୍କ ବାଡ଼ିରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଅମାବାସ୍ୟାଠାରୁ ଦଶମୀ ମଧ୍ୟରେ ଗୋଟିଏ ସୋମବାର ପଡ଼ିଥିବାରୁ ମଠ ଠାକୁରଙ୍କ ଗୋଟିଏ ଥର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବଡ଼ଠାକୁରଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରି ଶ୍ରଦ୍ଧାଳୁ ବେଶ୍ ଖୁସିବ୍ୟକ୍ତ କରିଛନ୍ତି।

## ମଣ୍ଡଳସ୍ତରୀୟ ସୁରଭି ମହୋତ୍ସବ ଉଦ୍‌ଯାପିତ

## 'ଶିଶୁମାନଙ୍କ ଲୁକ୍କାୟିତ ଗୁଣକୁ ସର୍ବସମ୍ମୁଖକୁ ଆଣିବା ସୁରଭିର ମୂଳ ଲକ୍ଷ୍ୟ'

ପିପିଲି,୨୭।୧୦(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ମଣ୍ଡଳସ୍ତରୀୟ ସୁରଭି ମହୋତ୍ସବ ପିପିଲି ନୋଡାଲ ହାଇସ୍କୁଲରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଧିକାରୀ ପୀତବାସ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଯାପନୀ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥିଭାବେ ତହସିଲଦାର ହୃଷୀକେଶ ତ୍ରିପାଠୀ, ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ନହଳାପଡା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏଥିସହ କୁନି କୁନି ଶିଶୁମାନଙ୍କ ଲୁକ୍କାୟିତ ଗୁଣକୁ ସର୍ବ ସମ୍ମୁଖକୁ ଆଣିବା ସୁରଭି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତରେ ମୋଟ ୧୭ଟି କ୍ଲଷ୍ଟରରୁ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ସଂଯୁକ୍ତା ମହାପାତ୍ର, ସୁନିତା ନାୟକ, ଜସ୍ମିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ମୁକ୍ତିମଧୁର



@ ସଲିମ୍



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବରିଷ୍ଠ ଖବରଦାତା ବାପାଙ୍କ ପରଲୋକ

ଅସ୍ତରଙ୍ଗ, ୨୭।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଖବରଦାତା ପ୍ରଶାନ୍ତ କୁମାର ବାରିକଙ୍କ ପିତା ହୃଦାନନ୍ଦ ବାରିକଙ୍କ ପରଲୋକ ଘଟିଛି। କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିବା ବେଳେ ହୃଦାନନ୍ଦ ତାଙ୍କ ଅସ୍ତରଙ୍ଗସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଜଣେ ନିଷ୍ଠାପର, ପରୋପକାରୀ, ଅମାୟିକ, ସରଳ, ନିଷ୍କପଟ, ଧର୍ମପରାୟଣ ବ୍ୟକ୍ତି ଭାବେ ବେଶ ସୁନାମ ଅର୍ଜନ କରିଥିଲେ।

# 'ମୋନ୍ଥା' ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ

ସାକ୍ଷୀଗୋପାଳ,୨୭।୧୦(ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ/କିଶୋର ମହାପାତ୍ର)

ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାତ୍ୟା 'ମୋନ୍ଥା' ମୁକାବିଲା ପାଇଁ ସତ୍ୟବାଦୀ ବ୍ଲକ୍ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବାତ୍ୟା ପ୍ରଭାବରେ ପୁରୀ ଜିଲାର ସତ୍ୟବାଦୀରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ଏହାର ମୁକାବିଲା ପାଇଁ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ସବୁ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି ବୋଲି ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ସୂଚନା ଦେଇଛନ୍ତି।

ଅନ୍ୟପଟେ ବାତ୍ୟା ମୁକାବିଲାରେ କୌଣସି ଅଧିକାରୀ କାର୍ଯ୍ୟରେ ଅବହେଳା ନ କରିବାକୁ ଜିଲାପାଳ ମଧ ତାଗିଦା କରିଛନ୍ତି। ସେହିଭଳି ବାତ୍ୟା ସମୟରେ ଆପରାଧିକ କାର୍ଯ୍ୟକଳାପ ଉପରେ ସ୍ୱତନ୍ତ୍ର ନଜର ଦିଆଯିବ ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସୁରକ୍ଷା ପାଇଁ ପ୍ରଶାସନ ଦ୍ୱାରା ବଳରାମପୁରଗଡ଼, ବିଦ୍ୟାଧରପୁର, ଅଳଗୁମ ଓ ଦୁଗଲ ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳ ଚିହ୍ନଟ କରାଯାଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି ବୋଲି ବିଡିଓ ସୂଚନା ଦେଇଛନ୍ତି। ଏହି ସମୟରେ ପାନୀୟ ଜଳ, ବିଦ୍ୟୁତ, କୃଷି, ରାସ୍ତା ଆଦି ଜରୁରିକାଳୀନ ବିଭାଗ ସେବା ଯୋଗାଇଦେବା ପାଇଁ ପ୍ରସ୍ତୁତ ଥିବା ଜଣାପଡ଼ିଛି। ବ୍ଲକ ଶିଶୁ ଓ ମହିଳା ବିକାଶ କାର୍ଯ୍ୟାଳୟ ପକ୍ଷରୁ ଅଞ୍ଚଳରେ ଥିବା ପ୍ରାୟ ୨୩ ସମ୍ଭାବ୍ୟ ଗର୍ଭବତୀଙ୍କ ସହ ଯୋଗାଯୋଗ କରାଯାଇ ସେମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ନଜରରେ ରଖାଯାଇଛି। ଅଙ୍ଗନୱାଡି କର୍ମୀ, ଆଶା ଓ ମହିଳା ସଙ୍ଗଠନ ଗୁଡ଼ିକ ଏହି ସମୟରେ ସଜାଗ ରହିବା ସହ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏକ ଡାକ୍ତରୀ ଟିମ୍ ରହିଛନ୍ତି ବୋଲି ଶିଶୁ ଓ ମହିଳା ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସ ପ୍ରକାଶ କରିଛନ୍ତି।

# ଲୋଭ, ଡର, ଦାୟିତ୍ୱହୀନତା ସାଇବର ଠକେଇର ମୂଳପୁଞ୍ଜି

## ସତ୍ୟବାଦୀ ଥାନା ପକ୍ଷରୁ ସାଇବର ସୁରକ୍ଷା

ସାକ୍ଷୀଗୋପାଳ,୨୭।୧୦(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ ଶପଥ ପାଠ କରୁଛନ୍ତି।

ସତ୍ୟବାଦୀ ଥାନା ପକ୍ଷରୁ ଏକ ମଣ୍ଡପରେ ସାଇବର ସୁରକ୍ଷା-୨୦୨୫ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆଇଆଇସି ବିଜୟ କେତନ ବେହେରା ପରିଚାଳନା କରିଥିଲେ। ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜୟପୁର ସରପଞ୍ଚ ପ୍ରତିନିଧି ଦେବଦତ୍ତ ସାମନ୍ତରାୟ, ଭାଜପା ନେତା ଦୀପକ ଶତପଥୀ, ଉମେଶ ପ୍ରଧାନ, ରଞ୍ଜନ ବରାଳ, ସୁରେନ୍ଦ୍ର ପ୍ରଧାନ, ସତ୍ୟବାଦୀ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ସତ୍ୟବାଦୀର ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଦ୍ୟୁମ୍ନ ମିଶ୍ରଙ୍କ ସହ ବିଭିନ୍ନ ହାଇସ୍କୁଲ, ଓଡ଼ିଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଲୋଭ, ଡର ଓ ଆମର ଦାୟିତ୍ୱହୀନତା ପାଇଁ ଆମେ ସାଇବର ଅପରାଧୀଙ୍କ ଶିକାର ହେଉଛେ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଥିଲେ। ସାଇବର ଅପରାଧର ପୃଷ୍ଠଭୂମି ଏହାର ନିରାକରଣ ଓ ବିଭିନ୍ନ ସତର୍କତା ଅବଲମ୍ବନ କଲେ ସାଇବର ଅପରାଧରୁ ମୁକ୍ତି ପାଇବା ନିମନ୍ତେ ଉକ୍ତ କାର୍ଯ୍ୟକ୍ରମରେ ପୋଲିସ ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଓ 'ଫେଟ ଫାଇଟର' ଗ୍ରୁପର କଳାକାରଙ୍କ ଦ୍ୱାରା ଅଭିନୀତ ନାଟକ 'ବେକ ହୁଁ ସାବଧାନ' ସଚେତନାଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ପରେ ସାଇବର ଆକ୍ରମଣରୁ ରକ୍ଷା ପାଇବା ଓ ସତର୍କତା ଅବଲମ୍ବନ ନିମନ୍ତେ ଯୋଗଦେଇଥିବା ସମସ୍ତ ଅଧିକାରୀ ଓ ବ୍ୟକ୍ତିବିଶେଷ ଶପଥ ପାଠ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ହିନ୍ଦୀ ଫିଲ୍ମ ଅଭିନେତା ଅମିତାଭ ବଚନଙ୍କ ସାଇବର ଅପରାଧ ଉପରେ ଭିଡିଓ ପ୍ରଦର୍ଶନ କରାଯାଇଥିଲା।

## ଫଟୋରେ ଖବର



ପାଚିକା ସଂଘ ପକ୍ଷରୁ ବିଭିନ୍ନ ଦାବିନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ।



ନାଟକ 'ଅନୁତପ୍ତ'ର ଏକ ଦୃଶ୍ୟ।



ପୁରୀ ନରେନ୍ଦ୍ର ପୁଷ୍କରିଣୀ କୂଳରେ ବିହାରୀ ମହିଳାମାନେ ଛଟ୍ ପୂଜା କରୁଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ପଦାତିକ ବାହିନୀର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

## ୧୨୦ ବାଟାଲିୟନରେ ୭୯ତମ ପଦାତିକ ଦିବସ

ଭୁବନେଶ୍ୱର,୨୭।୧୦(ସତ୍ୟଜିତ ରାଉତ)

ଭାରତୀୟ ସେନା ତରଫରୁ ଭୁବନେଶ୍ୱରସ୍ଥିତ ୧୨୦ ବାଟାଲିୟନ ପରିସରରେ ସୋମବାର ୭୯ତମ ପଦାତିକ ଦିବସ (ଇନ୍‌ଫାନଟ୍ରି ଡେ) ପାଳନ ହୋଇଯାଇଛି। ଏହି ଅବସରରେ ଭାରତୀୟ ସେନାର ବହୁ ବରିଷ୍ଠ ଅଧିକାରୀ ଏବଂ ଯବାନମାନେ ଉପସ୍ଥିତ ରହି ବୀର ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଅବସରପ୍ରାପ୍ତ ବରିଷ୍ଠ ସେନା ଅଧିକାରୀ ଲ୍ୟୁଟନାଣ୍ଟ ଜେନେରାଲ ଜେକେ ମହାନ୍ତି କହିଲେ, ୧୯୪୭ ମସିହା ଅକ୍ଟୋବର ୨୭ରେ ଶିଖ୍ ଜାତିର ପ୍ରଥମ ବାଟାଲିୟନର ସାହସୀ ସୈନିକମାନେ ଶତ୍ରୁର ଯୋଜନାକୁ ବିଫଳ କରିବାକୁ ଅପରେଶନ କରିଥିଲେ। ଏହି ଐତିହାସିକ ଅପରେଶନର ନେତୃତ୍ୱ ନେଇଥିଲେ ଲ୍ୟୁଟନାଣ୍ଟ କର୍ଣ୍ଣେଲ ଦିୱାନ ରଣଜିତ ରାୟ। ସେ ଦେଶର ସୁରକ୍ଷା ପାଇଁ ଶ୍ରୀନଗରରେ ତାଙ୍କର ଜୀବନ ଉତ୍ସର୍ଗ କରିଥିଲେ। ତାଙ୍କର ସର୍ବୋଚ୍ଚ ବଳିଦାନ ପାଇଁ ତାଙ୍କୁ ମରଣୋତ୍ତର ମହାବୀର ଚକ୍ର ପ୍ରଦାନ କରାଯାଇଥିଲା। ଆଜି ପଦାତିକ ଦିବସ ପାଳନ କରୁଥିବା ସମୟରେ ଆମେ ପଦାତିକ ବାହିନୀର ସାହସୀ ସୈନିକମାନଙ୍କୁ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ବୋଲି ସେ କହିଛନ୍ତି। ଏହି ଅବସରରେ ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ମେଟ୍ରୋ ପକ୍ଷରୁ ୧୨୦ ଇନ୍‌ଫାନଟ୍ରି ବାଟାଲିୟନକୁ ଏକ କଫିନ୍ ପ୍ରଦାନ କରାଯାଇଥିଲା। କୌଣସି ଯବାନ ଶହୀଦ ହେଲେ, ତାଙ୍କ ପାର୍ଥିବ ଶରୀରକୁ ଏହା ବହନ କରିବାରେ ସହାୟକ ହେବ। କର୍ଣ୍ଣେଲ ତଥା ୧୨୦ ଇନ୍‌ଫାନଟ୍ରି ବାଟାଲିୟନର କମାଣ୍ଡିଂ ଅଫିସର ରୋହିତ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ମେଟ୍ରୋ ପକ୍ଷରୁ କଫିନ୍ ପ୍ରଦାନ କରାଯାଉଛି। ଶହୀଦ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

## ସାଧୁତା, ସ୍ୱଚ୍ଛତାର ଶପଥ ପାଠ କଲେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ

ଭୁବନେଶ୍ୱର, ୨୭।୧୦(ବନ୍ଦନା ସେଠୀ)

ସାଧୁତା ଓ ସ୍ୱଚ୍ଛତା ସଚେତନତା ସପ୍ତାହ ଉପଲକ୍ଷେ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍.ଙ୍କ ନେତୃତ୍ୱରେ ସମସ୍ତ ପଦାଧିକାରୀ ଓ କର୍ମଚାରୀ ସମବେତ ହୋଇ ଶପଥ ପାଠ କରିଥିଲେ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଅବଲମ୍ବନ ସହ ଆଇନର ଶାସନକୁ ଅନୁପାଳନ କରିବା, ସମସ୍ତ କାର୍ଯ୍ୟକୁ ଉତ୍ତରଦାୟିତ୍ୱତା, ସାଧୁତା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖିବା ଏବଂ ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଜାଣିବା ମାତ୍ରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ନିମନ୍ତେ ଶପଥ ପାଠ କରିଥିଲେ। ବିଭାଗୀୟ ଭିଜିଲାନ୍ସ ଅଧିକାରୀ ବିଜୟ କୁମାର ଦାଶ, ସ୍ୱତନ୍ତ୍ର ଶାସନ ସଚିବ ଡା. ବିଜୟ କୁମାର ମହାପାତ୍ର, ଅତିରିକ୍ତ ଶାସନ ସଚିବ ଗୌରହରି ବେହେରାଙ୍କ ସମେତ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଶପଥ ପାଠ କରିଥିଲେ।



ଭୁବନେଶ୍ୱରସ୍ଥିତ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟରେ ସୋମବାର ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଅଧିକାରୀମାନେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଉଛନ୍ତି।

## ୫ରେ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ

ପୁରୁଣା ଭୁବନେଶ୍ୱର,୨୭।୧୦(ସୁବାସ ଚନ୍ଦ୍ର ପ୍ରଧାନ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ଆନୁକୂଲ୍ୟରେ ଦୟାନଦୀର ଲିଙ୍ଗିପୁର ଘାଟରେ ଆସନ୍ତା ନଭେମ୍ବର ୫ତାରିଖ ଭୋରରେ ଚତୁର୍ଦ୍ଦଶ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଗଙ୍ଗୋତ୍ରୀନଗରସ୍ଥିତ ଦୁର୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୫ତାରିଖ ଭୋର ୩ଟାରୁ ଭଜନ ସମାରୋହ ଆରମ୍ଭ ହେବ। ୭ଟାରେ ସୁସଜ୍ଜିତ ବୋଇତକୁ ଦୟାନଦୀରେ ସାଧବ ପୁଅ ଓ ବୋହୂମାନଙ୍କ ଉପସ୍ଥିତିରେ ବନ୍ଦାଣ କରାଯିବ। ପୂର୍ବବର୍ଷ ଭଳି ଜଣଙ୍କୁ 'ଦୟାନଦୀ ସମ୍ମାନ' ଓ ୧୦ ଜଣ ସ୍ଥାନୀୟ ପ୍ରତିଭାଙ୍କୁ 'ପ୍ରତିଭା ସମ୍ମାନ' ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। କାପୋକ ପକ୍ଷରୁ ସୋଲ ଓ ପ୍ଲାଷ୍ଟିକ ଡଙ୍ଗା ପରିବର୍ତ୍ତେ କଦଳୀ ବାସୁଙ୍ଗା ଡଙ୍ଗା ଭସାଇବା ନିମନ୍ତେ ଶ୍ରଦ୍ଧାଳୁଙ୍କୁ ସଚେତନ କରାଯିବା ସହ ବିନା ମୂଲ୍ୟରେ କଦଳୀ ବାସୁଙ୍ଗା ଡଙ୍ଗା ପ୍ରଦାନ କରାଯିବ। ବୋଇତ ବନ୍ଦାଣ ପରେ ୫ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଆସନ୍ତା ୬ତାରିଖ ସକାଳ ୭ଟାରେ ଶ୍ରମଦାନ ମାଧ୍ୟମରେ ୨୫୦ରୁ ଅଧିକ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଦୟାନଦୀ ଘାଟ ସଫେଇ କରାଯିବ। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚର ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ବାମଦେବ ଗଜେନ୍ଦ୍ର, କୁଞ୍ଜ ବିହାରୀ ସ୍ୱାଇଁ, ରଶ୍ମିରଞ୍ଜନ ଶ୍ରୀଚନ୍ଦନ, ରବୀନ୍ଦ୍ର ପାତ୍ର, ଦିଲୀପ ସାମନ୍ତରାୟ, ବିଜୟ ସାମନ୍ତରାୟ, ମଳୟ ମହାପାତ୍ର, ଚିତ୍ତ ରଞ୍ଜନ ମହାନ୍ତି, ସୁଧୀର ଚମ୍ପତି, ଶିବ ପ୍ରସାଦ ଭୋଇ, ସୂର୍ଯ୍ୟକାନ୍ତ ସିଂ, ଦୀନବନ୍ଧୁ ସ୍ୱାଇଁ, ପ୍ରକାଶ ସାହୁ, ପ୍ରମୋଦ ସ୍ୱାଇଁ, ସନ୍ତୋଷ ବେହେରା, ଦେବେନ୍ଦ୍ର ଦାଶ, ବିଭୂତି ପ୍ରଧାନ ଲକ୍ଷ୍ମୀପ୍ରିୟା ଦେଈ, ଚିନ୍ମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନୀଲ ସିଂ ମହନ୍ତଙ୍କୁ 'ଗୁରୁ ପ୍ରଫୁଲ୍ଲ ରାୟ ସମ୍ମାନ'

### 'ଲାସ୍ୟ ଲାବଣ୍ୟ' ଉଦ୍‌ଯାପିତ



ଅତିଥିମାନେ ବେହେଲାବାଦକ ସୁନୀଲ ସିଂ ମହନ୍ତଙ୍କୁ 'ଗୁରୁ ପ୍ରଫୁଲ୍ଲ ରାୟ ସମ୍ମାନ' ପ୍ରଦାନ କରୁଛନ୍ତି ।

ଭୁବନେଶ୍ୱର,୨୭।୧୦ (ସୌମ୍ୟରଞ୍ଜନ ରାଉତ)

ବିଶ୍ୱନାଥ ସଙ୍ଗୀତାଳୟ ପକ୍ଷରୁ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ଉତ୍କଳ ରଙ୍ଗମଞ୍ଚଠାରେ ଚାଲିଥିବା ୭ମ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ 'ଲାସ୍ୟ ଲାବଣ୍ୟ' ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବେହେଲାବାଦକ ସୁନୀଲ ସିଂ ମହନ୍ତଙ୍କୁ 'ଗୁରୁ ପ୍ରଫୁଲ୍ଲ ରାୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବରେ ରୋଟାରୀ କ୍ଲବର ଗଭର୍ଣ୍ଣର ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀ ସଙ୍ଗୀତା ଦାଶ, ଛଉନୃତ୍ୟ ଗବେଷକ ଶୁଭଶ୍ରୀ ମୁଖାର୍ଜୀ, ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରତିଭା ପଣ୍ଡା, ଅନୁଷ୍ଠାନର ସଭାପତି ଗୁରୁ ପ୍ରଫୁଲ୍ଲ କୁମାର ରାୟ, ସମ୍ପାଦିକା ଗୁରୁ ଦୀପ୍ତି ରାଉତରାୟ ଏବଂ ମୁଖ୍ୟ ଉପଦେଷ୍ଟା ଇଂ. ଉମାଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପରେ ନୃତ୍ୟାଙ୍ଗନା ସୁଜାତା ମହାପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମେ ଯୁଗ୍ମଦ୍ୱନ୍ଦ ପଲ୍ଲବି ଓ ପରେ ଅଭିନୟରେ 'ବ୍ରଜକୁ ଚୋର' ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା କରିଥିଲେ ପଦ୍ମବିଭୂଷଣ କେଳୁଚରଣ ମହାପାତ୍ର ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ପଣ୍ଡିତ ଭୁବନେଶ୍ୱର ମିଶ୍ର, ମର୍ଦ୍ଦଳରେ ଏକଲବ୍ୟ ମୁଦୁଲି, କଣ୍ଠରେ ରାଜେଶ ଲେଙ୍କା, ବଂଶୀରେ ପର୍ଶୁରାମ ଦାସ ଓ ବେହେଲାରେ ରମେଶ ଚନ୍ଦ୍ର ଦାଶ ରହିଥିଲେ। ପରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ଦଳଗତ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂଯୋଜନା କରିଥିଲେ ଗୁରୁ ମୀରା ଦାସ। ତା'ପରେ ଛତିଶଗଡ଼ରୁ ଆସିଥିବା ଆରିଆ ନନ୍ଦ ଓଡ଼ିଶୀ ନୃତ୍ୟ ଏବଂ ଶେଷରେ ଗୁରୁ ରୁଦ୍ରପ୍ରସାଦ ସ୍ୱାଇଁ ଓ ତାଙ୍କ ଟିମ୍ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ବିଜୟ ମଲ୍ଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବରେ ନୃତ୍ୟ, ବୃତ୍ତଚିତ୍ର ପ୍ରଦର୍ଶନ

ଭୁବନେଶ୍ୱର,୨୭।୧୦(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶୀ ନୃତ୍ୟଗୁରୁ ଡ. ଦେବପ୍ରସାଦ ଦାସଙ୍କ ୯୩ତମ ଜୟନ୍ତୀ ଅବସରରେ ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା '୧୦ମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ'ର ସୋମବାର ଥିଲା ଦ୍ୱିତୀୟ ଦିବସ। ପ୍ରଥମେ ଫାଉଣ୍ଡେଶନର ଛାତ୍ରୀମାନେ 'ସ୍ଥାୟୀ' ନୃତ୍ୟ ପରିବେଷଣ କରିଥିଲେ। ପରେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ନୃତ୍ୟାୟନର ଛାତ୍ରୀମାନେ ଓ ଶେଷରେ ଗୁରୁ ଡ. ମନୋଜ ବେହେରାଙ୍କ ତତ୍ତ୍ୱାବଧାନରେ ନୃତ୍ୟଶ୍ରୀ କରଞ୍ଜିଆର ଶିଳ୍ପୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ଗୁରୁ ଦେବ ପ୍ରସାଦଙ୍କ ଏକ ବୃତ୍ତଚିତ୍ର ଓ ପରେ 'ଦେବଦାସୀ ଗାଥା'ର ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗର ଡେପୁଟି ଡାଇରେକ୍ଟର୍ ସୁଚିସ୍ମିତା ମନ୍ତ୍ରୀ, ଓଡ଼ିଶା ଲାଇଭ୍‌ର ପ୍ରତିଷ୍ଠାତା ନୀଳାମ୍ବର ରଥ ଏବଂ ଷ୍ଟେଟ୍ ହାଉସିଂ ବୋର୍ଡର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ନାୟକ ଯୋଗଦେଇଥିଲେ। ଫାଉଣ୍ଡେଶନ ସଭାପତି ଗୋପାଳକୃଷ୍ଣ ମହାପାତ୍ର ଓ ଉପସଭାପତି ନମ୍ରତା ଚଢ଼ାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଲିମ୍



@ ଶ୍ରୀକାନ୍ତ



@ ମୁକ୍ତି



@ ଆଦିତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପୁରୀ-ଖୋର୍ଦ୍ଧାରୋଡ୍-ପୁରୀ ମେମୁ ସମ୍ପ୍ରସାରଣ

### କାର୍ତ୍ତିକ ପୂର୍ଣ୍ଣିମା ଭିଡ଼ ପାଇଁ ପଦକ୍ଷେପ

ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)

କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଅଧିକ ଯାତ୍ରୀ ସମ୍ଭାବନାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ଯାତ୍ରୀଙ୍କ ସୁବିଧା ପାଇଁ ୬୮୪୦୪/୬୮୪୦୩ ପୁରୀ-ଖୋର୍ଦ୍ଧାରୋଡ୍-ପୁରୀ ମେମୁର ସାମୟିକ ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଛି। ଅକ୍ଟୋବର ୨୬ରୁ ନଭେମ୍ବର ୫ ପର୍ଯ୍ୟନ୍ତ ପୁରୀରୁ ଛାଡୁଥିବା ୬୮୪୦୪ ପୁରୀ-ଖୋର୍ଦ୍ଧାରୋଡ୍ ମେମୁକୁ ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ପୁରୀରୁ ଛାଡୁଥିବା ଏହି ଟ୍ରେନ୍ ଖୋର୍ଦ୍ଧାରୋଡ୍‌ଠାରେ ପହଞ୍ଚିବା ପରେ ରାତି ୧୨ଟା ୩୫ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ସେହିପରି ୬୮୪୦୩ ଖୋର୍ଦ୍ଧାରୋଡ୍-ପୁରୀ ମେମୁ ଅକ୍ଟୋବର ୨୭ରୁ ୬ ନଭେମ୍ବର ପର୍ଯ୍ୟନ୍ତ ଦଶପଲ୍ଲାରୁ ଭୋର୍ ୩ଟା ୩୦ରେ ଏହାର ଯାତ୍ରା ଆରମ୍ଭକରି ପୁରୀ ଅଭିମୁଖେ ଚଳାଚଳ କରିବ ବୋଲି ସୂଚନା ଦିଆଯାଇଛି।

## ମୁନ୍‌ମୁନ୍‌ଙ୍କ ଇଂଲିଶ୍ ଉପନ୍ୟାସ 'ଦ ଗ୍ଲାସ୍ ସିଲିଂ' ଉନ୍ମୋଚିତ

ଭୁବନେଶ୍ୱର,୨୭।୧୦ (ସୌମ୍ୟରଞ୍ଜନ ରାଉତ)

ଯୁବ ଲେଖିକା ମୁନ୍‌ମୁନ୍ ମହାନନ୍ଦିଆଙ୍କ ଲିଖିତ ଇଂଲିଶ୍ ଉପନ୍ୟାସ ଓ ପେନ୍ ଇନ୍ ବୁକ୍ସ ପ୍ରକାଶିତ 'ଦ ଗ୍ଲାସ୍ ସିଲିଂ'କୁ ସୋମବାର ରାଜଭବନଠାରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଜଣେ ନାରୀର ସଂଘର୍ଷ ଓ ସଫଳତାକୁ ନେଇ ଲିଖିତ ଏ ଉପନ୍ୟାସର ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ଲେଖିକାଙ୍କର ଏହା ପ୍ରଥମ ଉପନ୍ୟାସ। ପରିସ୍ଥିତିକୁ ସାମନା କରି ଜଣେ ସାଧାରଣ ନିମ୍ନମଧ୍ୟବିତ୍ତ ନାରୀ କିଭଳି ରାଜନୈତିକ, ସାମାଜିକ ଓ ପାରିବାରିକ ବିଘ୍ନ ସବୁକୁ ସାମନା କରି ଆଗକୁ ବିବାର ଅଦମ୍ୟ ଉଦ୍ୟମ କରିଛି ତାହା ଏହି ପୁସ୍ତକର ସାରମର୍ମ ରହିଛି। ପୁସ୍ତକ ଉନ୍ମୋଚନ ସମୟରେ ଲେଖିକା ମୁନ୍‌ମୁନଙ୍କ ସହ କବି ରକ୍ଷକ ନାୟକ, କଥାକାର ଶୁଭ୍ରାଂଶୁ ପଣ୍ଡା ଉପସ୍ଥିତ ଥିଲେ।

## କୁଆଖାଇ ନଦୀକୂଳରେ ଛଟ୍ ପୂଜା

### ସୂର୍ଯ୍ୟଙ୍କୁ ଆରାଧନା କଲେ ବ୍ରତଧାରୀ

ବାଲିଅନ୍ତା ୨୭। ୧୦ (ନୀଳମାଧବ ସାହୁ)

ହିନ୍ଦୀ ବିକାଶ ମଞ୍ଚ ପକ୍ଷରୁ ରାଜଧାନୀ ଉପକଣ୍ଠ ଦେବୀ ଘାଟସ୍ଥିତ କୁଆଖାଇ ନଦୀ କୂଳରେ ସ୍ୱାମୀ ଙ୍କ ଦିର୍ଘାୟୁ କାମନା , ସନ୍ତାନ ପ୍ରାପ୍ତି ଓ ସନ୍ତାନ ତଥା ପରିବାରର ମଙ୍ଗଳ ପାଇଁ ସୋମବାର ସୂର୍ଯ୍ୟଙ୍କ ଆରାଧନାର ପର୍ବ ସୂର୍ଯ୍ୟ ଷଷ୍ଠୀ ବ୍ରତ ବା ଛଟ୍ ପର୍ବ ପାଳନ କରାଯାଇଛି। କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଅବସରରେ ବ୍ରତଧାରୀମାନେ ନଦୀ ଜଳ ଓ ଖରରେ ଅସ୍ତ ହେଉଥିବା ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରି ପୂଜା ଆରମ୍ଭ କରିଛନ୍ତି। ବ୍ରତ ରଖିଥିବା ଉଭୟ ମହିଳା ଓ ପୁରୁଷ ନିର୍ଜଳା ଉପବାସ ରହି ଏହି ପର୍ବ ପାଳନ କରିଛନ୍ତି। ମଙ୍ଗଳବାର ଭୋର ୫ଟାରେ ବ୍ରତଧାରୀମାନେ ପୁନଃ ନଦୀ କୂଳକୁ ଆସି ଉଦୟ ସୂର୍ଯ୍ୟଙ୍କୁ ପୂଜା ପୂର୍ବକ ଅର୍ଘ୍ୟ ଦେଇ ପର୍ବକୁ ସମାପନ କରିଥାନ୍ତି।

ଭୁବନେଶ୍ୱର ଓ ଏହାର ଆଖପାଖରେ ରହୁଥିବା ହିନ୍ଦୀ ଭାଷା ଭାଷୀର ଶହ ଶହ ବ୍ରତଧାରୀ ଅପରାହ୍ନ ୩ ଟାରୁ କୁଆଖାଇ ନଦୀ କୂଳରେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ମହିଳାମାନେ ବାଲିରେ ଛଟ୍ ମାତାଙ୍କୁ ସ୍ଥାପନ କରି ସେଠାରେ ଆଖୁ ଓ କଦଳୀ ଗଛ ପୋତି କଳସ ସ୍ଥାପନ କରି ଦୀପ ଲଗାଇଥିଲେ। ମହିଳାମାନେ ନୂଆ କୁଲାରେ ଆଣିଥିବା ବିଭିନ୍ନ ପ୍ରକାରର ଫଳ ମୂଳ ଓ ମିଠା ଓ ପିଠା ରଖି ଷଷ୍ଠୀ ମା' ଙ୍କ ଗୀତ ଗାଇ ଥିଲେ। ପରେ ନଦୀ ଜଳରେ ପଶି ସୂର୍ଯ୍ୟଙ୍କୁ ଆରାଧନା କରିବା ସହ ଅର୍ଘ୍ୟ ଅର୍ପଣ କରିଥିଲେ। ବାଜା ଓ ବାଣରେ ନଦୀ କୂଳ ଉତ୍ସବ ମୁଖରିତ ହୋଇଥିଲା। ସୂର୍ଯ୍ୟାସ୍ତ ପରେ ବ୍ରତଧାରୀମାନେ ଆଣି ଥିବା ପୂଜା ସାମଗ୍ରୀକୁ ଧରି ଘର ବାହୁଡ଼ା କରିଥିଲେ। ଏହି ଛଟ ପୂଜା ପାଇଁ ମଞ୍ଚ ପକ୍ଷରୁ ନଦୀ କୂଳରେ ଉଜ୍ୱଳ ଆଲୋକ ସହିତ ଅସ୍ଥାୟୀ ଚେଞ୍ଜି ରୁମର ବ୍ୟବସ୍ଥା କରାଯାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ମୁତୟନ ସହ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳ ଉପସ୍ଥିତ ରହିଥିଲେ। ଆୟୋଜକ ମଞ୍ଚର ସଭାପତି ଅରୁଣ କୁମାର, ଉପାଧ୍ୟାୟ ଓ ସମ୍ପାଦକ ଅନୀଲ କୁମାର ସିଂହଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଏହାକୁ ପରିଚାଳନାରେ ସହଯୋଗ କରିଥିଲେ।



କୁଆଖାଇ କୂଳରେ ଛଟ୍ ପୂଜାର୍ଚ୍ଚନା ଅବସରରେ ବ୍ରତଧାରୀମାନେ ନଦୀ ଜଳରେ ରହି ସୂର୍ଯ୍ୟଙ୍କୁ ପୂଜା କରୁଛନ୍ତି। (ଫଟୋ- ବିକାଶ ନାଏକ)

## କିଟ୍‌ରେ ଛଟ୍ ପୂଜା

ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)

ଉତ୍ତର ଭାରତର ଗଣପର୍ବ ଛଟ୍ ପୂଜା ସୋମବାର କିଟ୍ ବିଶ୍ୱବିଦ୍ୟାଳୟରେ ଭକ୍ତି ଓ ପାରମ୍ପରିକ ଉତ୍ସାହ ସହିତ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିହାର ଓ କିଟ ବିଶ୍ୱବିଦ୍ୟାଳୟରେ ପଢୁଥିବା ଉତ୍ତର ଭାରତର ଛାତ୍ରୀଛାତ୍ର ଯୋଗଦେଇ ଛଠି ମାତାଙ୍କ ଆରାଧନା କରିଥିଲେ। ପାରମ୍ପରିକ ପୋଷାକ ପିନ୍ଧି ସେମାନେ ସୂର୍ଯ୍ୟ ପୂଜା କରିଥିଲେ। କାର୍ଯ୍ୟକ୍ରମରେ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରୀଛାତ୍ରଙ୍କୁ ଛଟ ଅଭିନନ୍ଦନ ଜଣାଇଥିଲେ। ସେ କହିଲେ, ସାରା ଭାରତରେ ଛଟ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହ ପାଳନ କରାଯାଏ। ନିର୍ବାସନରୁ ଫେରିବା ପରେ ମାତା ସୀତା ମଧ୍ୟ ଛଟ ପାଳନ କରିଥିଲେ। ଏହି ପର୍ବ ଗଭୀର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଗୁରୁତ୍ୱକୁ ପ୍ରତିଫଳିତ କରେ। କିଟ୍‌ର ଛାତ୍ରୀଛାତ୍ର ଏହି ଉତ୍ସବକୁ ହୃଦୟର ସହିତ ଗ୍ରହଣ କରି ଛଟ ପୂଜା ପାଳନ କରୁଥିବା ସାମନ୍ତ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ରାଜୁ କେ ଡି, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଛଟ୍ ପୂଜା ଅବସରରେ ଛାତ୍ରମାନଙ୍କ ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ନଦୀକୂଳରେ ଅର୍ଘ୍ୟ ଅର୍ପଣ କଲେ ଶ୍ରଦ୍ଧାଳୁ

## ଛଟ୍ ପୂଜା

କଟକ,୨୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)




ଛଟ୍ ପୂଜାରେ ନଦୀ କୂଳରେ ବିହାରୀ ସମ୍ପ୍ରଦାୟର ମହିଳା ମଥାରେ ସିନ୍ଦୂର ଲଗାଉଛନ୍ତି (ବାମ)। ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଆଯାଉଛି।

ସହରରେ ବିହାରୀ ସମ୍ପ୍ରଦାୟଙ୍କ ଛଟ୍ ପୂଜା ବା ସୂର୍ଯ୍ୟ ଷଷ୍ଠୀ ଉତ୍ସବ ସୋମବାର ସନ୍ଧ୍ୟାରେ ପାଳନ କରାଯାଇଛି। ଚାରି ଦିନ ଧରି ଶ୍ରଦ୍ଧାଳୁଙ୍କ ଦ୍ୱାରା ଏହି ଉତ୍ସବ ପାଳନ କରାଯାଉଥିବାବେଳେ ଶ୍ରଦ୍ଧାଳୁମାନେ ମହାନଦୀର ଯୋବ୍ରା, ଗଡ଼ଗଡ଼ିଆ ଘାଟ ଓ କାଠଯୋଡ଼ିର ଦେବୀଗଡ଼ାରେ ଅସ୍ତ ଯାଉଥିବା ବା ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜି ଅର୍ଘ୍ୟ ଅର୍ପଣ କରିଛନ୍ତି। ମଙ୍ଗଳବାର ସକାଳୁ ଉଦୀୟମାନ ସୂର୍ଯ୍ୟଙ୍କୁ ବ୍ରତଧାରୀମାନେ ଜଳାଶୟରେ ଅର୍ଘ୍ୟ ଦେବେ। ଚାରି ଦିବସୀୟ ଛଟ୍ ବ୍ରତର ସୋମବାର ତୃତୀୟ ଦିନରେ ପାଗ ଅନୁକୂଳ ଥିବାରୁ ଜଳାଶୟ ଗୁଡ଼ିକରେ ବ୍ରତାଧାରୀମାନଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ପ୍ରଥମ ଦୁଇ ଦିନ ଶ୍ରଦ୍ଧାଳୁମାନେ ଘରେ ପୂଜା କରିଥିବାବେଳେ ଶେଷ ଦୁଇଦିନ ନଦୀ କିମ୍ବା ଜଳାଶୟ ନିକଟରେ ପୂଜା କରିଥାନ୍ତି। ପ୍ରଥମେ ବିଭିନ୍ନ ପ୍ରକାର ଫଳ ଓ ଖିରି, ସେବନ କରି ସୂର୍ଯ୍ୟ ଦେବତାଙ୍କ ପୂଜାର୍ଚ୍ଚନା କରିବା ପରେ ୩୬ ଘଣ୍ଟା ନିର୍ଜଳ ଉପବାସ ରହି ସୋମବାର ସନ୍ଧ୍ୟା ବେଳେ ଭକ୍ତ ମାନେ ଅସ୍ତଗାମୀ ସୂର୍ଯ୍ୟଙ୍କ ପୂଜା କରିଥିଲେ। ପରମ୍ପରା ଅନୁଯାୟୀ ଭକ୍ତମାନେ ପୂଜା ସମୟରେ ନୂତନ ବସ୍ତ୍ର ପରିଧାନ କରିଥିଲେ। ଏହି ପୂଜାରେ ଶ୍ରଦ୍ଧାଳୁମାନେ ତିଆରି କରିଥିବା ଅଟା, ଗୁଡ, ଘିଅରେ ପ୍ରସ୍ତୁତ ଠେକୁଆ ଭୋଗକୁ ସୂର୍ଯ୍ୟ ଓ ଛଠି ମା'ଙ୍କୁ ଅର୍ପଣ କରିଥିଲେ। ଏହାସହ ଘରୁ ବାଉଁଶ ଡାଲାରେ ବିଭିନ୍ନ ଫଳ, ପିଠା ଆଣି ନଦୀକୂଳରେ ସୂର୍ଯ୍ୟଙ୍କ ନିକଟରେ ପୂଜା କରି ଠିଆ ହୋଇ ସୂର୍ଯ୍ୟ ଦେବତାଙ୍କୁ ପ୍ରଣାମ କରିଥିଲେ। ପରେ ପରିବାର ଲୋକେ ଓ ବନ୍ଧୁବାନ୍ଧବ ମାନେ କଞ୍ଚା କ୍ଷୀର ଅର୍ପଣ କରିଥିଲେ। ଏହାସହ ବର୍ତ୍ତଧାରୀମାନେ ଫଳ ଭରା ଟାଙ୍ଗୁଡ଼ିକୁ ଧରି ସୂର୍ଯ୍ୟ ଦେବତାଙ୍କୁ ଅର୍ପଣ କରି ୭ଥର ନଦୀରେ ବୁଡ଼ ପକାଇଥିବା ସହ ସୂର୍ଯ୍ୟ ପୂଜା କରିଥିଲେ। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା ମଙ୍ଗଳବାର ସକାଳେ ଶେଷ ହେବ। ସହରରେ ପ୍ରାୟ ୪୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ଏହି ପୂଜା କରିଛନ୍ତି। କଟକ ମହାନଗର ଛଟ୍ ପୂଜା ସମିତି ପକ୍ଷରୁ ଚେୟାରମ୍ୟାନ ଉପେନ୍ଦ୍ର ସିଂ, ସଭାପତି ଶୈଳେଶ ବର୍ମା ଓ ସମ୍ପାଦକ ମୁକୁନ୍ଦ କୁମାର ସିହ୍ନାଙ୍କ ନେତୃତ୍ୱରେ ଦେବୀଗଡ଼ାରେ ବ୍ରତଧାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏନ୍‌ଡିଆରଏଫ୍ ଓ ପୋଲିସ ସେବା ସହିତ ଭଜନ ସମାରୋହ ଏବଂ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ଯୋବ୍ରା ଘାଟ ସ୍ଥିତ ମହାନଦୀ କୂଳରେ ହିନ୍ଦୀ ପ୍ରବାସୀ ସଂଘ ଦ୍ୱାରା ଆୟୋଜିତ ଛଟ୍ ପୂଜା ସମାରୋହରେ ବହୁ ଶ୍ରଦ୍ଧାଳୁ ଅର୍ଘ୍ୟ ପ୍ରଦାନ କରିଥିଲେ। ସଭାପତି ସଞ୍ଜୟ କୁମାର ଠାକୁର ଏବଂ କାର୍ଯ୍ୟକାରୀ ସଭାପତି କ୍ରୀଷ୍ଣା କୁମାର ସିଂଙ୍କ ନେତୃତ୍ୱରେ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଦିତ୍ୟ



@ ମୁକ୍ତିମଧୁର



@ ସଲିମ୍



@ ଶ୍ରୀକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୩ସପ୍ତାହରେ ରାଜ୍ୟ ସରକାରଙ୍କଠାରୁ ଜବାବ ତଲବ କଲେ ହାଇକୋର୍ଟ

## ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପର୍କିତ ଜନସ୍ୱାର୍ଥ ମାମଲା

କଟକ,୨୭।୧୦(କାର୍ତ୍ତିକ ସାହୁ)

ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପସଭାପତି ନିଯୁକ୍ତି ତଥା ସାଧାରଣ ପରିଷଦ ଗଠନ ପାଇଁ ପଦକ୍ଷେପ ନେବାକୁ ନିବେଦନ କରି ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି। ରାଜ୍ୟ ସରକାରଙ୍କୁ ତିନି ସପ୍ତାହ ଭିତରେ ସତ୍ୟପାଠ ଦାଖଲ କରିବା ସହ ଆବେଦନକାରୀଙ୍କୁ ଏକ ସପ୍ତାହ ଭିତରେ ପ୍ରତିଜବାବ ଦାଖଲ ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୪ ତାରିଖକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ୧୯୫୭ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠିତ ହୋଇଥିଲା। ଏକାଡେମୀର ସମ୍ବିଧାନ ଅନୁସାରେ ରାଜ୍ୟ ସରକାର ସଭାପତି ଓ ଉପସଭାପତିଙ୍କୁ ନିଯୁକ୍ତ କରନ୍ତି। ଏକାଡେମୀର ସାଧାରଣ ପରିଷଦ ଗଠନରେ ମଧ୍ୟ ସରକାରଙ୍କ ପ୍ରମୁଖ ଭୂମିକା ରହିଛି। ହେଲେ ୨୦୨୪ ମେ' ମାସ ୨୦ ତାରିଖରେ ପୂର୍ବତନ ସଭାପତି ଓ ଉପସଭାପତି ତାଙ୍କର କାର୍ଯ୍ୟକାଳ ପୂରା କରି ଅବ୍ୟାହତି ନେଇଥିଲେ ମଧ୍ୟ ରାଜ୍ୟ ସରକାର ଏଯାଏଁ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତ କରିନାହାନ୍ତି। ୨୦୨୩ ଜୁଲାଇ ୨୦ରେ ପୁରୁଣା ସାଧାରଣ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ନୂତନ ସାଧାରଣ ପରିଷଦ ଗଠନ ହୋଇନାହିଁ। ଫଳରେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ କିମ୍ବା ଏହାର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ଓଡ଼ିଶା ସାହିତ୍ୟ ଏକାଡେମୀ ଓଡ଼ିଆ ଅସ୍ମିତାର ପ୍ରତୀକ ହୋଇଥିଲେ ମଧ୍ୟ ସରକାରୀ ଅବହେଳାର ଶିକାର ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସଭାପତି ଓ ଉପସଭାପତି ପଦବୀରେ ତୁରନ୍ତ ନିଯୁକ୍ତି ସହିତ ସାଧାରଣ ପରିଷଦ ଗଠନ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ଆଇନଜୀବୀ ପ୍ରବୀର କୁମାର ଦାସ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି । ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ଓପିଏସ୍‌ସି କାର୍ଯ୍ୟାଳୟ ଆଗରେ ଆଶାୟୀଙ୍କ ଧାରଣା




ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଆଶାୟୀ।

କଟକ,୨୭।୧୦(କାର୍ତ୍ତିକ ସାହୁ)

## ପ୍ରକାଶ ପାଉନି ସିଭିଲ ସହକାରୀ ନିର୍ବାହୀ ଯନ୍ତ୍ରୀ ପରୀକ୍ଷାଫଳ

ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଜଳସମ୍ପଦ ବିଭାଗ ଅଧୀନ ସିଭିଲ ସହକାରୀ ନିର୍ବାହୀ ଯନ୍ତ୍ରୀ ପରୀକ୍ଷାଫଳ ପ୍ରକାଶ ପାଉନାହିଁ। ସମୟ ଅତିକ୍ରାନ୍ତ ହେଉଥିବାବେଳେ ପରୀକ୍ଷାଫଳ ବିଳମ୍ବିତ ହେଉଥିବାରୁ ଆଶାୟୀ ପ୍ରାର୍ଥୀମାନେ ଅସନ୍ତୁଷ୍ଟ ହୋଇ କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟ ଆଗରେ ସୋମବାର ଧାରଣା ଦେଇଥିଲେ। ତେବେ ୨ରୁ ୩ ଦିନ ମଧ୍ୟରେ ପରୀକ୍ଷାଫଳ ପ୍ରକାଶ କରାଯିବ ବୋଲି ଓପିଏସ୍‌ସି ପକ୍ଷରୁ ପ୍ରାର୍ଥୀମାନଙ୍କୁ କୁହାଯିବାପରେ ସନ୍ଧ୍ୟାରେ ଧାରଣା ପ୍ରତ୍ୟାହୃତ ହୋଇଛି।

ସୂଚନାନୁସାରେ, ୨୦୨୩ ଡିସେମ୍ବରରେ ଜଳସମ୍ପଦ ବିଭାଗ ଅଧୀନରେ ସିଭିଲ, ମେକାନିକାଲ ଓ ଇଲେକ୍ଟ୍ରିକାଲ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଇଲେକ୍ଟ୍ରିକାଲ୍ ପ୍ରାର୍ଥୀମାନଙ୍କ ଚୟନ ହୋଇ ବର୍ଷେ ହେବ ସେମାନଙ୍କୁ ନିଯୁକ୍ତି ଦିଆସରିଛି। ମାତ୍ର ସିଭିଲ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦରେ ନିଯୁକ୍ତିକୁ ନେଇ ହାଇକୋର୍ଟ, ସୁପ୍ରିମକୋର୍ଟରେ ମାମଲା ରୁଜୁ ହୋଇଥିବାରୁ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରହିଥିଲା। ବିଭିନ୍ନ ସମୟରେ ଅଦାଲତି ମାମଲାଗୁଡ଼ିକ ପାଇଁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ତେବେ ଇତି ମଧ୍ୟରେ ସମସ୍ତ ଅଦାଲତି ମାମଲାର ଅନ୍ତ ଘଟିଥିବାବେଳେ ପରୀକ୍ଷା ଫଳ ପ୍ରକାଶ ପାଉନାହିଁ, ଯାହାକୁ ନେଇ ପ୍ରାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଫଳ ପ୍ରକାଶ କରିବା ପାଇଁ ଦାବି କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୫୦ ଜଣ ଆଶାୟୀ ଧାରଣାରେ ସାମିଲ ହୋଇଥିଲେ। ଏନେଇ ଓପିଏସ୍‌ସି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ଚାନ୍ଦିନୀଚୌକ ବ୍ରାହ୍ମଣସାହି ସଂକୀର୍ତ୍ତନ ମଣ୍ଡଳୀର କାର୍ତ୍ତିକ ପୂର୍ଣ୍ଣିମା ପ୍ରସ୍ତୁତି ବୈଠକ

କଟକ,୨୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଚାନ୍ଦିନୀଚୌକସ୍ଥିତ ବ୍ରାହ୍ମଣସାହି ନଦୀଆ ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ପଞ୍ଚୁକ ଏବଂ କାର୍ତ୍ତିକ ପୂର୍ଣ୍ଣିମା ସଂକୀର୍ତ୍ତନକୁ ସଫଳ କରିବା ନିମନ୍ତେ ସ୍ଥାନୀୟ ଅଭିରାମ ମଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହନ୍ତ ଭିକାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋଷାଧ୍ୟକ୍ଷ ମନୋରଞ୍ଜନ ପଣ୍ଡା ଆୟ-ବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଚଳିତବର୍ଷ ଚାରିଦିନ ପଞ୍ଚୁକ ପଡୁଥିବା ଅର୍ଥାତ ନଭେମ୍ବର ୨ ତାରିଖ ସକାଳ ୫ଟାରେ ପ୍ରାତଃ ସଂକୀର୍ତ୍ତନ କାଠଯୋଡ଼ି ନଦୀକୂଳରୁ ସ୍ନାନ କରି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦେବଦେବୀ ମନ୍ଦିରରେ ସଂକୀର୍ତ୍ତନ ପରିବେଷଣ କରାଯିବ। କାର୍ତ୍ତିକ ପୂର୍ଣ୍ଣିମା ଦିନ ସଂକୀର୍ତ୍ତନ ନଗର ପରିକ୍ରମା ସହ ସମୂହ ପ୍ରସାଦ ସେବନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ବୈଠକରେ ବ୍ରାହ୍ମଣ ସାହି ସଂକୀର୍ତ୍ତନ ମଣ୍ଡଳୀର ମୁଖ୍ୟ ପୃଷ୍ଠପୋଷକ ବୀରେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସାହିର ମୁରବି ଅସିତ କୁମାର ମହାନ୍ତି, ସଞ୍ଜୀୟ କୁମାର ମହାନ୍ତି, ଲଲାଟେନ୍ଦୁ ପଟ୍ଟନାୟକ, ମଠାଧୀଶ ବ୍ରହ୍ମଚାରୀ ସମ୍ବିତ ଦାସ, ଅଧିକାରୀ ପ୍ରଦ୍ୟୁମ୍ନ ରାଓ, ମନୋରଞ୍ଜନ ଦାସ, ବିଜୟକୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଦିନ ପରେ ଧବଳେଶ୍ୱରଙ୍କ ପ୍ରସିଦ୍ଧ ପଞ୍ଚୁକ ଯାତ୍ରା

## ସାଇକେଲ ଷ୍ଟାଣ୍ଡ: ନିଲାମ ନେଲେଣି ମାର୍ଚ୍ଚରୁ, ଏବେ ଜମି ଚିହ୍ନଟ ଚାଲିଛି

ଖୁଣ୍ଟୁଣୀ, ୨୭।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଆଉ ମାତ୍ର ୪ ଦିନ ପରେ ପ୍ରଭୁ ଧବଳେଶ୍ୱରଙ୍କ ପ୍ରସିଦ୍ଧ ପଞ୍ଚୁକ ଓ ବଡ଼ଓଷା ଯାତ୍ରା। ନଭେମ୍ବର ୧ରୁ ଆରମ୍ଭ ହୋଇ ଏହି ଯାତ୍ରା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ପୀଠକୁ ଆସିବେ। ଧବଳେଶ୍ୱରଙ୍କ ବଡ଼ ଓଷାରେ ପୀଠରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ବାବାଙ୍କୁ ଦର୍ଶନ କରିବା ସହିତ ଗଜ ଭୋଗ ନେବା ପାଇଁ ଆସିବେ। ଏତେ ସଂଖ୍ୟକ ଶ୍ରଦ୍ଧାଳୁମାନେ ଆଣିଥିବା ବାଇକ୍, କାର, ଅଟୋ ଓ ବସ୍‌ସବୁ କେଉଁଠାରେ ରଖିବେ ଦେବୋତ୍ତର ପ୍ରଶାସନ ତା'ର ଦାୟିତ୍ୱ ନିଅନ୍ତି। ଏଥିପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରୁ କେତେଜଣ ଯୁବକ ଦେବୋତ୍ତର ବିଭାଗଠାରୁ ଏହାର ନିଲାମ ନେଇଥାନ୍ତି। ଏଥିପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ସ୍ଥାନ ଚିହ୍ନଟ କରାଯାଇ ନିଲାମଧାରୀଙ୍କୁ ଦିଆଯାଇଥାଏ। ହେଲେ ପଞ୍ଚୁକକୁ ଆଉ ମାତ୍ର ୪ ଦିନ ଥିବାବେଳେ ଏପର୍ଯ୍ୟନ୍ତ ୨୯ ଲକ୍ଷ ୨୯ ହଜାର ୨୯ ଟଙ୍କାରେ ନିଲାମ ନେଇଥିବା ମଞ୍ଚେଶ୍ୱର ଗ୍ରାମର ଶିତେଶ ପତ୍ରି ଓ ଅନ୍ୟ ୧୦ଜଣ ବ୍ରାହ୍ମଣଙ୍କୁ ଏହି ଜମି ଦିଆଯାଇ ନ ଥିଲା। ସେମାନେ ରବିବାର ଗଣମାଧ୍ୟମ ଆଗରେ ଏକଥା କହିବାରେ ସୋମବାର ପ୍ରଶାସନ ପକ୍ଷରୁ ସେମାନଙ୍କୁ ଦେବୋତ୍ତର ଜମି ଚିହ୍ନଟ କରି ଦିଆଯାଇଛି। ହେଲେ ଉକ୍ତ ଜମିରେ କେହି ଚାଷ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଉକ୍ତ ଜମି ଉପରେ ହିଁ ପାର୍କିଂ ଷ୍ଟାଣ୍ଡ ହେବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ କୁହାଯାଇଛି। ପଞ୍ଚୁକ ଓ ବଡ଼ଓଷା ଯାତ୍ରା ସମୟରେ ଷ୍ଟାଣ୍ଡରେ ଗାଡ଼ି ନ ରଖି କେତେକ ଖଳପ୍ରକୃତିର ଯୁବକ ଜୋରଜବରଦସ୍ତି ଭକ୍ତଙ୍କୁ ଗାଡ଼ି ଅନ୍ୟତ୍ର ରଖି ଟଙ୍କା ଆଦାୟ କରିବାକୁ ମସୁଧା କରୁଛନ୍ତି। ତେଣୁ ଏହାର ପ୍ରତିକାର ପ୍ରଶାସନ ତୁରନ୍ତ କରିବାକୁ ନିଲାମଧାରୀ ଶିତେଶ କହିଛନ୍ତି। ଏହି ଜମି ଚିହ୍ନଟ କାର୍ଯ୍ୟ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଆଠଗଡ଼ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡାଙ୍କ ଉପସ୍ଥିତିରେ ରାଜସ୍ୱ ନିରୀକ୍ଷକ ଏବଂ ଅମିନ ମାପଚୁପ କରିଥିଲେ। ପାଇକେରାପୁର ରାସ୍ତାକଡ଼ରେ ପ୍ରାୟ ୧୪ ଏକର ଦେବୋତ୍ତର ଜମି ମାପ କରା ଯାଇଥିଲା।

# ମହାନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ମଙ୍ଗୁଳି- ଜଗତପୁର,୨୭।୧୦(ମାନସ ସାମଲ)

ଜଗତପୁର ଥାନା ଅଧୀନ ମହାନଦୀ ବ୍ୟାରେଜ୍ ପୋଲ ଉପରୁ ୪ଦିନ ପରେ ପୁଣି ଜଣେ ମହିଳା ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ହେଲେ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମହିଳାଜଣଙ୍କ ହେଲେ କ୍ୟାଣ୍ଟନମେଣ୍ଟ ଥାନା ଅଧୀନ ବକ୍ସିବଜାର ଅଞ୍ଚଳର ମାହେଶ୍ୱରୀ ପାଣ୍ଡେ(୪୧)। ସ୍ଥାନୀୟ କେତେଜଣ ଯୁବକ ତାଙ୍କୁ ମହାନଦୀରୁ ଉଦ୍ଧାର କରି ଜଗତପୁର ଥାନା ପୋଲିସ ଜିମା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ସୋମବାର ଅପରାହ୍ନ ପ୍ରାୟ ୩ଟା ବେଳେ ମାହେଶ୍ୱରୀ ଏକ ଧଳା ରଙ୍ଗର ସ୍କୁଟିରେ ଆସି ହଠାତ୍ ମହାନଦୀ ବ୍ୟାରେଜ୍ ଉପରୁ ୧୭ନଂ ଫାଟକର ଅପରପାର୍ଶ୍ୱକୁ ଡେଇଁ ପଡ଼ିଥିଲେ। ଏହାଦେଖି ଯୋବ୍ରା ଅଞ୍ଚଳର ରିହାନ୍ ଖାନ୍ ଓ ଜଗତପୁର ଅଞ୍ଚଳର ହେମନ୍ତ ନାୟକ ମହିଳାଙ୍କୁ ଉଦ୍ଧାର କରିବାକୁ ନଦୀପାଣିକୁ ଡେଇଁପଡିଥିଲେ। ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀଙ୍କ ସହଯୋଗରେ ମହିଳାଙ୍କୁ କୂଳକୁ ଆଣିଥିଲେ। ଖବରପାଇ ଜଗତପୁର ପୋଲିସ ମହିଳା ଜଣଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ପଠାଇଥିଲା। ମହିଳା କାହିଁକି ଆତ୍ମହତ୍ୟା ଉଦ୍ୟମ କଲେ ତାହା ସ୍ପଷ୍ଟ ନ ଥିବା ବେଳେ ଚିଟ୍‌ଫଣ୍ଡ ଖେଳକୁ ନେଇ ମହିଳା ଜଣକ ଏଭଳି ନିଷ୍ପତ୍ତି ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ପ୍ରକାଶଥାଉ କି, ଗତ ୨୩ ତାରିଖରେ ମହାନଦୀ ବ୍ୟାରେଜର ସମାନ ୧୭ନଂ ଫାଟକର ଅପରପାର୍ଶ୍ୱ ନଦୀପାଣିକୁ ଡେଇଁ ପୀରବଜାର ନିକଟ ଅଣ୍ଡେଇ ସାହି ପ୍ରେମ୍ ନଗରର ଶିବାନୀ ମଲ୍ଲିକ(୨୧) ଆତ୍ମହତ୍ୟା କରିଥିଲେ।

# ଡିଏଲ୍‌ଏସ୍‌ଏ ସଂଯୁକ୍ତ ଆଇନଜୀବୀଙ୍କ କର୍ମଶାଳା




କର୍ମଶାଳାରେ ଯୋଗଦେଇଥିବା ଆଇନଜୀବୀ।

କଟକ,୨୭।୧୦(କାର୍ତ୍ତିକ ସାହୁ)

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜିଲା ଆଇନସେବା ପ୍ରାଧିକରଣ (ଡିଏଲଏସ୍‌ଏ) ସହ ସଂଯୁକ୍ତ ଆଇନଜୀବୀମାନଙ୍କ ଏକ କର୍ମଶାଳା ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବିଧାନିକ ବିଧି, ବ୍ୟବସ୍ଥା ମଧ୍ୟରେ ରହି ଘରୋଇ ହିଂସାକୁ ସମାଧାନ କରିବାରେ ଆଇନଜୀବୀଙ୍କ ଭୂମିକା, ଆହ୍ୱାନ ଓ ଭବିଷ୍ୟତ ନିର୍ଦ୍ଦେଶାବଳୀ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳ ସଚିବ ପ୍ରଫେସର ଡ. ରଙ୍ଗୀନ ପଲ୍ଲବ ତ୍ରିପାଠୀ, ସହଯୋଗୀ ପ୍ରଫେସର ଡ. ସୁମନ ଦାଶ ଭଞ୍ଜ ମିଶ୍ରଙ୍କ ନେତୃତ୍ୱରେ କର୍ମଶାଳା ପରିଚାଳିତ ହୋଇଥିଲା। ୪ଟି ପର୍ଯ୍ୟାୟରେ ଅନୁଷ୍ଠିତ କର୍ମଶାଳାରେ ରାଜ୍ୟର ୧୫ଟି ଜିଲାରୁ ଆଇନଜୀବୀମାନେ ଯୋଗଦେଇଥିଲେ। କ୍ଲାପ୍ ସଂଗଠନର ରୋହନ ନାୟକ ଘରୋଇ ହିଂସା ଆଇନ ୨୦୦୫ର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଆଇନଜୀବୀମାନେ ବାସ୍ତବ କ୍ଷେତ୍ରରେ ସାମ୍ନା କରୁଥିବା ସମସ୍ୟାଗୁଡ଼ିକୁ ଉପସ୍ଥାପନା କରିଥିଲେ। ମନମିତ ସିଂହ ଅରୋରା, ଅମ୍ଳାନଜ୍ୟୋତି ରାଉତ ଓ ତନ୍ମୟା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଏକତ୍ର କାର୍ଯ୍ୟ କରିବା ଆବଶ୍ୟକ

## ଜିଲାପାଳଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ଶପଥ ପାଠ

କଟକ,୨୭।୧୦(କାର୍ତ୍ତିକ ସାହୁ)



ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଉଛନ୍ତି।

ଦୁର୍ନୀତି ନିବାରଣ ସପ୍ତାହ-୨୦୨୫ ପାଳନ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ସାଧୁତାର ଶପଥ ପାଠ ସୋମବାର କରାଇଛନ୍ତି। ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ଼ ପ୍ରତିବନ୍ଧକ ବୋଲି ଶପଥପତ୍ରରେ ଉଲ୍ଲେଖ ରହିଛି। ଏଥିସହ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୁଦାୟ ଓ ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ। ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତାର ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୋଧରେ ସଂଗଠିତ ସଂଗ୍ରାମକୁ ସମର୍ଥନ କରିବା ଆବଶ୍ୟକ ବୋଲି ମହନ୍ତ କହିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ଅକ୍ଟୋବର ୨୭ ତାରିଖଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯିବା ନିମନ୍ତେ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ସ୍ଥିରୀକୃତ କରି ଏସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। ତଦନୁଯାୟୀ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ହେବା ସହ ଚଳିତ ବର୍ଷର ବିଷୟବସ୍ତୁ ଦୁର୍ନୀତି ନିବାରଣ: ଆମ ସାମୁହିକ ଦାୟିତ୍ୱକୁ ଆଧାର କରି କଟକରେ ଆସନ୍ତା ୧ ତାରିଖ ପୂର୍ବାହ୍ନ ୧୧ଘଟିକାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

# ଜିଲାରେ ୫୧ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ

- ଆବଶ୍ୟକ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ
- ପ୍ରଶାସନ ସଜାଗ, ଅଗ୍ନିଶମ ଟିମ୍ ପ୍ରସ୍ତୁତ

ଖୋର୍ଦ୍ଧା,୨୭।୧୦(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁସାରେ ମଙ୍ଗଳବାର ବାତ୍ୟା 'ମୋନ୍ଥା' ସ୍ଥଳଭାଗ ଛୁଇଁବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲାରେ ସ୍କୁଲ ସହ ଅଙ୍ଗନୱାଡି କେନ୍ଦ୍ର ୨୮ ଓ ୨୯ ତାରିଖ ଦୁଇଦିନ ଛୁଟି ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହି ଅବସରରେ ଜିଲାପାଳ ଅମ୍ରିତ ଋତୁରାଜ କହିଛନ୍ତି ଯେ, ବାତ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ସମସ୍ତ ବ୍ଲକ ଏବଂ କ୍ଷେତ୍ର ଅଧିକାରୀଙ୍କୁ ନିଜ ଅଞ୍ଚଳରେ ଆଗୁଆ ପ୍ରସ୍ତୁତ ରହିବାକୁ କୁହାଯାଇଛି। କୌଣସି ଜରୁରୀ କାମ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଜିଲାର ୫୧ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରହିଛି। ଏଥିସହିତ ୩୭୯ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ପଡ଼ିଲେ ଜିଲାର ତଳି ଅଞ୍ଚଳରେ ଲୋକମାନଙ୍କୁ ନିକଟ ବାତ୍ୟାଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବ। ବାତ୍ୟାଶ୍ରୟସ୍ଥଳରେ ମୌଳିକ ସୁବିଧା ଉପଲବ୍ଧ କରାଯିବ। ଜିଲାରେ ୧୦ଟି ଅଗ୍ନିଶମ ଟିମ୍ ସଜାଗ ରହିଛି। ଏଥିସହିତ ବାତ୍ୟାଶ୍ରୟସ୍ଥଳରେ ଗୃହପାଳିତ ପ୍ରାଣୀଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବ। ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ଗୋଖାଦ୍ୟ, ଭ୍ରାମ୍ୟମାଣ ଚିକିତ୍ସା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ପାନୀୟଜଳ, ପର୍ଯ୍ୟାପ୍ତ ମାତ୍ରାରେ ଓଆର୍ଏସ୍, ଔଷଧ ମହଜୁଦ, ଆମ୍ବୁଲାନ୍ସ ଓ ଡାକ୍ତରୀ ସେବା ପାଇଁ ସିଡିଏମ୍ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ ଓ ପଞ୍ଚାୟତସ୍ତରରେ ଜନପ୍ରତିନିଧିଙ୍କ ସହଯୋଗରେ ଲୋକଙ୍କୁ ସ୍ଥାନାନ୍ତର, ଉଦ୍ଧାର, ରିଲିଫ ସାମଗ୍ରୀ ବଣ୍ଟନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ସମୟକ୍ରମେ ଏସ୍ଆର୍ସିଙ୍କ ପକ୍ଷରୁ ଯାହା ନିର୍ଦ୍ଦେଶ ଆସିବ, ତାହାକୁ କାର୍ଯ୍ୟକାରୀ କରାଯିବ। ମତ୍ସ୍ୟଜୀବୀଙ୍କୁ ଚିଲିକାକୁ ନ ଯିବା ପାଇଁ କୁହାଯାଇଛି। ବାତ୍ୟା ସମୟରେ ଉଦ୍ଧାର ପାଇଁ ଆବଶ୍ୟକ ସମସ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ରହିଛି, ଟିମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ଓ ସଜାଗ ରହିଛି ବୋଲି ଖୋର୍ଦ୍ଧା ଅଗ୍ନିଶମ ଅଧିକାରୀ ମୀନକେତନ ବେହେରା କହିଛନ୍ତି।


ଖୋର୍ଦ୍ଧା ଅଗ୍ନିଶମ ଅଧିକାରୀ ଏବଂ କର୍ମଚାରୀମାନେ ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ପ୍ରସ୍ତୁତ ହେଉଛନ୍ତି।


ବାତ୍ୟା 'ମୋନ୍ଥା' ପ୍ରଭାବରୁ ରକ୍ଷା ପାଇଁ ବାଲୁଗାଁ ଚିଲିକା କୂଳ ଜେଟିଠାରେ ଯାତ୍ରୀବାହୀ ଡଙ୍ଗାଗୁଡ଼ିକୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି। **(ଫଟୋ: ସଂଗ୍ରାମ ପାଇକରାୟ)**

# ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରଶାସନର ତତ୍ପରତା

କୃଷ୍ଣପ୍ରସାଦ,୨୭।୧୦ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନେଇ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବାତ୍ୟା ଆଶ୍ରୟସ୍ଥଳ, ବିଦ୍ୟାଳୟ ଗୃହକୁ ଜନସାଧାରଣଙ୍କ ରହିବା ପାଇଁ ପ୍ରସ୍ତୁତ କରାଯାଇଛି। ଆବଶ୍ୟକ ଖାଦ୍ୟପଦାର୍ଥ ମହଜୁଦ ରଖାଯାଇଛି। ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ ମଧ୍ୟ କରାଯାଇଛି। ଚିଲିକାରେ ବାଲୁଗାଁରୁ କୃଷ୍ଣପ୍ରସାଦକୁ ଆସୁଥିବା ଯାତ୍ରୀବାହୀ ଲଞ୍ଚ, ଜହ୍ନିକୁଦାରୁ ସାତପଡ଼ା



ଯାତାୟାତ କରୁଥିବା ଭସାପୋଲ, ଡଙ୍ଗା ଚଳାଚଳକୁ ବନ୍ଦ କରାଯାଇଛି। ମତ୍ସ୍ୟଜୀବୀଙ୍କୁ ମଧ୍ୟ ଚିଲିକାକୁ ଯିବା ପାଇଁ ବାରଣ କରାଯାଇଛି। ତେବେ ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ଓ ସଜାଗ ରହିଛି ବୋଲି ବିଡିଓ ଅମିୟ କୁମାର ପଣ୍ଡା କହିଛନ୍ତି। ସୋମବାର ଅପରାହ୍ନ ୨ଟାଠାରୁ କୃଷ୍ଣପ୍ରସାଦ ଓ ଏହାର ଆଖପାଖ ଅଞ୍ଚଳରେ ଝିପିଝିପି ବର୍ଷା ଆରମ୍ଭ ହୋଇଛି। ଏହି ବ୍ଲକ ଅଧୀନ ନୂଆପଡା, ବଡ଼ଖାଡ଼, ଗୋମୁଣ୍ଡିଆ, ତିତିପ, ତିଛିଣି, ଅଲଣ୍ଡା, କୃଷ୍ଣପ୍ରସାଦ ଗଡ଼, ସିଆଳ, ସିଆଣ୍ଡି, ବଡଅଁଳ, ବୁଦ୍ଧିବର, ମାଲୁଦ, ବଜ୍ରକୋଟ, ରାମଲେଙ୍କା ପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷୀମାନେ ଧାନ ଓ ପନିପରିବା ଚାଷକରି ପରିବାର ଗୁଜୁରାଣ ମେଣ୍ଟାଉଥିବା ବେଳେ ବର୍ଷା ଯୋଗୁ ଧାନ ଫସଲ ଓ ପନିପରିବା ନଷ୍ଟ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ଅଞ୍ଚଳ ଚାଷୀଙ୍କ ଚିନ୍ତାର କରାଣ ପାଲଟିଛି।

# ଆବଶ୍ୟକ ଉପକରଣ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

**ବାତ୍ୟା 'ମୋନ୍ଥା'କୁ ନେଇ ଟାଙ୍ଗୀ ବ୍ଲକ ପ୍ରଶାସନର ପ୍ରସ୍ତୁତି ବୈଠକ**

ଟାଙ୍ଗୀ,୨୭।୧୦(ରଘୁନାଥ ସାହୁ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ମୁକାବିଲା ପାଇଁ ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସୋମବାର ବ୍ଲକ୍ ସମ୍ମିଳନୀ କକ୍ଷରେ ବିଡିଓ ରୁମାନା ଜାଫ୍ରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ବାତ୍ୟା ମୁକାବିଲାର ସମସ୍ତ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଟାଙ୍ଗୀ ବ୍ଲକରେ ଥିବା ୧୫ଟି ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରହିଥିବା ବେଳେ ୬୩ଟି ସ୍ଥାନରେ ଅସ୍ଥାୟୀ ଆଶ୍ରୟସ୍ଥଳ କରାଯାଇଛି। ରନ୍ଧା ଖାଦ୍ୟ ଯୋଗାଇଦେବା ପାଇଁ ରୋଷେଇ ସାମଗ୍ରୀ ସଂଗ୍ରହ ଏବଂ ରୋଷେୟା ସ୍ଥିର କରାଯାଇଛି। ଏଥିସହିତ ପାନୀୟଜଳ, ଶୁଖିଲା ଖାଦ୍ୟ, ପଲିଥିନ, ମେଡିସିନ ପ୍ରସ୍ତୁତ କରି ରଖାଯିବା ପାଇଁ ନିଷ୍ପତ୍ତି ହୋଇଛି। ଆବଶ୍ୟକସ୍ଥଳେ ବିଭିନ୍ନ ପଞ୍ଚାୟତରେ ଥିବା ଗର୍ଭବତୀଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯିବ। ବିଶେଷଭାବେ ବାତ୍ୟାର ରୂପରେଖ ଦେଖି ଲେଣ୍ଟୁ ଓ ସାନକୁସୁମୀ ଗ୍ରାମର ୨୫୦ଜଣଙ୍କୁ ସ୍ଥାନାନ୍ତର କରାଯିବାର ସମ୍ଭାବନା ରହିଛି ବୋଲି ବିଡିଓ ସୂଚନା ଦେଇଛନ୍ତି। ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟ ରଞ୍ଜନ ନନ୍ଦଙ୍କ ସମେତ ସିଡିପିଓ, ଖାଦ୍ୟ ଯୋଗାଣ ଅଧିକାରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ, ଅଗ୍ନିଶମ ବିଭାଗ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

# ପରିବା ଦର ବୃଦ୍ଧିକୁ ନେଇ ଚିନ୍ତାରେ ଖାଉଟି

ଖୋର୍ଦ୍ଧା,୨୭।୧୦(ପ୍ରଭାତ ପାଣିଗ୍ରାହୀ)

ବାତ୍ୟା 'ମୋନ୍ଥା' ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥିବା ବେଳେ ଲୋକେ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଘରେ ଗ୍ରୋସରୀଠାରୁ ଆରମ୍ଭ କରି ପନିପରିବା ଆବଶ୍ୟକତାଠାରୁ ଅଧିକ ସାଇତି ରଖୁଛନ୍ତି। ଫଳରେ ପରିବା ଦର ବୃଦ୍ଧି ପାଇବାରେ ଲାଗିଛି। ଖୋର୍ଦ୍ଧାରେ ପ୍ରତ୍ୟେକ ପରିବା କେଜି ପଛା ୧୦ରୁ ୨୦ଟଙ୍କା ପର୍ଯ୍ୟନ୍ତ ଚଢ଼ାଦରରେ ବିକ୍ରି ହେଉଥିବା କେତେଜଣ ଗ୍ରାହକ କହିଛନ୍ତି। ଗତ ତିନିଦିନ ପୂର୍ବରୁ ଟମାଟୋ କେଜି ୪୦ରୁ ୫୦ଟଙ୍କା ବିକ୍ରି ହେଉଥିବା ବେଳେ ସୋମବାର ତାହା ବୃଦ୍ଧି ଘଟି ୬୦ରୁ ୭୦ଟଙ୍କା ବିକ୍ରି ହେଉଛି। ସେହିପରି ବାଇଗଣ ଦର ବୃଦ୍ଧି ପାଇ କେଜି ପ୍ରତି ୭୦ରୁ ୮୦ଟଙ୍କା ବିକ୍ରି ହେଉଛି। ପୋଟଳ ଦର ମଧ୍ୟ ବୃଦ୍ଧି ପାଇ ୮୦ଟଙ୍କାରେ ବିକ୍ରି ହେଉଛି। ବିନ୍ସ ପୂର୍ବରୁ କେଜି ୯୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବୃଦ୍ଧି ପାଇ କେଉଁଠି ୧୬୦ ଟଙ୍କା ତ'



ଆଉ କେଉଁଠି ୧୮୦ ଟଙ୍କା ଦରରେ ବିକ୍ରି ହେଉଛ। ସେହିପରି ଭେଣ୍ଡି କେଜି ୬୦ରୁ ୭୦ଟଙ୍କା, ଜହ୍ନି ୭୦, କୁନ୍ଦୁରୀ ୭୦, ପିଆଜ ୨୫ ପରିବର୍ତ୍ତେ ୩୦ରୁ ୩୫ ଟଙ୍କାରେ ବିକ୍ରି ହେଉଛି। କଞ୍ଚା କଦଳୀ ଗୋଟାକୁ ୧୫ରୁ ୨୦ଟଙ୍କା, ଓଉ ଗୋଟାକ ୧୫ଟଙ୍କା, କଞ୍ଚା କମଳା ଗୋଟାକ ୧୦ଟଙ୍କାରେ ବିକ୍ରି ହେଉଛି। ଆଳୁ କେଜି ୩୦ରୁ ୪୦ଟଙ୍କା ଦରରେ ବିକ୍ରି ହେଉଥିବା ଜଣାପଡ଼ିଛି। କେତେଜଣ ବ୍ୟବସାୟୀଙ୍କ କହିବା ଅନୁସାରେ ବଜାରକୁ ଯେତିକି ଆଳୁ, ପିଆଜ ଗାଡ଼ି ଆସିବା କଥା ସେତିକି ନ ଆସିବାରୁ ଦର ବୃଦ୍ଧି ପାଇଛି। ଏନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଦିତ୍ୟ


@ ମୁକ୍ତିମଧୁର


@ ସଲିମ୍


@ ଶ୍ରୀକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ ପାଇଁ ପ୍ରସ୍ତୁତି

ନିରାକାରପୁର,୨୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଛକ ନିକଟ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ମନ୍ଦାକିନୀ ନଦୀପଠାରେ ଥିବା ଏକ ଫାର୍ମ ହାଉସରେ ମନ୍ଦାକିନୀ ବୋଇତ ବନ୍ଦାଣ କମିଟି ପକ୍ଷରୁ ଚଳିତ ବର୍ଷ ବୋଇତ ବନ୍ଦାଣ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଏହି ବୈଠକ ହୋଇଥିଲା। ଆସନ୍ତା ନଭେମ୍ବର ୫ତାରିଖ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ କିପରି ସରସ ସୁନ୍ଦର କରାଯାଇ ଅଧିକ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଡ.ସଞ୍ଜୟ ପଟ୍ଟନାୟକ, କମିଟି ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ଜଙ୍କିଆର ପୂର୍ବତନ ସରପଞ୍ଚ ସୁନୀଲ କୁମାର ନରେନ୍ଦ୍ର, ଦିଲୀପ କହଲସିଂହ, ବିଜୟ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ ଏବଂ କମିଟି ସଦସ୍ୟମାନେ।

# ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ

ବାଲୁଗାଁ,୨୭।୧୦ (ସଂଗ୍ରାମ ପାଇକରାୟ)

ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ସୋମବାର ସ୍ଥାନୀୟ ଚାଷଙ୍ଗରା ଗ୍ରାମରେ ଚଢ଼ାଉ କରାଯାଇ ଜଣେ ବ୍ୟକ୍ତିଙ୍କ ଘର ବାରିପଟୁ ୧୪କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ଲକ୍ଷ ୪୦ହଜାର ଟଙ୍କା ହେବ। ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୭୯/୨୫ ରେ)ରୁଜୁ କରାଯାଇ ଅଭିଯୁକ୍ତ ଉକ୍ତ ଗ୍ରାମର ମୀନକେତନ ଗୁରୁ (୬୨)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ବାରିକ, କନ୍ଷ୍ଟେବଲ ଅଶେଷ କୁମାର ପ୍ରଧାନ, ରଞ୍ଜିତ ପଟେଲ, ସୁନିତା ମହାରଣା, ମନୋଜ କୁମାର ଜୟସିଂହ, ଅନିଲ କୁମାର ପ୍ରଧାନ, ସସ୍ମିତା ସେଠୀ, କାଲୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଜଟଣୀରେ ଛଟ୍ ପର୍ବ ପାଳିତ

ଜଟଣୀ,୨୭।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ସହରରେ ବସବାସ କରୁଥିବା ବିହାରୀ ସମ୍ପ୍ରଦାୟ ଏବଂ ମାରୱାଡି ସମ୍ପ୍ରଦାୟ ପକ୍ଷରୁ ସୋମବାର ଛଟ୍ ପର୍ବ ପାଳିତ ହୋଇଯାଇଛି। ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାର ପୋଖରୀ କୂଳରେ ବ୍ରତଧାରୀ ମହିଳା ଏବଂ ପୁରୁଷ ଏକତ୍ରିତ ହୋଇ ଧୂପ, ଦୀପ, ଫୁଲ, ଫଳ ନୈବେଦ୍ୟ ସହିତ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ପରିବାରର ମଙ୍ଗଳ ମନାସିଛନ୍ତି। ଛଟ୍ବ୍ରତର ପ୍ରଥମ ଦିବସକୁ ନାହାୱା ଖାନା କୁହାଯାଉଥିବା ବେଳେ ପୂଜାରେ ବ୍ରତଧାରୀମାନେ ସ୍ନାନକରି ଫଳ ଗ୍ରହଣ କରିଥାନ୍ତି। ସେହିପରି ଦ୍ୱିତୀୟ ଦିବସରେ ଖରଣା ପୂଜା ଅବସରରେ ବ୍ରତଧାରୀ ଘରେ ଖିରୀ, ପୁରୀ ଭୋଗ ଲଗାଇ ଗ୍ରହଣ କରିଥାନ୍ତି। ତୃତୀୟ ଦିବସର ବ୍ରତଧାରୀ ମହିଳା ଏବଂ ପୁରୁଷ ବିଭିନ୍ନ ନଦୀ ଏବଂ ପୋଖରୀ କୂଳରେ ଏକତ୍ରିତ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ପରିବାରର ମଙ୍ଗଳ ମନାସିଥାନ୍ତି। ଶେଷ ଦିବସରେ ପ୍ରାତଃ ସମୟରେ ପୋଖରୀ ଏବଂ ନଦୀ କୂଳରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ପ୍ରସାଦ ସେବନ କରିବା ପରେ ବ୍ରତ ସମାପ୍ତ କରିଥାନ୍ତି। ନିଷ୍ଠାର ସହିତ ବ୍ରତଧାରଣ କରି ଛଟ୍ ମା'ଙ୍କ ପୂଜାର୍ଚ୍ଚନା କଲେ ସନ୍ତାନ ପ୍ରାପ୍ତି ହେବା ସହିତ ଦୂରାରୋଗରୁ ମୁକ୍ତି ଏବଂ ପରିବାରର ମଙ୍ଗଳ ହେବା ସହ ସୁଖ ସମୃଦ୍ଧି ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି ବୋଲି ବ୍ରତଧାରୀ ଗରିମା ଶର୍ମା କହିଛନ୍ତି। ସେହିଭଳି ଜଣେ ଓଡ଼ିଆ ବ୍ରତଧାରୀ ଅଧାପିକା ଆରତୀ ସେନ ଦୀର୍ଘ ୪ବର୍ଷ ହେବ ଏହି ବ୍ରତ ନିଷ୍ଠାର ସହ ପରିବାର ସୁଖ ସମୃଦ୍ଧି ପାଇଁ ବ୍ରତଧାରଣ କରିଥିବା କହିଛନ୍ତି।


ଛଟ୍ ପୂଜା ଅବସରରେ ଜଟଣୀ ପୌରାଞ୍ଚଳ ଅଧୀନ ହାଟବଜାର ପୋଖରୀ କୂଳରେ ବ୍ରତଧାରୀ ମହିଳା ପୂଜାର୍ଚ୍ଚନା କରୁଛନ୍ତି।

# ଗୁରୁଜଙ୍ଗ, ତମାଣ୍ଡୋ ଚାମ୍ପିୟନ

**ନୀଳକଣ୍ଠ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ**

ଖୋର୍ଦ୍ଧା,୨୭।୧୦(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ର ଉଦ୍ଯାପନୀ ଦିବସରେ ପ୍ରଥମ ଫାଇନାଲ ମ୍ୟାଚ(ମିନି ଆଧାର) ଗୁରୁଜଙ୍ଗ ଏବଂ ଗୁଡୁମ ଟିମ୍ ମଧ୍ୟରେ ହେଇଥିଲା। ଟସ୍ ଜିତି ଗୁରୁଜଙ୍ଗ ଟିମ୍ ପ୍ରଥମେ ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଗୁଡୁମ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୪୬ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ହରିହର ସେଠି ୩୩ ରନ କରିଥିଲେ। ଜବାବରେ ଗୁରୁଜଙ୍ଗ ଟିମ୍ ୯ ଓଭରରେ ୨ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଦଳ ପକ୍ଷରୁ ସୁଜିତ୍ ପରିଡ଼ା ୮୦ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ।

ସେହିପରି ଦ୍ୱିତୀୟ ଫାଇନାଲ ମ୍ୟାଚ୍ (ଆଧାର)ରେ ଗୁରୁଜଙ୍ଗ ଏବଂ ତମାଣ୍ଡୋ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ତମାଣ୍ଡୋ ଟିମ୍ ନିର୍ଦ୍ଧାରିତ ୧୮ ଓଭରରେ ୬ ଉଇକେଟ ବିନିମୟରେ ୨୩୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦୀପକ ହରିଚନ୍ଦନ ୧୧୦ରନ ସଂଗ୍ରହ କରିଥିଲେ। ଗୁରୁଜଙ୍ଗ ପକ୍ଷରୁ ଅସିତ୍ ପରିଡ଼ା ୩ଟି ଉଇକେଟ ନେଇଥିଲେ। ଜବାବରେ ଗୁରୁଜଙ୍ଗ ଟିମ୍ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୬୮ରନ ସଂଗ୍ରହ କରି ପରାଜିତ ହେଇଥିଲା। ଫଳରେ ତମାଣ୍ଡୋ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଉଦ୍ଯାପନୀ ଦିବସରେ ଖୋର୍ଦ୍ଧା ପୂର୍ବତନ ପୌରାଧକ୍ଷା ସଞ୍ଜୁକ୍ତା ସାହୁ ମୁଖ୍ୟ ଅତିଥି ଏବଂ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.ର ସଭାପତି ଅଭିଷେକ ସିଂ ସାମନ୍ତ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍କୁ ଟ୍ରଫି ପ୍ରଦାନ କରିଥିଲେ। ବେଷ୍ଟ ଫିଲ୍ଡର ଦୀପକ ଭାରିମଲ, ବେଷ୍ଟ ବୋଲର ସିପୁନ ପଟ୍ଟନାୟକ, ବେଷ୍ଟ ବ୍ୟାଟ୍ସମ୍ୟାନ ଦୀପକ ହରିଚନ୍ଦନ, ଏମର୍ଜିଂ ପ୍ଲେୟର ରାଜଦୀପ ଏବଂ ମ୍ୟାନ ଅଫ୍ ଦ ସିରିଜ ଭାବେ ଦୀପକ ହରିଚନ୍ଦନ ପୁରସ୍କୃତ ହେଇଥିଲେ। ସେହିପରି ଟୁର୍ଣ୍ଣାମେଣ୍ଟକୁ ସଫଳ ଭାବେ ପରିଚାଳନା କରିଥିବା ପ୍ରକାଶ ପାଇକରାୟ, ତ୍ରିନାଥ ପରିଡା ଓ ସନ୍ତୋଷ ପ୍ରଧାନଙ୍କୁ ଶ୍ରେଷ୍ଠ ଆୟୋଜକ, ପ୍ରକାଶ କୁମାର ସାହୁ ସ୍କୋରର, ସାନୁଜ ବିଶ୍ୱାଳ, ପ୍ରଶାନ୍ତ ବେହେରା ଓ ତୁଷାରକାନ୍ତ ସୁନ୍ଦରାୟଙ୍କୁ ବେଷ୍ଟ ଅମ୍ପାୟର ଭାବେ ପୁରସ୍କୃତ କରାଯାଇଥିଲା। ଗୁରୁଜଙ୍ଗ ଗ୍ରାମ କମିଟିର ସମ୍ପାଦକ ରାକେଶ ମହାପାତ୍ର, ରଞ୍ଜନ ନନ୍ଦ, ନାରାୟଣ ପୃଷ୍ଟି, ଜିତେନ୍ଦ୍ର କୁମାର, ଭଳିଆବାଡ଼ି କ୍ରିକେଟ ଆସୋସିଏଶନର ସଭାପତି ବିକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ....................................


ନିଲମ
ପରିବାରବର୍ଗ


ଜୟଦୀପ
ପରିବାରବର୍ଗ


ଦିକ୍ଷିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିଏମ୍‌ପିଡିଆଇରେ ସତର୍କତା ସଚେତନତା ସପ୍ତାହ ଆରମ୍ଭ



**ଭୁବନେଶ୍ୱର,୨୭।୧୦**

ରାଞ୍ଚିରେ ସିଏମ୍‌ପିଡିଆଇ କର୍ମଚାରୀମାନେ ସତ୍ୟନିଷ୍ଠାର ଶପଥ ପାଠ କରି ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ ଆରମ୍ଭ କରିଛନ୍ତି। ସଂସ୍ଥାନର ନିର୍ଦ୍ଦେଶକ (ଟେକ୍ନିକାଲ/ସିଆରଡି) ଶଙ୍କର ନାଗାଚାରୀ, ନିର୍ଦ୍ଦେଶକ (ଟେକ୍ନିକାଲ/ପିଏଣ୍ଡଡ଼ି/ଆରଡିଏଣ୍ଡଟି) ଅଜୟ କୁମାର ଏବଂ ସିଏମପିଡିଆଇ ଓ ସିସିଏଲ୍‌ର ମୁଖ୍ୟ ସତର୍କତା ଅଧିକାରୀଙ୍କ ଉପସ୍ଥିତିରେ କର୍ମଚାରୀମାନଙ୍କୁ ଶପଥ ପାଠ କରାଯାଇଛି। ଏହି ଶପଥ କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି) ଅଧୀନରେ ଦେଶବ୍ୟାପୀ ସତର୍କତା ସଚେତନତା ସପ୍ତାହ ଅଭିଯାନ ଅଧୀନରେ କରାଯାଇଛି। ସତର୍କତା: ଆମର ଦାୟିତ୍ୱ ଶୀର୍ଷକ ଏହି କାର୍ଯ୍ୟକ୍ରମରେ ନାଗାଚାରୀ ଓ ଅନ୍ୟମାନେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଭ୍ରଷ୍ଟାଚାର ମୂଳୋତ୍ପାଟନର ପ୍ରତୀକ ଭାବେ ଭ୍ରଷ୍ଟାଚାରର ପୁତ୍ତଳିକାକୁ ଗୁଳି ମାରିଥିଲେ। ନାଗାଚାରୀ ତାଙ୍କ ମୁଖ୍ୟ ଭାଷଣରେ ସୁଶାସନ ବୃଦ୍ଧି ଓ ସାମୂହିକ ଦାୟିତ୍ୱରେ ସତର୍କତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

# ପାର୍ବଣରେ ଦେଢ଼ କୋଟି ଲୋକଙ୍କ ରେଳଯାତ୍ରା

## ୨.୫୦ କୋଟି ଅତିକ୍ରମ କରିବା ଆକଳନ

**ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)**

ପାର୍ବଣ ଋତୁରେ ଭାରତୀୟ ରେଲୱେ ବର୍ତ୍ତମାନ ସୁଦ୍ଧା ଟ୍ରେନ୍ ମାଧ୍ୟମରେ ଦେଢ଼ କୋଟିରୁ ଅଧିକ ଯାତ୍ରୀଙ୍କୁ ପରିବହନ କରିଛି। ଉତ୍ସବ ସମୟରେ ଏହି ସଂଖ୍ୟା ୨.୫୦ କୋଟି ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ଭିଡ଼ ପରିଚାଳନା ସୁନିଶ୍ଚିତ କରିବା ପାଇଁ, ବିହାର ଏବଂ ୟୁପିର ଆଖପାଖ ଅଞ୍ଚଳର ୩୦ଟି ପ୍ରମୁଖ ଷ୍ଟେଶନରେ ବୃହତ ହୋଲ୍ଡିଂ ଅଞ୍ଚଳ ସହିତ ସଜ୍ଜିତ କରାଯାଇଛି। ସ୍ୱତନ୍ତ୍ର ଟ୍ରେନ ସହ ରେଳପଥ ନିର୍ମାଣ କାର୍ଯ୍ୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ଯାତ୍ରୀ ସଂଖ୍ୟା ମଧ୍ୟ ବଢ଼ିଛି। ଦଶନ୍ଧି ପୂର୍ବରୁ ବର୍ଷକୁ ମାତ୍ର ୪୦୦-୬୦୦ କି. ମି. ରେଳପଥ ନିର୍ମାଣ କରାଯାଇଥିବାବେଳେ ବର୍ତ୍ତମାନ ଏହା ବର୍ଷକୁ ୪,୦୦୦ କି. ମି. ରୁ ଅଧିକ ହୋଇଯାଇଛି। ପାର୍ବଣ ଋତୁରେ ଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ଯାତ୍ରା ପାଇଁ ଭାରତୀୟ ରେଳପଥ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଛଟ୍ ପୂଜା ଚାଲିଥିବା ବେଳେ ସର୍ବାଧିକ ଯାତାୟାତ ସମୟର ପରିଚାଳନା ପାଇଁ ରେଳପଥ ବ୍ୟବସ୍ଥାଗୁଡ଼ିକୁ ଆହୁରି ସୁଦୃଢ଼ କରିଛି। ବିହାରର ଷ୍ଟେଶନଗୁଡ଼ିକୁ ଯାତ୍ରୀଙ୍କ ସୁବିଧାକୁ ବଢ଼ାଇବା ପାଇଁ ହୋଲଡିଂ କ୍ଷେତ୍ର, ଅତିରିକ୍ତ ଟିକେଟ କାଉଣ୍ଟର, ସିସିଟିଭି ମନିଟରିଂ ଏବଂ ଅନ୍ୟାନ୍ୟ ସୁବିଧା ସହିତ ଉତ୍ସବ ଭିଡ଼ ପରିଚାଳନା ପାଇଁ ପ୍ରସ୍ତୁତ କରାଯାଇଛି। ପାଟନା ରେଳ ଷ୍ଟେଶନରେ ଏକ ଉତ୍ସର୍ଗୀକୃତ ହୋଲ୍ଡିଂ କ୍ଷେତ୍ର ସ୍ଥାପନ କରାଯାଇଛି। ସୁରକ୍ଷା ପାଇଁ ସିସିଟିଭି ବ୍ୟବସ୍ଥା କରାଯାଇଛି। ଏହାସହ ଦାନାପୁର ରେଳ ଷ୍ଟେଶନରେ ଏକ ଉତ୍ସର୍ଗୀକୃତ ହୋଲ୍ଡିଂ ଏରିଆ ମଧ୍ୟ ସ୍ଥାପନ କରାଯାଇଛି। ଭାରତୀୟ ରେଲୱେ ଛଟ୍ ପୂଜା ସମୟରେ ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଛି। ଦାନାପୁର ରେଳ ଷ୍ଟେଶନରେ, ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ୨୪ ଘଣ୍ଟିଆ ପ୍ରସ୍ତୁତ ଅବସ୍ଥାରେ ରୋଗୀ ଓ ଡାକ୍ତରୀ ଦଳ ରଖାଯାଇଛି। ପାଟନାର ରାଜେନ୍ଦ୍ର ନଗର ଟର୍ମିନାଲ ରେଳ ଷ୍ଟେଶନ, ବିହାରର ଜମାଲପୁର ରେଳ ଷ୍ଟେଶନ ସହ ଅନ୍ୟାନ୍ୟ ଷ୍ଟେଶନରେ ଛଟ୍ ପର୍ବ ସମୟରେ ଏକ ନିରାପଦ, ଆରାମଦାୟକ ଏବଂ ସୁଖଦ ଯାତ୍ରା ସୁନିଶ୍ଚିତ କରାଯାଇଛି। ଏହାସହ ନୂଆଦିଲ୍ଲୀ ଏବଂ ପାଟନା ମଧ୍ୟରେ ଏକ ସ୍ୱତନ୍ତ୍ର ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ କରୁଥିବାବେଳେ ସାରା ଭାରତରେ ବର୍ତ୍ତମାନ ୧୫୬ଟି ବନ୍ଦେ ଭାରତ ଏକ୍ସପ୍ରେସ ସେବା ଚାଲୁ ରହିଛି।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ପକ୍ଷରୁ ହିନ୍ଦୀ ଦିବସ ପାଳିତ

**ଭୁବନେଶ୍ୱର,୨୭।୧୦**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସରେ ରାଜଭାଷା ସମାରୋହ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରମୁଖ ଦିଲ୍ଲୀପ କୁମାର ରାଉଳ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଗୃହ ମନ୍ତ୍ରୀଙ୍କ ବାର୍ତ୍ତା ପାଠ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦେଶର ଅଧିକାଂଶ ଜନସାଧାରଣ ହିନ୍ଦୀ ଭାଷା ବୁଝନ୍ତି, ତେଣୁ ବ୍ୟବସାୟିକ ଆବଶ୍ୟକତା ଓ ସାମ୍ବିଧାନିକ ଆବଶ୍ୟକତା ଦୃଷ୍ଟିରୁ ଅଧିକରୁ ଅଧିକ କାର୍ଯ୍ୟ ହିନ୍ଦୀ ଭାଷାରେ କରିବା ସହ ଗ୍ରାହକମାନଙ୍କୁ ସେମାନଙ୍କ ଆଞ୍ଚଳିକ ଭାଷାରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ଉଚିତ ବୋଲି ଅଞ୍ଚଳ ପ୍ରମୁଖ ରାଉଳ କହିଥିଲେ। ହିନ୍ଦୀ ମାସ ଅନ୍ତର୍ଗତ ହିନ୍ଦୀ ପ୍ରତିଯୋଗିତା ନିମନ୍ତେ ପୁରସ୍କାର ବିତରଣ ସମାରୋହରେ ବିଜେତାମାନଙ୍କୁ ପ୍ରମାଣ ପତ୍ର ସହ ସମ୍ମାନିତ କରାଯାଇଥିଲା।

# ଆଇଏମ୍‌ଡବ୍ଲ୍ୟୁ କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଭାତୀ

**ଭୁବନେଶ୍ୱର,୨୭।୧୦**


ପ୍ରଭାତୀ ପରିଡ଼ା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଦୁଇ ଦିନିଆ ମୁମ୍ବାଇ ଗସ୍ତ କରିଛନ୍ତି। ମୁମ୍ବାଇର ପ୍ରଦର୍ଶନୀ କେନ୍ଦ୍ରଠାରେ ଆୟୋଜିତ ଇଣ୍ଡିଆନ୍ ମାରିଟାଇମ ୱିକ୍-୨୦୨୫ କାର୍ଯ୍ୟକ୍ରମରେ ସେ ମଙ୍ଗଳବାର ଯୋଗଦେବେ। ଭାରତୀୟ ନୌବାଣିଜ୍ୟରେ ଓଡ଼ିଶାର ଭୂମିକା ଉପରେ ଅଭିଭାଷଣ ରଖିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳ ସଂଯୋଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ଶାନ୍ତନୁ ଠାକୁର ପ୍ରମୁଖ ଯୋଗ ଦେବେ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ଜନ୍ମଦିନ ଶୁଭେଚ୍ଛା



ନୀଲମ ବନ୍‌ଛୋର
ଲଇଡ଼ାଗୁଣା, କୁଚିଣ୍ଡା, ସମ୍ବଲପୁର
ଆଜି ତା୨୮।୧୦।୨୦୨୫ ରିଖରେ ତୋର ୭ମ ଜନ୍ମଦିନ। ଭଗବାନ ଶ୍ରୀକୃଷ୍ଣ ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ କୋଟି ପରମାୟୁ ଦେଇ ଆଶୀର୍ବାଦ କରନ୍ତୁ, ଏତିକି ହିଁ ତାଙ୍କ ନିକଟରେ ଆମର ପ୍ରାର୍ଥନା।
ମାଆ, ବାପା, ଆଈ, ଅଜା, ବଡମା, ବଡ଼ବାପା, ଭାଇ, ମାମୁ, ମାଉସୀ ଓ ପରିବାରବର୍ଗ।
ଧ-୨୪୦୦

Birthday Blessings



Jaydeep Pati
(Shree)
We wish you a Happy Birthday On this auspicious day we pray before Mahaprabhu Sri Jagannath to bless you with good health and bright
Best Wishes From
Subhasis Pati & Gitanjali Mohapatra
ଧ-୨୪୦୨


# ଗୁଣବତ୍ତାପୂର୍ଣ୍ଣ ଔଷଧୀୟ ଗଛର ସ୍ଥାୟୀ ଚାଷ ଉପରେ ଗୁରୁତ୍ୱ




## ପତଞ୍ଜଳି ବିଶ୍ୱବିଦ୍ୟାଳୟରେ କର୍ମଶାଳା

**ଭୁବନେଶ୍ୱର,୨୭।୧୦**

ଭାରତ ସରକାରର ଆୟୁଷ ମନ୍ତ୍ରଣାଳୟ, ପତଞ୍ଜଳି ଅର୍ଗାନିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ, ଆରସିଏସସିଏନ୍-୧ ଏବଂ ନାବାର୍ଡ ସହଯୋଗରେ 'ସ୍ୱାସ୍ଥ୍ୟ ଧରା' ଯୋଜନା ଅଧୀନରେ 'ମାଟି ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପରିଚାଳନା ଦ୍ୱାରା ଗୁଣବତ୍ତାପୂର୍ଣ୍ଣ ଔଷଧୀୟ ଗଛର ସ୍ଥାୟୀ ଚାଷ' ଉପରେ ଏକ କର୍ମଶାଳା ଆରମ୍ଭ ହୋଇଛି। ହରିଦ୍ୱାରସ୍ଥିତ ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ ଓ ପତଞ୍ଜଳି ବିଶ୍ୱବିଦ୍ୟାଳୟର ସହଯୋଗରେ ବିଶ୍ୱବିଦ୍ୟାଳୟ ସଭାଗୃହରେ ଆୟୋଜିତ ଏହି କର୍ମଶାଳାରେ ମାଟି ପରୀକ୍ଷଣ ଯନ୍ତ୍ର 'ଧରତୀ କା ଡାକ୍ଟର' (ଡିକେଡି) ମାଧ୍ୟମରେ ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଲକୃଷ୍ଣ ସ୍ୱାଗତ ଭାଷଣ ଦେଇଥିବାବେଳେ ନାବାର୍ଡର ଅଧ୍ୟକ୍ଷ ଶାଜି କେ.ଭି. ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦେଶରେ ସ୍ଥାୟୀ କୃଷି ଓ ଗ୍ରାମ୍ୟ ବିକାଶ ପାଇଁ କୃଷକ, ଛୋଟ ଉଦ୍ୟୋଗ, କୁକୁଡା, ପଶୁପାଳନ ଓ ଗ୍ରାମ୍ୟ ଶିଳ୍ପକୁ ଋଣ ପ୍ରଦାନ କରିବା ନାବାର୍ଡର ଲକ୍ଷ୍ୟ ବୋଲି ଶାଜି କହିଥିଲେ। ଗ୍ରାମ୍ୟ ବିକାଶରେ ନିବେଶ ବଢ଼ାଇ ସମାବେଶୀ ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସେ ପତଞ୍ଜଳିର ଯୋଜନା ଉଲ୍ଲେଖ କରି କହିଛନ୍ତି, କୃଷକ ଆୟ ବୃଦ୍ଧି, ଜୈବିକ ଚାଷ ଓ ପ୍ରାକୃତିକ ପଦ୍ଧତି ଉପରେ ଧ୍ୟାନ ଦେବା ଦ୍ୱାରା ୨୦୨୭ ସୁଦ୍ଧା କୃଷିସମୃଦ୍ଧ ଭାରତ ସାଧନ ହେବ। ଅନ୍ୟମାନଙ୍କ ମଧ୍ୟରେ ଡ. କେ.ଏନ୍. ଶର୍ମା, ପ୍ରଫେସର ବି.ଆର୍. କାମ୍ବୋଜ, ଡ. ଜେ.ଏନ୍. ରୈନା, ଡ. ଜି.ପି. ରାଓ ଓ ଡ. ପ୍ରଦୀପ ଶର୍ମା ସ୍ୱାସ୍ଥ୍ୟକର ମାଟି, ଭଲ ଫସଲ ଓ ପରିଚାଳନା ପ୍ରଣାଳୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପୋଷ୍ଟର୍ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପିଏନ୍‌ବି ପକ୍ଷରୁ ମେଗା କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୭।୧୦**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର କଟକ ସର୍କଲ ପକ୍ଷରୁ ମେଗା କ୍ରେଡିଟ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଏମ୍‌ଏସ୍‌ଏମ୍‌ଇ ଖୁଚୁରା ଓ କୃଷି ଆଦି ବିଭାଗକୁ ପ୍ରୋତ୍ସାହିତ କରି ଲଘୁ ତଥା ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସୁଗମ ଆର୍ଥିକ ସମାଧାନ ସହିତ ସଶକ୍ତ କରାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକଙ୍କ ସମେତ କଟକ ସର୍କଲର ସର୍କଲ ମୁଖ୍ୟ ସୁଜିତ କୁମାର ନେଗି ଓ କଟକ ସହରାଞ୍ଚଳର ଶାଖା ମୁଖ୍ୟମାନେ ଯୋଗ ଦେଇଥିଲେ। ଏହା ଉଦ୍ୟୋଗୀ, ବ୍ୟବସାୟୀ ଓ ସମ୍ଭାବ୍ୟ ଗ୍ରାହକମାନଙ୍କୁ ଏକତ୍ର କରିବା ସହ ନେଟୱର୍କିଂ ପାଇଁ ଏକ ଅନୁକୂଳ ପରିବେଶ ଯୋଗାଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଏମ୍‌ଏସ୍‌ଏମଇ, ବେତନଭୋଗୀ ବ୍ୟକ୍ତି ଏବଂ ବୃତ୍ତିଗତମାନଙ୍କ ପାଇଁ ପିଏନ୍‌ବିର ଉପଯୁକ୍ତ ପ୍ରସ୍ତାବଗୁଡ଼ିକ ବିଷୟରେ ଜାଣିବାର ସୁଯୋଗ ପାଇଥିଲେ, ଯେଉଁଥିରେ ଶୀଘ୍ର ଋଣ ଅନୁମୋଦନ ଏବଂ କ୍ଷୁଦ୍ର ବ୍ୟବସାୟଗୁଡ଼ିକର ଆବଶ୍ୟକତା ପୂରଣ ପାଇଁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ବ୍ୟାଙ୍କିଙ୍ଗ ସେବା ଅନ୍ତର୍ଭୁକ୍ତ ଥିଲା। ଏଥିସହିତ ବ୍ୟାଙ୍କ ପ୍ରତିନିଧି ଓ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ଆର୍ଥିକ ପରିଚାଳନା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏମ୍‌ଏସ୍‌ଏମ୍‌ଇ ଓ କୃଷି ବିଭାଗଗୁଡ଼ିକୁ ସଶକ୍ତ କରିବା ଏବଂ ସେମାନଙ୍କର ସାମର୍ଥ୍ୟକୁ ସାକାର କରିବାରେ ବ୍ୟାଙ୍କ ସମର୍ପିତ ବୋଲି ସୁଜିତ କୁମାର ନେଗି କହିଥିଲେ।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05


FOR RENT

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

## AFFIDAVIT

I, Manaranjan Sahu, S/o.- Haripad Sahu, Resident of Vill.-Srikrushnapur, P.O.-Januganj, P.S.- Industrial, Dist.- Balasore, PIN- 756019, Odisha declare by this Affidavit No. 2454, Vol.- XX, Dated- 25.09.2025, that now onwards I shall be known as MANORANJAN SAHOO for all future purposes. D-2403

ମୁଁ, କବିତା ପଣ୍ଡା, ସ୍ୱାମୀ- ଶ୍ରୀ ଅଶ୍ୱିନୀ କୁମାର ପଣ୍ଡା, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଭୁବନେଶ୍ୱରଙ୍କ ସମ୍ମୁଖରେ ୧୪।୦୮।୨୦୨୪ ତାରିଖରେ ଶପଥ ଗ୍ରହଣ କରିଥିବା ଏକ ସତ୍ୟପାଠ (ସିଏଫ୍ ନମ୍ବର.୬୭) ଅନୁସାରେ ମୋର ଅପ୍‌ଡେଟ୍ ନୂତନ ଠିକଣା: ଟାଇପ୍- II- ୧୬/୩, ୟୁନିଟ୍- ୨, ମାତୃମଙ୍ଗଳ କେନ୍ଦ୍ର, ପୋଷ୍ଟ- ଅଶୋକନଗର, ପିଏସ୍- କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୧୦୦୯ ଘୋଷଣା କରୁଅଛି କି ଯେ ମୁଁ ମୋର ନାମ କବିତା ମହାରଣାରୁ କବିତା ପଣ୍ଡାକୁ ପରିବର୍ତ୍ତନ କରିଅଛି। ତେଣୁକରି, ବର୍ତ୍ତମାନଠାରୁ, ମୁଁ ସମସ୍ତ ଉଦ୍ଦେଶ୍ୟରେ କବିତା ପଣ୍ଡା (ନୂତନ ନାମ) ଭାବରେ ପରିଚିତ ହେବି। ଧ-୨୩୮୬

I, Susrut Mishra, S/o.- Sarat Chandra Misra born on 11.11.1979, Residing At- 03, Sampurna Platina, Kuha, Sundarpada, Bhubaneswar, have changed my name to Susrut Mishrra vide affidavit dated- 24.10.2025 at Bhubaneswar. Hereafter, I shall be known as Susrut Mishrra. D-2397

By virtue of an affidavit sworn before Notary Public, Jajpur Road, dated- 24.02.2023, I, Tadala Giridhar Rao(T. Giridhar Rao), aged 44 years, Permanent address H. No- 4/B, Street No.- 08, Sector- 04, Bhilai 1, Dist.- Durg, Chhatisgarh at present, Kanheipur, Jajpur Road, Jajpur, Odisha 755019 do hereby declare that my daughter T SAI PRAGNA (T SAI PRAGNA) & TADALA SAI PRAGNA is one and same person. D-2399

By virtue of an affidavit sworn before Executive Magistrate, Erasama, 27th.10.2025, I, Tulasi Nayak, address Vill.- Guamunda, P.O.- Bhitarandhari, P.S.- Erasama, Dist.- Jagatsinghpur, Odisha, PIN- 754139 declare that I change my daughter's name Coel Nayak to Koyel Nayak. Henceforth, she shall be utilized for all purposes.
Tulasi Nayak
D-2396

By virtue of an affidavit No.- 79AA319398, dtd.- 27.10.2025 sworn before Executive Magistrate, Bhubaneswar, I, Pravasini Pradhan, W/o.- Manoja Kumar Beura, At/P.O./ P.S.- Mancheswar, Bhubaneswar- 17 declare that my name will be correction in school records of my son Tanuj Kumar Beura, of the Pricipal of PM Shri Kendriya Vidyalaya No.3, Bhubaneswar.
D-2395

## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ.ଅନ୍ନପୂର୍ଣ୍ଣା ରଥ
ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୨୭।୧୧।୧୯୫୨
ତିରୋଧାନ: ୨୫।୧୦।୨୦୧୭
ଆପଣ ସମସ୍ତ ବନ୍ଧନ ତୁଟାଇ ଆଜି ଦିନରେ ସ୍ୱର୍ଗାରୋହଣ କରିଥିଲେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି ନାତୁଣୀ ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୪୦୧

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


# ଡ୍ରିମ୍‌ସ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ



**ଭୁବନେଶ୍ୱର,୨୭।୧୦**

ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଆନୁକୂଲ୍ୟରେ 'ବିକଶିତ ଭାରତ-୨୦୪୭ର ମାର୍ଗ ନକ୍ସା' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। 'ବିକଶିତ ଭାରତ-୨୦୪୭'ର ବିଭିନ୍ନ ଦିଗ ଉପରେ ଡ. ଦାଶ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି 'ଭାରତ ମସଲା'ର ନିର୍ଦ୍ଦେଶିକା ନନ୍ଦିତା ପଣ୍ଡା ଆତ୍ମନିର୍ଭରଶୀଳ ହେବା ହିଁ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଟକ ସିଏମ୍‌ସି କମିଶନର କିରଣ ଦୀପ କୌର ସାହୋତା ଯୋଗଦେଇ ସାଧାରଣ ଲୋକଙ୍କ ଜୀବନଶୈଳୀରେ କିଭଳି ଉନ୍ନତି ଆସିବ ସେ ସମ୍ପର୍କରେ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ର ଏହାକୁ ଭଲରେ ବୁଝିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାରତୀୟ ମ୍ୟାନେଜମେଣ୍ଟ ସ୍କୁଲ ସଂଘ (ଏଆଇଏମ୍‌ଏସ୍)ର ଆଞ୍ଚଳିକ ଉପାଧ୍ୟକ୍ଷ ଇଂ. ସରୋଜ କୁମାର ସାହୁ କହିଲେ, ସାମାଜିକ ସମସ୍ୟାର ସମାଧାନ, ସୁଶାସନ, ନୂତନ ବିଚାର ଏବଂ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ହିଁ ଏହା ସାକାର ହୋଇପାରିବ। ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କୁ 'ଜୀବନ ବ୍ୟାପୀ ସାଧନା ସମ୍ମାନ' ଏବଂ ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କୁ 'ଯୁବ ଶିକ୍ଷାବିତ୍' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟର 'ଡିନ୍' ଡ. ପ୍ରଣିତା ସାହୁ ସ୍ୱାଗତ ଅଭିଭାଷଣ ଓ ଆବାହକ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ନାୟକ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀ ଖୁସ୍‌ବୁ ଗୁପ୍ତା କାର୍ଯ୍ୟକ୍ରମ ସଂଯୋଜନା ଓ ସହ ଆବାହକ ପ୍ରାଧ୍ୟାପକ ସବ୍ୟସାଚୀ ବାରିକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁଶାନ୍ତ କୁମାର ଦାସ, ଡ. ମନୀତ୍ ମିଶ୍ର, ଡ. ହିମାଂଶୁ ଭୂଷଣ ଗୋଛାୟତ, ଡ. ତୁଷାରକାନ୍ତ ପାଣି, ପ୍ରାଧ୍ୟାପକ ଦେବକାନ୍ତ ମିଶ୍ର, ଡ. ରବିନାରାୟଣ ସୁବୁଦ୍ଧି, ଡ. ମନୋଜ କୁମାର ଦାସ, ଡ. ଚନ୍ଦ୍ରଶେଖର ମିଶ୍ର, ସାରଦା ପ୍ରସାଦ ସାହୁ, ଡ. ବିଶ୍ୱଜିତ୍ ଛାଟୋଇ, ପ୍ରାଧ୍ୟାପକ ରାଧାନାଥ ଅଗସ୍ତି, ଡ. ମୋନାଲିସା ପଟେଲ, ଡ. ଦୀନଦୟାଲ ସ୍ୱାଇଁ ପ୍ରମୁଖ ବିଶିଷ୍ଟ ଶିକ୍ଷାବିତ୍ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ୧୧୪ଟି ଗବେଷଣାତ୍ମକ ନିବନ୍ଧ ଉପସ୍ଥାପିତ ହୋଇଥିଲା।

## ଜିଏମ୍‌ଡିସି: ଗୁଜରାଟରୁ...

ପ୍ରଥମ ପୃଷ୍ଠାରୁ...

ବାଞ୍ଚିବା ପାଇଁ ଅଞ୍ଚଳବାସୀ ଆନ୍ଦୋଳନ କରୁଛନ୍ତି। ଏଠାରେ ଖଣି ହେଲେ ନିକଟବର୍ତ୍ତୀ ଅଞ୍ଚଳର ଲୋକେ ଧୂଳିଧୂଆଁରେ କବଳିତ ହେବେ। ଚାଷବାସ ଉଚ୍ଛୁନ୍ନ ଜୀବନଜୀବିକା ପ୍ରଭାବିତ ହେବ। ଜଳ ଉତ୍ସ ଶୁଖିଯାଇଥିବାରୁ ପିଇବା ପାଣି ପାଇଁ ଲୋକେ ହଇରାଣ ହେବେ। ଏପରି କି ଶୁଦ୍ଧ ଅମ୍ଳଜାନ ଆଉ ମିଳିବ ନାହିଁ। ଖଣି ହେଲେ ଅଞ୍ଚଳର କି ପ୍ରକାର ବିକାଶ ହୋଇଥାଏ, ତାହା କୋଇଲା ଖଣି ଅଞ୍ଚଳ ଜନସାଧାରଣ ଭୋଗୁଥିବା କଷ୍ଟ ଓ ସମ୍ମୁଖୀନ ହେଉଥିବା ନାନା ସମସ୍ୟାରୁ ସ୍ପଷ୍ଟ ହେଉଛି। ତେଣୁ ଏ ଅଞ୍ଚଳରୁ ଗୁଜରାଟ କମ୍ପାନୀକୁ ହଟାଇବା ପାଇଁ ଆନ୍ଦୋଳନ ଜାରି ରହିବ। ବିସ୍ଥାପିତ ପ୍ରଜା ନୀଳମଣି ପଣ୍ଡା କହିଛନ୍ତି, ଜିଏମ୍‌ଡିସି କମ୍ପାନୀ ପକ୍ଷରୁ କରାଯାଉଥିବା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ବେଆଇନ। କମ୍ପାନୀ ପକ୍ଷରୁ ଜମିର ମୂଲ୍ୟାଙ୍କନ ଠିକ୍ ଭାବେ କରାଯାଉ ନାହିଁ। ଖଣି ଅଞ୍ଚଳରେ ଜମିର ମୂଲ୍ୟ ଗୋଟିଏ ରହିବା କଥା। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ବିଭିନ୍ନ ଜମିର ବିଭିନ୍ନ ମୂଲ୍ୟ ଦେଉଛନ୍ତି। ବିସ୍ଥାପନ ଓ ଥଇଥାନ ନେଇ କୌଣସି ଆଲୋଚନା କରୁନାହାଁନ୍ତି। ତାଳଚେର–ଅନୁଗୋଳ ବଞ୍ଚାଅ ଆନ୍ଦୋଳନର ଆବାହକ ଜଗଦାନନ୍ଦ ପ୍ରଧାନ କହିଛନ୍ତି, ଅନୁଗୋଳ ଜିଲାରେ ପ୍ରଦୂଷଣ ବଢ଼ିଚାଲିଛି। ଛେଣ୍ଡିପଦାରେ ମଧ୍ୟ ପରିବେଶର ଅବନତି ଦେଖିବାକୁ ମିଳୁଛି। ତେଣୁ ଏଠାରେ କୋଇଲା ଖଣି ପ୍ରକଳ୍ପକୁ ବାତିଲ କରିବା ଆବଶ୍ୟକତା ରହିଛି। ଲୋକଙ୍କ ଅଭିଯୋଗ ସମ୍ପର୍କରେ ଜିଏମ୍‌ଡିସି କମ୍ପାନୀର ସିଏଫ୍‌ଆର୍ ଦାୟିତ୍ୱରେ ଥିବା ପ୍ରଶାନ୍ତ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏ ନେଇ ମତାମତ ରଖିବାକୁ ଅନିଚ୍ଛୁକ ଅଧିକାରୀ ବୁଝିବେ ବୋଲି କହିବା ସହ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କହି ଫୋନ କାଟି ଦେଇଥିଲେ।

## ସନ୍ଦେହରେ ନେତା...

କରିଥିଲା। ନୂଆପଡ଼ାର ଜଣାଶୁଣା ନେତା ମନୋଜ ମିଶ୍ରଙ୍କ ନାଁ ପ୍ରାର୍ଥୀ ତାଲିକାରେ ଚର୍ଚ୍ଚାରେ ରହିଥିଲା। ସେହିପରି ବର୍ତ୍ତମାନର ନୂଆପଡ଼ାର ଜିଲା ବିଜେଡି ସଭାପତି ଥିବା ଅବନୀ ଯୋଶୀଙ୍କ ନାଁ ମଧ୍ୟ ବିଜେଡି ଶିବିରରେ ଆଲୋଚନା ହେଉଥିଲା। ସେହିପରି ନୂଆପଡ଼ା ବ୍ଲକ ଚେୟାରମ୍ୟାନ ଥିବା ତାରେଶ୍ୱରୀ ସାହୁଙ୍କ ନାଁ ମଧ୍ୟ ପ୍ରାର୍ଥୀ ତାଲିକାରେ ଦଳ ରଖିଥିଲା। ହେଲେ ଉଭୟଙ୍କ ଭଳି ଜଣେ ଆଗଧାଡ଼ିର ନେତା ଯେତେବେଳେ ଦଳ ଛାଡ଼ି ପଳାଉଛନ୍ତି ତାଙ୍କ ବାପାଙ୍କ ଅଧୀନରେ କାମ କରୁଥିବା ନେତାମାନଙ୍କୁ କେତେଦୂର ଭରସା କରାଯାଇପାରିବ ତାକୁ ନେଇ ପ୍ରାର୍ଥୀ ଚୟନ ଦାୟିତ୍ୱ ପାଇଥିବା ନେତାଙ୍କ ମଧ୍ୟରେ ଦ୍ୱନ୍ଦ ଉପୁଜି କରିଥିଲା। ଶୁଣିବାକୁ ମିଳେ ସେହି ସମୟରେ ତାରେଶ୍ୱରୀଙ୍କୁ ଦଳ ପ୍ରାର୍ଥୀ ହେବା ନେଇ ପ୍ରସ୍ତାବ ଦେଇଥିଲା। ମାତ୍ର ତାରେଶ୍ୱରୀ ଏହି ପ୍ରସ୍ତାବ ପ୍ରତି ଅନାଗ୍ରହ ଦେଖାଇବା ସଙ୍ଗେସଙ୍ଗେ ଏହାର ଦୁଇଦିନ ପରେ ସେ ମଧ୍ୟ କୁଆଡେ ଭାଜପାରେ ଯୋଗଦେଲେ, ଯାହାକି ପ୍ରାର୍ଥୀ ଚୟନ ଦାୟିତ୍ୱ ପାଇଥିବା ନେତାଙ୍କ ଚିନ୍ତା ବଢ଼ାଇ ଦେଇଥିଲା। ଏସବୁ କଥାକୁ ଲକ୍ଷ୍ୟ କରି ଏପରି ଏକ ପ୍ରାର୍ଥୀ ଦେବାକୁ ବିଜେଡି ଚିନ୍ତା କଲା ଯିଏ ନିର୍ବାଚନ ଭିତରେ ଭାଜପାରେ ଯୋଗଦେବେ ନାହିଁ। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କୁ କୁଆଡ଼େ ବିଜେଡି ପ୍ରାର୍ଥୀ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ଏଥିରେ ରାଜି ହୋଇ ନ ଥିଲେ ବୋଲି ଶୁଣିବାକୁ ମିଳୁଛି। ଶେଷରେ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଦଳ ପ୍ରାର୍ଥୀ କଲା। ହେଲେ ନୂଆପଡ଼ା ନିର୍ବାଚନ ମଇଦାନରେ ବିଜେଡିର ଭୂମିକାରେ ଥିବା ନେତା ମନୋଜ ମିଶ୍ର ଏବଂ ଅବନୀ ଯୋଶୀଙ୍କ ଗତିବିଧି ଉପରେ ରାଜ୍ୟସ୍ତରରୁ ଆସିଥିବା ନେତାମାନେ ସନ୍ଦେହ କରୁଛନ୍ତି ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। କୋମନା ବ୍ଲକ ଅନ୍ତର୍ଗତ ମନୋଜ ମିଶ୍ରଙ୍କ ଫାର୍ମହାଉସକୁ ବିଜେଡି ଏବେ ନିଜର କ୍ୟାମ୍ପ ଅଫିସ କରିଛି। ଜଣେ ବିଜେଡି ନେତା ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ମନୋଜ ଏବଂ ଅବନୀଙ୍କ ରାଜନୈତିକ ଗତିବିଧି ଉପରେ ପ୍ରଣବ ପ୍ରକାଶ ଦାସ (ବବି) ସମ୍ପୂର୍ଣ୍ଣ ନଜର ରଖିଛନ୍ତି। ହେଲେ ଉଭୟ ସ୍ଥାନୀୟ ନେତା କୁଆଡ଼େ ଭାଜପା ନେତା ସହ ଭିତିରିଭୁକ୍ତିଆରେ ରହିଥିବା ଆମ ଦଳର ନେତାମାନେ ଜାଣି କିମ୍ବା ଜାଣିକି ପାରୁ ନ ଥିବା ସେ କହିଛନ୍ତି। ଆଗକୁ ଉଭୟଙ୍କ ଭୂମିକାରେ ପରିବର୍ତ୍ତନ ଯେ ନ ଆସିବ ସେ କଥାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେ କହିଛନ୍ତି।

ବିଜେଡି ଭଳି ଭାଜପାରେ ମଧ୍ୟ ସମାନ ଅବସ୍ଥା। ଜୟନ୍ତ ଭାଜପା ପ୍ରାର୍ଥୀ କରିବା ପରେ ଶାସକ ଦଳରୁ ଟିକେଟ ଆଶାରେ ରହିଥିବା ତିନି ବରିଷ୍ଠ ନେତା ବସନ୍ତ ପଣ୍ଡା, ପ୍ରସନ୍ନ କୁମାର ପାଢ଼ୀ ଏବଂ ଯଦୁମଣି ପାଣିଗ୍ରାହୀଙ୍କ ଭୂମିକା ନେଇ ତାଙ୍କ ଦଳରେ ଆଲୋଚନା ଜୋର୍ ଧରିଛି। ଦୀର୍ଘ ଦିନ ହେବ ଭାଜପା ସଂଗଠନ ନୂଆପଡ଼ା ଜିଲାରେ ବୃଦ୍ଧି କରିବା ଲାଗି ବସନ୍ତ, ପ୍ରସନ୍ନ ଏବଂ ଯଦୁମଣି ଅନେକ ପରିଶ୍ରମ କରି ଆସିଛନ୍ତି। ରାଜ୍ୟରେ ଭାଜପା ଯେତେବେଳେ ଶାସନକୁ ଆସିଲା ଏମାନେ ନିଜର ରାଜନୈତିକ ଭବିଷ୍ୟତକୁ ଆଗକୁ ବଢ଼ାଇବାର ସୁଯୋଗ ପାଇବେ ବୋଲି ଆଶା ରଖିଥିଲେ। ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଏମାନଙ୍କ ମଧ୍ୟରୁ ଜଣଙ୍କୁ ଦଳୀୟ ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଲା। ହେଲେ ସେ ଦୀର୍ଘ ବର୍ଷ ଧରି ବିଜେଡିରେ ଥାଇ ନୂଆପଡ଼ାରେ ସଂଗଠନ କରୁଥିଲେ ତାଙ୍କ ପରିବାରରୁ ଜଣଙ୍କୁ ଦଳ ପ୍ରାର୍ଥୀ କରିବା କଥାକୁ ସେମାନେ କୁଆଡ଼େ ସହଜରେ ଗ୍ରହଣ କରି ପାରି ନାହାନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏମିତି ହୋଇଛି, ଜୟ ଭାଜପାକୁ ଆସିବା ସଙ୍ଗେ ସଙ୍ଗେ ତାଙ୍କ ବାପାଙ୍କ ସହିତ ତୃଣମୂଳସ୍ତରରେ କାମ କରୁଥିବା ଅନେକ ନେତା ବି ଶାସକ ଦଳରେ ଯୋଗଦେଇଛନ୍ତି। ଫଳରେ ଉପନିର୍ବାଚନରେ ଜୟ ତାଙ୍କ ଲୋକଙ୍କୁ ଧରି କାମ ଚଳାଉଛନ୍ତି, ଯାହାକି ବସନ୍ତ, ପ୍ରସନ୍ନ ଓ ଯଦୁମଣିଙ୍କ ସମର୍ଥକମାନଙ୍କୁ ଅସନ୍ତୁଷ୍ଟ କରୁଛି। ଗାଁ ଗହଳିରେ ଏହି ନେତାମାନଙ୍କ ସମର୍ଥକମାନେ କହିବା କଥା, ଆଜିଯାଏ ସେମାନେ ଶାସନରେ ଥିବା ଗୋଟିଏ ଦଳ ବିରୋଧରେ ଲଢ଼ି ଚାଲିଲେ। ସେତେବେଳେ ତାଙ୍କ ଦଳ ଶାସନକୁ ଆସିଲା ସେତେବେଳେ ସେମାନଙ୍କ ଅବହେଳା କରାଯାଇ ବିରୋଧୀ କର୍ମୀଙ୍କୁ ଅଗ୍ରାଧିକାର ମିଳୁଛି। ସୋମବାର ନୂଆପଡ଼ା ବ୍ଲକ ବିଶୋରା, ଭାଲେଶ୍ୱର, ବେଲଗୁଡ଼ାରି ଆଦି ଗ୍ରାମ ପଞ୍ଚାୟତକୁ ଗସ୍ତ କରି ଉପନିର୍ବାଚନ ପାଣିପାଗ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବା ସମୟରେ ଏହିସବୁ କଥା ମଧ୍ୟ ସାମନାକୁ ଆସିଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ପଶ୍ଚିମ ଓଡ଼ିଶାର ଭାଜପା ନେତାଙ୍କ କହିବା ମୁତାବକ, ତାଙ୍କ ଦଳ ପକ୍ଷରୁ କାମ କରୁଥିବା ନେତା, ବରାହେ ନାମକ ପଲିଟିକାଲ କନ୍‌ସଲଟାନ୍‌ସି ସଂସ୍ଥା ଏବଂ ଆର୍‌ଏସ୍‌ଏସ୍‌ର ଗୋଟିଏ ଟିମ୍ ବସନ୍ତ, ପ୍ରସନ୍ନ ଓ ଯଦୁମଣିଙ୍କ ଭୂମିକା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏବାବଦରେ ସ୍ଥାନୀୟ ପୋଲିସ ଓ ଗୋଇନ୍ଦା ସଂସ୍ଥା ପକ୍ଷରୁ ଖବର ସଂଗ୍ରହ କରାଯାଉଛି। ତଥାପି ଆଗକୁ ଏହି ତିନି ନେତାଙ୍କ ଭୂମିକା କ'ଣ ରହିବ ଉପନିର୍ବାଚନ ପରେ ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ବନ୍ଦର ଆଧାରିତ...

କୋଟି ଓ ଜାହାଜ ନିର୍ମାଣ କ୍ଲଷ୍ଟରରେ ୨୪,୭୦୦ କୋଟି ନିବେଶ ହେବ। ପୁରୀରେ ୫୦୦ କୋଟିରେ କ୍ରୁଜ୍ ଟର୍ମିନାଲ ନିର୍ମାଣ ହେବ। ସେହିପରି ରିଲିଆନ୍ସ ପକ୍ଷରୁ ଖୋର୍ଦ୍ଧାରେ ୯୩୮ କୋଟିରେ ବିସ୍କୁଟ, ପାନୀୟ ଓ ମିଠାଇ କାରଖାନା ସ୍ଥାପନ ହେବ। ଜୈନ ମେଟାଲସ୍ ଗଞ୍ଜାମରେ ୨,୧୦୦ କୋଟିରେ ଟାଇଟାନିୟମ କାରଖାନା ପ୍ରସ୍ତାବ ଦେଇଛି। ବଡ଼ ସମୁଦ୍ରତଟ ଓ ବିସ୍ତୃତ ଉପକୂଳ ଓଡ଼ିଶାକୁ ମାରିଟାଇମ ବାଣିଜ୍ୟର କେନ୍ଦ୍ର କରୁଛି। ଆମେ ବିଶ୍ୱସ୍ତରୀୟ ବନ୍ଦର ଓ ଶିଳ୍ପ ଗଢ଼ି ନିବେଶକଙ୍କୁ ଆକର୍ଷଣ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ୧୦୦ରୁ ଅଧିକ ଦେଶର ନେତା, ନୀତିନିର୍ମାତା, ଶିଳ୍ପ ବିଶେଷଜ୍ଞ ଓ ନିବେଶକ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାର ଏକ ଟିମ ମଧ୍ୟ ସମ୍ମିଳନୀରେ ଯୋଗଦେଇଛି।

## ପ୍ରଦର୍ଶିତ ହେଲା ଓଡ଼ିଶାର ନୌବାଣିଜ୍ୟ ପରମ୍ପରା

ମୁମ୍ବାଇ ପ୍ରଦର୍ଶନୀ କେନ୍ଦ୍ରରେ ଆରମ୍ଭ ହୋଇଥିବା ଇଣ୍ଡିଆନ୍ ମାରିଟାଇମ ୱିକ୍ ୨୦୨୫ରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡିଶାର ଗୌରବୋଜ୍ଜ୍ୱଳ ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ଏକ ଷ୍ଟଲ ଓ ପ୍ରଦର୍ଶନୀ ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଛନ୍ତି, ଓଡ଼ିଶାର ରଣନୈତିକ ସ୍ଥିତି, ପ୍ରଗତିଶୀଳ ବନ୍ଦର ନୀତି ଏବଂ ସାମୁଦ୍ରିକ ବିକାଶ ପାଇଁ ସମନ୍ୱିତ ଆଭିମୁଖ୍ୟ ରାଜ୍ୟକୁ ଭାରତର ପୂର୍ବ ସାମୁଦ୍ରିକ କରିଡରରେ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ସ୍ଥାନିତ କରୁଛି। ଆମର ଦୃଷ୍ଟିକୋଣ ହେଉଛି ଆମର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ସହିତ ଓଡ଼ିଶାର ନୀଳ ଅର୍ଥନୀତି ପାଇଁ ଏକ ଆଧୁନିକ, ସ୍ଥାୟୀ ଏବଂ ବିଶ୍ୱ ସ୍ତରରେ ସଂଯୁକ୍ତ ଭବିଷ୍ୟତକୁ ପରିଚାଳନା କରିବା। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ, ଆଧୁନିକ ବନ୍ଦର ଭିତ୍ତିଭୂମି ଏବଂ ମହତ୍ତ୍ୱାକାଂକ୍ଷୀ ନୀଳ ଅର୍ଥନୀତି ରୋଡ୍‌ମ୍ୟାପ ଉପରେ ମୁଖ୍ୟମନ୍ତ୍ରୀ ମାଝୀ ଆଲୋକପାତ କରିଥିଲେ। ସେ କହିଲେ, କଳିଙ୍ଗର ପ୍ରାଚୀନ ସାମୁଦ୍ରିକ ଦକ୍ଷତାଠାରୁ ଆରମ୍ଭ କରି ଆମର ଆଜିର ବିଶ୍ୱ ବାଣିଜ୍ୟ ସଂଯୋଗ ପର୍ଯ୍ୟନ୍ତ, ଓଡ଼ିଶାର ଉପକୂଳ ଐତିହ୍ୟ ପ୍ରଗତିକୁ ପ୍ରେରଣା ଦେଇ ଚାଲିଛି। ବିଶ୍ୱସ୍ତରୀୟ ବନ୍ଦର ଏବଂ ସ୍ଥାୟୀ ନୀଳ ଅଭିବୃଦ୍ଧି ପାଇଁ ଏକ ରଣନୈତିକ ଦୃଷ୍ଟିକୋଣ ସହିତ ରାଜ୍ୟ ଭାରତର ପୂର୍ବ ସାମୁଦ୍ରିକ ପୁନରୁତ୍ଥାନର ଏକ ପ୍ରମୁଖ ବାହକ ଭାବରେ ଠିଆ ହୋଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା , ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢି ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶା ନୌବାଣିଜ୍ୟ ଉପରେ ନିର୍ମିତ ବାଲୁକା କଳା ବେଶ୍ ଆକର୍ଷଣୀୟ ହୋଇଛି।

## ଗାଇଡ୍‌ଲାଇନ୍ କାର୍ଯ୍ୟକାରିତା ନେଇ ରାଜ୍ୟଗୁଡ଼ିକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ଲଣ୍ଡନ,୨୭।୧୦(ପି.ଟି.)

### ଶିକ୍ଷାନୁଷ୍ଠାନରେ ଆତ୍ମହତ୍ୟା

ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ପ୍ରବଣତା ଏବଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସୁପ୍ରିମକୋର୍ଟ ଜୁଲାଇ ୨୫ରେ ଗାଇଡ୍‌ଲାଇନ୍ ଆଣିଥିଲେ। ତାହା କେତେଦୂର କାର୍ଯ୍ୟକାରୀ ହୋଇଛି ୮ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ସୋମବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କେନ୍ଦ୍ର ସରକାରଙ୍କୁ ମଧ୍ୟ ଗାଇଡ୍‌ଲାଇନ କାର୍ଯ୍ୟକାରିତା ଦିଗରେ ନେଇଥିବା ପଦକ୍ଷେପ ସମ୍ପର୍କରେ ୮ ସପ୍ତାହ ମଧ୍ୟରେ ଅନୁପାଳନ ସତ୍ୟପାଠ ଦାଖଲ କରିବାକୁ ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ୍ ମେହେଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି। ଜୁଲାଇ ୨୫ ରାୟରେ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୨ ମାସ ମଧ୍ୟରେ ନିୟମାବଳୀ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିବାକୁ କହିଥିଲେ। ସମସ୍ତ ଘରୋଇ କୋଚିଂ ସେଣ୍ଟର ପାଇଁ ବାଧ୍ୟତାମୂଳକ ପଞ୍ଜୀକରଣ, ଛାତ୍ରୀଛାତ୍ର ସୁରକ୍ଷା ନିୟମାବଳୀ ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥା ରଖିବାକୁ ଏଥିରେ କୁହାଯାଇଥିଲା। ଖଣ୍ଡପୀଠ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୮ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ସୋମବାର କହିବା ସହ ପରବର୍ତ୍ତୀ ଶୁଣାଣି ଆସନ୍ତା ବର୍ଷ ଜାନୁଆରୀରେ କରିବାକୁ ଧାର୍ଯ୍ୟ କରିଛନ୍ତି।

## ବଳାତ୍କାର ମାମଲାରେ ଏସିଡ୍ ଆକ୍ରମଣ ପୀଡ଼ିତାଙ୍କ ବାପା ଗିରଫ

ନୂଆଦିଲ୍ଲୀ,୨୭।୧୦

ଦିଲ୍ଲୀ ଏସିଡ୍ ଆକ୍ରମଣ ମାମଲା ନୂଆ ମୋଡ଼ ନେଇଛି। ଛାତ୍ରୀ ଜଣକ ଇ–ରିକ୍ସାରୁ ଓହ୍ଲାଇ ସାଙ୍ଗରେ ନେଇଥିବା ପାଇଖାନା ସଫା କେମିକାଲକୁ ନିଜ ହାତରେ ଢାଳି ଏହାକୁ ଏସିଡ୍ ଆକ୍ରମଣ ରୂପ ଦେବାକୁ ଉଦ୍ୟମ କରିଥିଲେ। ଆକ୍ରମଣ ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ଫସାଇବା ପାଇଁ ଛାତ୍ରୀଙ୍କ ବାପା ଅକିଲ୍ ଷଡ଼ଯନ୍ତ୍ର ରଚନା କରିଥିଲେ ବୋଲି ସ୍ୱୀକାର କରିଛନ୍ତି। ମିଛ ଏସିଡ୍ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଯୁବକଙ୍କ ସ୍ତ୍ରୀ ଅକିଲ୍‌ଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିବା ପରେ ସୋମବାର ତାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜିତେନ୍ଦ୍ର ଓ ତାଙ୍କ ୨ ସହଯୋଗୀଙ୍କ ସହ ଅକିଲ୍‌ଙ୍କର ପୂର୍ବରୁ ବିବାଦ ଥିଲା। ଯୋଜନାବଦ୍ଧ ଆକ୍ରମଣ ପାଇଁ ଛାତ୍ରୀ ଜଣକ ପାଇଖାନା ସଫା କେମିକାଲ କିଣିଥିଲେ ବୋଲି ତାଙ୍କ ବାପା କହିଛନ୍ତି।

## ଜମି ବିବାଦରୁ କୃଷକଙ୍କୁ ପିଟି ହତ୍ୟାକଲେ ଭାଜପା ନେତା

ଭୋପାଳ,୨୭।୧୦

ମଧ୍ୟପ୍ରଦେଶର ଗୁନା ଜିଲା ଅନ୍ତର୍ଗତ ଗନେଶପୁରା ଗ୍ରାମରେ ଜମି ବିବାଦକୁ ନେଇ ରବିବାର ଜଣେ ୪୦ ବର୍ଷୀୟ କୃଷକଙ୍କୁ ସ୍ଥାନୀୟ ଭାଜପା ନେତା ମହେନ୍ଦ୍ର ନାଗର ଓ ତାଙ୍କ ସହଯୋଗୀମାନେ ପିଟି ହତ୍ୟା କରିଛନ୍ତି। ରାମେଶ୍ୱର ଧାକଡ଼ ନାମକ କୃଷକଙ୍କୁ ସେମାନେ ଲାଠି ଓ ଲୁହାରଡ଼ରେ ପିଟିବା ପରେ ଗାଡ଼ି ମଡ଼ାଇ ଦେଇଥିଲେ। ଏପରିକି ବନ୍ଧୁକଧାରୀ ଅଭିଯୁକ୍ତମାନେ ଗୁରୁତର ରାମେଶ୍ୱରଙ୍କୁ ଘଣ୍ଟାଏ ପର୍ଯ୍ୟନ୍ତ ହସ୍ପିଟାଲ ନେବାକୁ ଦେଇ ନ ଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସୁରକ୍ଷା ପାଇଁ ଆସିଥିବା ଝିଅମାନଙ୍କୁ ମଧ୍ୟ ଅଭିଯୁକ୍ତମାନେ ମାଡ଼ ମାରିବା ସହ ପୋଷାକ ଚିରିଦେଇଥିଲେ ଓ ଗୁଳି ଫୁଟାଇ ଭୟଭୀତ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ନାଗର ଭାଜପାର ସ୍ଥାନୀୟ ବୁଥ୍ କମିଟି ମୁଖ୍ୟ ହୋଇଥିବାବେଳେ ଗାଁରେ ଦୀର୍ଘବର୍ଷ ହେଲା ଆତଙ୍କ ଖେଳାଇ ଆସୁଥିଲେ। ସେ ୨୫ ଜଣ କୃଷକଙ୍କ ଜମିକୁ ଜୋରଜବରଦସ୍ତ ଶାଗମାଛ ଦରରେ କିଣି ନେଇଛନ୍ତି। ଯେଉଁମାନେ ତାଙ୍କୁ ବିରୋଧ କରିବାକୁ ସାହସ କରିଛନ୍ତି, ସେମାନଙ୍କୁ ମାଡ଼ ମରାଯାଇଛି କିମ୍ବା ଗାଁରୁ ତଡ଼ି ଦିଆଯାଇଛି। ରାମେଶ୍ୱର ଜମି ଦେବାକୁ ବିରୋଧ କରିବାରୁ ତାଙ୍କୁ ଜୀବନ ଦେବାକୁ ପଡ଼ିଲା ବୋଲି ଜଣେ ଗ୍ରାମବାସୀ କହିଛନ୍ତି।


**इंडियन बैंक Indian Bank** — इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ମଙ୍ଗଳାବାଗ ଶାଖା /** **ଋଣଗ୍ରହୀତା ଫାର୍ମ: ମେସର୍ସ ହରେକ୍ରିଷ୍ଣା ମାର୍କେଟିଂ, ସ୍ୱତ୍ୱାଧିକାରୀ: ଜିତେନ୍ଦ୍ର କୁମାର ଲଖାନି,** ପ୍ଲଟ୍ ନଂ.: ୪୩୮/ଏ, ୱାର୍ଡ ନଂ.: ୨୪, ସାମନ୍ତ ସାହି, ଶିବ ବଜାର, କଟକ, ପିନ୍-୭୫୩୦୦୧ / **ଋଣଗ୍ରହୀତା, ସ୍ୱତ୍ୱାଧିକାରୀ ଏବଂ ବନ୍ଧକଦାତା: ଜିତେନ୍ଦ୍ର କୁମାର ଲଖାନି,** ପିତା: ୰ ନାରାୟଣ ଦାସ ଲଖାନି / **ଜାମିନ୍‌ଦାର: ରଶ୍ମି ଲଖାନି,** ସ୍ୱାମୀ: ଜିତେନ୍ଦ୍ର କୁମାର ଲଖାନି, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଡ଼ି/୩, ୩ୟ ମହଲା, ଶ୍ରୀ ଜଗନ୍ନାଥ ହୋମ୍ସ, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ ସଦର, କଟକ, ଓଡ଼ିଶା, ପିନ୍-୭୫୩୦୦୧ | ୧୬.୦୮.୨୦୨୫ ସୁଦ୍ଧା ଟ.୧,୧୩,୨୮,୯୨୬.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୧.୧୦.୨୦୨୫ | (୧) **ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୯/୨୬୯, ରେଭିନ୍ୟୁ ପ୍ଲଟ୍ ନଂ.: ୩୩୦/୮୯୭, ସବ୍ ପ୍ଲଟ୍ ନଂ.: ୩୪, ପରିମିତ କ୍ଷେତ୍ର: ଏକର୦.୦୪୬ ଡିସିମିଲି, ମୌଜା: ଅଟଳା, ଥାନା: ବାଲିଅନ୍ତା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୯, ପୂର୍ବ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୩, ପଶ୍ଚିମ: ଜ୍ୟୋତି ମୋଦି, (୨) **ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା, **"ଶ୍ରୀ ଜଗନ୍ନାଥ ହୋମ୍ସ"** ନାମକ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-ଏ, ୩ୟ ମହଲା, ପ୍ଲଟ୍ ନଂ.: ଏଡ଼ି-୩ ଯାହାର ବିଲ୍ଟ ଅପ୍ ଏରିଆ: ୧୩୫୬ ବର୍ଗଫୁଟ ଏବଂ ପାର୍କିଂ ସ୍ଥାନ ୧୫୪ ବର୍ଗଫୁଟ, ଏହି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଡିଏସଆର୍‌ଓ: କଟକ, ମୌଜା: କଟକ ସହର ୟୁନିଟ୍ ନଂ. ୧୭ ମାଛୁଆବଜାର, ତହସିଲ: କଟକ, ତହସିଲ ନଂ. ୨୧୮, ଥାନା: ମଙ୍ଗଳାବାଗ, ଥାନା ନଂ. ୩, ଜିଲ୍ଲା: କଟକ, ମ୍ୟୁଟେସନ୍ ଖାତା ନଂ.: ୩୧/୨୭, ପ୍ଲଟ୍ ନଂ.: ୯, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୪୫୯ଡିସିମିଲି ଏବଂ ପ୍ଲଟ୍ ନଂ.: ୨୮, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୧୦୬ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୫୬୫ଡିସିମିଲିରୁ ବିକ୍ରୟ ହୋଇଥିବା ଅବିଭକ୍ତ, ସମାନୁପାତିକ, ନିରପେକ୍ଷ ଅଂଶ ଏକର୦.୦୦୭ଡିସିମିଲି, ବାର୍ଷିକ ଖଜଣା ଟ.୦.୪୨ପଇସା, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୩, ଅନୁରୂପ ସାବକ ମୌଜା: ତୁଳସୀପୁର, ସାବକ ଖାତା ନଂ.: ୭୦, ସାବକ ପ୍ଲଟ୍ ନଂ.: ୧୬, ୧୭, ୧୮, ୧୯ (ଅଂଶ), ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୨୯, ଦକ୍ଷିଣ: ପ୍ଲଟ୍ ନଂ. ୭, ପୂର୍ବ: ପ୍ଲଟ୍ ନଂ. ୭୫୭ ଏବଂ ୭୪୯, ପଶ୍ଚିମ: ପ୍ଲଟ୍ ନଂ. ୨୭ ଏବଂ ୧୦ |

ସ୍ଥାନ: କଟକ
ତାରିଖ: ୨୭.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ



**GOVT. OF ODISHA** No.A-762
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, UNIT-8, BHUBANESWAR-751012**
**E-PROCUREMENT NOTICE NO.ACEDC-BBSR-02/2025-26**
**email id:- sedrainagebbsr12@gmail.com**

| | | | |
|---|---|---|---|
| 1. | Total Number of Works | : | 05 (Five) Numbers |
| 2. | Estimated Cost | : | Rs.143.71 Lakh to Rs.303.21 Lakh |
| 3. | Period of Completion | : | 11(Eleven) Calendar Months |
| 4. | Date and time of availability of Bid document in the portal | : | 29.10.2025, 11.00 Hours to 12.11.2025, 18.00 Hours |
| 5. | Last date and time of receipt of Bids in the portal | : | 12.11.2025, 18.00 Hours |
| 6. | Date of Opening of Technical Bid | : | 13.11.2025 at 11.00 hours in the O/o the Additional Chief Engineer, Drainage Circle, Unit-8, Bhubaneswar |
| 7. | Name and address of the Officer Inviting Bid | : | Additional Chief Engineer, Drainage Circle, Unit-8, Bhubaneswar, 751012 |

Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in.

OIPR-32375/11/0003/2526
Sd./- Additional Chief Engineer
Drainage Circle, Bhubaneswar



**GOVERNMENT OF ODISHA** No.O-1155
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
E.Mail - rw_sundargarh@yahoo.co.in
**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-12 of 2025-26**

1. Name of the Work : Road Works, 2. Total No. of works : 24 nos. Road, 3. Estimated cost : Rs.7.37 Lakhs to Rs.45.42 Lakhs, 4. Class of contractor : 'B', 'C' & 'D', 5. Period of completion : 01 calendar month, 6. Type of Tender : Single Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh** | **Online-SESNG-12 of 2025-26** | **29.10.2025 11.00 A.M.** | **12.11.2025 05.00 P.M.** |

Further details can be seen from the website www.tendersorissa.gov.in.

Sd./-Executive Engineer
Rural Works Division,
Sundargarh
OIPR-25046/11/0070/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION, UDALA**
e_mail- rw_udala@yahoo.com
**e_Procurement Tender Call Notice No.Online 01/RWD/UDALA/2025-26**

**No.O-1171:**1.Name of the Work : Road Works, 2. Total No. of Works : 56 Nos., 3. Estimated Cost: Approx. Estimated Cost Rs.5.04 to Rs.44.37 Lakhs. 4. Class of Contractor: 'D', 'C' & 'B', 5. EMD: EMD @ 1% of Estimated Cost Put to tender. 6. Period of Completion: As per Annexure. 7. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of tender in the office of the Superintending Engineer, R.W. Division, Udala |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W. Division, Udala | 01 (Online) /RWD-UDALA of 2025-26 | 28.10.25 at 11.00 A.M. | 03.11.25 upto 5.00 P.M. | 03.11.25 upto 3.00 P.M. | 03.11.25 upto 5.30 P.M. |

Further details can be seen from the website www.tendersorissa.gov.in

OIPR-25199/11/0004/2526
Sd./- Superintending Engineer, R.W.Division, Udala



**GOVERNMENT OF ODISHA, DEPARTMENT OF WATER RESOURCES**
OFFICE OF THE CHIEF CONSTRUCTION ENGINEER,
BRUTANG AND HADUA IRRIGATION PROJECT, DASAPALLA,
AT-TRINATH BAZAR, P.O-DASAPALLA, DIST-NAYAGARH, PIN-752084
e-Mail: ccebhip@gmail.com, Telephone No-06757-220855
Bid Identification No.BHIP-HID-UGPL-01 of 2025-26 (e-Procurement No-CCE-HID-01/2025-26)
No.1190/ Dated:18.10.2025
No.A-790:
**NOTICE INVITING TENDER**

| | | | |
|---|---|---|---|
| 1 | Name of Work | : | **EPC Contract for Construction of Under Ground Pipeline (UGPL) distribution network for 3641 Ha for Hadua Irrigation Project, Narasinghpur, Cuttack** |
| 2 | Estimated Cost put to tender | : | Approximately Rs.167.76 Crores (excluding GST) |
| 3 | Tender Paper Cost | : | Rs.10,000/- (Non Refundable) |
| 4 | Class of Contractor | : | "Super" Class or equivalent Grade/Class |
| 5 | Availability of Bid documents and receipt of bid through online | : | From 10.00 A.M. of 27.10.2025 to 5.00 P.M. of 24.11.2025 in the website (www.tendersodisha.gov.in) |
| 6 | Date and time for opening of online tenders | : | 25.11.2025 at 11.00 A.M. |
| 7 | Name and address of Officer Inviting Tender (OIT) | : | Chief Construction Engineer, Brutang and Hadua Irrigation Project, Dasapalla, Pin-752084, e-mail id- ccebhip@gmail.com |

Further details can be seen from the e-procurement portal of Government Odisha at www.tendersodisha.gov.in. The corrigendum/cancellation of the tender, if any will be uploaded and can be seen from the above website only.

Sd./- Chief Construction Engineer,
Brutang & Hadua Irrigation Project, Dasapalla
OIPR-32535/11/0010/2526



**GOVERNMENT OF ODISHA** No.O-1211
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK**
E-mail : ee_rwbdk@yahoo.com
**"e" Procurement Notice for Building Works**
**Bid Identification No. Online Tender 09 of 2025-26**

1. Name of the Work : Buildings. 2. Total No. of works : 29 Nos. 3. Estimated Cost : Rs.2.54 Lakh to Rs.8.47 Lakh. 4. Class of Contractor : "C" & "D" Class. 5. Period of Completion : As per Annexure. 6. Type of Tender : Single Cover. 7. Other Details :

| Procurement Officer | Bid Identification No. | Availability of Tender On-line for bidding | | Date of Seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Bhadrak | Online-09 of 2025-26 | 30.10.2025 At-11.00 A.M. | 15.11.2025 At-4.00 P.M. | 15.11.2025 At - 2.00 P.M. | 17.11.2025 At - 11.00 A.M. |

Further details can be seen from the e-procurement portal **"https://tendersorissa.gov.in"**

Sd./- Er. Ganesh Chandra Hembram
Executive Engineer, R.W. Division, Bhadrak
OIPR-25060/11/0021/2526



**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-239539, Fax No. : 0674-2395291, Website : www.oscsc.in
**Tender No. 14719/P-II/25/2025/PDS** **Dt.25.10.2025**

**No.CAD-2111** : Manging Director, Odisha State Civil Supplies Corporation Ltd. invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | From 28.10.2025 |
| 3 | Last Date / Time for receipt of bids in the portal | Dt.08.11.2025 up to 5.00 P.M. |
| 4 | Date/Time of Opening of Technical Bid | Dt.10.11.2025 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd. C/2, Nayapalli, Bhubaneswar |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments / corrigendum/cancellation/ retenders etc. if any shall be published only in above websites.

By Order of Managing Director
OIPR-07002/11/0049/2526
Sd./- General Manager (Distribution)



**DIRECTORATE OF ANIMAL HUSBANDRY & VETERINARY SERVICES ODISHA**
MANGALABAG, CUTTACK-753001
Phone No.0671-2414629, Email: dahvsorissa@gmail.com
**EOI INVITING NOTICE**
**EOI No:17751, Date:27.10.2025**
**Expression of Interest (EoI) for Expansion and Upgradation of GMP Complied Veterinary Vaccine Production Facility at OBPI, Bhubaneswar as per Revised Schedule-M guidelines & WHO-GMP norms/ Establishment of Dedicate HS Vaccine Line and Operation & Maintenance of the Unit under PPP Mode.**

**No.M-33** : 1.The Directorate of Animal Husbandry & Veterinary Services, Odisha, Cuttack, invites Expression of Interest (EoI) from reputed and capable organisations for the turnkey upgradation, operation and sustainable management of the GMP compliant veterinary vaccine production facility at Odisha Biological Products Institute (OBPI), Bhubaneswar under the PPP model. The partnership aims to strengthen vaccine quality and capacity utilization, establish a dedicated HS vaccine line and ensure long term commercial viability under PPP mode. 2. This comprehensive setup will facilitate the integration of cutting-edge technologies and services across various laboratory practices. The design must prioritize optimized functionality ensuring full compliance with relevant regulations, guidelines, safety standards and accreditation requirements. 3. Interested firms may submit their proposals with all required details electronically in PDF format to the Email id: dahvsorissa@gmail.com by 5.00 PM of 12th November-2025. Clarification if any, may be sought through email-jdobpibbsr@gmail.com by 4th November-2025, 5.00 P.M. Detailed EoI document is available in the Directorate of AH & VS, Odisha website https://dahvs.odisha.gov.in.

OIPR-06014/11/0068/2526
Sd./- Director
AH&VS, Odisha, Cuttack



**GOVERNMENT OF ODISHA** No.O-1188
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BARIPADA**
e_mail : rw_mayurbhanj@yahoo.co.in
**e_Procurement Tender Call Notice No. Online 06/RWD/BPD/2025-26**

1. Name of the work : Building works
2. Total No. of works : 22 Nos.
3. Estimated Cost : Approx Estimated Cost Rs.55.09 lakhs to Rs.73.11 lakhs
4. Class of Contractor : 'B'
5. EMD : EMD@1% of Estimated Cost Put to tender
6. Period of completion : As per Annexure
7. Other details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in O/O S.E. Rural Works Division, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| S.E.R.W Division, Baripada | 06 (Online) /RWD-BPD of 2025-26 | 29.10.25 at 11.00 A.M. | 06.11.25 up to 5.00 P.M. | 06.11.25 up to 3.00 P.M. | 06.11.25 at 5.30 P.M. | Intimate later |

**Further details can be seen from the website www.tendersorissa.gov.in**

Sd./- Superintending Engineer,
R.W. Division, Baripada
OIPR-25057/11/0029/2526



**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA (MAYURBHANJ)**
No.O-1152
E-mail ID : eerwkaranjia@yahoo.com
Letter No. // Date :
**"e" Procurement Notice for Periodical Maintenance to Roads for year 2025-26**
**Bid Identification No. - RWDKNJ - 09/2025-26**

1. Name of the work : Road Works (As per Annexure), 2. Estimated Cost : **Rs.5.93 to Rs.42.71 Lakhs Approximately (As per Annexure)**, 3. Class of Contractor : **'D', 'C' & 'B' Class (As per Annexure)**, 4. Period of Completion : **As per Annexure**, 5. Tender Paper Cost : **Paper cost of bid as mentioned in Annexure of Road Works.**
Further details can be seen from the website: www.tendersodisha.gov.in

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date & Time of Opening of Tender in O/o S.E.R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | **Road Online RWDKNJ-09/25-26** | **Dt.29.10.2025 at 11.00 A.M.** | **Dt.07.11.2025 upto 5.00 P.M.** | **Dt.06.11.2025 upto 1.00 P.M.** | **Dt.08.11.2025 at 5.00 P.M.** |

Sd./- Executive Engineer
R.W. Division, Karanjia
OIPR-25086/11/0031/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BANSPAL**
No.O-1181
E-mail : eerwbansapal@gmail.com
**"e" Procurement Notice for Building Works**
**Identification No. Road Online NCB - 07/2025-26**

1. Name of the Work : Road Work in the District of Keonjhar for the Year 2025-26, 2. Total Number of Work: 1 No., 3. Estimated Cost : Rs.69.75 lakhs (Approx.), 4. Class of Contractor : "B" Class, 5. Period of Completion : As per annexure of e-Procurement Notice **No.07 of 2025-26**, 6. Other Details :

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Banspal | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| **Superintending Engineer, Rural Works Division, Banspal** | **Road Online NCB No. 07** | Dt.29.10.2025 at 11.00 A.M. | Dt.11.11.2025 up to 5.00 P.M. | Dt.10.11.2025 up to 5.00 P.M. | Dt.12.11.2025 at 11.00 A.M. | **Will be intimated later** |

Further details can be seen from the website www.tenderorissa.gov.in

Sd./- Superintending Engineer
R.W. Division, Banspal
OIPR-25198/11/0013/2526



ପ୍ରୋ କବାଡ଼ି ଲିଗ୍‌ରେ ସୋମବାର ପାଟନା ପାଇରେଟ୍ସ ଓ ବେଙ୍ଗାଲୁରୁ ବୁଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ପାଟନା ପାଇରେଟ୍ସ ଏଲିମିନେଟର-୩ରେ

ନୂଆଦିଲ୍ଲୀ, ୨୭।୧୦ (ପି.ଟି.)

ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ରେ ପାଟନା ପାଇରେଟ୍ସ ଏହାର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛି। ସୋମବାର ସ୍ଥାନୀୟ ତ୍ୟାଗରାଜ ଇନ୍‌ଡୋର ଷ୍ଟାଡିୟମରେ ବେଙ୍ଗାଲୁରୁ ବୁଲ୍ସ ବିପକ୍ଷ ମ୍ୟାଚକୁ ୪୬-୩୭ରେ ପାଟନା ପାଇରେଟ୍ସ ଜିତିନେଇଛି। ଫଳରେ ପାଟନା ଏଠାରେ ମଙ୍ଗଳବାର ଏଲିମିନେଟର-୩ରେ ତେଲୁଗୁ ଟାଇଟନ୍ସ ସହିତ ମୁକାବିଲା କରିବା ଲାଗି ଯୋଗ୍ୟତା ହାସଲ କରିଛି। ଦଳର ଏହା କ୍ରମାଗତ ୮ମ ବିଜୟ। ପାଟନା ପାଇରେଟ୍ସକୁ ଜିତାଇବାରେ ଦଳର ଷ୍ଟାର ରେଡର ଆୟାନଙ୍କର ବଡ଼ ଭୂମିକା ରହିଛି। ସେ ୧୯ ପଏଣ୍ଟ ସ୍କୋର କରିଛନ୍ତି। ଦଳର ଡିଫେନ୍ସ ପୋଜିଶନରେ ଖେଳି ବୁଲ୍ସ ଦଳ ଉପରେ ବାରମ୍ବାର ଚାପ ସୃଷ୍ଟି କରିଥିଲେ। ବୁଲ୍ସ ଦଳ ପାଇଁ ଉଲ୍ଲେଖନୀୟ ପ୍ରଦର୍ଶନ କରି ଶୁଭମ ବିଟେକ୍ ୭ ରେଡ୍ ପଏଣ୍ଟ ଅର୍ଜନ କରିଥିଲେ। ପିକେଏଲ୍‌ରେ ଜଣେ ଖେଳାଳି ହିସାବରେ ବ୍ୟକ୍ତିଗତ ଭାବେ ଏହା ସର୍ବାଧିକ ପଏଣ୍ଟ।

# ୦-୧୩ ପରାଜୟରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)

ଓଡ଼ିଶାରେ ଫୁଟବଲର ମାନ ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ମହିଳା ଫୁଟବଲରେ ଦେଶରେ ଏକ ମହାଶକ୍ତିଭାବେ ପରିଚିତ ହେଉଥିବା

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ**

ଓଡ଼ିଶା ଏଥର ସେମିଫାଇନାଲକୁ ଯିବାରେ ସକ୍ଷମ ହୋଇ ନ ଥିଲା। ଏଜ୍ ଗ୍ରୁପ୍‌ରେ ଭଲ ପ୍ରଦର୍ଶନ କରୁଥିବା ଓଡ଼ିଶା ବାଳକ ଦଳ ମଧ୍ୟ ଏଥର ଅତି ଦୟନୀୟ ଭାବେ ଲଜ୍ଜାଜନକ ପରାଜୟ ସହ ଅଭିଯାନ ଆରମ୍ଭ କରିଛି। ମାଉଣ୍ଟ ଲିଟେରା ଜି ସ୍କୁଲ ପଡ଼ିଆରେ ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୦-୧୩ ଗୋଲରେ ମିଜୋରାମଠାରୁ ହାରିଯାଇଛି। ପୂରା ମ୍ୟାଚରେ ମିଜୋରାମ ଦଳ ଆଧିପତ୍ୟ ବିସ୍ତାର କରି ଗୋଲ ବର୍ଷା କରିଥିଲା। ଜନସନ ଲାଲମପୁଇଆ ୨୯, ୩୧, ୩୩ ଓ ୩୬ତମ ମିନିଟରେ ଏକାକୀ ୪ଟି ଗୋଲ ଦେଇଥିଲେ। ଜ୍ୟାକବ ମାଲସାମସାଙ୍ଗା ୨୪, ୬୭ ଓ ୯୦+୪ ଏବଂ ଅଧିନାୟକ ବେର୍ନଡ ଲାଲଚାନହିମା ୪୫+୨, ୬୧ ଓ ୯୦+୬ ମିନିଟରେ ୩ଟି ଲେଖାଏ ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଆବ୍ରାହାମ ମାଲସାମଲୁଆ ୫୦ ଓ ୫୩ତମ ମିନିଟରେ ୨ଟି ଏବଂ ବଦଳ ଖେଳାଳି ଜାକାରିଆ ଲାଲମାନଜୁଆଲା ୭୭ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ମିଜୋରାମ ଆଗରେ ଓଡ଼ିଶା ପ୍ରଦର୍ଶନ ଅତି ଅସହାୟ ମନେ ହୋଇଥିଲା।

# ଦକ୍ଷିଣ ଆଫ୍ରିକା ଦଳକୁ ଫେରିଲେ ବଭୁମା

ଜୋହାନ୍ସବର୍ଗ, ୨୭।୧୦ (ପି.ଟି.)

ଭାରତ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଅଧିନାୟକ ଟେମ୍ବା ବଭୁମା। ତାଙ୍କ ପେଣ୍ଡାରେ ଆଘାତ ଲାଗିଥିଲା। ଏଥିରୁ ସେ ସୁସ୍ଥ ହୋଇଛନ୍ତି। ନଭେମ୍ବର ୧୪ରୁ ଖେଳାଯିବାକୁଥିବା ଏହି ସିରିଜର ମ୍ୟାଚ ଦୁଇଟି ଗୁଆହାଟୀ

**ଭାରତ ବିପକ୍ଷ ଟେଷ୍ଟ ସିରିଜ**

ଓ କୋଲକାତାରେ ଖେଳାଯିବ। ଆଘାତଜନିତ କାରଣରୁ ନିକଟରେ ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବଭୁମା ଖେଳିପାରି ନ ଥିଲେ। ତାଙ୍କ ଦଳ ଆୟୋଜକ ଦଳ ସହିତ ଡ୍ର ରଖିଥିଲା। ଡେଭିଡ ବେଡିଙ୍ଗହାମ୍‌ଙ୍କୁ ଛାଡ଼ିଦେଲେ ପାକିସ୍ତାନ ବିପକ୍ଷରେ ଖେଳିଥିବା ଦଳର ଅନ୍ୟ ସମସ୍ତ ଖେଳାଳି ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ବେଡିଙ୍ଗହାମ୍‌ଙ୍କ ସ୍ଥାନରେ ବଭୁମା ଦଳରେ ପ୍ରବେଶ କରିଛନ୍ତି। ବଭୁମାଙ୍କ ନେତୃତ୍ୱରେ ତାଙ୍କ ଦଳଗତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲା। ଭାରତ ସିନିୟର ଦଳ ବିପକ୍ଷ ଟେଷ୍ଟ ସିରିଜ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ନଭେମ୍ବର ୨ରୁ ଭାରତ 'ଏ' ବିପକ୍ଷ ସରିଜରେ ବଭୁମା ଦକ୍ଷିଣ ଆଫ୍ରିକା 'ଏ' ଦଳ ତରଫରୁ ଖେଳିବେ।

**ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳ:** ଟେମ୍ବା ବଭୁମା (ଅଧିନାୟକ), ଏଡେନ ମାରକ୍ରମ, ର୍ୟାନ ରିକେଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଇଲ ଭେରେନି, ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, ଟେନି ଡି' ଜୋର୍ଜି, କୋର୍ବିନ ବୋସ୍କ, ୱିଆନ୍ ମୁଲ୍‌ଡର, ମାର୍କୋ ଜାନସେନ, କେଶବ ମହାରାଜ, ନୁରାନ ମୁଥୁସ୍ୱାମି, କିଗିସୋ ରାବାଡା ଓ ସିମନ ହାର୍ମର।

# କରନ୍, ଆରାଧ୍ୟଙ୍କ ଶତକ

ଭୁବନେଶ୍ୱର, ୨୭।୧୦(ତପନ ସ୍ୱାଇଁ)

**ରଣଜୀ ଟ୍ରଫି**

**ବର୍ଷା ଯୋଗୁ ତୃତୀୟ ଦିବସରେ ୪୨ ଓଭର ଖେଳ**

କାନ୍‌ପୁରର ଗ୍ରୀନ୍‌ପାର୍କରେ ଚାଲିଥିବା ଉତ୍ତର ପ୍ରଦେଶ-ଓଡ଼ିଶା ରଣଜୀ ଟ୍ରଫି କ୍ରିକେଟ୍ ମ୍ୟାଚ୍‌ର ତୃତୀୟ ଦିବସ ଖେଳ ବର୍ଷା ଲାଗି ବାଧାପ୍ରାପ୍ତ ହୋଇଛି। ସୋମବାର ଦ୍ୱିତୀୟାର୍ଦ୍ଧରେ ବର୍ଷା ଯୋଗୁ ପୂରା ଦିନରେ ମାତ୍ର ୪୨ ଓଭର ଖେଳ ହୋଇପାରିଛି। ଫଳରେ ଖେଳ ବନ୍ଦ ରହିବା ବେଳକୁ ଉତ୍ତର ପ୍ରଦେଶ ୬ ଉଇକେଟ ହରାଇ ୩୮୦ ରନ୍ ସଂଗ୍ରହ କରିଛି। ଅଧିନାୟକ କରନ୍ ଶର୍ମା ଓ ଆରାଧ୍ୟ ଯାଦବ ଶତକ ହାସଲ କରିଛନ୍ତି। ୪ ଉଇକେଟ ସୁରକ୍ଷିତ ଥିବାବେଳେ ଘରୋଇ ଦଳ ଓଡ଼ିଶା ପ୍ରଥମ ଇନିଂସ୍‌ଠାରୁ ୧୩୭ ରନ୍‌ରେ ଅଗ୍ରଣୀ ରହିଛି। ମଙ୍ଗଳବାର ମ୍ୟାଚ୍‌ର ଶେଷ ଦିବସ। ମ୍ୟାଚ୍ ଡ୍ର' ରହିଲେ ପ୍ରଥମ ଇନିଂସ୍ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶ ୩ ପଏଣ୍ଟ ପାଇବ। ଯଦି ଉତ୍ତର ପ୍ରଦେଶ ସକାଳେ କିମ୍ବା ଅଳ୍ପ କିଛି ଓଭର ଖେଳି ଇନିଂସ ଘୋଷଣା କରେ ତେବେ ଓଡ଼ିଶାକୁ ଦ୍ୱିତୀୟ ଇନିଂସ୍‌ରେ ଅତି ସତର୍କତା ଅବଲମ୍ବନ କରି ଖେଳିବାକୁ ପଡ଼ିବ। ନଚେତ୍ ବରୋଦା ବିପକ୍ଷ ମ୍ୟାଚ୍ ଭଳି ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଲେ ପରାଜୟ ବରଣ ସାର୍ ହେବ।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୬୨/୩ରୁ ଉତ୍ତର ପ୍ରଦେଶ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର କରନ୍ ଓ ଆରାଧ୍ୟ ସତର୍କତାର ସହ ଖେଳି ଶତକ ପୂରଣ କରିଥିଲେ। ୧୯୮ ବଲ୍‌ରୁ ୧୦୧ ରନ୍ କରିବାପରେ ଆରାଧ୍ୟ ରିଟାୟର୍ଡ ହର୍ଟ ହୋଇ ଯାଇଥିଲେ। ୪ର୍ଥ ଉଇକେଟରେ ଦୁହେଁ ୧୯୪ ରନ୍ ଯୋଗକରିଥିଲେ। କରନ୍ ୧୨୧ ରନ୍ କରି ବାଦଲ ବିଶ୍ୱାଳଙ୍କ ବଲ୍‌ରେ ଆଉଟ୍ ହୋଇଥିବାବେଳେ ପ୍ରିୟମ ଗର୍ଗ(୩୧ ରନ୍)ଙ୍କୁ ପାଭିଲିୟନ ପଠାଇଥିଲେ ସୁମିତ୍ ଶର୍ମା। ପ୍ରଶାନ୍ତ ବୀର ମାତ୍ର ୬ ରନ୍ କରି ପାରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ: ୩୮୦/୬(କରନ୍ ଶର୍ମା-୧୨୧, ଆରାଧ୍ୟ ଯାଦବ-୧୦୧, ମାଧବ କୌଶିକ-୬୭, ସମ୍ବିତ ବରାଳ-୩/୫୨, ବାଦଲ ବିଶ୍ୱାଳ-୧/୯୧, ସୁମିତ ଶର୍ମା-୧/୭୮)।

# ଭାରତୀୟ କୁସ୍ତିଯୋଦ୍ଧା ସୁଜିତଙ୍କୁ ସ୍ୱର୍ଣ୍ଣ

ନୋଭି ସାଦ୍, ୨୭।୧୦ (ପି.ଟି.)

ଭାରତୀୟ କୁସ୍ତିଯୋଦ୍ଧା ସୁଜିତ କାଲ୍‌କାଲ୍ ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସୋମବାର ୬୫କେଜି ପୁରୁଷ ଫ୍ରିଷ୍ଟାଇଲ ଟାଇଟଲ ମୁକାବିଲାରେ ସେ ଉଜ୍‌ବେକିସ୍ତାନର ଉମିଦଜନ ଜାଲୋଲୋଭଙ୍କୁ ୧୦-୦ରେ ହରାଇ ଦେଇଛନ୍ତି। ଏହି ମୁକାବିଲା ମାତ୍ର ୪ ମିନିଟ୍ ୫୪ ସେକେଣ୍ଡରେ ଶେଷ ହୋଇଥିଲା। କାଲ୍‌କାଲ୍ ଏହାପୂର୍ବରୁ ଥରେ ହେଲେ ବିଶ୍ୱ ଟାଇଟଲ ଜିତିପାରି ନ ଥିଲେ। ସେ କିନ୍ତୁ ଦୁଇଥର ୨୩ ବର୍ଷରୁ କମ୍ ଏସିଆନ ଟାଇଟଲ (୨୦୨୨ ଓ ୨୦୨୫) ଏବଂ ଥରେ ୨୦ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସୁଚିତ ଗତବର୍ଷ ସମାନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିଥିଲେ। ଏଠାରେ ସେ ମାଲ୍‌ଡୋଭାର ଫିଓଦୋର ସିଭଦାରି (୧୨-୨) ଓ ପୋଲାଣ୍ଡର ଡୋମିନିକ୍ ଜାକୁବ (୧୧-୦)ଙ୍କ ବିପକ୍ଷ ତାଙ୍କ ପ୍ରଥମ ଦୁଇ ବାଉଟ ଟେକ୍‌ନିକାଲ ସୁପରିଅରିଟିରେ ବିଜୟୀ ହୋଇଥିଲେ।

# ଜୁ-ଜିତ୍‌ସୁ ଖେଳାଳି ରୋହିଣୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୭।୧୦

ପ୍ରତିଭାବାନ ଅନ୍ତର୍ଜାତୀୟ ଜୁ-ଜିତସୁ ଖେଳାଳି ଓ କୋଚ୍ ରୋହିଣୀ କଲାମଙ୍କର ରବିବାର ମୃତ୍ୟୁ ଘଟିଛି। ଏହି ଖବର ଭାରତୀୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ଏସିଆନ୍ ଗେମ୍ସରେ ଦେଶର ପ୍ରତିନିଧିତ୍ୱ କରିଥିବା ରୋହିଣୀଙ୍କର ମୃତଦେହ ତାଙ୍କ ବାସଭବନରୁ ଉଦ୍ଧାର କରାଯାଇଛି। ଏହି ଘଟଣା ମଧ୍ୟପ୍ରଦେଶ ରାଜ୍ୟର ଦେୱାସ ଜିଲାରେ ଘଟିଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ପ୍ରାଥମିକ ତଦନ୍ତ ଆତ୍ମହତ୍ୟା ଆଡ଼କୁ ଇଙ୍ଗିତ କରୁଛି। ରୋହିଣୀଙ୍କ ସାନ ଭଉଣୀ ରଶନୀ କଲାମ ପ୍ରଥମେ ରାଧାଗଞ୍ଜସ୍ଥିତ ଅର୍ଜୁନ ନଗର ଘରେ ଭଉଣୀଙ୍କ ମୃତଦେହକୁ ଝୁଲୁଥିବା ଅବସ୍ଥାରେ ଠାବ କରିଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିଲା।



କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମୟରେ ଆଥଲେଟ୍‌ଙ୍କ ମା' ଓ ଭାଇ ଭଉଣୀ ମନ୍ଦିର ଯାଇଥିଲେ। ତାଙ୍କ ବାପା, ଯିଏକି ଜଣେ ଅବସରପ୍ରାପ୍ତ ବ୍ୟାଙ୍କ ନୋଟ ପ୍ରେସ କର୍ମଚାରୀ ଘରଠାରୁ ଦୂରରେ ଥିଲେ। ତେବେ ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ଠାବ ହୋଇ ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ତେବେ ପରିବାର ସଦସ୍ୟଙ୍କ ମୁତାବକ, ସେ ମାର୍ସଲ ଆର୍ଟ୍ସ କୋଚ୍ ଭାବେ ଏକ ବେସରକାରୀ ସ୍କୁଲରେ ଚାକିରି କରୁଥିଲେ। ସେ ତାଙ୍କ ଚାକିରିକୁ ନେଇ ଚିନ୍ତିତ ଥିଲେ ଏବଂ ଏହି କାରଣରୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥାଇପାରନ୍ତି। ୨୦୦୭ରେ ଆଥଲେଟ୍ ଭାବେ ଅଭିଯାନ ଆରମ୍ଭ କରିଥିବା ରୋହିଣୀ ହାଙ୍ଗଝୌଠାରେ ୧୯ ତମ ଏସିଆନ୍ ଗେମ୍ସରେ ଭାରତର ପ୍ରତିନିଧିତ୍ୱ କରିବା ସହ ବର୍ମିଂହାମରେ ଅନୁଷ୍ଠିତ ୱାର୍ଲ୍ଡ ଗେମ୍ସ ଲାଗି ତାଙ୍କୁ ଏକମାତ୍ର ଭାରତୀୟ ଭାବେ ଚୟନ କରାଯାଇଥିଲା।

# ୱେଷ୍ଟଇଣ୍ଡିଜ ବିଜୟୀ

**ଚାଟୋଗ୍ରାମ, ୨୭।୧୦:** ଏଠାରେ ବାଂଲାଦେଶ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌କୁ ୱେଷ୍ଟଇଣ୍ଡିଜ୍ ୧୬ ରନ୍‌ରେ ଜିତି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ୱେଷ୍ଟଇଣ୍ଡିଜ ୧-୦ରେ ଆଗରେ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ବୁଧବାର ସମାନ ଭେନ୍ୟୁରେ ଖେଳାଯିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୬୫ ରନ କରିଥିଲା। ଦଳ ପାଇଁ ଆଲିକ ଆଥାନେଜ ୩୪ ଓ ବ୍ରାଣ୍ଡନ କିଙ୍ଗ ୩୩ ରନ କରିଥିବା ବେଳେ ଅଧିନାୟକ ଶାଇ ହୋପ ୨୮ ବଲରେ ୪୬ ଓ ରବମାନ ପାୱେଲ ୨୮ ବଲରେ ୪୪ ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ଟସ୍କିନ ଅହମଦ ୨ ଉଇକେଟ ନେଇଥିଲେ। ଜବାବରେ ବାଂଲାଦେଶ ୧୯.୪ ଓଭରରେ ୧୪୯ ରନରେ ଅଲଆଉଟ୍ ହୋଇଯାଇଥିଲା।

# ନୀତା ଫୁଟ୍‌ବଲ ଏକାଡେମୀ ବିଜୟୀ

ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)

ନୟାପଲ୍ଲୀର ସିଟି କ୍ଲବ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୫-୦ ଗୋଲରେ ବାଲେଶ୍ୱର ଫୁଟବଲଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୋନାଲି ସୋରେନ ଓ ଇପ୍ସିତା ରାଉତ ୨ଟି ଲେଖାଏ ଏବଂ ଲଳିତା ବୋଇପାଇ ଗୋଟିଏ ଗୋଲ ସ୍କୋର କରିଥିଲେ। ସୋନାଲି ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ଅନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳିମନୀଷା ପାଣ୍ଡା, ଗୀତାଞ୍ଜଳି ଖୁଣ୍ଟିଆ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ରୁଦ୍ର ସାମନ୍ତରାୟ, ଅଶୋକ ମହାନ୍ତି, ମହମ୍ମଦ ସହିଦ ଜବାର, ସୁବ୍ରତ ଦାସ, ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସୋନାଲି ସୋରେନଙ୍କୁ ମନିଷା ପାଣ୍ଡା ପୁରସ୍କୃତ କରିଥିଲେ। ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଖାୱତ ଖାଁ, ଚନ୍ଦ୍ରକାନ୍ତ ବାରିକ, ସୁଶାନ୍ତ ମିଶ୍ର ଏବଂ ଶୋଭାଲିନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଶିବ ଶଙ୍କର ପଣ୍ଡା।



ସୋନାଲି ସୋରେନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଥାର୍ଡ ଆଇ କର୍ପୋରେଟ ଲିଗ୍ ; ଟାଇଟନ୍ସ ଚାମ୍ପିୟନ




ଚାମ୍ପିୟନ ଟାଇଟନ୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)

ଘାଟିକିଆ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ - ୨୦୨୫ରେ ଟାଇଟନ୍ସ ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଟାଇଟନ୍ସ ୭ ଉଇକେଟରେ ସିଡିଏ ଲାୟନ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଲାୟନ୍ସ ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ହରାଇ ୫୮ ରନ କରିଥିଲା। ଜବାବରେ ଟାଇଟନ୍ସ ୪.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସୁଦେଷ୍ଣା ପଣ୍ଡା ମୁଖ୍ୟ ଅତିଥି ଏବଂ ଶ୍ରାବଣୀ ପ୍ରଧାନ, ରାଜୀବ ପଣ୍ଡା, ଦରିଦ୍ର ନାରାୟଣ ନାୟକ ଓ ଜ୍ଞାନଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ଭବାନୀ ଶଙ୍କର ସାହୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟଲାଗି ମୋଟ ୬ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା। ଚାମ୍ପିୟନ ଦଳକୁ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନରଅପ୍ ଦଳକୁ ୮୦ ହଜାର ସହ ଟ୍ରଫି ଏବଂ ପ୍ରତି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ବୋଲରଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।

# ଭୁବନେଶ୍ୱର 'ବି', ସୁନ୍ଦରଗଡ଼ର ବୃହତ୍ ବିଜୟ

ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ଗ୍ରାଉଣ୍ଡରେ ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୮ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥି ମଧ୍ୟରେ ଭୁବନେଶ୍ୱର 'ବି', ପୁରୀ, ସୁନ୍ଦରଗଡ଼ ଓ କିଟ୍ ଦଳ ବୃହତ୍ ବିଜୟ ହାସଲ କରିଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ବି' ୮ ଉଇକେଟରେ ସମ୍ବଲପୁର 'ବି' ଦଳକୁ ପରାସ୍ତ କରିଛି। ଅଧିନାୟକ ମୃତ୍ୟୁଞ୍ଜୟ ରାୟ (୪.୫-୦-୨୨-୪) ଚମତ୍କାର ବୋଲିଂ କରି ସମ୍ବଲପୁର 'ବି' ଦଳକୁ ୬୬ ରନରେ ଅଲ୍‌ଆଉଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମିଧାଂଶୁ ଦାସ ୩ଟି ଉଇକେଟ ନେଇଥିଲେ। ୬୭ ରନର ବିଜୟ ଲକ୍ଷ୍ୟକୁ ଭୁବନେଶ୍ୱର 'ବି' ୧୨.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ମୃତ୍ୟୁଞ୍ଜୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ନିମପୁର କ୍ରିକେଟ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୨୮୫ ରନରେ ଗଜପତିକୁ ହରାଇ ଦେଇଛି। ସୁନ୍ଦରଗଡ଼ ୫୦ ଓଭରରେ ୮ ଉଇକେଟ ହରାଇ ୩୩୪ ରନ କରିଥିଲା। ଜବାବରେ ଗଜପତି ମାତ୍ର ୪୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ୩ ଓଭରରେ ମାତ୍ର ୮ ରନ ଦେଇ ୪ଟି ଉଇକେଟ ନେଇଥିବା ଅଜୟ ମାହାତୋ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ମୂଳାପଡ଼ିଆରେ ପୁରୀ ୮ ଉଇକେଟରେ ନୟାଗଡ଼କୁ ଏବଂ ରେଭେନ୍‌ଶା ଗ୍ରାଉଣ୍ଡ-୨ରେ କିଟ୍ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୧୩୪ ରନରେ ସମ୍ବଲପୁର 'ଏ' ଦଳକୁ ହରାଇ ଦେଇଛି। କିଟ୍ ୯ ଉଇକେଟ ହରାଇ ୨୨୯ ରନ କରିଥିବାବେଳେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ସମ୍ବଲପୁର 'ଏ' ସମ୍ମୁଖରେ ୪୩ ଓଭରରେ ୨୨୦ ରନ ଟାର୍ଗେଟ ରଖା ଯାଇଥିଲା। ମାତ୍ର ସମ୍ବଲପୁର 'ଏ' ୮୫ ରନରେ ସମସ୍ତ ଉଇକେଟ ହରାଇଥିଲା। ପୁରୀର ରୁଦ୍ର ନାରାୟଣ ବେହେରା (୫-୪-୮-୨) ଏବଂ କିଟ୍‌ର ସାଇ ସାର୍ଥକ ସାହୁ (୬-୩-୨୪-୪) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ସନ୍‌ସାଇନ୍ ଗ୍ରାଉଣ୍ଡରେ ମୟୂରଭଞ୍ଜକୁ ନବରଙ୍ଗପୁର, ହାଇଟେକ୍ ପଡ଼ିଆରେ କନ୍ଧମାଳକୁ ସୋନପୁର, ଜଟଣୀ ରେଲୱେ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ାକୁ କଟକ 'ବି' ଏବଂ ଅଡଶପୁର ପଡ଼ିଆରେ କଳାହାଣ୍ଡିକୁ ରାୟଗଡ଼ା ପରାସ୍ତ କରିଛି। ଏହି ସବୁ ମ୍ୟାଚ୍‌ରେ ପଙ୍କଜ ଶତନାମି, ଅନୁଜ ଯାଦବ, ପ୍ରୀତିଶ୍ ମିଶ୍ର ଓ ମନୋହର ରାଓ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। କେନ୍ଦୁଝର-ଢେଙ୍କାନାଳ ମ୍ୟାଚ ବାତିଲ ହୋଇଛି।



ମୃତ୍ୟୁଞ୍ଜୟ ରାୟ



ରୁଦ୍ର ନାରାୟଣ ବେହେରା



ସାଇ ସାର୍ଥକ ସାହୁ

# ଗୃହଲକ୍ଷ୍ମୀରୁ ଧନଲକ୍ଷ୍ମୀ...

**ଅଧିକାଂଶ ମହିଳା ଭଲ ରୋଜଗାର କରିବା ସତ୍ତ୍ୱେ ତାଙ୍କର ଫାଇନାନ୍ସ ଉପରେ ଏତେଟା ଜ୍ଞାନ ନ ଥାଏ। ପ୍ରକୃତରେ ଏହାର କାରଣ କ'ଣ ହୋଇପାରେ? ବିଶ୍ୱର ଅନେକ ବିଶେଷଜ୍ଞଙ୍କ ମତରେ ଧନୀ ତାଲିକାରେ ପ୍ରାୟତଃ ମହିଳାଙ୍କ ନାମ ଆସେନାହିଁ। ଏହି ବିଷୟ ଉପରେ ମନୋବିଜ୍ଞାନୀ, କର୍ପୋରେଟ୍ କୋଚ୍, ମୋଟିଭେଶନାଲ ସ୍ପିକର ଏବଂ ବେଷ୍ଟ ସେଲିଂ ରାଇଟରଙ୍କ ସୂଚୀରେ ଥିବା ଡ. ଲୋଇସ୍ ପି. ଫ୍ରାଙ୍କେଲ ନିଜର ପୁସ୍ତକ 'ନାଇସ୍ ଗର୍ଲସ ଡୁ ନଟ୍ ଗେଟ୍ ରିଚ୍'ରେ ଏହା ଉଲ୍ଲେଖ କରିଛନ୍ତି। ଯଦି ଆପଣ ଜଣେ ଗୃହଲକ୍ଷ୍ମୀ ସାଙ୍ଗକୁ ଧନଲକ୍ଷ୍ମୀ ହେବାକୁ ଚାହାନ୍ତି ତେବେ କେତୋଟି କଥାକୁ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। କିଛି ବିଶେଷ କଥାକୁ ଧ୍ୟାନରେ ରଖନ୍ତୁ...**





ଫାଇନାନ୍ସର ବିତ୍ତୀୟ ଶିକ୍ଷା କମ୍ କାରଣରୁ ମହିଳାମାନଙ୍କ ଆର୍ଥିକ କ୍ଷେତ୍ରରେ ଉନ୍ନତିରେ ବାଧା ଉପୁଜୁଛି। ସେ ଆପଣ କର୍ମଜୀବୀ ହୁଅନ୍ତୁ କି ଗୃହିଣୀ ବିତ୍ତୀୟ ପ୍ରଶିକ୍ଷଣ ବି ନେବା ନିହାତି ଜରୁରୀ। ତାଙ୍କୁ ଘରର ସବୁ ଦାୟିତ୍ୱ ପୂରା କରିବାରେ ସକ୍ଷମ ହେବାର ପୂରା ମଉକା ମିଳିବା ଆବଶ୍ୟକ। ସେ ପରିବାରର ସବୁ ଫାଇନାନ୍ସିଆଲ୍ ନିଷ୍ପତ୍ତି ନେବା ଆବଶ୍ୟକ। ଫଳରେ ସମୟ ପଡ଼ିଲେ ପିଲାଙ୍କ ପାଠପଢ଼ା, ବିବାହ, ଘର କିଣିବା କିମ୍ବା ଘର ନିର୍ମାଣ କରିବା ଭଳି କାମରେ ଦାୟିତ୍ୱ ନେଇପାରିବେ। ଯେଉଁ ବିତ୍ତୀୟ ମାମଲା ମହିଳାମାନେ ବୁଝନ୍ତିନି, ଏହାକୁ ସେ କୌଣସି ଅନୁଭବୀ ଜାଣିଥିବା ବ୍ୟକ୍ତିଙ୍କଠାରୁ ଶିଖିପାରିବେ।

**ନିବେଶ ଆରମ୍ଭ କରନ୍ତୁ**

ଯଦିଓ ଆପଣ କର୍ମଜୀବୀ ନ ହୋଇ ଗୃହିଣୀ, ତେବେ ନିହାତି ଜାଣିବା ଆବଶ୍ୟକ ଯେ ଆପଣଙ୍କ ପରିବାରର ଆୟ କେତେ। ଏହା ସହ ପରିବାରର ଇନ୍ସ୍ୟୁରାନ୍ସ କଭରେଜ୍, ବ୍ୟାଙ୍କିଙ୍ଗ୍, ଅଚଳ ସମ୍ପତ୍ତି ଆଦିର ହିସାବ ରଖିବା ଆବଶ୍ୟକ। ଅଧିକ ସମୟ ପର୍ଯ୍ୟନ୍ତ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆରମ୍ଭ କରନ୍ତୁ। ଫିକ୍ସ ଡିପୋଜିଟ୍, ଆର୍‌ଡି ଆଦିରେ ନିବେଶ କରି ଏକ ଏମର୍ଜେନ୍ସି ଫଣ୍ଡ ବି ପ୍ରସ୍ତୁତ କରନ୍ତୁ। ନିଜର ପର୍ଯ୍ୟାପ୍ତ ହେଲ୍‌ଥ କଭର ନିହାତି ନିଅନ୍ତୁ। ନିବେଶ ଆରମ୍ଭ କରିବା ଲାଗି ଠିକ୍ ସମୟକୁ ଅପେକ୍ଷା କରନ୍ତୁ ନାହିଁ। ଯାହା କରିବା କଥା ତୁରନ୍ତ ଆରମ୍ଭ କରନ୍ତୁ ଏବଂ ଚକ୍ରବୃଦ୍ଧି ସୁଧର ଲାଭ ଉଠାନ୍ତୁ। କୌଣସି ନିବେଶ ପ୍ଲାଟ୍‌ଫର୍ମରେ ଜଡ଼ିତ ରୁହନ୍ତୁ।

**ସଞ୍ଚୟ ସହ ଖର୍ଚ୍ଚରେ ନିୟନ୍ତ୍ରଣ ରଖନ୍ତୁ**

ସମୃଦ୍ଧ ହେବାକୁ ହେଲେ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ନିହାତି ଆବଶ୍ୟକ। ଇମୋସନାଲ୍ ହୋଇ କେବେ ଟଙ୍କା ଅଧିକ ଖର୍ଚ୍ଚ ନ କରିବା ଆବଶ୍ୟକ। ସଞ୍ଚୟ କ୍ଷେତ୍ରରେ ବହୁତ ଅନୁସାଶିତ ହେବା ଆବଶ୍ୟକ। ଟଙ୍କା ହାତକୁ ଆସିଲେ ପ୍ରଥମେ ସେଭିଂ ଟଙ୍କା ଅଲଗା କାଢ଼ି ରଖିବା ବେଳେ ବାକି ଟଙ୍କା ଖର୍ଚ୍ଚ କରିପାରିବେ। ଆପଣ କେତେ ଟଙ୍କା ସେଭିଂ କରୁଛନ୍ତି ଏହା ଆପଣଙ୍କ ଇନ୍‌କମ୍‌ରୁ ଅଧିକ ସେଭିଂର ଅଭ୍ୟାସ ନିର୍ଭର କରିଥାଏ। ଫାଇନାନ୍ସକୁ ମ୍ୟାନେଜ୍ କରିବାକୁ ହେଲେ ନିଜର ଫାଇନାନ୍ସିଆଲ ଗୋଲ୍ ପ୍ରସ୍ତୁତ କରିବା ନିହାତି ଜରୁରୀ। ନିଜ ଟଙ୍କାକୁ ଅର୍ଥ କମାଇବାରେ ଲଗାନ୍ତୁ। ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ, ଘରୋଇ ଉପକରଣ କିମ୍ବା ଗ୍ୟାଜେଟ୍ସ ଆଦି କିଣିବାରେ ଅର୍ଥରେ ନିୟନ୍ତ୍ରଣ ରଖନ୍ତୁ।

**ଇନ୍ସ୍ୟୁରାନ୍ସ କଭର ନିହାତି ନିଅନ୍ତୁ**

ମହିଳା ସେ ଗୃହିଣୀ ହୁଅନ୍ତୁ କି କର୍ମଜୀବୀ କିମ୍ବା ତାଙ୍କର ନିଜସ୍ୱ କିଛି ବିଜ୍‌ନେସ୍ ବି ଥିଲେ, ଟର୍ମ ଇନ୍ସ୍ୟୁରାନ୍ସ ପ୍ଲାନ୍ ତାଙ୍କ ପାଇଁ ବହୁ ମହତ୍ତ୍ୱପୂର୍ଣ୍ଣ। ଏହାଦ୍ୱାରା ତାଙ୍କୁ ମେଡିକାଲ ଏମର୍ଜେନ୍ସି ସମୟରେ ଟଙ୍କାର ସମସ୍ୟା ଦେଖା ଦେଇ ନ ପାରେ। ଏହା ବ୍ୟତୀତ ତାଙ୍କୁ ଗ୍ୟାରେଣ୍ଟେଡ୍ ରିଟର୍ନ ପ୍ଲାନ୍‌ରେ ନିବେଶ କରିବା ଆବଶ୍ୟକ, ଯାହା ଫିକ୍ସ ରିଟର୍ନ ଦେଇଥାଏ।

**ରିଟାୟାରମେଣ୍ଟର ପ୍ଲାନିଂ କରନ୍ତୁ**

ମହିଳାଙ୍କୁ ରିଟାୟାରମେଣ୍ଟ ଭଳି ଲମ୍ବା ଅବଧି ବିଶିଷ୍ଟ ଲକ୍ଷ୍ୟ ପୂରଣ ଲାଗି ଯୋଜନା କରିବା ଆବଶ୍ୟକ। ଜଲ୍‌ଦି ନିବେଶ ଆରମ୍ଭ କରି ରିଟାୟାରମେଣ୍ଟ ଫଣ୍ଡରେ ନିୟମିତ ନିବେଶ କରନ୍ତୁ। ଏହା ବି ଧ୍ୟାନ ରଖନ୍ତୁ ମହଙ୍ଗା ଏବଂ ଭବିଷ୍ୟତରେ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବାକୁ ଟଙ୍କା କେଉଁଠୁ ଆସିବ ? ଏହି ଦୁଇଟି ଜିନିଷକୁ ପ୍ରାଥମିକତା ଦେଇ ମହିଳାମାନେ ରିଟାୟାରମେଣ୍ଟ ପରେ ଭଲ ଲାଇଫ୍‌ଷ୍ଟାଇଲ୍ ମେଣ୍ଟେନ କରିପାରିବେ।

**ଠିକ୍ ପ୍ଲାନିଂ କରନ୍ତୁ**

ବିତ୍ତୀୟ ପ୍ଲାନ୍‌କୁ ସଫଳ କରିବାକୁ ହେଲେ ପ୍ଲାନିଂ ଏବଂ ଚିନ୍ତନ ବହୁତ ଜରୁରୀ। ଏଥିପାଇଁ କୌଣସି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଜରୁରୀ ହେଉଛି ପ୍ରତ୍ୟେକ ଦିନ ଛୋଟ ଲକ୍ଷ୍ୟ ନିଶ୍ଚିତ ସାଧନ କରନ୍ତୁ।

## ଏମାନେ କ'ଣ କରନ୍ତି

### ହେଲ୍‌ଥ ପ୍ଲାନ୍ ନେଇଛି



ଜୀବନରେ କିଛି କହିହେବନି କେତେବେଳେ କ'ଣ ଘଟିଯିବ। ଏଥିପାଇଁ ମୁଁ ଗୋଟିଏ ହେଲ୍‌ଥ ପ୍ଲାନ୍ ନେଇଛି, ଯାହା ମୋତେ ସ୍ୱାସ୍ଥ୍ୟକ୍ଷେତ୍ରରେ ସାହାଯ୍ୟ କରିବ। ଏହା ବ୍ୟତୀତ କିଛି ଟଙ୍କା ଫିକ୍ସ ଡିପୋଜିଟ୍ କରିଛି ଯାହା ଆମ ଘରର କୌଣସି ଫାଇନାନ୍ସିଆଲ ପରିସ୍ଥିତିରେ ନିଶ୍ଚିତ ସାହାଯ୍ୟ କରିବ।

*–**ରୀତା ମିଶ୍ର,** ଗୃହିଣୀ, କଟକ*

### ସଞ୍ଚୟର ନିହାତି ଆବଶ୍ୟକତା ରହିଛି



ଆଜିର ସମୟରେ ସଞ୍ଚୟ ନିହାତି ଆବଶ୍ୟକ। କାରଣ ଟଙ୍କା ଖାଲି ଘରେ ରଖିଦେଲେ ହେବନି। କାରଣ ଟଙ୍କା ହାତରେ ରହିଲେ ଖର୍ଚ୍ଚ ହୋଇଯାଏ। ଏହାକୁ ବ୍ୟାଙ୍କରେ ମ୍ୟୁଚୁଆଲ ଫଣ୍ଡରେ କିମ୍ବା ଅନ୍ୟ କୌଣସି ଥିରେ ନିବେଶକରିବା ନିହାତି ଆବଶ୍ୟକ। ମୁଁ ଟଙ୍କା ଠିକ୍ ସ୍ଥାନରେ ନିବେଶ କରୁଛି, ଯାହାର ଫଳ ସ୍ୱରୂପ ମୋତେ କିଛିଟା ଫାଇନାନ୍ସିଆଲ୍ ସପୋର୍ଟ ମିଳିବ ମୋର ରିଟାୟରମେଣ୍ଟ ପରେ।

*–**ସଂଘମିତ୍ରା ମହାନ୍ତି,** କ୍ଲିନିକାଲ ସାଇକୋଲୋଜିଷ୍ଟ, କଟକ*







## ଲେଖାଲେଖିରୁ ଆତ୍ମତୃପ୍ତି ମିଳିଛି



**ଇଏ ବି ଜଣେ ନାରୀ**

**ସୁକାନ୍ତି ପ୍ରଧାନ**

ପରିଣତ ବୟସରେ ପହଞ୍ଚିଥିଲେ ବି ସାରସ୍ୱତ ସାଧନା ଏବେ ମଧ୍ୟ ଜାରି ରଖିଛନ୍ତି। ସମୟ ମିଳିଲେ ମନର ପରିଭାଷାକୁ ସେ ଗପ କିମ୍ବା କବିତା ମାଧ୍ୟମରେ ପରିପ୍ରକାଶ କରିବାକୁ ବସିପଡ଼ନ୍ତି। ଆଉ ଏଥିରୁ ତାଙ୍କୁ ବେଶ୍ ଆନନ୍ଦ ମିଳିଥାଏ। ଲେଖାଲେଖି ସହ ଜଡ଼ିତ ଏହି ମହିଳା ଜଣକ ହେଉଛନ୍ତି ସୁକାନ୍ତି ପ୍ରଧାନ। ଶିକ୍ଷାଗତ ଯୋଗ୍ୟତା ମାତ୍ର ମାଇନର ପାସ୍। ହେଲେ ପିଲାଟି ଦିନରୁ ଲେଖାଲେଖି ପ୍ରତି ତାଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ସ୍କୁଲରେ ପଢ଼ିବା ବେଳୁ ସେ ଏହା ସହ ଜଡ଼ିତ। ନିଜର ସାରସ୍ୱତ ଜୀବନ ବିଷୟରେ ଭୁବନେଶ୍ୱରରେ ରହୁଥିବା ସୁକାନ୍ତି କହନ୍ତି, ''ମୋତେ ଏବେ ୭୬ବର୍ଷ ବୟସ ହେଲାଣି। ହେଲେ ପିଲାଟି ଦିନରୁ ମୋ ମନରେ ଜାଗ୍ରତ ହୋଇଥିବା ଲେଖାଲେଖିର ନିଶା ଏ ପର୍ଯ୍ୟନ୍ତ ଉତୁରି ନାହିଁ। ଏ ବୟସରେ ଗପ କିମ୍ବା କବିତାଟିଏ ନ ଲେଖିଲେ ମୋତେ ଯେମିତି ସବୁ କିଛି ଅଧା ଅଧା ଲାଗିଥାଏ। ଏଥିରୁ ମୋତେ କେତେ ଆତ୍ମତୃପ୍ତି ମିଳିଛି ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ଜନ୍ମସ୍ଥାନ ଦିଗପହଣ୍ଡିରେ ପାଠପଢ଼ା ବେଳେ ଏକଦା ମୋ ମନରେ ଗପ, କବିତା ଲେଖିବାକୁ ଆଗ୍ରହ ପ୍ରକାଶ ପାଇଲା। ନିଜ ମନର ପରିଭାଷାକୁ ଏଥିରେ ପ୍ରକାଶ କରିବା ଏବଂ ସେଗୁଡ଼ିକ ପାଠକାଦୃତ ହେବା ମୋ ଲେଖାଲେଖି ନିଶାକୁ ଆହୁରି ବଢ଼ାଇ ଦେଇଥିଲା। ଏବେ ଯେଉଁ ଗପ, କବିତା ଲେଖୁଛି ସେଥିରେ ସାମ୍ପ୍ରତିକ ଘଟଣାକୁ ମୁଁ ସବୁବେଳେ ପ୍ରାଥମିକତା ଦେଇଥାଏ।'' ଲେଖାଲେଖି ପାଇଁ ସୁକାନ୍ତି ସାଉଁଟିଛନ୍ତି ଅନେକ ପୁରସ୍କାର ଆଉ ପ୍ରଶଂସା।

## ଚମକିବ ଠାକୁରଘର

ଲୋକମାନେ ନିଜ ଘରର ସବୁ କୋଣ ଅନୁକୋଣ ସଫା କରିବାରେ ଲାଗିଯାନ୍ତି। ହେଲେ ଏହି ସଫାରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଭାଗ ହେଉଛି ପୂଜାଘର। କାହିଁକି ନା ଏହାକୁ ଘରର ସବୁଠାରୁ ପବିତ୍ର ସ୍ଥାନ ବୋଲି ମାନିଥାନ୍ତି। ପୂଜା ଘରର ଭଗବାନ୍‌ଙ୍କ ମୂର୍ତ୍ତିକୁ ନିୟମିତ ସଫା ରଖିବା ବହୁ ଜରୁରୀ। ଅଲଗା ଅଲଗା ଧାତୁ ଏବଂ ପଥରର ମୂର୍ତ୍ତିକୁ ସଫା କରିବା ଲାଗି ଉପାୟ ଅଲଗା ହୋଇଥାଏ। ଆସନ୍ତୁ, ଜାଣିବା ମୂର୍ତ୍ତିଗୁଡ଼ିକୁ କିପରି ଚମକାଇବେ ସେ ନେଇ ନିମ୍ନୋକ୍ତ ଟିପ୍ସଗୁଡ଼ିକୁ ଆପଣେଇ ପାରନ୍ତି।

★ପିତ୍ତଳ ମୂର୍ତ୍ତି ସମୟ ସହ କଳା ପଡ଼ିଯାଏ। ଏହା ଧୀରେ ଧୀରେ ନିଜର ଚମକ ହରାଇବସେ। ଏହାକୁ ସଫା କରିବାକୁ ହେଲେ ଲେମ୍ବୁ ଏବଂ ଲୁଣର ମିଶ୍ରଣ ସବୁଠାରୁ ପ୍ରଭାବୀ ଉପାୟ। ଲେମ୍ବୁରସରେ ଅଳ୍ପ ଲୁଣ ମିଶାଇ ମୂର୍ତ୍ତି ଉପରେ ହାଲୁକା ହାତରେ ରଗଡ଼ିବା ପରେ ନଖ ଉଷୁମ ପାଣିରେ ଧୋଇ ମୁଲାୟମ କପଡ଼ାରେ ପୋଛିଦିଅନ୍ତୁ। ଏହାଦ୍ୱାରା ମୂର୍ତ୍ତି ସଫା ଏବଂ ଚମକଦାର ଦେଖାଯିବ। ବେକିଂ ସୋଡ଼ା ଏବଂ ସିର୍‌କା ଘୋଳ ଦ୍ୱାରା ପିତ୍ତଳ ମୂର୍ତ୍ତି ସଫା କରାଯାଇପାରିବ। ଏଥିପାଇଁ ବେକିଂ ସୋଡ଼ା ଏବଂ ସିର୍‌କାର ଘୋଳ କିଛି ସମୟ ମୂର୍ତ୍ତି ଉପରେ ଲଗାଇ ଛାଡ଼ିଦିଅନ୍ତୁ। ପୁଣି ଏହାକୁ ଧୋଇଦିଅନ୍ତୁ, ଫଳରେ ମୂର୍ତ୍ତି ନୂଆ ପରି ଦେଖାଯିବ।

★ମାର୍ବଲ କିମ୍ବା ଶଙ୍ଖମର୍ମର ମୂର୍ତ୍ତି ବହୁ କୋମଳ ହୋଇଥାଏ। ଏହାକୁ ସଫା କରିବା ସମୟରେ କୌଣସି କେମିକାଲ ବ୍ୟବହାର କରନ୍ତୁ ନାହିଁ। ନଖ ଉଷୁମପାଣିରେ ଅଳ୍ପ ଡିସ୍‌ୱାଶ୍ ପକାଇ ତାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ନରମ କପଡ଼ା ସାହାଯ୍ୟରେ ହାତରେ ମୂର୍ତ୍ତିକୁ ପୋଛନ୍ତୁ। ଏହାପରେ ସଫା ପାଣିରେ ମୂର୍ତ୍ତିକୁ ପୋଛି ଶୁଖିଲା କପଡ଼ାରେ ପୋଛିଦିଅନ୍ତୁ। ଧ୍ୟାନ ରଖନ୍ତୁ ଯେ ଏଥିରେ କେବେହେଲେ ଟାଣୁଆ ଜିନିଷ ସାହାଯ୍ୟରେ ରଗଡ଼ନ୍ତୁ ନାହିଁ।

★ରୁପାର କୌଣସି ମୂର୍ତ୍ତି ସମୟ ସହ କଳା ପଡ଼ିଯାଏ। ଏହାକୁ ସଫା କରିବାକୁ ହେଲେ ଟୁଥ୍‌ପେଷ୍ଟ ସବୁଠାରୁ ସହଜ ଉପାୟ। ଏକ ମୁଲାୟମ ବ୍ରଶ୍ ଉପରେ ଅଳ୍ପ ଟୁଥ୍‌ପେଷ୍ଟ ନେଇ ମୂର୍ତ୍ତିକୁ ଧୀରେ ଧୀରେ ରଗଡ଼ନ୍ତୁ। ଏହାକୁ ପୁଣି ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଯଦି ମୂର୍ତ୍ତି ଅଧିକ କଳା ପଡ଼ିଯାଇଛି ତେବେ ବେକିଂ ସୋଡ଼ା ଏବଂ ପାଣିର ମିଶ୍ରଣ ନେଇ ତାକୁ ଭଲଭାବେ ରଗଡ଼ନ୍ତୁ। ଏହାଦ୍ୱାରା ମୂର୍ତ୍ତିଗୁଡ଼ିକ ଚମକିବ।



★କାଚ ଏବଂ କ୍ରିଷ୍ଟାଲ ମୂର୍ତ୍ତି ସଫା କରିବା ବହୁ କଷ୍ଟକର ହୋଇଥାଏ। ଏହାକୁ କେବଳ ଓଦା କପଡ଼ା ଦ୍ୱାରା ପୋଛନ୍ତୁ। ପୁଣି ସଫା କପଡ଼ା ଦ୍ୱାରା ଶୁଖାଇ ଦିଅନ୍ତୁ। ଆପଣ ଚାହିଁଲେ ଓଦା ଟିସୁ ପେପରର ସହାୟତା ନେଇପାରନ୍ତି।

ଫ୍ୟାଶନ

## ଟ୍ରେଣ୍ଡି କଲେକ୍ସନ



**ବାର୍ଥ ଡେ ହେଉ କି କୌଣସି ମ୍ୟାରେଜ୍ ଫଙ୍କ୍ସନ ଆପଣ ଏମିତି କିଛି ଆଉଟ୍‌ଫିଟ୍ ପରିଧାନ କରନ୍ତୁ ଯେମିତି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବେ। ଏପରି କିଛି ଟ୍ରେଣ୍ଡି ଆଉଟ୍‌ଫିଟ୍ ବିଷୟରେ ସୂଚନା ଦେଉଛୁ ଯାହା ଆପଣଙ୍କୁ ବହୁ ଆକର୍ଷଣୀୟ କରିପାରେ......**

❖ବର୍ତ୍ତମାନ ଟ୍ରେଣ୍ଡରେ ସରାରା ଡ୍ରେସେସ୍ ଟ୍ରେଣ୍ଡ ଚାଲିଛି। ଏହି ଡ୍ରେସ୍ ୮୦ଦଶକରେ ପଞ୍ଜାବ ଏବଂ ଉତ୍ତର ଭାରତରେ ଲୋକପ୍ରିୟ ଥିଲା। ଏବେ ଏହା ଫ୍ୟାଶନରେ ରହିଛି। ଏହାର ଆକର୍ଷଣୀୟ ଡିଜାଇନ ଏବଂ ରଙ୍ଗ ମହିଳାଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ହୋଇ ରହିଛି।

❖ବର୍ତ୍ତମାନ ମହିଳାମାନଙ୍କର ଅନାରକଲୀ ଡ୍ରେସ୍‌ର ପ୍ରଚଳନ ଜୋର୍‌ରେ ଚାଲିଛି। ଏହା ଏକ ପାରମ୍ପରିକ ଲୁକ୍ ଏବଂ ମହିଳାଙ୍କୁ ଏଥିପାଇଁ ବହୁ ପସନ୍ଦ ଆସିଥାଏ ଯେ ଏହାକୁ କୌଣସି ଅକେଜନ୍ ପାଇଁ ବହୁତ ଭଲ ମାନିଥାଏ।

❖ଏବେ ରେଡିମେଡ୍ ଶାଢ଼ିର ବହୁତ ଚାହିଦା ରହିଛି। ଏହା ପିନ୍ଧିବା ଲାଗି ବହୁତ ସହଜ ହୋଇଥାଏ। ଫଳରେ ଏହାକୁ ପିନ୍ଧିଲେ କୌଣସି ଅସୁବିଧା ହୁଏନାହିଁ। ଏହା ସାଧାରଣ ଶାଢ଼ିଠାରୁ ଟିକେ ଅଲଗା। ଏହାର ଓଜନ ହାଲ୍‌କା ହୋଇଥିବା ବେଳେ କୌଣସି ପାର୍ଟି ଅବସର ପାଇଁ ଏକ୍‌ଦମ୍ ଫିଟ୍।

❖କୌଣସି ବି ଅକେଜନ୍‌ରେ ଲଙ୍ଗ୍ ଗାଉନ୍ ପିନ୍ଧିବା ଏବଂ ସମ୍ଭାଳିବା ବହୁ ଆରାମଦାୟକ ହୋଇଥାଏ। କେତେକେ ଏହାକୁ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଏହି ଡ୍ରେସ୍ ସବୁବେଳେ ମହିଳାଙ୍କ ପସନ୍ଦ ଲିଷ୍ଟରେ ରହିଛି।



## ସ୍ପେଶାଲ ପେଡ଼ା

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ:** ୧ଲିଟର କ୍ଷୀର, ଅଧା କପ୍ ଚିନି, ୧ ଚାମଚ ଇଲାଇଚ୍ ପାଉଡ଼ର, ୩/୪ ଚାମଚ ମିଲ୍କ ପାଉଡ଼ର, ୧–୨ ବୁନ୍ଦା ହଳଦିଆ ରଙ୍ଗ, ଆବଶ୍ୟକତା ଅନୁସାରେ ଖୁଆ ଗାର୍ନିସିଂ ପାଇଁ ବାଦାମ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍ ଚୁଲା ଅନ୍ କରନ୍ତୁ। ଏବେ ସେଥିରେ କ୍ଷୀର ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଏବେ କ୍ଷୀରକୁ ଗାଢ଼ା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ। ବର୍ତ୍ତମାନ ଏଥିରେ ଚିନି ମିଶାଇ ଚଲାନ୍ତୁ। ଯେତେବେଳେ ଦେଖିବେ ଚିନି ପୂରା କ୍ଷୀରରେ ମିଶିଗଲାଣି ସେତେବେଳେ ଏଥିରେ ମିଲ୍କ ପାଉଡ଼ର ପକାଇ ଭଲଭାବେ ଗାଢ଼ା ହେବାକୁ ଦିଅନ୍ତୁ। ଯେତେବେଳେ ମିଶ୍ରଣ ଗାଢ଼ା ହୋଇଯିବ ଏଥିରେ ହଳଦିଆ ରଙ୍ଗ ପକାନ୍ତୁ। ଏବେ ହାତରେ କିଛି ଘିଅ ନେଇ ଏହି ମିଶ୍ରଣକୁ ପେଡ଼ା ଆକାର ଦିଅନ୍ତୁ। ଏବେ ଏହା ଉପରେ ବାଦାମକୁ କାଟି ତା' ଉପରେ ଗାର୍ନିସିଂ କରନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଟେଷ୍ଟି ପେଡ଼ା।



ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୮/୨୦୨୫ Bhubaneswar, Tuesday, October 28/ 2025

# ପ୍ରତୀକା ବାଦ୍, ଶେଫାଳୀ ସାମିଲ


ସାଥୀ ଖେଳାଳିଙ୍କ ଗହଣରେ ଆହତ ପ୍ରତୀକା ରାୱଲ।


ଶେଫାଳୀ ବର୍ମା

**ନବୀ ମୁମ୍ବାଇ, ୨୭।୧୦(ପି.ଟି.)**

ଆସନ୍ତା ଗୁରୁବାର ମହିଳା କ୍ରିକେଟ୍ ବିଶ୍ୱକପ୍ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବାକୁ ଯାଉଥିବା ଭାରତୀୟ ଦଳକୁ ସୋମବାର ଶକ୍ତ ଧକ୍କା ଲାଗିଛି। ଫର୍ମରେ ଥିବା ଦଳୀୟ ଓପନର ପ୍ରତୀକା ରାୱଲ ଆହତ ସମସ୍ୟା କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଗତ ରବିବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଫିଲ୍ଡିଂ କଲା ବେଳେ ତାଙ୍କ ଆଣ୍ଠୁ ଓ ଆଙ୍କେଲରେ ଆଘାତ ଲାଗିଥିଲା। ତାଙ୍କ ବଦଳରେ ବିସ୍ଫୋରକ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ପୂର୍ବରୁ ବିଶ୍ୱକପ୍ ଲାଗି ଘୋଷିତ ଦଳରେ ଶେଫାଳୀଙ୍କୁ ସାମିଲ କରାଯାଇନଥିଲା। ଏପରିକି ରିଜର୍ଭ ଖେଳାଳଙ୍କ ତାଲିକାରୁ ମଧ୍ୟ ତାଙ୍କ ନାମ ବାଦ୍ ପଡ଼ିଥିଲା। ତେବେ ସେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳରେ ଯୋଗ ଦେବେ ଏବଂ ମ୍ୟାଚ୍ ଲାଗି ଉପଲବ୍ଧ ରହିବେ। ସେ ଅନ୍ତିମ ଥର ଭାରତ ପାଇଁ ୨୦୨୪ ଅକ୍ଟୋବରରେ ଦିନିକିଆ ମ୍ୟାଚ୍ ଖେଳିଥିଲେ। ହେଲେ ୨୧ ବର୍ଷୀୟା ଶେଫାଳୀ ଭାରତ-ଏ' ଲାଗି ଅଷ୍ଟ୍ରେଲିଆ ଏ' ବିପକ୍ଷ ଦିନିକିଆରେ ଭଲ ପ୍ରଦର୍ଶନ କରିଥିଲେ।

ପ୍ରତୀକା ଯେଉଁଭଳି ପଡ଼ିଲେ, ସେଥିରୁ ସେ ନକ୍‌ଆଉଟ୍ ମ୍ୟାଚ୍ ଲାଗି ଉପଲବ୍ଧ ହେବେ ନାହିଁ ସ୍ପଷ୍ଟ ହୋଇଯାଇଥିଲା ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି। ମ୍ୟାଚ୍‌ର ୨୧ତମ ଓଭରର ଶେଷ ବଲରେ ଡିପ୍ ମିଡ୍‌ଉଇକେଟ ଅଞ୍ଚଳରେ ଫିଲ୍ଡିଂ କରୁଥିବା ପ୍ରତୀକା ବଲକୁ ରୋକିବାକୁ ଦୌଡ଼ୁଥିବା ବେଳେ ତାଙ୍କ ଆଙ୍କେଲ ମୋଡ଼ି ହୋଇଯାଇଥିଲା। ସେ ଯନ୍ତ୍ରଣାରେ ତଳେ ପଡ଼ି ଯାଇଥିଲେ। ଭାରତୀୟ ଦଳର ଅନ୍ୟ ଖେଳାଳିମାନେ ତାଙ୍କ ନିକଟକୁ ଯାଇ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ଏପରି କି ଘଟଣା ସ୍ଥଳରେ ଷ୍ଟ୍ରେଚର ମଧ୍ୟ ପହଞ୍ଚିଥିଲା। ହେଲେ ରାୱଲ ସପୋର୍ଟ ଷ୍ଟାଫଙ୍କ ସହାୟତାରେ ଫିଲ୍ଡରୁ ଚାଲି ଯାଇଥିଲେ। ପୂରା ଟୁର୍ନାମେଣ୍ଟରେ ଚମତ୍କାର ଫର୍ମରେ

**ମହିଳା କ୍ରିକେଟ ବିଶ୍ୱକପ**

ଥିବା ରାୱଲ ୬ ଇନିଂସରେ ୫୧.୩୩ ଆଭରେଜରେ ୩୦୮ ରନ କରିଥିଲେ। ସେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ତାଙ୍କ କ୍ୟାରିୟରର ପ୍ରଥମ ବିଶ୍ୱକପ୍ ଶତକ ହାସଲ କରିଥିଲେ। ଏଥିସହିତ ସେ ମହିଳା ଦିନିକିଆରେ ଯୁଗ୍ମ ଦ୍ରୁତ ୧ ହଜାର ରନ ପୂରଣ କରିଥିଲେ। ତାଙ୍କ ବ୍ୟତୀତ ଉଇକେଟକିପର-ବ୍ୟାଟର ରିଚା ଘୋଷଙ୍କ ଫିଟ୍‌ନେସକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଯାହା ଫଳରେ ତାଙ୍କୁ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରୁ ବିଶ୍ରାମ ଦିଆଯାଇଥିଲା।

# ଆଇସିୟୁରେ ଶ୍ରେୟସ ଆୟର

**ନୂଆଦିଲ୍ଲୀ, ୨୭।୧୦(ପି.ଟି.)**


ପଡ଼ିଆରେ ଆହତ ଅବସ୍ଥାରେ ଶ୍ରେୟସ ଆୟର।

ଭାରତୀୟ ଦିନିକିଆ ଦଳର ଉପ ଅଧିନାୟକ ଶ୍ରେୟସ ଆୟର ସିଡ୍‌ନୀର ଏକ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ବିସିସିଆଇ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ଆଲେକ୍ସ କାରେଙ୍କୁ ଆଉଟ୍ କରିବା ପାଇଁ ବ୍ୟାକୱାର୍ଡ ପଏଣ୍ଟ ଅଞ୍ଚଳରେ ଶ୍ରେୟସ ପଛୁଆ ଦୌଡ଼ି ଏକ ଚମତ୍କାର କ୍ୟାଚ୍ ନେଇଥିଲେ। ହେଲେ ଏହି ପ୍ରକ୍ରିୟାରେ ତାଙ୍କ ବାମ ପଞ୍ଜରା ହାଡ଼ରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କର ଆଭ୍ୟନ୍ତରୀଣ ରକ୍ତସ୍ରାବ ହେଉଥିବା ଜଣାପଡ଼ିବା ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତେବେ କିଛି ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ଶ୍ରେୟସଙ୍କୁ ଆଇସିୟୁରୁ ବାହାର କରାଯାଇଛି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିପଦମୁକ୍ତ ରହିଛି।

ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଆହତ ହେବା ପରେ ଆୟରଙ୍କୁ ଡ୍ରେସିଂ ରୁମକୁ ନିଆଯାଇଥିଲା। ସେଠାରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କ ରକ୍ତଚାପ ଦ୍ରୁତ ଗତିରେ ହ୍ରାସ ପାଉଥିବା ଦେଖାଯାଇଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା ଏବଂ ସ୍କାନରୁ ତାଙ୍କ ସ୍ପ୍ଲିନରେ କ୍ଷତ ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା। ଗତ ଦୁଇ ଦିନ ହେଲା ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ୩୦ ବର୍ଷୀୟ ଶ୍ରେୟସଙ୍କୁ ଅତିକମ୍‌ରେ ୨ରୁ ୭ ଦିନ ପର୍ଯ୍ୟନ୍ତ ଡାକ୍ତରୀ ଦଳର ତତ୍ତ୍ୱାବଧାନରେ ରଖାଯିବ। ଆୟରଙ୍କ ଆଘାତ ସମସ୍ୟାର ଗୁରୁତ୍ୱକୁ ଦେଖି ତାଙ୍କ ବାପା-ମା' ତୁରନ୍ତ ଭିଜା ଲାଗି ଆବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ବିସିସିଆଇ ପକ୍ଷରୁ କୁହାଯାଇଛି ଯେ, ଶ୍ରେୟସଙ୍କ ବାମ ପଞ୍ଜରାର ତଳି ଭାଗ ଅଞ୍ଚଳରେ ଆଘାତ ଲାଗିଛି। ସ୍କାନରୁ ତାଙ୍କ ସ୍ପ୍ଲିନରେ କ୍ଷତ ହୋଇଥିବା ଜଣାପଡ଼ିଛି। ତାଙ୍କର ଚିକିତ୍ସା ଚାଲିଛି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ଏବେ ରିକଭର କରୁଛନ୍ତି। ବିସିସିଆଇ ମେଡିକାଲ ଟିମ ସିଡ୍‌ନୀ ଓ ଭାରତର ସ୍ପେଶାଲିଷ୍ଟଙ୍କ ସହ ଯୋଗାଯୋଗରେ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଭାରତୀୟ ଟିମ୍ ଡକ୍ଟର ଶ୍ରେୟସଙ୍କ ସହ ସିଡ୍‌ନୀରେ ରହିବେ।

# ସିଜନର ଅବଶିଷ୍ଟ ଖେଳିବେନି ସିନ୍ଧୁ

**ନୂଆଦିଲ୍ଲୀ, ୨୭।୧୦ (ପି.ଟି.)**

ସିଜନ ୨୦୨୫ର ଅବଶିଷ୍ଟ ବିଡବ୍ଲ୍ୟୁଏଫ୍ ଟୁର୍ ଇଭେଣ୍ଟଗୁଡ଼ିକରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ। ୟୁରୋପିଆ ପର୍ଯ୍ୟାୟ ଟୁର୍ନାମେଣ୍ଟ ପୂର୍ବରୁ ପାଦରେ ଆଘାତପ୍ରାପ୍ତ ହୋଇଥିବାରୁ ସେ ଏଥିରୁ କିପରି ସମ୍ପୂର୍ଣ୍ଣ ସୁସ୍ଥ ହେବେ ସେ ଦିଗରେ ଧ୍ୟାନ ଦେବେ। ହାଇଦ୍ରାବାଦର ଏହି ୩୦ ବର୍ଷୀୟା ବ୍ୟାଡ୍‌ମିଣ୍ଟନ ଖେଳାଳି କହିଛନ୍ତି, ସେ ବିଶିଷ୍ଟ ସ୍ପୋର୍ଟ୍ସ ଅର୍ଥୋପେଡିଷ୍ଟ ଡକ୍ଟର ଦିନ୍‌ଶ ପାର୍ଡିୱାଲାଙ୍କ ସମେତ ତାଙ୍କ ସହାୟକ ଦଳ ଓ ଚିକିତ୍ସା ବିଶେଷଜ୍ଞଙ୍କ ସହିତ ପରାମର୍ଶ ପରେ ଏହି ନିଷ୍ପତ୍ତି ନେଇଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟନ ସିନ୍ଧୁ କହିଛନ୍ତି, ଇତିମଧ୍ୟରେ ଡକ୍ଟର ୱେନ୍ ଲୋମ୍ବାର୍ଡଙ୍କ ତତ୍ତ୍ୱାବଧାନରେ ତାଙ୍କ ରିହାବିଲିଟେଶନ ଓ ଟ୍ରେନିଂ କାର୍ଯ୍ୟ ଆରମ୍ଭ ହୋଇସାରିଛି। ନିଶା ରାୱତ, ଚେତନା ଏବଂ ତାଙ୍କ କୋଚ୍ ଇରୱାନଶ୍ୟା ଆଦି ପ୍ରାତାମା ଏହି କାର୍ଯ୍ୟରେ ସହାୟତା କରୁଛନ୍ତି।

# ମେକ୍ସିକାନ ଗ୍ରାଁ ପ୍ରି ଜିତିଲେ ନୋରିସ

**ମେକ୍ସିକୋ ସିଟି, ୨୭।୧୦ (ଏପି)**



ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ମେକ୍ସିକାନ ସିଟି ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। କ୍ରମାଗତ ୫ଟି ରେସ୍‌ରେ ପରାଜିତ ହେବା ପରେ ଏହି ବିଜୟ ସହ ସେ ଚାମ୍ପିୟନଶିପ୍ ଟେବୁଲର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି। ଚଳିତ ସିଜନର ଆଉ ୪ଟି ରେସ୍ ବାକିଥିବାବେଳେ ଏହା ହେଉଛି ତାଙ୍କର ୬ଷ୍ଠ ବିଜୟ। ଏହି ରେସ୍ ପୂର୍ବରୁ ସେ ଅଗଷ୍ଟରେ ହଙ୍ଗେରିଆନ ଗ୍ରାଁ ପ୍ରି ଜିତିଥିଲେ। ନୋରିସଙ୍କ ବିଜୟ ଦ୍ୱାରା ଏଥର ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବା ଲାଗି ମାକ୍ସ ଭର୍ଷ୍ଟାପେନଙ୍କ ସମ୍ଭାବନା ହ୍ରାସ ପାଇଛି। ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ସେ ତାଙ୍କ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରିଙ୍କଠାରୁ ମାତ୍ର ଗୋଟିଏ ପଏଣ୍ଟ ଆଗରେ ରହିଥିବା ବେଳେ ତୃତୀୟ ସ୍ଥାନରେ ରହିଥିବା ଭର୍ଷ୍ଟାପେନ ତାଙ୍କଠାରୁ ୩୬ ପଏଣ୍ଟ ପଛରେ ରହିଛନ୍ତି। ରବିବାର ରେସ୍‌ରେ ନୋରିସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଚାର୍ଲ୍ସ ଲେକ୍‌ରେକ୍‌ଙ୍କଠାରୁ ପ୍ରାୟ ୩୦ ସେକେଣ୍ଡ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ